ଟିପ୍ପଣୀ

# 17

# ବିତ୍ତୀୟ ବିବରଣ (ଅଣ-ଲାଭକାରୀ ସଂଗଠନ)

ତୁମେ ଜାଣି ସାରିଛ ଯେ ଅଣ-ଲାଭକାରୀ ସଂଗଠନ, ଯଥା କ୍ଲବ୍, ଡାକ୍ତରଖାନା, ରକ୍ତ ଭଣ୍ଡାର, ସ୍କୁଲ୍, ବେସରକାରୀ ସଂଗଠନ (ଯାହା ଲୋକମାନଙ୍କ ମଧ୍ୟରେ ଏଚ୍.ଆଇ.ଭି., ଏଡସ୍ ସମ୍ବନ୍ଧରେ ସଚେତନତା ସୃଷ୍ଟି କରେ) ଗୁଡ଼ିକ ମଧ୍ୟ ଆର୍ଥିକ କାର୍ଯ୍ୟ କଳାପରେ ଜଡ଼ିତ ଥାନ୍ତି । ସେମାନେ ମଧ୍ୟ ହିସାବକିତାବ ରଖନ୍ତି ଏବଂ ବର୍ଷ ଶେଷରେ ବିତ୍ତୀୟ/ଆର୍ଥିକ ବିବରଣ ମଧ୍ୟ ପ୍ରସ୍ତୁତ କରନ୍ତି । ଏହି ବିବରଣଗୁଡ଼ିକ ହେଲା ପ୍ରାପ୍ତି ଓ ପୈଠ ହିସାବ, ଆୟ ଓ ବ୍ୟୟ ହିସାବ ଏବଂ ଉଦ୍‌ବୃତ୍ତ ପତ୍ର । ପୂର୍ବ ପାଠରେ ତୁମେ ପ୍ରାପ୍ତି ଓ ପୈଠ ହିସାବର ଅର୍ଥ ଓ ଆବଶ୍ୟକତା, ଏଥିରେ ନିଆଯାଉଥିବା ଆଇଟମ୍ ତଥା ଏହାର ପ୍ରସ୍ତୁତି ମଧ୍ୟ ଶିଖି ସାରିଛ । ଏହି ପାଠରେ ତୁମେ ଅଣ-ଲାଭକାରୀ ସଂଗଠନଗୁଡ଼ିକର ଆୟ ଓ ବ୍ୟୟ ହିସାବ ଏବଂ ଉଦ୍‌ବୃତ୍ତ ପତ୍ର ସମ୍ବନ୍ଧରେ ଶିଖିବ ।

## ଉଦ୍ଦେଶ୍ୟ:

ଏହି ପାଠ ପଢ଼ିବା ପରେ ତୁମେ :

- ଆୟ ଓ ବ୍ୟୟ ହିସାବର ଅର୍ଥ ଓ ଆବଶ୍ୟକତା ବୁଝାଇ ପାରିବ;
- ଆୟ ଓ ବ୍ୟୟ ହିସାବର ଛାଞ୍ଚ ଟାଣି ପାରିବ;
- ଆୟ ଓ ବ୍ୟୟ ହିସାବର ଆଇଟମ୍‌ଗୁଡ଼ିକର ଚିହ୍ନଟ କରି ପାରିବ ତଥା ସେଗୁଡ଼ିକୁ ବୁଝାଇ ପାରିବ;
- ପ୍ରଦତ୍ତ ସୂଚନା (ତଥ୍ୟ)ରୁ ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରିପାରିବ;
- ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କଲାବେଳେ ବିଭିନ୍ନ ସମାଯୋଜନକୁ ତଥା ସେଗୁଡ଼ିକର ସମାବେଷ୍ଟନକୁ ବୁଝାଇ ପାରିବ;
- ପ୍ରାପ୍ତି ଓ ପୈଠ ହିସାବ ତଥା ଆୟ ଓ ବ୍ୟୟ ହିସାବ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବ;
- ଅଣ-ଲାଭକାରୀ ସଂଗଠନର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରିପାରିବ ।

## 17.1 ଆୟ ଓ ବ୍ୟୟ ହିସାବ: ଅର୍ଥ, ଆବଶ୍ୟକତା ଏବଂ ଆଇଟମ୍ ସମୂହ:

**ଅର୍ଥ :**

ଏହା ସଂଗଠନର ଏକ ନିର୍ଦ୍ଦିଷ୍ଟ ବର୍ଷର ଆୟ ଓ ବ୍ୟୟଗୁଡ଼ିକର ଏକ ସାରାଂଶ ଅଟେ ଏବଂ ଏହା ବର୍ଷ ଶେଷରେ ପ୍ରସ୍ତୁତ କରାଯାଏ । ଏହି ହିସାବ ବ୍ୟବସାୟ ସଂଗଠନଗୁଡ଼ିକର ଲାଭ ଓ କ୍ଷତି ହିସାବ ସଦୃଶ ଅଟେ । ଏହି ହିସାବରେ ସେହି ବର୍ଷର ଅଣ-ପୁଞ୍ଜିଗତ (ଆଗମ) ବ୍ୟୟ ଓ ଅଣ-ପୁଞ୍ଜିଗତ (ଆଗମ) ଆୟକୁ ନିଆଯାଏ ଯେଉଁ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରାଯାଏ । ଅର୍ଥାତ୍ ଏହି ଆଇଟମ୍ ଅନ୍ତର୍ଗତ କୌଣସି ରାଶି ଯାହା ପୂର୍ବ ବର୍ଷ କିମ୍ବା ପର ବର୍ଷ ସହିତ ସଂଶ୍ଳିଷ୍ଟ ସେଗୁଡ଼ିକୁ ବିଚାରକୁ ନିଆଯାଏ ନାହିଁ । ଏହି ହିସାବର ବଳକା ରାଶି ହୁଏତ ଅଧିବଳକା (surplus) ହୋଇଥାଏ କିମ୍ବା ନିଅଣ୍ଟ (deficit) । ଯଦି ଏହି ହିସାବର ଆୟ ପାର୍ଶ୍ୱ ବ୍ୟୟ ପାର୍ଶ୍ୱ ଅପେକ୍ଷା ଅଧିକ ହୁଏ,







ତେବେ ଅନ୍ତରଫଳକୁ 'ଅଧିବଳକା' କୁହାଯାଏ । ଯଦି ବ୍ୟୟ ପାର୍ଶ୍ୱ ଆୟ ପାର୍ଶ୍ୱଠାରୁ ଅଧିକ ହୁଏ, ତେବେ ଅନ୍ତର ଫଳକୁ 'ନିଅଣ୍ଟ' କୁହାଯାଏ ।

**ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରିବାର ଆବଶ୍ୟକତା**

ଅଣ-ଲାଭକାରୀ ସଂଗଠନଗୁଡ଼ିକ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଅବଧି, ଯାହାକି ସାଧାରଣତଃ ଏକ ବର୍ଷ ହୋଇଥାଏ, ଅନ୍ତର୍ଗତ ନିଜ ନିଜର କାର୍ଯ୍ୟାବଳୀର ନିଟ୍ ପରିଣାମ ଜାଣିବାକୁ ଚାହିଁବେ । ଯଦିଓ ଏହି ସଂଗଠନଗୁଡ଼ିକ ବ୍ୟାପାରିକ କାର୍ଯ୍ୟରେ ନିୟୋଜିତ ନଥା'ନ୍ତି ଏବଂ ଲାଭୋପାର୍ଜନ ସେମାନଙ୍କର ଉଦ୍ଦେଶ୍ୟ ନୁହେଁ, ତଥାପି ସେମାନେ ଜାଣିବାକୁ ଚାହିଁବେ ଯେ ସେମାନଙ୍କର ବ୍ୟୟ ଅପେକ୍ଷା ଆୟର ଆଧିକ୍ୟ ଅଛି ନା ଏହାର ବିପରୀତ ଅଛି । ଏହି ଅନ୍ତରଫଳକୁ ଶୁଦ୍ଧ ଲାଭ କିମ୍ବା ଶୁଦ୍ଧ କ୍ଷତି ବୋଲି କୁହାଯାଏ ନାହିଁ ଯେପରି ବ୍ୟବସାୟ ସଂଗଠନଗୁଡ଼ିକ କ୍ଷେତ୍ରରେ କୁହାଯାଏ । ଅଣ-ଲାଭକାରୀ ସଂଗଠନଗୁଡ଼ିକ କ୍ଷେତ୍ରରେ ନିଟ୍ ପରିଣାମକୁ 'ଅଧିବଳକା' କିମ୍ବା 'ନିଅଣ୍ଟ', ଯେତେବେଳେ ଯାହା ପ୍ରଯୁଜ୍ୟ ତାହା, କୁହାଯାଏ । ଅଧିକନ୍ତୁ, ଆୟ ଓ ବ୍ୟୟ ହିସାବର ପ୍ରସ୍ତୁତି ଏକ ଆଇନ୍‌ଗତ ଆବଶ୍ୟକତା ଅଟେ । ଏହା ସଂଗଠନଗୁଡ଼ିକୁ ସେମାନଙ୍କର ବ୍ୟୟ ଉପରେ ନିୟନ୍ତ୍ରଣ ରଖିବାରେ ସହାୟତା କରେ ।

**............ଙ୍କର ଆୟ ଓ ବ୍ୟୟ ହିସାବ**
**31 ମାର୍ଚ୍ଚ .................ରେ ଶେଷ ବର୍ଷ ପାଇଁ**

ଦାୟୀ ଦାତା

| ବିବରଣ | ପରିମାଣ ₹ | ବିବରଣ | ପରିମାଣ ₹ |
|---|---|---|---|
| ଘରଭଡ଼ା | | ବର୍ଷ ମଧ୍ୟରେ ପ୍ରାପ୍ତ ଚାନ୍ଦା | |
| ବିଯୁକ୍ତ : ଗତ ବର୍ଷର ବକେୟା ପାଇଁ କରାଯାଇଥିବା ପୈଠ | | ବିଯୁକ୍ତ: ଗତ ବର୍ଷର ହିସାବ ଉପରେ ପ୍ରାପ୍ତି | |
| ବିଯୁକ୍ତ: ଆସନ୍ତା ବର୍ଷ ପାଇଁ କରାଯାଇଥିବା ପୈଠ | | ବିଯୁକ୍ତ: ଆସନ୍ତା ବର୍ଷର ହିସାବ ଉପରେ ପ୍ରାପ୍ତି | |
| ଯୁକ୍ତ : ଚଳିତ ବର୍ଷର ବକେୟା | | ଯୁକ୍ତ: ଚଳିତ ବର୍ଷର ବକେୟା ଚାନ୍ଦା | |
| ଯୁକ୍ତ: ଚଳିତ ବର୍ଷର ହିସାବ ଉପରେ ଗତ ବର୍ଷରେ ପୈଠ | | ଯୁକ୍ତ: ଚଳିତ ବର୍ଷର ହିସାବ ଉପରେ ଗତ ବର୍ଷରେ ପ୍ରାପ୍ତ ଚାନ୍ଦା | |
| ଦରମା | | ଦାନ | |
| ସମ୍ବାଦପତ୍ର ବ୍ୟୟ | | ସହାୟତା ଅନୁଦାନ | |
| ଆସବାବପତ୍ର ବିକ୍ରୀଜନିତ କ୍ଷତି | | ଘାସ ବିକ୍ରୀ | |
| ମୂଲ୍ୟହ୍ରାସ | | ନିବେଶ ଉପରେ ସୁଧ | |
| ଅନ୍ୟକୌଣସି ଅଣ-ପୁଞ୍ଜିଗତ ବ୍ୟୟ | | ବିବିଧ ପ୍ରାପ୍ତି | |
| ଉପଭୋଗ୍ୟ ସାମଗ୍ରୀ ଯେମିତି କି ଷ୍ଟେଶନରୀ ଉପରେ ବ୍ୟୟ | | ପୁରୁଣା ସମ୍ବାଦପତ୍ର ବିକ୍ରୀ | |
| | | ଅଣ-ପୁଞ୍ଜିଗତ ଆୟ | |
| ଅଧିବଳକା- ବ୍ୟୟ ଉପରେ ଆୟର ଆଧିକ୍ୟ | | ନିଅଣ୍ଟ- ଆୟ ଉପରେ ବ୍ୟୟର ଆଧିକ୍ୟ | |

**ଆୟ ଓ ବ୍ୟୟ ସମ୍ବନ୍ଧିତ ଆଇଟମ୍ ସମୂହ**

ନିମ୍ନଲିଖିତଗୁଡ଼ିକ ଏକ ଅଣ-ଲାଭକାରୀ ସଂଗଠନର ଆୟ ସମ୍ବନ୍ଧିତ ଆଇଟମ୍ ଅଟେ:

1. **ଚାନ୍ଦା (Subscription) :** ଏହା ସଂଗଠନର ସଭ୍ୟମାନଙ୍କ ଦ୍ୱାରା ପ୍ରଦତ୍ତ ନିୟମିତ ଅଭିଦାନ ରାଶି ଅଟେ ।

2. **ପ୍ରବେଶିକା ଚାନ୍ଦା (Entrance fees/Admission fees) :** ଏହା ସଭ୍ୟମାନଙ୍କଠାରୁ ସଂଗଠନରେ ସେମାନଙ୍କର ପ୍ରବେଶ ସମୟରେ ପ୍ରାପ୍ତ ହୋଇଥାଏ ।

3. **ଦାନ (Donation) :** ଦାନ ହେଉଛି କୌଣସି ବ୍ୟକ୍ତି, ଫାର୍ମ, କମ୍ପାନୀ ଇତ୍ୟାଦିଙ୍କଠାରୁ ଉପହାର ସ୍ୱରୂପ ମିଳିଥିବା ରାଶି । କିନ୍ତୁ କେବଳ ସାଧାରଣ ଦାନ ତାହା ବି ପୁଣି ଛୋଟ ପରିମାଣର ଏବଂ ପୁନଃପୌନିକ ପ୍ରକୃତିର ହୋଇଥିଲେ ଯାଇ ତା'କୁ ଅଣ-ପୁଞ୍ଜିଗତ (ଆଗମ) ଆୟର ଏକ ଆଇଟମ୍ ବୋଲି ଧରାଯାଏ ।

4. **ପୁରୁଣା ସମ୍ବାଦ ପତ୍ର, କ୍ରୀଡ଼ା ସାମଗ୍ରୀ ଇତ୍ୟାଦିର ବିକ୍ରୀ :** ପୁରୁଣା ସମ୍ବାଦପତ୍ର କିମ୍ବା ବ୍ୟବହାର ଅନୁପଯୋଗୀ ଘୋଷିତ ବହି, କ୍ରୀଡ଼ା ସାମଗ୍ରୀ ଇତ୍ୟାଦିର ବିକ୍ରୟକୁ ଅଣ-ପୁଞ୍ଜିଗତ ଆୟର ଏକ ଆଇଟମ୍ ବୋଲି ଧରାଯାଏ ।

5. **ସୁଧ ପ୍ରାପ୍ତି :** ଅଧିବଳକା ପାଣ୍ଠିକୁ କୌଣସି ବ୍ୟାଙ୍କ୍‌ରେ ସ୍ଥାୟୀ ଜମା ଖାତାରେ ରଖାଯାଇପାରେ କିମ୍ବା ଅନ୍ୟ କେଉଁଠି ବିନିଯୋଗ କରି ଦିଆଯାଇପାରେ । ତା' ଉପରେ ମିଳୁଥିବା ସୁଧ ଅଣ-ପୁଞ୍ଜିଗତ ଆୟର ଏକ ଆଇଟମ୍ ଅଟେ ।

6. **ସହାୟତା ଅନୁଦାନ (Grant-in-Aid) :** ସ୍ଥାନୀୟ, ରାଜ୍ୟ ଏବଂ କେନ୍ଦ୍ର ସରକାର ତଥା କେତେକ ସରକାରୀ ସଂସ୍ଥା (government agencies) ଅଣ-ଲାଭକାରୀ ସଂଗଠନକୁ ସହାୟତା ଅନୁଦାନ ଆକାରରେ ଟଙ୍କା ଦେଇଥା'ନ୍ତି ।

ଉପରୋକ୍ତ ଆଇଟମ୍‌ଗୁଡ଼ିକ ବ୍ୟତୀତ ଅସଂଖ୍ୟ ଅନ୍ୟାନ୍ୟ ଆଇଟମ୍‌ମାନ ଅଛି ଯେପରିକି ହଲ୍ ଭଡ଼ା, ଘାସ ବିକ୍ରୀ, ମନୋରଞ୍ଜନରୁ ଆୟ, ଇତ୍ୟାଦି ।

**ଅଣ-ପୁଞ୍ଜିଗତ (ଆଗମ) ବ୍ୟୟର ଆଇଟମ୍ ସମୂହ:**

କେତେକ ଗୁରୁତ୍ୱପୂର୍ଣ୍ଣ ଆଇଟମ୍ ନିମ୍ନ ପ୍ରକାର ଅଟେ:

1. ଦରମା, ମଜୁରୀ, ଘରଭଡ଼ା, ଷ୍ଟେଶନରୀ, ଡାକ ଖର୍ଚ୍ଚ, ଟେଲିଫୋନ୍ ଖର୍ଚ୍ଚ, ବିଦ୍ୟୁତ୍ ଖର୍ଚ୍ଚ ଇତ୍ୟାଦି ଆଗମ ବ୍ୟୟର କେତେକ ଆଇଟମ୍ ଅଟେ ଯାହା ସମସ୍ତ ଅଣ-ଲାଭକାରୀ ସଂଗଠନ ପାଇଁ ସାଧାରଣ ଅଟେ ।

2. **ଅବୈତନିକ (Honorarium) :** ଏହା ହେଉଛି ସେହି ରାଶି ଯାହା ଜଣେ ବ୍ୟକ୍ତିଙ୍କୁ ପୈଠ କରାଯାଏ, ଯେଉଁ ବ୍ୟକ୍ତି ସଂଗଠନର କାର୍ଯ୍ୟଧାରାକୁ ଦେଖାଚାହାଁ କରନ୍ତି, କିନ୍ତୁ ସଂଗଠନର ବେତନ ଭୋଗୀ କର୍ମଚାରୀ ନୁହନ୍ତି ।

3. **ମୂଲ୍ୟହ୍ରାସ :** ସ୍ଥାୟୀ ପରିସମ୍ପତ୍ତି ଯଥା ଆସବାବ ପତ୍ର, କୋଠା ଓ ବହି ଇତ୍ୟାଦି ଉପରେ ମୂଲ୍ୟହ୍ରାସ କରାଯାଏ ।

4. ଖେଳକୁଦ ପ୍ରତିଯୋଗିତା (tournament), ମେଳା ଆଦି ଉପରେ ବ୍ୟୟ

5. **ଅନ୍ୟାନ୍ୟ ଆଇଟମ୍ :** ଅନ୍ୟ ବହୁତଗୁଡ଼ିଏ ଆଇଟମ୍ ଅଛି ଯାହା ସଂଗଠନର ପ୍ରକୃତି ଉପରେ ନିର୍ଭର କରେ । ଉଦାହରଣ ସ୍ୱରୂପ, ଯଦି ଏହା ଏକ କ୍ରୀଡ଼ା କ୍ଲବ୍, ତବେ ପଡ଼ିଆର ରକ୍ଷଣାବେକ୍ଷଣ; ଯଦି ଏହା ଏକ ଡାକ୍ତରଖାନା, ତେବେ ଔଷଧ ଓ ଧୂଆପୋଛା ବାବଦ ଖର୍ଚ୍ଚ ଇତ୍ୟାଦି ।

### ପାଠ୍ୟଗତ ପ୍ରଶ୍ନ 17.1

I. ନିମ୍ନ ଆଇଟମ୍‌ଗୁଡ଼ିକୁ ଆୟ ଓ ବ୍ୟୟ ଶ୍ରେଣୀଭୁକ୍ତ କର:

(କ) ଅବୈତନିକ (ଖ) ସହାୟତା ଅନୁଦାନ (ଗ) ପୁରୁଣା ସମ୍ବାଦପତ୍ରର ବିକ୍ରୟ

(ଘ) ଚାନ୍ଦା (ଙ) ଲକର୍ ଭଡ଼ା (ଚ) ବୀମା ପ୍ରିମିୟମ୍

II. ନିମ୍ନ ପ୍ରଦତ୍ତ ଉକ୍ତି ଠିକ୍ ଥିଲେ 'ଠିକ୍' ଓ ଭୁଲ୍ ଥିଲେ 'ଭୁଲ୍' ଲେଖ ।

(i) ବ୍ୟୟ ଉପରେ ଆୟର ଆଧିକ୍ୟକୁ 'ନିଟ୍ ଲାଭ' କୁହାଯାଏ ।

(ii) ପ୍ରାପ୍ତିର ସମସ୍ତ ଆଇଟମ୍‌କୁ ଆୟ ଓ ବ୍ୟୟ ହିସାବର ଆୟ ପାର୍ଶ୍ୱରେ ଲେଖାଯାଏ ଏବଂ ପୈଠରେ ସମସ୍ତ ଆଇଟମ୍‌କୁ ଆୟ ଓ ବ୍ୟୟ ହିସାବର ବ୍ୟୟ ପାର୍ଶ୍ୱରେ ଲେଖାଯାଏ ।

(iii) ଆୟ ଓ ବ୍ୟୟ ହିସାବ ଅଣ-ଲାଭକାରୀ ସଂଗଠନଗୁଡ଼ିକର ଅର୍ଥ ସମ୍ବନ୍ଧିତ କାର୍ଯ୍ୟାବଳୀର ନିଟ୍ ପରିଣାମ ଜାଣିବା ପାଇଁ ପ୍ରସ୍ତୁତ କରାଯାଏ ।

(iv) ପ୍ରବେଶିକା ଚାନ୍ଦା ଆୟର ଏକ ଆଇଟମ୍ ଅଟେ ।

(v) ସ୍ୱତନ୍ତ୍ର ଦାନ ଅଣ-ପୁଞ୍ଜିଗତ ଆୟର ଏକ ଆଇଟମ୍ ଅଟେ ।

## 17.2 ଆୟ ଓ ବ୍ୟୟ ହିସାବର ପ୍ରସ୍ତୁତି

ପୂର୍ବ ଅନୁଚ୍ଛେଦରେ ଆୟ ଓ ବ୍ୟୟ ହିସାବର ଛାଞ୍ଚ ତଥା ସେହି ହିସାବରେ ସାଧାରଣତଃ ଲେଖାଯାଉଥିବା ଆଇଟମ୍ ସମୂହ ସମ୍ବନ୍ଧରେ ବୁଝାଇ ଦିଆଯାଇଛି । ବର୍ତ୍ତମାନ ତୁମେ ପ୍ରଦତ୍ତ ଆଇଟମ୍‌ଗୁଡ଼ିକରୁ ଆୟ ଓ ବ୍ୟୟ ହିସାବ କିପରି ପ୍ରସ୍ତୁତ କରାଯାଏ ଶିଖିବ । ଏହି ହିସାବ ପ୍ରାପ୍ତି ଓ ପୈଠ ହିସାବ ତଥା ଅତିରିକ୍ତ ସୂଚନା (ଯଦି କିଛି ଥାଏ)ରୁ ପ୍ରସ୍ତୁତ କରାଯାଏ । ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କଲାବେଳେ ନିମ୍ନ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ୍‌ଗୁଡ଼ିକୁ ଧ୍ୟାନରେ ରଖିବାକୁ ହେବ:

### (କ) ବ୍ୟୟ ପାର୍ଶ୍ୱ ପାଇଁ ପଦକ୍ଷେପ

ପ୍ରାପ୍ତି ଓ ପୈଠ ହିସାବର ପୈଠ ସ୍ତମ୍ଭରେ ଉଭୟ ଅଣ-ପୁଞ୍ଜିଗତ ଓ ପୁଞ୍ଜିଗତ ଆଇଟମ୍‌ମାନ ଥାଏ । ଅଣ-ପୁଞ୍ଜିଗତ ଆଇଟମ୍ ଯଥା ପ୍ରଦତ୍ତ ଘରଭଡ଼ା, ଦରମା, ଟେଲିଫୋନ୍ ଖର୍ଚ୍ଚ ଇତ୍ୟାଦି ଆୟ ଓ ବ୍ୟୟ ହିସାବର ବ୍ୟୟ ପାର୍ଶ୍ୱରେ ଭର୍ତ୍ତି (ପ୍ରବିଷ୍ଟି) କରାଯିବ ।

ଯଦି ଆବଶ୍ୟକ ହୁଏ, ତେବେ ଏହିସବୁ ଆଇଟମ୍‌ଗୁଡ଼ିକରେ ଚଳିତ ବର୍ଷ ଶେଷରେ ଥିବା ବକେୟା ବ୍ୟୟ ଏବଂ/ଅଥବା ପୂର୍ବ ବର୍ଷ ଶେଷରେ ରହିଥିବା ବକେୟା ବ୍ୟୟଗୁଡ଼ିକ ପାଇଁ ସମାଯୋଜନ (adjustment) କରାଯିବ । ପୂର୍ବ ବର୍ଷ ଶେଷରେ ତଥା ଚଳିତ ବର୍ଷ ଶେଷରେ ଥିବା ପୂର୍ବ ପ୍ରଦତ୍ତ (ଅଗ୍ରୀମ ପୈଠ) ବ୍ୟୟଗୁଡ଼ିକ ପାଇଁ ମଧ୍ୟ ସମାଯୋଜନ କରାଯିବ ।

(ଖ) **ଆୟ ପାର୍ଶ୍ୱ ପାଇଁ ପଦକ୍ଷେପ**

ପ୍ରାପ୍ତି ସ୍ତମ୍ଭରେ ଅଣ-ପୁଞ୍ଜିଗତ ପ୍ରାପ୍ତି ଏବଂ ପୁଞ୍ଜିଗତ ପ୍ରାପ୍ତି ସମୂହ ଦିଆ ଯାଇଥାଏ । ଅଣ-ପୁଞ୍ଜିଗତ ପ୍ରାପ୍ତିଗୁଡ଼ିକ ଆୟ ଓ ବ୍ୟୟ ହିସାବର ଆୟ ସ୍ତମ୍ଭରେ ଭର୍ତ୍ତି (ପ୍ରବିଷ୍ଟି) କରାଯିବ । ଏହିଭଳି ଆଇଟମ୍‌ଗୁଡ଼ିକର ଉଦାହରଣ ହେଲା ଚାନ୍ଦା, ନିବେଶ ଉପରେ ସୁଧ, ପ୍ରବେଶିକା ଚାନ୍ଦା, ଇତ୍ୟାଦି ।

ଏହି ଆଇଟମ୍‌ଗୁଡ଼ିକରେ ପୂର୍ବ ବର୍ଷ ପାଇଁ କିମ୍ବା ପର ବର୍ଷ ପାଇଁ ପ୍ରାପ୍ତ ରାଶିର ସମାଯୋଜନ କରିବା ଆବଶ୍ୟକ । ସେହିପରି ଉଭୟ ଚଳିତ ବର୍ଷ ଏବଂ ପୂର୍ବ ବର୍ଷ ଶେଷରେ ରହିଥିବା ବକେୟା ଆୟ ପାଇଁ ସମାଯୋଜନ କରାଯିବା ଉଚିତ ।

ଅନ୍ୟ ସମାଯୋଜନ ଯଥା ଅନାଦାୟୀ ଋଣ, ମୂଲ୍ୟହ୍ରାସ ଇତ୍ୟାଦିକୁ ମଧ୍ୟ ବ୍ୟୟ ସ୍ତମ୍ଭରେ ପ୍ରବିଷ୍ଟି କରାଯିବ ।

(ଗ) **ଅଧିବଳକା କିମ୍ବା ନିଅଣ୍ଟ**

ସର୍ବଶେଷରେ ଏହି ହିସାବର ବଳକା ନିର୍ଣ୍ଣୟ କରାଯାଏ, ଅର୍ଥାତ୍ ଦୁଇ ପରିମାଣ ସ୍ତମ୍ଭର ମୋଟ ଦ୍ୱୟର ଅନ୍ତର (ବିୟୋଗଫଳ) ବାହାର କରାଯାଏ । ଯଦି ଦାତା ପାର୍ଶ୍ୱ ଦାୟୀ ପାର୍ଶ୍ୱ ଅପେକ୍ଷା ଅଧିକ ହୁଏ, ତେବେ ଅନ୍ତର ରାଶିକୁ ଦାୟୀ ପାର୍ଶ୍ୱରେ ଅଧିବଳକା ରୂପରେ ଲେଖାଯାଏ ଏବଂ ଯଦି ଦାୟୀ ପାର୍ଶ୍ୱ ଦାତା ପାର୍ଶ୍ୱଠାରୁ ବଳିଯାଏ, ତେବେ ଅନ୍ତରକୁ ହିସାବର ଦାତା ପାର୍ଶ୍ୱରେ ନିଅଣ୍ଟ ରୂପରେ ଲେଖାଯାଏ ।

**ଉଦାହରଣ - 1**

ପ୍ରୋମିଜିଂ ସ୍ପୋର୍ଟ୍ସମେନ୍ସ କ୍ଲବ, ଦିଲ୍ଲୀଙ୍କ ନିମ୍ନ ସୂଚନାଗୁଡ଼ିକରୁ 31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କର:

| | (₹) |
|---|---:|
| 01.01.2006ରେ ଅର୍ଥ ବଳକା | 7,000 |
| ଚାନ୍ଦା | 30,000 |
| ପ୍ରାପ୍ତ ସୁଧ | 2,500 |
| କ୍ରୀଡ଼ା ସାମଗ୍ରୀ | 24,000 |
| ମ୍ୟାଚ୍ ପାଣ୍ଠି | 15,000 |
| ଦାନ | 2,000 |
| ଘାସ ବିକ୍ରୀ | 300 |
| ସମ୍ବାଦପତ୍ର ଖର୍ଚ୍ଚ | 600 |
| ନିବେଶ କ୍ରୟ | 10,000 |
| ପ୍ରଦତ୍ତ (ପୈଠ) ଦରମା | 16,000 |
| ପୈଠ ଘରଭଡ଼ା | 5,400 |
| ବିବିଧ ପ୍ରାପ୍ତି | 600 |
| ଟେଲିଫୋନ୍ ଖର୍ଚ୍ଚ | 1,200 |
| 31.12.2006ରେ ଅର୍ଥ ବଳକା | 200 |

**ସମାଧାନ:**

**ପ୍ରୋମିଜିଂ ସ୍ପୋର୍ଟ୍ସମେନ୍ କ୍ଲବଙ୍କ ବହି**
**ଆୟ ଓ ବ୍ୟୟ ହିସାବ**
**31 ଡିସେମ୍ବର 2006 ରେ ଶେଷ ବର୍ଷ ପାଇଁ**

ଦାୟୀ | ଦାତା

| ବ୍ୟୟ | ପରିମାଣ ₹ | ଆୟ | ପରିମାଣ ₹ |
|---|---|---|---|
| ଦରମା | 16,000 | ଚାନ୍ଦା | 30,000 |
| ଘରଭଡ଼ା | 5,400 | ପ୍ରାପ୍ତ ସୁଧ | 2,500 |
| ସମ୍ବାଦପତ୍ର ଖର୍ଚ୍ଚ | 600 | ଘାସ ବିକ୍ରୀ | 300 |
| ଟେଲିଫୋନ୍ ଖର୍ଚ୍ଚ | 1,200 | ବିବିଧ ପ୍ରାପ୍ତି | 600 |
| ଅଧିବଳକା- ବ୍ୟୟ ଅପେକ୍ଷା ଆୟର ଆଧିକ୍ୟ | 12,200 | ଦାନ | 2,000 |
| | **35,400** | | **35,400** |

**ଉଦାହରଣ - 2**

ୟଙ୍ଗଷ୍ଟର୍ସ ହେଲ୍‌ଥ କ୍ଲବ, ଝାନ୍ସିଙ୍କ ପ୍ରାପ୍ତି ଓ ପୈଠ ହିସାବରୁ 31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କର:

**ପ୍ରାପ୍ତି ଓ ପୈଠ ହିସାବ**

| ପ୍ରାପ୍ତି | ପରିମାଣ ₹ | ପୈଠ | ପରିମାଣ ₹ |
|---|---|---|---|
| ଆଦ୍ୟ ବଳକା | 2,400 | ଘରଭଡ଼ା | 3,600 |
| ଚାନ୍ଦା | 16,000 | ଷ୍ଟେଶନରୀ | 450 |
| ପ୍ରବେଶିକା ଚାନ୍ଦା | 200 | ଦରମା | 4,800 |
| ନିବେଶ ବିକ୍ରୀ | 8,000 | ଉପକରଣ କ୍ରୟ | 5,500 |
| ପୁରୁଣା ଆଲମାରୀ ବିକ୍ରୀ (ବହି ମୂଲ୍ୟ ₹1,800) | 800 | ପ୍ରତିଯୋଗିତା ବାବଦ ଖର୍ଚ୍ଚ | 2,800 |
| | | ବିବିଧ ବ୍ୟୟ | 650 |
| ଦାନ | 2,500 | ଆସବାବ ପତ୍ର କ୍ରୟ | 4,000 |
| | | ଅନ୍ତିମ ବଳକା | 8,100 |
| | 29,900 | | 29,900 |

**ସମାଧାନ:**

**ପ୍ରୋମିଜିଂ ସ୍ପୋର୍ଟ୍ସମେନ୍ କ୍ଲବଙ୍କ ବହି**

**ଆୟ ଓ ବ୍ୟୟ ହିସାବ**

**31 ଡିସେମ୍ବର 2006 ରେ ଶେଷ ବର୍ଷ ପାଇଁ**

ଦାୟୀ ଦାତା

| ବ୍ୟୟ | ପରିମାଣ ₹ | ଆୟ | ପରିମାଣ ₹ |
|---|---|---|---|
| ଘରଭଡ଼ା | 3,600 | ଚାନ୍ଦା | 16,000 |
| ଷ୍ଟେଶନରୀ | 450 | ପ୍ରବେଶିକା ଚାନ୍ଦା | 200 |
| ଦରମା | 4,800 | ଦାନ | 2,500 |
| ପ୍ରତିଯୋଗିତା ବାବଦ ଖର୍ଚ୍ଚ | 2,800 | | |
| ବିବିଧ ବ୍ୟୟ | 650 | | |
| ଆଲମାରୀ ବିକ୍ରୀ ଜନିତ କ୍ଷତି | 1,000 | | |
| ଅଧିବଳକା (ବ୍ୟୟ ଅପେକ୍ଷା ଆୟର ଆଧିକ୍ୟ) | 5,400 | | |
| | 18,700 | | 18,700 |

**ପାଠ୍ୟଗତ ପ୍ରଶ୍ନ 17.2**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ଶବ୍ଦରେ ଦିଅ:

(i) ଅଣ-ପୁଞ୍ଜିଗତ ବ୍ୟୟଗୁଡ଼ିକୁ ଆୟ ଓ ବ୍ୟୟ ହିସାବର କେଉଁ ପାର୍ଶ୍ୱକୁ ନିଆଯାଏ ?

(ii) ଆୟ ଓ ବ୍ୟୟ ହିସାବର ଦାୟୀ ପାର୍ଶ୍ୱ ଏହାର ଦାତା ପାର୍ଶ୍ୱ ଠାରୁ ଅଧିକ ହେଲେ ଉକ୍ତ ଆଧିକ୍ୟ ରାଶିକୁ କେଉଁ ନାମ ଦିଆଯାଏ ?

(iii) ଆୟ ଓ ବ୍ୟୟ ହିସାବର କେଉଁ ପାର୍ଶ୍ୱଟି ଆୟର ପାର୍ଶ୍ୱ ଅଟେ ?

(iv) ପ୍ରାପ୍ତି ଓ ପୈଠ ହିସାବର କେଉଁ ପାର୍ଶ୍ୱରୁ ପ୍ରବେଶିକା ଚାନ୍ଦାକୁ ଆୟ ଓ ବ୍ୟୟ ହିସାବର ଦାତା ପାର୍ଶ୍ୱକୁ ନିଆଯାଏ ?

## 17.3 ଆୟ ଓ ବ୍ୟୟ ହିସାବରେ ଆଇଟମ୍‌ଗୁଡ଼ିକର ସମାଯୋଜନ

ଆୟ ଓ ବ୍ୟୟ ହିସାବ ପ୍ରାପ୍ତି ଓ ପୈଠ ହିସାବର ଆଧାରରେ ପ୍ରସ୍ତୁତ କରାଯାଏ; କିନ୍ତୁ କେତେକ ନିର୍ଦ୍ଦିଷ୍ଟ ଆଇଟମ୍ ଥାଇପାରେ ଯାହା ପ୍ରାପ୍ତି ଓ ପୈଠ ହିସାବରେ ଅନ୍ତର୍ଭୁକ୍ତ ହୋଇ ନ ଥାଇପାରେ । କିନ୍ତୁ ଏଗୁଡ଼ିକ ଆୟ ଓ ବ୍ୟୟ ହିସାବରେ ସମ୍ମିଳିତ ହେବା ଆବଶ୍ୟକ । ନିମ୍ନଗୁଡ଼ିକ କେତେକ ଅତି ସାଧାରଣ ଆଇଟମ୍ ଯେଉଁଗୁଡ଼ିକର ସମାଯୋଜନ କରାଯିବ:





## I. ପ୍ରାପ୍ତ ଚାନ୍ଦା (Subscription Received)

ଏହା ଆୟର ଏକ ଆଇଟମ୍ ଏବଂ ପୁନଃପୌନିକ ପ୍ରକୃତିର ଅଟେ । ଏହା ପ୍ରାପ୍ତି ଓ ପୈଠ ହିସାବର ପ୍ରାପ୍ତି ପାର୍ଶ୍ୱରେ ଦର୍ଶାଯାଇଥାଏ । ଏଥିରେ ପୂର୍ବ ବର୍ଷର ବକେୟା ଯାହା ଚଳିତ ବର୍ଷରେ ପ୍ରାପ୍ତ ହୋଇଛି ତାହା ଅନ୍ତର୍ଭୁକ୍ତ ହୋଇଥାଇପାରେ ଏବଂ ଆସନ୍ତା ବର୍ଷ ପାଇଁ ଅଗ୍ରୀମ ଭାବେ ପ୍ରାପ୍ତ ରାଶି ମଧ୍ୟ ଅନ୍ତର୍ଭୁକ୍ତ ହୋଇ ଥାଇପାରେ । ଚଳିତ ବର୍ଷ ପାଇଁ କିଛି ବକେୟା ରାଶି ଥାଇପାରେ । କିଛି ସଭ୍ୟ ଚଳିତ ବର୍ଷର ଚାନ୍ଦା ପୂର୍ବ ବର୍ଷରେ ପୈଠ କରିଥାଇପାରନ୍ତି ।

ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରିବା ପାଇଁ କେବଳ ଚଳିତ ବର୍ଷର ଚାନ୍ଦା (ଚଳିତ ବର୍ଷ ସହିତ ସମ୍ବନ୍ଧିତ ଚାନ୍ଦା) ହିସାବକୁ ନିଆଯିବ । ଅତଃ, ଉପରୋକ୍ତ କାରଣଗୁଡ଼ିକ ପାଇଁ ସମାଯୋଜନ କରାଯିବାର ଆବଶ୍ୟକତା ରହିଛି । ଆୟ ଓ ବ୍ୟୟ ହିସାବରେ ଚାନ୍ଦା ରାଶିରେ ସମାଯୋଜନଗୁଡ଼ିକୁ ଦର୍ଶାଇବା ପାଇଁ ନିମ୍ନ ଆଭିମୁଖ୍ୟ ଗ୍ରହଣ କରାଯାଇପାରେ ।

**ଚଳିତ ବର୍ଷରେ ପ୍ରାପ୍ତ ମୋଟ ଚାନ୍ଦା + ଚଳିତ ବର୍ଷ ଶେଷରେ ମୋଟ ଅନ୍ତିମ ବକେୟା – ଆଦ୍ୟ ବକେୟା ଚାନ୍ଦା + ପୂର୍ବ ବର୍ଷରେ ଚଳିତ ବର୍ଷ ପାଇଁ ଅଗ୍ରୀମ ପ୍ରାପ୍ତ ଚାନ୍ଦା – ଆଗାମୀ ବର୍ଷର ଚାନ୍ଦା ଚଳିତ ବର୍ଷରେ ଅଗ୍ରୀମ ପ୍ରାପ୍ତି = ଆୟ ଓ ବ୍ୟୟ ହିସାବରେ ଦର୍ଶାଯାଉଥିବା ଚାନ୍ଦାର ପରିମାଣ**

**ଚାନ୍ଦା ସହିତ ସମ୍ବନ୍ଧିତ ବିଭିନ୍ନ ସମାଯୋଜନଗୁଡ଼ିକୁ ନିମ୍ନ ପ୍ରକାରରେ କରାଯାଏ:**

1. ଚଳିତ ବର୍ଷ ପାଇଁ ବକେୟା ଚାନ୍ଦା

   ଜାବେଦା ପ୍ରବିଷ୍ଟି :

   ବକେୟା ଚାନ୍ଦା ହିସାବ ଦାୟୀ
   ଦାତା ଚାନ୍ଦା ହିସାବ
   (ଚଳିତ ବର୍ଷ ପାଇଁ ଚାନ୍ଦା ପ୍ରାପ୍ୟ ହୋଇଛି କିନ୍ତୁ ପ୍ରାପ୍ତ ହୋଇନାହିଁ)

ଆୟ ଓ ବ୍ୟୟ ହିସାବରେ ସମାଯୋଜନ:

**ଆୟ ଓ ବ୍ୟୟ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ ₹ | ବିବରଣ | ପରିମାଣ ₹ |
|---|---|---|---|
| | | ଚାନ୍ଦା × ×<br>ଯୁକ୍ତ: ଚଳିତ ବର୍ଷ ପାଇଁ<br>ବକେୟା ଚାନ୍ଦା × × | × × |

ଆୟ ଓ ବ୍ୟୟ ହିସାବରେ ଏହି ରାଶିକୁ ପ୍ରାପ୍ତ ଚାନ୍ଦା ସହିତ ଯୋଗ କରାଯିବ ଏବଂ ଉଦ୍‌ବୃତ୍ତ ପତ୍ରର ପରିସମ୍ପତ୍ତି ପାର୍ଶ୍ୱରେ ଦର୍ଶାଯିବ ।

2. ପୂର୍ବ ବର୍ଷରେ ଚାନ୍ଦାର ପ୍ରାପ୍ୟ କିନ୍ତୁ ଚଳିତ ବର୍ଷରେ ପ୍ରାପ୍ତ

ଜାବେଦା ପ୍ରବିଷ୍ଟି :

ଚାନ୍ଦା ହିସାବ ଦାୟୀ

ଦାତା ବକେୟା ଚାନ୍ଦା ହିସାବ

(ଗତ ବର୍ଷରେ ପ୍ରାପ୍ୟ କିନ୍ତୁ ଚଳିତ ବର୍ଷରେ ପ୍ରାପ୍ତ ଚାନ୍ଦାର ସମାଯୋଜନ)

ଏହି ରାଶିକୁ ଆୟ ଓ ବ୍ୟୟ ହିସାବରେ ମୋଟ ପ୍ରାପ୍ତ ଚାନ୍ଦାରୁ ବିୟୋଗ କରି ଦିଆଯିବ ।

3. ଚଳିତ ବର୍ଷ ମଧ୍ୟରେ ଅଗ୍ରୀମ ପ୍ରାପ୍ତ ଚାନ୍ଦା

ଜାବେଦା ପ୍ରବିଷ୍ଟି :

ଚାନ୍ଦା ହିସାବ ଦାୟୀ

ଦାତା ଅଗ୍ରୀମ ପ୍ରାପ୍ତ ଚାନ୍ଦା ହିସାବ

(ଆସନ୍ତା ବର୍ଷ ପାଇଁ ପ୍ରାପ୍ତ ଚାନ୍ଦା)

ଏହି ରାଶିକୁ ପ୍ରାପ୍ତ ଚାନ୍ଦାରୁ ବିୟୋଗ କରାଯାଏ ଏବଂ ଉଦ୍‌ବୃତ୍ତ ପତ୍ରର ଦାୟ ପାର୍ଶ୍ୱରେ ଦର୍ଶାଯାଏ ।

4. ପୂର୍ବ ବର୍ଷରେ ଚଳିତ ବର୍ଷ ପାଇଁ ପ୍ରାପ୍ତ ଚାନ୍ଦା

ଜାବେଦା ପ୍ରବିଷ୍ଟି :

ଅଗ୍ରୀମ ପ୍ରାପ୍ତ ଚାନ୍ଦା ହିସାବ ଦାୟୀ

ଦାତା ଚାନ୍ଦା ହିସାବ

(ଗତ ବର୍ଷରେ ଚାନ୍ଦା ପ୍ରାପ୍ତ, କିନ୍ତୁ ଚଳିତ ବର୍ଷ ସହିତ ସମ୍ବନ୍ଧିତ)

ଏହି ରାଶିକୁ ଆୟ ଓ ବ୍ୟୟ ହିସାବରେ ପ୍ରାପ୍ତ ଚାନ୍ଦା ସହିତ ଯୋଗ କରାଯିବ ।

**ଉଦାହରଣ - 3**

| | ₹ |
|---|---|
| 2006 ବର୍ଷ ମଧ୍ୟରେ ପ୍ରାପ୍ତ ଚାନ୍ଦା | 15,000 |
| 31 ଡିସେମ୍ବର 2006 ରେ ବକେୟା ଚାନ୍ଦା | 1,500 |
| 2005 ବର୍ଷରେ 2006 ବର୍ଷର ହିସାବରେ ପ୍ରାପ୍ତ ଚାନ୍ଦା | 800 |
| 2006 ବର୍ଷରେ 2005 ବର୍ଷର ବକେୟା ରାଶି ପାଇଁ ଚାନ୍ଦା ପ୍ରାପ୍ତି | 400 |
| 2006 ବର୍ଷରେ 2007 ବର୍ଷ ପାଇଁ ପ୍ରାପ୍ତ ଚାନ୍ଦା | 600 |

31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବରେ ଦର୍ଶାଯିବାକୁ ଥିବା ଚାନ୍ଦା ପ୍ରାପ୍ତିର ପରିମାଣ ହିସାବ କର ।

**ସମାଧାନ:**

| | ₹ | |
|---|---|---|
| 2006 ବର୍ଷ ମଧ୍ୟରେ ପ୍ରାପ୍ତ ଚାନ୍ଦା | 15,000 | |
| ଯୁକ୍ତ : ଚଳିତ ବର୍ଷର ବକେୟା | 1,500 | |
| ଯୁକ୍ତ : 2006 ପାଇଁ 2005ରେ ପ୍ରାପ୍ତ | 800 | 17,300 |
| ବିଯୁକ୍ତ : 2005 ପାଇଁ ପ୍ରାପ୍ତି | 400 | |
| ବିଯୁକ୍ତ : 2007 ପାଇଁ ଅଗ୍ରୀମ | 600 | 1,000 |
| 2006 ପାଇଁ ଆୟ ଓ ବ୍ୟୟ ହିସାବରେ ଦର୍ଶାଯିବାକୁ ଥିବା ଚାନ୍ଦାର ପରିମାଣ | | 16,300 |

**ଚାନ୍ଦା ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ ₹ | ବିବରଣ | ପରିମାଣ ₹ |
|---|---|---|---|
| ବକେୟା ଚାନ୍ଦା ହିସାବ(2005) | 400 | ଅର୍ଥ | 15,000 |
| ଅଗ୍ରୀମ ପ୍ରାପ୍ତ ଚାନ୍ଦା ହିସାବ(2007) | 600 | ବକେୟା ଚାନ୍ଦା ହିସାବ | 1,500 |
| ଆୟ ଓ ବ୍ୟୟ ହିସାବ | 16,300 | ଅଗ୍ରୀମ ପ୍ରାପ୍ତ ଚାନ୍ଦା ହିସାବ (2005) | 800 |
| | 17,300 | | 17,300 |

II. **ଅଣ-ପୁଞ୍ଜିଗତ ପ୍ରାପ୍ତିର ଅନ୍ୟ ଆଇଟମ୍ ସମୂହ :** ଅଣ-ପୁଞ୍ଜିଗତ ପ୍ରାପ୍ତିର ଅନ୍ୟ ସବୁ ଆଇଟମ୍ ଯଥା ଘରଭଡ଼ା ପ୍ରାପ୍ତି ଇତ୍ୟାଦିରେ ଆବଶ୍ୟକୀୟ ସମାଯୋଜନର ପ୍ରଣାଳୀ ଚାନ୍ଦାପ୍ରାପ୍ତି ସଂକ୍ରାନ୍ତରେ ଉପରେ ବୁଝାଇ ଦିଆଯାଇଥିବା ସମାଯୋଜନ ପ୍ରଣାଳୀ ସହିତ ସମାନ ଏବଂ ଏହାର ହିସାବରକ୍ଷଣ ଉପଚାର ମଧ୍ୟ ସମାନ ହେବ ।

2. **ଘରଭଡ଼ା ପୈଠ:**

ଘରଭଡ଼ା ପୈଠ ବ୍ୟୟର ଏକ ରାଶି ଅଟେ । ଏଠାରେ ମଧ୍ୟ ଘରଭଡ଼ାରେ କେତେକ ସମାଯୋଜନ ଆବଶ୍ୟକ ପଡ଼ିପାରେ । ବର୍ଷ ମଧ୍ୟରେ ପୈଠ ଘରଭଡ଼ାର ପରିମାଣରେ ଆବଶ୍ୟକୀୟ ସମାଯୋଜନ ନିମ୍ନ ମତେ ହୋଇପାରେ:

(i) ଚଳିତ ବର୍ଷ ପାଇଁ ବକେୟା ଘରଭଡ଼ା

(ii) ଚଳିତ ବର୍ଷରେ ଆସନ୍ତା ବର୍ଷ ପାଇଁ ଅଗ୍ରୀମ ଆକାରରେ ଘରଭଡ଼ା ପୈଠ

(iii) ଗତ ବର୍ଷର ବକେୟା ଘରଭଡ଼ା ବାବଦରେ ଚଳିତ ବର୍ଷରେ ପୈଠ

(iv) ଚଳିତ ବର୍ଷର ଘରଭଡ଼ା ବାବଦରେ ପୂର୍ବ ବର୍ଷରେ ପୈଠ





ଉପରୋକ୍ତଗୁଡ଼ିକ ପାଇଁ ବହିରେ ଜାବେଦା ପ୍ରବିଷ୍ଟି ନିମ୍ନମତେ ହେବ:

(i) ଘରଭଡ଼ା ହିସାବ ଦାୟୀ
  ଦାତା ବକେୟା ଘରଭଡ଼ା ହିସାବ
  (ଘରଭଡ଼ା ଦେୟ ହୋଇଛି କିନ୍ତୁ ପୈଠ ହୋଇନାହିଁ)

(ii) ଅଗ୍ରୀମ ପୈଠ ଘରଭଡ଼ା ହିସାବ ଦାୟୀ
  ଦାତା ବ୍ୟାଙ୍କ୍ ହିସାବ
  (ପରବର୍ତ୍ତୀ ବର୍ଷ ପାଇଁ ଘରଭଡ଼ା ଅଗ୍ରୀମ ପୈଠ ହେଲା)

(iii) ବକେୟା ଘରଭଡ଼ା ହିସାବ ଦାୟୀ
  ଦାତା ବ୍ୟାଙ୍କ୍ ହିସାବ
  (ପୂର୍ବ ବର୍ଷର ବକେୟା ଘରଭଡ଼ା ପାଇଁ ରାଶି ପୈଠ ହେଲା)

(iv) ଘରଭଡ଼ା ହିସାବ ଦାୟୀ
  ଦାତା ଅଗ୍ରୀମ ପୈଠ ଘରଭଡ଼ା ହିସାବ
  (ଗତ ବର୍ଷରେ ଅଗ୍ରୀମ ପୈଠ ଘରଭଡ଼ା, ଘରଭଡ଼ା ହିସାବକୁ ସ୍ଥାନାନ୍ତରିତ ହେଲା)

ଚଳିତ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବରେ ଦର୍ଶାଯିବାକୁ ଥିବା ଘରଭଡ଼ା ପରିମାଣ (ରାଶି)ର ଗଣନା:

| | | |
|---|---|---|
| ଚଳିତ ବର୍ଷରେ ପୈଠ ଘରଭଡ଼ା | | 3 |
| ଯୁକ୍ତ: ପୂର୍ବ ବର୍ଷରେ ଚଳିତ ବର୍ଷ ପାଇଁ ଘରଭଡ଼ା ଅଗ୍ରୀମ ପୈଠ | + | 3 |
| ଯୁକ୍ତ: ଚଳିତ ବର୍ଷରେ ଦେୟ ହୋଇଥିବା କିନ୍ତୁ ପୈଠ ହୋଇନଥିବା ଘରଭଡ଼ା | + | 3 |
| ବିଯୁକ୍ତ: ଗତ ବର୍ଷର ବକେୟା ଘରଭଡ଼ା ବାବଦ ଚଳିତ ବର୍ଷରେ ପୈଠ | – | 3 |
| ବିଯୁକ୍ତ: ଚଳିତ ବର୍ଷରେ ପରବର୍ତ୍ତୀ ବର୍ଷ ପାଇଁ ଘରଭଡ଼ାର ଅଗ୍ରୀମ ପୈଠ | – | 3 |
| ଆୟ ଓ ବ୍ୟୟ ହିସାବରେ ଦାୟୀ ପାର୍ଶ୍ୱରେ ଦର୍ଶାଯିବାକୁ ଥିବା ଘରଭଡ଼ାର ପରିମାଣ | | ×××× |

**ଉଦାହରଣ 4**

2006 ବର୍ଷରେ ଗୋଟିଏ କ୍ଲବ୍ ₹ 20,000ର ଘରଭଡ଼ା ଦେଇଛନ୍ତି । ₹ 2,000ର ଘରଭଡ଼ା ଏବେ ବି ପୈଠ ନିମନ୍ତେ ବାକି ଅଛି । 2005ରେ 2006 ବର୍ଷର ହିସାବ ଉପରେ ₹ 1,500 ପୈଠ ହୋଇଥିଲା । 2006ରେ ଆୟ ଓ ବ୍ୟୟ ହିସାବରେ ଲେଖା ଯିବାକୁ ଥିବା ପରିମାଣ ହିସାବ କର ।

**ସମାଧାନ :**

| | ₹ |
|---|---|
| 2006ରେ ପୈଠ ହୋଇଥିବା ଘରଭଡ଼ା | 20,000 |
| ଯୁକ୍ତ : 2006 ପାଇଁ ବକେୟା ଘରଭଡ଼ା | 2,000 |
| ଯୁକ୍ତ : 2005ରେ 2006 ବର୍ଷ ପାଇଁ ପୈଠ ଅଗ୍ରୀମ ଘରଭଡ଼ା | 1,500 |
| ଆୟ ଓ ବ୍ୟୟ ହିସାବରେ 2006 ପାଇଁ ଘରଭଡ଼ା ବାବଦରେ ବସାଯିବ | 23,500 |

**ପରିସମ୍ପତ୍ତି ଉପରେ ମୂଲ୍ୟହ୍ରାସ**

ମୂଲ୍ୟହ୍ରାସ ଏକ ଅଣ-ଅର୍ଥ ଆଇଟମ୍ ଅଟେ । ଏହା ପୂର୍ବ ନିର୍ଦ୍ଧାରିତ ପଦ୍ଧତି ଅନୁସାରେ ପ୍ରତ୍ୟେକ ବର୍ଷ ପ୍ରତ୍ୟେକ ସ୍ଥାୟୀ ପରିସମ୍ପତ୍ତି ଯଥା ଭୂମି ଓ କୋଠା, ଆସବାବପତ୍ର, ବହି ଇତ୍ୟାଦି ଉପରେ ଲାଗୁ କରାଯାଏ । ମୂଲ୍ୟହ୍ରାସର ପରିମାଣକୁ ଆୟ ଓ ବ୍ୟୟ ହିସାବର ବ୍ୟୟ ପାର୍ଶ୍ୱରେ ଦର୍ଶାଯାଏ ଏବଂ ଏହାକୁ ସମ୍ପୃକ୍ତ ପରିସମ୍ପତ୍ତିର ମୂଲ୍ୟରୁ ବିୟୋଗ କରି ଉଦ୍‌ବୃତ୍ତ ପତ୍ରର ପରିସମ୍ପତ୍ତି ପାର୍ଶ୍ୱରେ ଦର୍ଶାଯାଏ ।

ଏଥିପାଇଁ ଜାବେଦା ପ୍ରବିଷ୍ଟି ହେବ:

1. ମୂଲ୍ୟହ୍ରାସ ହିସାବ ଦାୟୀ

   ଦାତା ପରିସମ୍ପତ୍ତି ହିସାବ

2. ଆୟ ଓ ବ୍ୟୟ ହିସାବ ଦାୟୀ

   ଦାତା ମୂଲ୍ୟହ୍ରାସ ହିସାବ

**ଉଦାହରଣ 5**

ନିମ୍ନରେ ହେଲ୍ଥ ଏଡ୍ ସୋସାଇଟି ଅଫ୍ ଇଣ୍ଡିଆର 31 ଡିସେମ୍ବର, 2006 ରେ ଶେଷ ବର୍ଷ ପାଇଁ ପ୍ରାପ୍ତି ଓ ପୈଠ ହିସାବ ଦିଆଯାଇଛି:

**ପ୍ରାପ୍ତି ଓ ପୈଠ ହିସାବ**

ଦାୟୀ ଦାତା

| ପ୍ରାପ୍ତି | ପରିମାଣ ₹ | ପୈଠ | ପରିମାଣ ₹ |
|---|---|---|---|
| ବଳକା ନି/ଅ | 8,400 | ଦରମା | 12,000 |
| ଚାନ୍ଦା | 7,800 | ଘରଭଡ଼ା | 6,000 |
| ପ୍ରବେଶିକା ଚାନ୍ଦା | 600 | ଭ୍ୟାନ୍ କ୍ରୟ | 28,000 |
| ସରକାରୀ ଅନୁଦାନ | 30,000 | ମୋଟର ଭ୍ୟାନ୍‌ର ଖର୍ଚ୍ଚ | 6,400 |
| କୋଠା ପାଣ୍ଠି ପାଇଁ ଦାନ | 25,000 | ଧୋଲାଇ (Laundry) ଖର୍ଚ୍ଚ | 5,200 |
| ସୁଧ ପ୍ରାପ୍ତି | 2,400 | ଔଷଧ ଓ ଆନୁଷଙ୍ଗିକ ଖର୍ଚ୍ଚ | 9,600 |
| | | ପ୍ରଚାର ଖର୍ଚ୍ଚ | 4,000 |
| | | ବଳକା ନି/ନି | 3,000 |
| | 74,200 | | 74,200 |





**ଅତିରିକ୍ତ ସୂଚନା**

1. ବକେୟା ଚାନ୍ଦା ₹ 1,500 ଥିଲା ।

2. ସୁଧ ଅର୍ଜିତ (ଉଦ୍‌ଗମ) ହୋଇଥିଲା କିନ୍ତୁ ପ୍ରାପ୍ତ ହୋଇ ନଥିଲା ₹ 600

3. ବକେୟା ଦରମା ₹ 1,200 ଅଟେ ।

4. ମୋଟର ଭ୍ୟାନ୍ ଉପରେ 20% ହାରରେ ମୂଲ୍ୟହ୍ରାସ ଲଗାଅ ।

ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କର ।

**ସମାଧାନ :**

**ହେଲ୍ପ ଏଡ୍ ସୋସାଇଟି ଅଫ୍ ଇଣ୍ଡିଆର ବହି**

**ଆୟ ଓ ବ୍ୟୟ ହିସାବ**

31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ

ଦାୟୀ ଦାତା

| ବ୍ୟୟ | | ପରିମାଣ ₹ | ପୈଠ | | ପରିମାଣ ₹ |
|---|---|---|---|---|---|
| ଦରମା | 12,000 | | ଚାନ୍ଦା | 7,800 | |
| ଯୁକ୍ତବକେୟା ଦରମା | 1,200 | 13,200 | ଯୁକ୍ତ ବକେୟା ଚାନ୍ଦା | 1,500 | 9,300 |
| ଘରଭଡ଼ା | | 6,000 | ପ୍ରବେଶିକା ଚାନ୍ଦା | | 600 |
| ମୋଟର ଭ୍ୟାନ୍‌ର ଖର୍ଚ୍ଚ | | 6,400 | ସରକାରୀ ଅନୁଦାନ | | 30,000 |
| ଧୋଲାଇ ଖର୍ଚ୍ଚ | | 5,200 | ସୁଧ | 2,400 | |
| ଔଷଧ ଓ ଆନୁଷଙ୍ଗିକ ଖର୍ଚ୍ଚ | | 9,600 | ଯୁକ୍ତ ଉଦ୍‌ଗମ/ | | |
| ପ୍ରଚାର ଖର୍ଚ୍ଚ | | 4,000 | ଅର୍ଜିତ ସୁଧ | 600 | 3,000 |
| ମୋଟର ଭ୍ୟାନ୍ ଉପରେ ମୂଲ୍ୟହ୍ରାସ | | 5,600 | ନିଅଣ୍ଟ, ଅର୍ଥାତ୍ ଆୟ ଉପରେ ବ୍ୟୟର ଆଧିକ୍ୟ | | 7,100 |
| | | 50,000 | | | 50,000 |

ପ୍ରାପ୍ତି ଓ ପୈଠ ହିସାବ ଏବଂ ଆୟ ଓ ବ୍ୟୟ ହିସାବ ସମ୍ବନ୍ଧରେ ବିଶଦ ଭାବେ ଶିଖିସାରିବା ପରେ ଆମେ ବର୍ତ୍ତମାନ ଏ ଦୁଇଟି ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବା । ସେହି ପାର୍ଥକ୍ୟଗୁଡ଼ିକ ନିମ୍ନରେ ଦିଆଗଲା:

ଟିପ୍ପଣୀ

**ତାଲିକା 17.1 ପ୍ରାପ୍ତି ଓ ପୈଠ ହିସାବ ଏବଂ ଆୟ ଓ ବ୍ୟୟ ହିସାବ ମଧ୍ୟରେ ପାର୍ଥକ୍ୟ**

| ପାର୍ଥକ୍ୟର ଆଧାର | ପ୍ରାପ୍ତି ଓ ପୈଠ ହିସାବ | ଆୟ ଓ ବ୍ୟୟ ହିସାବ |
|---|---|---|
| 1. ପ୍ରକୃତି | ଏହା ଅର୍ଥ ବହିର ଏକ ସାରାଂଶ ଅଟେ । | ଏହା ଅଣ-ପୁଞ୍ଜିଗତ ଆୟ ଓ ଅଣ-ପୁଞ୍ଜିଗତ ବ୍ୟୟର ସାରାଂଶ ଅଟେ । |
| 2. ପାର୍ଶ୍ୱ | ଏହି ହିସାବର ଦାୟୀ ପାର୍ଶ୍ୱ ପ୍ରାପ୍ତି ଏବଂ ଦାତା ପାର୍ଶ୍ୱ ପୈଠ ଦର୍ଶାଏ । | ଏହି ହିସାବର ଦାୟୀ ପାର୍ଶ୍ୱ ବ୍ୟୟ ଓ କ୍ଷତି ତଥା ଦାତା ପାର୍ଶ୍ୱ ଆୟ ଓ ଲାଭ ଦର୍ଶାଏ । |
| 3. ପ୍ରାରମ୍ଭିକ ବଳକା | ଏହା ହାତରେ ଥିବା ଅର୍ଥ କିମ୍ବା ବ୍ୟାଙ୍କ୍‌ରେ ଥିବା ଅର୍ଥର ପ୍ରାରମ୍ଭିକ ବଳକାରୁ ଆରମ୍ଭ ହୁଏ । | ଏହାର ଆରମ୍ଭରେ କୌଣସି ବଳକା ନଥାଏ । |
| 4. ଅନ୍ତିମ ବଳକା | ଏହି ହିସାବର ଅନ୍ତିମ ବଳକା ହାତରେ ଥିବା ଅର୍ଥ କିମ୍ବା ବ୍ୟାଙ୍କ୍‌ରେ ଥିବା ଅର୍ଥକୁ ଦର୍ଶାଏ । | ଏହି ହିସାବର ଅନ୍ତିମ ବଳକା ଅଧିବଳକା କିମ୍ବା ନିଅଣ୍ଟକୁ ଦର୍ଶାଏ । |
| 5. ପୁଞ୍ଜିଗତ ଏବଂ ଅଣ-ପୁଞ୍ଜିଗତ ଆଇଟମ | ପ୍ରାପ୍ତି ଓ ପୈଠ ହିସାବରେ ଉଭୟ ପୁଞ୍ଜିଗତ ଏବଂ ଅଣ-ପୁଞ୍ଜିଗତ (ଆଗମ) ପ୍ରକୃତିର ଆଇଟମ୍‌ଗୁଡ଼ିକୁ ଲିପିବଦ୍ଧ କରାଯାଏ । | ଆୟ ଓ ବ୍ୟୟ ହିସାବରେ କେବଳ ଅଣ-ପୁଞ୍ଜିଗତ ପ୍ରକୃତିର ଆଇଟମ୍‌ଗୁଡ଼ିକୁ ଲିପିବଦ୍ଧ କରାଯାଏ । |
| 6. ସମାଯୋଜନ | ଏହା ପ୍ରସ୍ତୁତ କଲାବେଳେ ସମାଯୋଜନଗୁଡ଼ିକୁ ବିବେଚନା କରାଯାଏନାହିଁ । | ଏହା ପ୍ରସ୍ତୁତ କଲାବେଳେ ସମାଯୋଜନଗୁଡ଼ିକୁ ବିବେଚନା କରିବା ଆବଶ୍ୟକ ହୋଇଥାଏ । |
| 7. ଅନ୍ତିମ ବଳକାର ସ୍ଥାନାନ୍ତରଣ | ଏହି ହିସାବର ଅନ୍ତିମ ବଳକା ପରବର୍ତ୍ତୀ ଅବଧିର ପ୍ରାପ୍ତି ଓ ପୈଠ ହିସାବକୁ ସ୍ଥାନାନ୍ତରଣ କରାଯାଏ । | ଏହି ହିସାବର ଅନ୍ତିମ ବଳକା ଉଦ୍‌ବୃତ୍ତ ପତ୍ରରେ ଥିବା ପୁଞ୍ଜି ପାଣ୍ଠି/ସାଧାରଣ ପାଣ୍ଠିକୁ ସ୍ଥାନାନ୍ତରଣ କରାଯାଏ । |

## ପାଠ୍ୟଗତ ପ୍ରଶ୍ନ 17.3

I. ଏକ କ୍ଲବ୍ ଏହାର 500 ସଦସ୍ୟଙ୍କଠାରୁ ପ୍ରତ୍ୟେକ ବର୍ଷ ସଦସ୍ୟ ପିଛା ₹ 100 ହାରରେ ଚାନ୍ଦା ସଂଗ୍ରହ କରେ ।

(କ) ଏହା ଗତବର୍ଷ ₹ 1,500 ଚଳିତ ବର୍ଷର ହିସାବ ଉପରେ ପାଇଛି । 20 ସଦସ୍ୟ ଚଳିତ ବର୍ଷ ପାଇଁ ସେମାନଙ୍କର ଦେୟ ପୈଠ କରି ନାହାନ୍ତି । ଚାନ୍ଦା ବାବଦରେ ପ୍ରାପ୍ତ ରାଶି ପରିମାଣ ହିସାବ କର ।

(ଖ) ଚଳିତ ବର୍ଷରେ ₹ 11,000ର ଘରଭଡ଼ା ପୈଠ ହୋଇଅଛି ଏବଂ ₹ 20,000 ଏବେ ବି ପୈଠ ହେବା ପାଇଁ ବାକି ଅଛି । ଗତବର୍ଷ ₹ 9,000 ବକେୟା ଥିଲା । ଚଳିତ ବର୍ଷ ପାଇଁ ଘରଭଡ଼ା ରାଶି ପରିମାଣ ହିସାବ କର ।

II. (କ) ପ୍ରାପ୍ତି ଓ ପୈଠ ହିସାବର ଅନ୍ତିମ ବଳକା ପରବର୍ତ୍ତୀ ବର୍ଷର ସେହି (ସମାନ) ହିସାବକୁ ସ୍ଥାନାନ୍ତରଣ କରାଯାଏ । ଆୟ ଓ ବ୍ୟୟ ହିସାବର ବଳକା କେଉଁଠିକୁ ସ୍ଥାନାନ୍ତରିତ ହୁଏ ?

(ଖ) ଆୟ ଓ ବ୍ୟୟ ହିସାବ ଅଣ-ପୁଞ୍ଜିଗତ ଆୟ ଓ ଅଣ-ପୁଞ୍ଜିଗତ ବ୍ୟୟର ସାରାଂଶ ଅଟେ । ପ୍ରାପ୍ତି ଓ ପୈଠ ହିସାବ କେଉଁ ହିସାବର ସାରାଂଶ ଅଟେ ?

(ଗ) ପ୍ରାପ୍ତି ଓ ପୈଠ ହିସାବର ଅନ୍ତିମ ବଳକା ହାତରେ/ବ୍ୟାଙ୍କରେ ଥିବା ଅର୍ଥକୁ ଦର୍ଶାଏ । ଆୟ ଓ ବ୍ୟୟ ହିସାବର ଅନ୍ତିମ ବଳକା କ'ଣ ଦର୍ଶାଏ ?

(ଘ) ଆୟ ଓ ବ୍ୟୟ ହିସାବ କୌଣସି ପ୍ରାରମ୍ଭିକ ବଳକାରୁ ଆରମ୍ଭ ହୁଏ ନାହିଁ । ପ୍ରାପ୍ତି ଓ ପୈଠ ହିସାବ କେଉଁ ପ୍ରାରମ୍ଭିକ ବଳକାରୁ ଆରମ୍ଭ ହୁଏ ?

## 17.4 ଉଦ୍‌ବୃତ୍ତ ପତ୍ରର ପ୍ରସ୍ତୁତି

ଅଣ-ଲାଭକାରୀ ସଂଗଠନଗୁଡ଼ିକ ମଧ୍ୟ ବର୍ଷ ଶେଷରେ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରନ୍ତି । ଏକ ଅଣ-ଲାଭକାରୀ ସଂଗଠନଦ୍ୱାରା ପ୍ରସ୍ତୁତ ଉଦ୍‌ବୃତ୍ତ ପତ୍ର ଏକ ଲାଭକାରୀ ସଂଗଠନ ଦ୍ୱାରା ପ୍ରସ୍ତୁତ ଉଦ୍‌ବୃତ୍ତ ପତ୍ରଠାରୁ ଅଲଗା ନୁହେଁ । ଏହାର ଦୁଇଟି ପାର୍ଶ୍ୱ ଅଛି: (କ) ପରିସମ୍ପତ୍ତି ପାର୍ଶ୍ୱ, ଏବଂ (ଖ) ଦାୟ ପାର୍ଶ୍ୱ । ଏଥିରେ କେବଳ ପୁଞ୍ଜିଗତ ଆଇଟମ୍ ଯଥା ପରିସମ୍ପତ୍ତି, ଦାୟ ଏବଂ ପୁଞ୍ଜି ପାଣ୍ଠି ଥାଏ ।

ଏକ ଅଣ-ଲାଭକାରୀ ସଂଗଠନଦ୍ୱାରା ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ହେଉଛି ହିସାବରକ୍ଷଣ ବର୍ଷର ଶେଷ ତାରିଖରେ ସଂଗଠନର ଆର୍ଥିକ ସ୍ଥିରତା, ସାମର୍ଥ୍ୟ ଓ ସୁସ୍ଥତାକୁ ଦର୍ଶାଇବା ।

ଉଦ୍‌ବୃତ୍ତ ପତ୍ରର ଛାଞ୍ଚ ନିମ୍ନରେ ପ୍ରଦତ୍ତ ହେଲା:

**.........................ର ଉଦ୍‌ବୃତ୍ତ ପତ୍ର**

**31 ଡିସେମ୍ବର.......................ର**

| ଦାୟ | ପରିମାଣ ₹ | ପରିସମ୍ପତ୍ତି | ପରିମାଣ ₹ |
|---|---|---|---|
| ବକେୟା ଘରଭଡ଼ା | | ହାତରେ ଥିବା ଅର୍ଥ | |
| ବକେୟା ଦରମା | | ବ୍ୟାଙ୍କରେ ଥିବା ଅର୍ଥ | |
| ଅଗ୍ରୀମ ପ୍ରାପ୍ତ ଚାନ୍ଦା | | ସ୍ଥାୟୀ ଜମା | |
| କୋଠା ପାଣ୍ଠି | | ବକେୟା (ଉଦ୍‌ଗମ) ଚାନ୍ଦା | |
| ପୁଞ୍ଜି ପାଣ୍ଠି/ସାଧାରଣ ପାଣ୍ଠି | | କ୍ରୀଡ଼ା ସାମଗ୍ରୀ | |
| ଯୁକ୍ତ: ଆଜୀବନ ସଦସ୍ୟତା ଚାନ୍ଦା | | ବହି | |
| ଯୁକ୍ତ: ଅଧିବଳକା | | ଆସବାବ ପତ୍ର | |
| କିମ୍ବା ବିଯୁକ୍ତ: ନିଅଣ୍ଟ | | କୋଠା | |

ଅଣ-ଲାଭକାରୀ ସଂଗଠନଗୁଡ଼ିକର ଆୟ ଓ ବ୍ୟୟ ହିସାବ ତଥା ଉଦ୍‌ବୃତ୍ତ ପତ୍ର ପ୍ରାପ୍ତି ଓ ପୈଠ ହିସାବ ତଥା ଅତିରିକ୍ତ ସୂଚନାରୁ ପ୍ରସ୍ତୁତ କରାଯାଏ । ଏକ ଅଣ-ଲାଭକାରୀ ସଂଗଠନର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କଲାବେଳେ କେତେକ ନିର୍ଦ୍ଦିଷ୍ଟ ବିଷୟକୁ ଧ୍ୟାନରେ ରଖିବାକୁ ପଡ଼େ ଯାହା ନିମ୍ନରେ ପ୍ରଦତ୍ତ ହେଲା:

1. ଗତ ବର୍ଷର ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇଥିବା ପରିସମ୍ପତ୍ତିର ଯଦି କୌଣସି ବିକ୍ରୀ କିମ୍ବା କ୍ରୟ ଚଳିତ ବର୍ଷ ମଧ୍ୟରେ ହୋଇଥାଏ ତଥା ସମ୍ପୃକ୍ତ ପରିସମ୍ପତ୍ତିରେ ମୂଲ୍ୟହ୍ରାସ ବ୍ୟବସ୍ଥା କରାଯାଇଥାଏ, ତେବେ ଏ ସବୁର ସମାଯୋଜନ କରିବା ଆବଶ୍ୟକ । ଚଳିତ ବର୍ଷର ଉଦ୍‌ବୃତ୍ତ ପତ୍ରରେ କେବଳ ସମାଯୋଜିତ ରାଶି ହିଁ ଦର୍ଶାଯିବ ।

2. ଯଦି କୌଣସି ନୂତନ ପରିସମ୍ପତ୍ତି ବର୍ଷ ମଧ୍ୟରେ କିଣା ଯାଇଥାଏ, ତେବେ ଏହାକୁ ପ୍ରାପ୍ତି ଓ ପୈଠ ହିସାବର ପୈଠ ପାର୍ଶ୍ୱରେ ଦର୍ଶାଯିବ ଏବଂ ସେଠାରୁ ଏହାକୁ ଉଦ୍‌ବୃତ୍ତ ପତ୍ରକୁ ନିଆଯିବ ।

3. ଯଦି କୌଣସି ଋଣ ଉଠାଯାଇଥାଏ ତେବେ ଏହାକୁ ପ୍ରାପ୍ତି ଓ ପୈଠ ହିସାବର ପ୍ରାପ୍ତି ପାର୍ଶ୍ୱରେ ଏବଂ ଏହାର ପରିଶୋଧନକୁ ପୈଠ ପାର୍ଶ୍ୱରେ ଦର୍ଶାଯିବ । ଏ ଦ୍ୱୟର ଅନ୍ତର ଅର୍ଥାତ୍ ନିଟ୍ ରାଶି ପରିମାଣକୁ ଉଦ୍‌ବୃତ୍ତ ପତ୍ରର ଦାୟ ପାର୍ଶ୍ୱରେ ଦର୍ଶାଯିବ । ସେହିପରି ଯଦି ଜଣେ ବ୍ୟକ୍ତିକୁ କୌଣସି ଅଗ୍ରୀମ ଦିଆ ଯାଇଥାଏ ତଥା ସେ କିଛି ପରିଶୋଧନ କରିଥା'ନ୍ତି (ଶୁଝିଥା'ନ୍ତି), ତେବେ ଏ ଦ୍ୱୟର ଅନ୍ତର ରାଶି (ନିଟ୍ ରାଶି)କୁ ଉଦ୍‌ବୃତ୍ତ ପତ୍ରର ପରିସମ୍ପତ୍ତି ପାର୍ଶ୍ୱରେ ଦର୍ଶାଯିବ ।

4. ବ୍ୟୟ ସମ୍ବନ୍ଧରେ ଏବଂ/କିମ୍ବା ଆୟ ସମ୍ବନ୍ଧରେ କୌଣସି ସମାଯୋଜନ ଯଥା ବକେୟା ଅଥବା ପୂର୍ବପ୍ରଦତ୍ତ (ଅଗ୍ରୀମ) ଥିଲେ ସେଗୁଡ଼ିକୁ ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯିବ ।

5. ପୂର୍ବ ବର୍ଷର ଉଦ୍‌ବୃତ୍ତ ପତ୍ରରେ ଯଦି କୌଣସି ଦାୟର ଆଇଟମ୍ ଥାଏ, ତେବେ ଏହାକୁ ନିଟ୍ ମୂଲ୍ୟରେ, ଅର୍ଥାତ୍ ଏ ବାବଦରେ ପୈଠ କରାଯାଇଥିବା ରାଶିକୁ ବିୟୋଗ କରି ଦର୍ଶାଯିବ ।

6. ସ୍ୱତନ୍ତ୍ର ପ୍ରାପ୍ତି ଯେପରି କି 'କୋଠା ପାଇଁ ଦାନ' ଇତ୍ୟାଦିକୁ ଆୟ ହିସାବରେ ଧରାଯାଏ ନାହିଁ । ଏହାକୁ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ନିମନ୍ତେ ଉଦ୍ଦିଷ୍ଟ ପାଣ୍ଠି ଆକାରରେ ଉଦ୍‌ବୃତ୍ତ ପତ୍ରର ଦାୟ ପାର୍ଶ୍ୱରେ ଦର୍ଶାଯିବ ।

7. ପୁଞ୍ଜି/ସାଧାରଣ ପାଣ୍ଠି ଯାହା ଗତ ବର୍ଷର ଉଦ୍‌ବୃତ୍ତ ପତ୍ରରୁ ଅଣାଯାଇଥାଏ ସେଥିରେ ଚଳିତ ବର୍ଷର 'ଅଧିବଳକା' କିମ୍ବା 'ନିଅଣ୍ଟ' ପରିମାଣକୁ ସମାଯୋଜନ କରାଯିବା ପରେ ଦର୍ଶାଯିବ ।

ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରିବା ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ କଥା (point) ହେଉଛି ଯେ ଚଳିତ ବର୍ଷ ପାଇଁ ଅଣ-ଲାଭକାରୀ ସଂଗଠନର ଆୟ ଓ ବ୍ୟୟ ହିସାବ ତଥା ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରିବା ପୂର୍ବରୁ ଗତ ବର୍ଷରୁ ଅଗ୍ରେ ଆନୀତ ହୋଇଥିବା ପୁଞ୍ଜି/ସାଧାରଣ ପାଣ୍ଠିକୁ ବିବେଚନା କରାଯାଏ । ଏହାଛଡ଼ା ଗତ ବର୍ଷରୁ ଅଣାଯାଇଥିବା ଦାୟ ଏବଂ ପରିସମ୍ପତ୍ତିର ଅନ୍ୟ ଆଇଟମ୍‌ଗୁଡ଼ିକରେ ମଧ୍ୟ ସମାଯୋଜନ ଆବଶ୍ୟକ ପଡ଼ିଥାଏ । ଏଥିପାଇଁ ପ୍ରଦତ୍ତ ସୂଚନାଗୁଡ଼ିକର ସହାୟତାରେ ପୂର୍ବ ବର୍ଷର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରାଯାଏ । ଏହାକୁ ପ୍ରାରମ୍ଭିକ ଉଦ୍‌ବୃତ୍ତ ପତ୍ର କୁହାଯାଏ ।

**ଉଦାହରଣ 6**

ଜଙ୍ଗଲ ସଂରକ୍ଷଣ ପାଇଁ କାର୍ଯ୍ୟରତ ଏକ ବେସରକାରୀ ସଂଗଠନ 'ଅଲ୍ ଗ୍ରୀନ ଏଭର ଗ୍ରୀନ'ର 31 ଡିସେମ୍ବର, 2006ରେ ସୂଚନା ନିମ୍ନରେ ପ୍ରଦତ୍ତ ହେଲା:

| ବିସ୍ତୃତ ବିବରଣୀ | ପରିମାଣ (₹) |
|---|---:|
| ହସ୍ତସ୍ଥ ଅର୍ଥ | 1,400 |
| ବ୍ୟାଙ୍କ୍‌ରେ ଥିବା ଅର୍ଥ | 21,800 |
| ବହି | 78,000 |
| ଆସବାବ ପତ୍ର | 16,000 |
| କମ୍ପ୍ୟୁଟର୍ | 24,000 |
| ବକେୟା ଚାନ୍ଦା | 2,600 |
| ବ୍ୟାଙ୍କ୍‌ରେ ସ୍ଥାୟୀ ଜମା | 1,00,000 |
| 2007 ପାଇଁ ପ୍ରାପ୍ତ ଚାନ୍ଦା | 3,800 |
| ବକେୟା ଘରଭଡ଼ା | 4,000 |
| ପ୍ରଚାର ପାଣ୍ଠି | 35,000 |
| କୋଠା ପାଣ୍ଠି | 80,000 |

ସେହି ତାରିଖର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

**ସମାଧାନ :**

**'ଅଲ୍ ଗ୍ରୀନ୍ ଏଭର ଗ୍ରୀନ୍'ର ଉଦ୍‌ବୃତ୍ତ ପତ୍ର**
**31 ଡିସେମ୍ବର, 2006ରେ**

| ଦାୟ | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|
| ଅଗ୍ରୀମ ପ୍ରାପ୍ତ ଚାନ୍ଦା | 3,800 | ହସ୍ତସ୍ଥ ଅର୍ଥ | 1,400 |
| ବକେୟା ଘରଭଡ଼ା | 4,000 | ବ୍ୟାଙ୍କ୍‌ରେ ଥିବା ଅର୍ଥ | 21,800 |
| ପ୍ରଚାର ପାଣ୍ଠି | 35,000 | ବକେୟା ଚାନ୍ଦା | 2,600 |
| କୋଠା ପାଣ୍ଠି | 80,000 | ବହି | 78,000 |
| ପୁଞ୍ଜି/ସାଧାରଣ ପାଣ୍ଠି (ବଳକା ରାଶି) | 1,21,000 | ଆସବାବ ପତ୍ର | 16,000 |
| | | କମ୍ପ୍ୟୁଟର୍ | 24,000 |
| | | ବ୍ୟାଙ୍କ୍‌ରେ ସ୍ଥାୟୀ ଜମା | 1,00,000 |
| | 2,43,800 | | 2,43,800 |

## ପାଠ୍ୟଗତ ପ୍ରଶ୍ନ 17.4

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ:

1. ପରିସମ୍ପତ୍ତିକୁ ଉଦ୍‌ବୃତ୍ତ ପତ୍ରରେ ଦର୍ଶାଇବା ପୂର୍ବରୁ ସେଥିରେ କ'ଣ ସମାଯୋଜନ କରାଯାଏ ?
2. ପ୍ରାପ୍ତି ଓ ପୈଠ ହିସାବର ପ୍ରାପ୍ତି ପାର୍ଶ୍ୱରେ ଦର୍ଶାଯାଇଥିବା ଋଣ ଆଇଟମ୍‌କୁ ଉଦ୍‌ବୃତ୍ତ ପତ୍ରର କେଉଁ ପାର୍ଶ୍ୱରେ ଦର୍ଶାଯିବ ?
3. ଗତ ବର୍ଷର ଉଦ୍‌ବୃତ୍ତ ପତ୍ରରୁ ଅଣାଯାଇଥିବା ପୁଞ୍ଜି ପାଣ୍ଠିରେ କେଉଁ ଆଇଟମ୍‌ର ସମାଯୋଜନ କରାଯିବ ?
4. ଗତ ବର୍ଷର ଉଦ୍‌ବୃତ୍ତ ପତ୍ରର ଦାୟ ଚଳିତ ବର୍ଷର ଉଦ୍‌ବୃତ୍ତ ପତ୍ରରେ କେଉଁ ମୂଲ୍ୟରେ ଦର୍ଶାଯିବ ?

## ତୁମେ ଯାହା ଶିଖିଲ

- ଆୟ ଓ ବ୍ୟୟ ହିସାବ ଲାଭ ଓ କ୍ଷତି ହିସାବ ସଦୃଶ ଅଟେ । ଆୟ ଓ ବ୍ୟୟ ହିସାବ ଏକ ଅଣ-ଲାଭକାରୀ ସଂଗଠନର ଏକ ନିର୍ଦ୍ଦିଷ୍ଟ ବର୍ଷର ଆୟ ଓ ବ୍ୟୟ ସମୂହର ସାରାଂଶ ଅଟେ ।
- ଆୟ ଓ ବ୍ୟୟ ହିସାବ ଅଣ-ଲାଭକାରୀ ସଂଗଠନଗୁଡ଼ିକର ଆର୍ଥିକ କାର୍ଯ୍ୟକଳାପର ନିଟ୍ ଫଳାଫଳ ଜାଣିବା ପାଇଁ ପ୍ରସ୍ତୁତ କରାଯାଏ ଯାହା 'ଅଧିବଳକା' କିମ୍ବା 'ନିଅଣ୍ଟ' ହୋଇପାରେ ।
- ଖର୍ଚ୍ଚର ଗୁରୁତ୍ୱପୂର୍ଣ୍ଣ ଆଇଟମ୍‌ଗୁଡ଼ିକ ହେଉଛି ଅଣ-ପୁଞ୍ଜିଗତ ବ୍ୟୟ ଯଥା ଦରମା, ଡାକଖର୍ଚ୍ଚ, ଷ୍ଟେଶନରୀ, ଅବୈତନିକ, ମୂଲ୍ୟହ୍ରାସ ଇତ୍ୟାଦି । ଆୟର ମୁଖ୍ୟ ଆଇଟମ୍‌ଗୁଡ଼ିକ ହେଉଛି ଚାନ୍ଦା, ପ୍ରବେଶିକା ଚାନ୍ଦା ଇତ୍ୟାଦି ।

- ଅଧିବଳକା କିମ୍ବା ନିଅଣ୍ଟ ପରିମାଣ ନିର୍ଣ୍ଣୟ କରିବା ପୂର୍ବରୁ ସମସ୍ତ ସମାଯୋଜନ ଯଥା ବକେୟା ପୂର୍ବ ପୈଠ ଇତ୍ୟାଦିଗୁଡ଼ିକୁ ସମାବିଷ୍ଟ କରି ଦିଆଯାଏ ।
- ପ୍ରାପ୍ତି ଓ ପୈଠ ହିସାବ ଏବଂ ଆୟ ଓ ବ୍ୟୟ ହିସାବ ମଧ୍ୟରେ ପ୍ରକୃତି, ପାର୍ଶ୍ୱ, ପ୍ରାରମ୍ଭିକ ବଳକା, ଅନ୍ତିମ ବଳକା, ପୁଞ୍ଜିଗତ ତଥା ଅଣ-ପୁଞ୍ଜିଗତ ଆଇଟମ୍, ସମାଯୋଜନ ତଥା ଅନ୍ତିମ ବଳକାର ସ୍ଥାନାନ୍ତରଣ ଭିତ୍ତିରେ ପାର୍ଥକ୍ୟ ଦର୍ଶାଯାଇଥାଏ ।
- ପ୍ରତ୍ୟେକ ଅଣ-ଲାଭକାରୀ ସଂଗଠନ ବର୍ଷ ଶେଷରେ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରନ୍ତି । ଏଥିରେ ମଧ୍ୟ ପରିସମ୍ପତ୍ତି ପାର୍ଶ୍ୱ ଓ ଦାୟ ପାର୍ଶ୍ୱ ଥାଏ । ଚଳିତ ବର୍ଷର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରିବା ପାଇଁ ପ୍ରାରମ୍ଭିକ ଉଦ୍‌ବୃତ୍ତ ପତ୍ରର ଆବଶ୍ୟକତା ପଡ଼ିଥାଏ ।

## Q ପାଠ୍ୟାନ୍ତ ପ୍ରଶ୍ନ

1. ଆୟ ଓ ବ୍ୟୟ ହିସାବ କ'ଣ ?
2. ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରିବାର ଉଦ୍ଦେଶ୍ୟ ବୁଝାଅ ।
3. ଏକ ଅଣ-ଲାଭକାରୀ ସଂଗଠନର ଆୟ ଓ ବ୍ୟୟ ହିସାବର ବିଭିନ୍ନ ଆଇଟମ୍‌ଗୁଡ଼ିକର ତାଲିକା ପ୍ରସ୍ତୁତ କର ।
4. ଆୟ ଓ ବ୍ୟୟ ହିସାବ ପ୍ରସ୍ତୁତ କରିବା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ସଂକ୍ଷେପରେ ବର୍ଣ୍ଣନା କର ।
5. ପ୍ରାପ୍ତି ଓ ପୈଠ ହିସାବ ଏବଂ ଆୟ ଓ ବ୍ୟୟ ହିସାବ ମଧ୍ୟରେ ନିମ୍ନ ଆଧାରରେ ପ୍ରଭେଦ ଦର୍ଶାଅ:

   1. ପ୍ରକୃତି
   2. ସମାଯୋଜନ
   3. ପାର୍ଶ୍ୱ
   4. ଅନ୍ତିମ ବଳକାର ସ୍ଥାନାନ୍ତରଣ

6. ନିମ୍ନ ପ୍ରଦତ୍ତ ସୂଚନାରୁ ପ୍ରାପ୍ତି ଓ ପୈଠ ହିସାବ ପ୍ରସ୍ତୁତ କର:

| | (₹) |
|---|---:|
| 1.1.2006ରେ ହସ୍ତସ୍ଥ ଅର୍ଥ | 3,600 |
| 1.1.2006ରେ ବ୍ୟାଙ୍କରେ ଥିବା ଅର୍ଥ | 10,000 |
| ଚାନ୍ଦା | 6,000 |
| ପ୍ରବେଶିକା ଚାନ୍ଦା | 1,000 |
| ଶ୍ରମିକଙ୍କୁ ପୈଠ ମଜୁରୀ | 800 |
| କିରାଣୀଙ୍କୁ ପୈଠ ଦରମା | 3,000 |
| ବିଦ୍ୟୁତ୍ ଖର୍ଚ୍ଚ | 1,500 |
| ଯାତାୟାତ ଖର୍ଚ୍ଚ | 600 |
| ସେକ୍ରେଟାରୀଙ୍କୁ ଦକ୍ଷିଣା (ଅବୈତନିକ) | 1,200 |
| ମୁଦ୍ରଣ ଓ ଷ୍ଟେଶନରୀ | 500 |
| ବ୍ୟାଙ୍କରେ ଥିବା ସ୍ଥାୟୀ ଜମା | 10,000 |

7. ନିମ୍ନ ସୂଚନାରୁ ତୁମେ କେତେ ପରିମାଣ ରାଶି ଆୟ ଓ ବ୍ୟୟ ହିସାବରେ ପକାଇବ (ଦର୍ଶାଇବ) ?

| | (₹) |
|---|---:|
| 2006ରେ ପ୍ରାପ୍ତ ଚାନ୍ଦା | 10,000 |
| 2005ରେ ଅପ୍ରାପ୍ତ ଚାନ୍ଦା | 2,000 |
| 2005ରେ 2006 ପାଇଁ ପ୍ରାପ୍ତ ଚାନ୍ଦା | 400 |
| 2006ରେ 2007 ପାଇଁ ପ୍ରାପ୍ତ ଚାନ୍ଦା | 600 |
| 2006 ପାଇଁ ଅପ୍ରାପ୍ତ ଚାନ୍ଦା | 1,000 |

8. ନିମ୍ନଗୁଡ଼ିକୁ ତୁମେ ଆୟ ଓ ବ୍ୟୟ ହିସାବରେ କିପରି ଦର୍ଶାଇବ ?

(i) ଚଳିତ ବର୍ଷରେ ପୈଠ ଘରଭଡ଼ା ₹ 6,000

(ii) ଚଳିତ ବର୍ଷରେ ଦେୟ ଘରଭଡ଼ା ₹ 800

(iii) ଗତ ବର୍ଷରେ ଚଳିତ ବର୍ଷ ପାଇଁ ପୈଠ ଘରଭଡ଼ା ₹ 600

(iv) ଗତ ବର୍ଷର ଦେୟ ଘରଭଡ଼ା ଏହି ବର୍ଷରେ ପୈଠ ₹ 2,000

(v) ଏହି ବର୍ଷରେ ପରବର୍ତ୍ତୀ ବର୍ଷ ପାଇଁ ପୈଠ ଅଗ୍ରୀମ ଘରଭଡ଼ା ₹ 1,600

9. ନିମ୍ନରେ ଦିଆଯାଇଥିବା ପ୍ରାପ୍ତି ଓ ପୈଠ ହିସାବ ଏବଂ ସୂଚନାଗୁଡ଼ିକରୁ ଶ୍ରେୟ ବ୍ଲୁ ଷ୍ଟାର୍ କ୍ଲବ୍‌ର ଆୟ ଓ ବ୍ୟୟ ହିସାବ ଏବଂ ଉଦ୍‌ବୃତ୍ତ ପ୍ରସ୍ତୁତ କର ।

**ପ୍ରାପ୍ତି ଓ ପୈଠ ହିସାବ**

**31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ**

| ପ୍ରାପ୍ତି | | ପରିମାଣ ₹ | ପୈଠ | ପରିମାଣ ₹ |
|---|---|---:|---|---:|
| ବଳକା ନି/ଅ | | 1,500 | ବିଦ୍ୟୁତ୍ ଖର୍ଚ୍ଚ | 1,500 |
| ଚାନ୍ଦା : | 2005 | 500 | ସାଧାରଣ ଖର୍ଚ୍ଚ | 1,250 |
| | 2006 | 8,000 | ସେକ୍ରେଟାରୀଙ୍କୁ ଅବୈତନିକ | 1,250 |
| | 2007 | 450 | ବହି | 2,250 |
| ସମ୍ବାଦ ପତ୍ର ବିକ୍ରୟ | | 250 | ସମ୍ବାଦ ପତ୍ର | 500 |
| ପୁରୁଣା ଆସବାବପତ୍ର ବିକ୍ରୟ (ପୁସ୍ତକ ମୂଲ୍ୟ ₹ 300) | | 200 | ଆସବାବ ପତ୍ର (କ୍ରୟ) | 1,000 |
| ହଲ୍ ବ୍ୟବହାର ସକାଶେ ପ୍ରାପ୍ତ ଭଡ଼ା | | 1,750 | 1.1.2006ରେ ବାର୍ଷିକ 5% ହାରରେ ବ୍ୟାଙ୍କ୍‌ରେ କରାଯାଇଥିବା ସ୍ଥାୟୀ ଜମା | 4,000 |
| ମନୋରଞ୍ଜନରୁ ଲାଭ | | 1,500 | ବଳକା ନି/ନି | 2,400 |
| | | 14,150 | | 14,150 |

**ସୂଚନା**

(i) କ୍ଲବ୍‌ରେ 160 ଜଣ ସଦସ୍ୟ ଅଛନ୍ତି । ପ୍ରତ୍ୟେକ ସଦସ୍ୟ ₹ 100 ର ବାର୍ଷିକ ଚାନ୍ଦା ପୈଠ କରନ୍ତି ।

(ii) 31.12.2005 ରେ ଅପ୍ରାପ୍ତ (ବକେୟା) ଚାନ୍ଦା ₹ 1,350

(iii) 31.12.2006 ରେ ସାଧାରଣ ବ୍ୟୟର ବକେୟା ରାଶି ପରିମାଣ ₹ 50

(iv) 1.1.2006 ରେ କ୍ଲବ ପାଖରେ ₹ 40,000 ମୂଲ୍ୟର କୋଠା, ₹ 2,000 ର ଆସବାବ ପତ୍ର ଏବଂ ₹ 6,000 ର ବହି ଥିଲା ।

10. ତୁମେ ନିମ୍ନ ଲିଖିତଗୁଡ଼ିକୁ ଆୟ ଓ ବ୍ୟୟ ହିସାବରେ କିପରି ଦର୍ଶାଇବ ?

(i) ଚଳିତ ବର୍ଷରେ ପୈଠ ଘରଭଡ଼ା ₹ 1,000

(ii) ଚଳିତ ବର୍ଷରେ ଦେୟ ଘରଭଡ଼ା ₹ 200

(iii) ଗତ ବର୍ଷରେ ଚଳିତ ବର୍ଷ ପାଇଁ ପୈଠ ଘରଭଡ଼ା ₹ 300

(iv) ଗତ ବର୍ଷର ଦେୟ ଘରଭଡ଼ା ଚଳିତ ବର୍ଷରେ ପୈଠ ₹ 500

(v) ଆସନ୍ତା ବର୍ଷପାଇଁ ଚଳିତ ବର୍ଷରେ ପୈଠ ଅଗ୍ରୀମ ଘରଭଡ଼ା ₹ 400

11. ଦିଆଯାଇଥିବା ପ୍ରାପ୍ତି ଓ ପୈଠ ହିସାବ ଏବଂ ସୂଚନାରୁ ସ୍ପୋର୍ଟ୍ସ କ୍ଲବ୍‌ର ଆୟ ଓ ବ୍ୟୟ ହିସାବ ଏବଂ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର:

**ପ୍ରାପ୍ତି ଓ ପୈଠ ହିସାବ**
**31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ**

| ପ୍ରାପ୍ତି | | | ପରିମାଣ ₹ | ପୈଠ | ପରିମାଣ ₹ |
|---|---|---|---|---|---|
| ବଳକା ନି/ଅ | | | 5,100 | କ୍ରୀଡ଼ା ଉପକରଣ କ୍ରୟ | 5,000 |
| ଚାନ୍ଦା : | 2005 | 800 | | ବିଦ୍ୟୁତ୍ ଖର୍ଚ୍ଚ | 1,500 |
| | 2006 | 3,000 | | ସାଧାରଣ ଖର୍ଚ୍ଚ | 2,250 |
| | 2007 | 1,250 | 5,050 | ସେକ୍ରେଟାରୀଙ୍କୁ ଅବୈତନିକ | 3,250 |
| ଖବରକାଗଜ ବିକ୍ରୀ | | | 250 | ବହି | 4,250 |
| ଆଜୀବନ ସଦସ୍ୟତା ଚାନ୍ଦା | | | 6,000 | ଖବରକାଗଜ | 600 |
| ପୁରୁଣା ଆସବାବ ପତ୍ର ବିକ୍ରୀ (ବହି ମୂଲ୍ୟ ₹ 600) | | | 400 | ଆସବାବାପତ୍ର (କ୍ରୟ) | 4,000 |
| ହଲ୍ ବ୍ୟବହାର ପାଇଁ ପ୍ରାପ୍ତ ଭଡ଼ା | | | 2,750 | 30.6.2006ରେ 8% ହାରରେ ବ୍ୟାଙ୍କ୍‌ରେ କରାଯାଇଥିବା ସ୍ଥାୟୀ ଜମା | 10,000 |
| ସରକାରୀ ଅନୁଦାନ | | | 10,000 | ବଳକା ନି/ନି | 2,200 |
| ମନୋରଞ୍ଜନରୁ ଲାଭ | | | 3,500 | | |
| | | | 33,050 | | 33,050 |

ଅତିରିକ୍ତ ସୂଚନା

(i) କ୍ଲବ୍‌ରେ 100 ଜଣ ସଦସ୍ୟ ଅଛନ୍ତି ଏବଂ ପ୍ରତ୍ୟେକ ସଦସ୍ୟ ₹ 100ର ବାର୍ଷିକ ଚାନ୍ଦା ପୈଠ କରନ୍ତି ।

(ii) 31.12.2006ରେ ସାଦାରଣ ବ୍ୟୟର ବକେୟା ରାଶି ପରିମାଣ ₹ 250

(iii) 1.1.2006ରେ କ୍ଲବ୍ ପାଖରେ ₹ 10,000 ମୂଲ୍ୟର କୋଠା, ₹ 12,000ର ଆସବାବ ପତ୍ର ଏବଂ ₹ 6,000ର ବହି ଥିଲା ।

(iv) 1.1.2006ରେ ₹ 2,400ର କ୍ରୀଡ଼ା ଉପକରଣ ଥିଲା । ଆସବାବପତ୍ର ଉପରେ 5% ହାରରେ ମୂଲ୍ୟହ୍ରାସ ଲାଗୁ କରିବାର ଥିଲା । ବର୍ଷ ଶେଷରେ ₹ 3,600ର କ୍ରୀଡ଼ା ଉପକରଣ ଥିଲା ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 17.1**

I. ଆୟ : ସହାୟତା ଅନୁଦାନ, ପୁରୁଣା ସମ୍ବାଦ ପତ୍ରର ବିକ୍ରୟ, ଚାନ୍ଦା, ଲକର୍ ଭଡ଼ା

ବ୍ୟୟ : ଅବୈତନିକ, ବୀମା ପ୍ରିମିୟମ୍

II. (i) ଭୁଲ୍, (ii) ଭୁଲ୍, (iii) ଠିକ୍, (iv) ଠିକ୍, (v) ଭୁଲ୍

**ପାଠ୍ୟଗତ ପ୍ରଶ୍ନ 17.2**

(i) ବ୍ୟୟ (ଦାୟୀ) (ii) ନିଅଣ୍ଟ

(iii) ଦାତା (iv) ପ୍ରାପ୍ତି

**ପାଠ୍ୟଗତ ପ୍ରଶ୍ନ 17.3**

I. (କ) ₹ 46,500 (ଖ) ₹ 12,000

II. (କ) ସାଧାରଣ ପାଣ୍ଠି/ପୁଞ୍ଜି ପାଣ୍ଠି (ଖ) ଅର୍ଥ ବହି

(ଗ) ଅଧିବଳକା/ନିଅଣ୍ଟ (ଘ) ଅର୍ଥ କିମ୍ୱା ଅର୍ଥ/ବ୍ୟାଙ୍କ୍

**ପାଠ୍ୟଗତ ପ୍ରଶ୍ନ 17.4**

1. ଚଳିତ ବର୍ଷରେବିକ୍ରୟ/କ୍ରୟ ଏବଂ ଲଗାଯାଇଥିବା ମୂଲ୍ୟହ୍ରାସ

2. ଦାୟ ପାର୍ଶ୍ୱ

3. ଅଧିବଳକା/ନିଅଣ୍ଟ

4. ନିଟ୍ ମୂଲ୍ୟରେ

ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର

6. ଅନ୍ତିମ ହସ୍ତସ୍ଥ ଅର୍ଥ ₹ 3,000

7. ଚାନ୍ଦା ₹ 8,800

8. ଘରଭଡ଼ା ଯାହା ଖତିଆନୀ କରାଯିବ ₹ 3,800

9. ଅଧିବଳକା ₹ 15,050, ପୁଞ୍ଜି ପାଣ୍ଠି (ପ୍ରାରମ୍ଭିକ) ₹ 50,850
ଉଦ୍‌ବୃତ୍ତର ପତ୍ରର ମୋଟ ₹ 64,400

10. ଘରଭଡ଼ା : ₹ 600

11. ଅଧିବଳକା ₹ 14,250, ପୁଞ୍ଜି ପାଣ୍ଠି (ପ୍ରାରମ୍ଭିକ) ₹ 36,300
ଉଦ୍‌ବୃତ୍ତ ପତ୍ରର ମୋଟ ₹ 58,050

**ତୁମେ ଜାଣ କି ?**



**ଶରୀରରେ ଏଚ୍.ଆଇ.ଭି. କେଉଁଠାରେ ଥାଏ ?**

ଏଚ୍.ଆଇ.ଭି. ରକ୍ତରେ ଏବଂ ସିଡି4 ସେଲ୍‌ରେ ଥାଏ ଯେଉଁଗୁଡ଼ିକ ଆମ ଶରୀରରେ ସୁରକ୍ଷିତ ସେଲ୍ ଅଟନ୍ତି । ଏହା ଶରୀରଯାକ ବିସ୍ତାର ଲାଭ କରିଥାଏ – କେନ୍ଦ୍ରୀୟ ଲିମ୍ଫୋଇଡ ଫୋଲିକ୍‌ଲସ୍, ମସ୍ତିଷ୍କ, ଜନନାଙ୍ଗ, ଯକୃତ, ପ୍ଲୀହା, କିଡନୀ, ଅସ୍ଥି ମଜ୍ଜା, ସେରେବ୍ରୋ ସ୍ପାଇନାଲ୍ ରସ ଏବଂ ସ୍ତନ୍ୟ କ୍ଷୀରରେ ।



# ଅଭ୍ୟାସ ପାଇଁ ପ୍ରଶ୍ନ

## (ମୋଡ୍ୟୁଲ୍ - 3)

1. ଅଣ-ଲାଭକାରୀ ସଂଗଠନ ଏବଂ ଲାଭକାରୀ ସଂଗଠନର ଅର୍ଥ ଉଲ୍ଲେଖ କର ।

2. ନିମ୍ନ ଶବ୍ଦଗୁଡ଼ିକୁ ବ୍ୟାଖ୍ୟା କର:

   (କ) ପ୍ରବେଶିକା ଚାନ୍ଦା (ଖ) ଦାନ (ଗ) ଅବୈତନିକ ପୈଠ

3. ଅଣ-ଲାଭକାରୀ ସଂଗଠନଗୁଡ଼ିକର ବୈଶିଷ୍ଟ୍ୟ ବୁଝାଅ ।

4. ଉଦ୍‌ବୃତ୍ତ ପତ୍ରର ଅର୍ଥ ଉଲ୍ଲେଖ କର ଏବଂ ସ୍ଥାୟିତ୍ୱ କ୍ରମରେ ଦର୍ଶାଇ ଉଦ୍‌ବୃତ୍ତ ପତ୍ରର ଛାଞ୍ଚ ପ୍ରସ୍ତୁତ କର ।

5. ପୁଞ୍ଜିଗତ ଖର୍ଚ୍ଚ ଓ ଆଗମ (ଅଣ-ପୁଞ୍ଜିଗତ) ଖର୍ଚ୍ଚ ମଧ୍ୟରେ ପ୍ରଭେଦ ଦର୍ଶାଅ ।

6. ନିମ୍ନ ସୂଚନାରୁ 31 ଡିସେମ୍ବର, 2006 ରେ ଶେଷ ବର୍ଷ ପାଇଁ ବିକ୍ରୀ ହୋଇଥିବା ମାଲ୍‌ର ପରିବ୍ୟୟ ନିର୍ଣ୍ଣୟ କର:

| | |
|---|---:|
| ଆଦ୍ୟ ମହଜୁଦ ମାଲ (ସମ୍ଭାର) | 10,700 |
| କ୍ରୟ | 75,600 |
| ମଜୁରୀ | 15,400 |
| ଅନ୍ତର୍ମୁଖୀ ଗାଡ଼ିଭଡ଼ା | 2,500 |
| କ୍ଷମତା ଓ ଇନ୍ଧନ | 4,000 |
| ଦରମା | 8,000 |
| ପୈଠ ଘରଭଡ଼ା | 4,000 |
| ଅନ୍ତିମ ମହଜୁଦ ମାଲ (ସମ୍ଭାର) | 7,600 |

7. ମେସର୍ସ ମନିଷା ଆଣ୍ଡ୍ କୋ:ଙ୍କ ପ୍ରଦତ୍ତ ସୂଚନାରୁ 31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ ବ୍ୟାପାରିକ ତଥା ଲାଭ ଓ କ୍ଷତି ହିସାବ ପ୍ରସ୍ତୁତ କର:

| ଦାୟୀ ବଳକା | ₹ | ଦାତା ବଳକା | ₹ |
|---|---:|---|---:|
| ଉଠାଣ | 20,000 | ପୁଞ୍ଜି | 2,00,000 |
| କୋଠା | 1,50,000 | ମହାଜନ | 70,000 |
| ଯନ୍ତ୍ରପାତି ଓ କଳକବ୍‌ଜା | 70,000 | ବିକ୍ରୟ | 2,40,000 |
| ମହଜୁଦ (1.01.2006) | 14,000 | ଅନାଦାୟୀ ଋଣ ପାଇଁ ପ୍ରାବଧାନ | 1,500 |
| କ୍ରୟ | 1,70,000 | ରିହାତି | 1,000 |

| | | | |
|---|---|---|---|
| ବିବିଧ ଖାତକ | 55,000 | କମିଶନ୍ | 3,000 |
| ଅନ୍ତର୍ମୁଖୀ ଫେରସ୍ତ | 2,000 | ଋଣ | 90,000 |
| ବହିର୍ମୁଖୀ ଗାଡ଼ିଭଡ଼ା | 5,000 | ବହିର୍ମୁଖୀ ଫେରସ୍ତ | 500 |
| ମଜୁରୀ | 16,000 | | |
| ନିବେଶ | 65,000 | | |
| ଆସବାବ ପତ୍ର | 15,000 | | |
| ବିବିଧ ଖର୍ଚ୍ଚ | 2,000 | | |
| ଅନାଦାୟୀ ଋଣ | 1,000 | | |
| ଡାକ ଖର୍ଚ୍ଚ | 500 | | |
| ବୀମା ପ୍ରିମିୟମ୍ | 7,000 | | |
| ଯାଞ୍ଚ ପାଉଣା | 2,000 | | |
| ବ୍ୟାପାରିକ ଖର୍ଚ୍ଚ | 500 | | |
| ହସ୍ତସ୍ଥ ଅର୍ଥ | 11,000 | | |
| | 6,06,000 | | 6,06,000 |

**ସମାଯୋଜନ :**

1. 31 ଡିସେମ୍ବର 2006ରେ ମହଜୁଦ ମାଲ୍‌ର ମୂଲ୍ୟାୟନ ₹ 27,500ରେ ହେଲା ।
2. ଅନାଦାୟୀଋଣ ₹ 2,000 ଅଟେ ଏବଂ ବିବିଧ ଖାତକ ଉପରେ 5% ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ ରଖାଯିବ ।
3. କୋଠା ଉପରେ 5% ଏବଂ ଯନ୍ତ୍ରପାତି ଓ କଳକବ୍‌ଜା ଉପରେ 3% ମୂଲ୍ୟହ୍ରାସ ଲଗାଯିବ ।
4. ଅଗ୍ରୀମ ପୈଠ ବୀମା ପ୍ରିମିୟମ୍ ₹ 1,000 ଏବଂ ଅଗ୍ରୀମ ପ୍ରାପ୍ତ କମିଶନ୍ ₹ 1,500 ।

8. ଥ୍ରୀ ଷ୍ଟାର୍ ସ୍ପୋର୍ଟ୍ସ କ୍ଲବ୍‌ରେ 600 ସଦସ୍ୟ ଅଛନ୍ତି ଏବଂ ପ୍ରତ୍ୟେକ ସଦସ୍ୟ ₹ 200 ଲେଖାଏଁ ବାର୍ଷିକ ଚାନ୍ଦା ପୈଠ କରନ୍ତି । 2006 ବର୍ଷ ମଧ୍ୟରେ ପ୍ରାପ୍ତ ଚାନ୍ଦା ନିମ୍ନ ମତେ ଥିଲା:

| | ₹ |
|---|---|
| 2005 ପାଇଁ | 3,000 |
| 2006 ପାଇଁ | 1,06,000 |
| 2007 ପାଇଁ | 1,000 |
| | 1,10,000 |

31 ଡିସେମ୍ବର 2005 ରେ ବକେୟା (ଅପ୍ରାପ୍ତ) ଚାନ୍ଦା ₹ 4,000 ଥିଲା । 2005ରେ 2006 ପାଇଁ ଅଗ୍ରୀମ ପ୍ରାପ୍ତ ଚାନ୍ଦା ₹ 5,000 । 31 ଡିସେମ୍ବର, 2006ରେ ଶେଷ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବରେ ଲେଖାଯିବାକୁ ଥିବା ଚାନ୍ଦାର ପରିମାଣ ନିର୍ଣ୍ଣୟ କର ।

9. 31 ଡିସେମ୍ବର 2006 ରେ ଶେଷ ବର୍ଷ ପାଇଁ ଆୟ ଓ ବ୍ୟୟ ହିସାବରେ ଔଷଧ ଉପଯୋଗ ବାବଦରେ କେତେ ରାଶି ପରିମାଣ ଲେଖାଯିବ ?

| | ₹ |
|---|---|
| ଜାନୁୟାରୀ 1, 2006 ରେ ମହଜୁଦ ଔଷଧ | 12,700 |
| ଜାନୁୟାରୀ 1, 2006 ରେ ଔଷଧ ପାଇଁ ମହାଜନ | 6,000 |
| 2006 ବର୍ଷ ମଧ୍ୟରେ ଔଷଧ ପାଇଁ ପୈଠ ରାଶି | 46,700 |
| ଡିସେମ୍ବର 31, 2006 ରେ ମହଜୁଦ ଔଷଧ | 9,300 |
| ଡିସେମ୍ବର 31, 2005 ରେ ଔଷଧ ପାଇଁ ଅଗ୍ରୀମ ପୈଠ | 6,000 |
| ଡିସେମ୍ବର 31, 2006 ରେ ଔଷଧ ପାଇଁ ମହାଜନ | 8,000 |

10. ନିମ୍ନରେ ମହିଳା କଲ୍ୟାଣ କ୍ଲବ୍‌ର ପ୍ରାପ୍ତି ଓ ପୈଠ ହିସାବ ଦିଆଯାଇଛି । ଡିସେମ୍ବର 31, 2006ରେ ଆୟ ଓ ବ୍ୟୟ ହିସାବ ଏବଂ ପ୍ରାରମ୍ଭିକ ଏବଂ ଅନ୍ତିମ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର:

**31 ଡିସେମ୍ବର, 2006ରେ ପ୍ରାପ୍ତି ଓ ପୈଠ ହିସାବ**

| ପ୍ରାପ୍ତି | ପରିମାଣ ₹ | ପୈଠ | ପରିମାଣ ₹ |
|---|---|---|---|
| ବଳକା ନି/ଅ | | ଦରମା | 12,000 |
| ହସ୍ତସ୍ଥ ଅର୍ଥ | 7,000 | ଘରଭଡ଼ା | 14,000 |
| ବ୍ୟାଙ୍କ୍‌ରେ ଥିବା ଅର୍ଥ | 27,100 | ସମ୍ବାଦପତ୍ର | 2,000 |
| ଚାନ୍ଦା :2005 3,000 | | ଟେଲିଫୋନ୍ ଖର୍ଚ୍ଚ | 3,000 |
| 2006 72,000 | | ଡାକ ଖର୍ଚ୍ଚ | 700 |
| 2007 2,000 | 77,000 | ସାଧାରଣ ଖର୍ଚ୍ଚ | 16,000 |
| ସମ୍ବାଦପତ୍ର ବିକ୍ରୟ | 700 | ବହି | 27,000 |
| ଲକର୍ ଭଡ଼ା | 2,600 | ଆସବାବାପତ୍ର | 22,000 |
| ମନୋରଞ୍ଜନରୁ ଲାଭ | 6,000 | 31.12.06ରେ 10% | |
| ସୁଧ | 300 | ହାରରେ ସ୍ଥାୟୀ ଜମା | 20,000 |
| | | ବଳକା ନି/ନି | |
| | | ହସ୍ତସ୍ଥ ଅର୍ଥ | 7,000 |
| | | ବ୍ୟାଙ୍କ୍‌ରେ ଥିବା ଅର୍ଥ | 11,400 |
| | 1,20,700 | | 1,20,700 |

**ଅତିରିକ୍ତ ସୂଚନା :**

(i) ବକେୟା (ଅପ୍ରାପ୍ତ) ଚାନ୍ଦା 31.12.05ରେ ₹ 5,000 ଏବଂ 31.12.06ରେ ₹ 2,500

(ii) 31 ଡିସେମ୍ବର, 2006 ରେ ଅଗ୍ରୀମ ପ୍ରାପ୍ତ ଲକର୍ ଭଡ଼ା ₹ 200 ଏବଂ ବକେୟା ଦରମା ₹ 2,000 ।

(iii) ଜାନୁଆରୀ 1, 2006ରେ କ୍ଲବ୍‌ରେ ₹ 7,000ର ଆସବାବ ପତ୍ର, ₹ 40,000ର କୋଠା ଏବଂ ₹ 10,000ର ବହି ଥିଲା ।

(iv) ବହି ଉପରେ 10% ହାରରେ, କୋଠା ଉପରେ 5% ଏବଂ ଆସବାବ ପତ୍ର ଉପରେ 15% ମୂଲ୍ୟହ୍ରାସ କରାଯିବ ।



ଟିପ୍ପଣୀ

# 18

# ଭାଗଦାରୀ ସାଧାରଣ

ତୁମେ ଏକକ ସ୍ୱତ୍ୱାଧିକାରୀ ବ୍ୟବସାୟ ଏବଂ ଏହାର ହିସାବଗୁଡ଼ିକର ପ୍ରସ୍ତୁତି ସମ୍ବନ୍ଧରେ ଶିଖି ସାରିଛ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟବସାୟ ବିସ୍ତାର ଲାଭ କରେ, ସେତେବେଳେ ଏହି ବର୍ଦ୍ଧିତ ବ୍ୟବସାୟ ପାଇଁ ପୁଞ୍ଜିର ବ୍ୟବସ୍ଥା କରିବା ତଥା ଏହାର କାର୍ଯ୍ୟ ପରିଚାଳନା କରିବା ଜଣେ ବ୍ୟକ୍ତିଙ୍କର କ୍ଷମତା ବହିର୍ଭୁତ ହୋଇଯାଏ । ସେଥିପାଇଁ ତାଙ୍କର ପ୍ରଚେଷ୍ଟା ଏବଂ ପୁଞ୍ଜିକୁ ଅନ୍ୟ ବ୍ୟକ୍ତି/ବ୍ୟକ୍ତିମାନଙ୍କ ପ୍ରଚେଷ୍ଟା ଓ ପୁଞ୍ଜି ସହିତ ମିଶାଇ ଦେବାର ଆବଶ୍ୟକତା ଅନୁଭବ କରାଯାଏ । ଏହାଦ୍ୱାରା ସଂଗଠନର ଭାଗଦାରୀ ସ୍ୱରୂପ ସୃଷ୍ଟି ହୁଏ ।

ବ୍ୟାବସାୟିକ ନେଣଦେଣଗୁଡ଼ିକର ମୂଳ ପ୍ରବିଷ୍ଟିର ବହିମାନଙ୍କରେ ଅଭିଲେଖନ, ଖତିଆନ୍‌ରେ ସେଗୁଡ଼ିକର ଖତିଆନୀକରଣ ଏବଂ ଆର୍ଥିକ ବିବରଣ ଗୁଡ଼ିକର ପ୍ରସ୍ତୁତି ଆଦି ଦୃଷ୍ଟିରୁ ବିଚାର କଲେ ଗୋଟିଏ ଏକକ ସ୍ୱତ୍ୱାଧିକାରୀ ବ୍ୟବସାୟ ଏବଂ ଗୋଟିଏ ଭାଗଦାରୀ ସଂସ୍ଥା ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ । କିନ୍ତୁ କେତେକ ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଅଛି ଯେଉଁଗୁଡ଼ିକ କି କେବଳ ଭାଗଦାରୀ ସଂସ୍ଥା ପାଇଁ ସ୍ୱତନ୍ତ୍ର ଅଟେ ତଥା ସେଗୁଡ଼ିକର ଅଲଗା ହିସାବରକ୍ଷଣ ଉପଚାର (treatment) ଆବଶ୍ୟକ ହୋଇଥାଏ । ଏହି ପ୍ରସଙ୍ଗଗୁଡ଼ିକ ହେଲା ସଂସ୍ଥାର ଲାଭର ବିନିଯୋଜନ, ବିଭିନ୍ନ ଉପଲକ୍ଷ୍ୟରେ ସୁନାମର ଉପଚାର ଇତ୍ୟାଦି । ଏହି ପାଠରେ ଭାଗଦାରୀ ସଂସ୍ଥା ସମ୍ବନ୍ଧିତ ଏହିସବୁ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଛି ।

## ଉଦ୍ଦେଶ୍ୟ :

ଏହି ପାଠ ପଢ଼ିବା ପରେ ତୁମେ :

- ଭାଗଦାରୀର ଅର୍ଥ ଓ ବୈଶିଷ୍ଟ୍ୟ ଉଲ୍ଲେଖ କରିପାରିବ;
- ଭାଗଦାରୀ ଦଲିଲର ଅର୍ଥ ବୁଝାଇ ପାରିବ;
- ଭାଗଦାରୀ ଦଲିଲର ଅନୁପସ୍ଥିତିରେ ଭାଗଦାରୀ ସହିତ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ରସଙ୍ଗଗୁଡ଼ିକର ହିସାବରକ୍ଷଣ ଉପଚାର ବର୍ଣ୍ଣନା କରିପାରିବ;
- ପୁଞ୍ଜି ହିସାବର ଅର୍ଥ ଓ ପ୍ରସ୍ତୁତିକରଣ ଉଲ୍ଲେଖ କରିପାରିବ;
- ସ୍ଥାୟୀ ପୁଞ୍ଜି ଓ ପରିବର୍ତ୍ତନଶୀଳ ପୁଞ୍ଜି ହିସାବ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବ;
- ପୁଞ୍ଜି ଉପରେ ସୁଧ ଓ ଉଠାଣ ଉପରେ ସୁଧ ହିସାବ କରିପାରିବ;
- ଲାଭ ଓ କ୍ଷତି ବିନିଯୋଜନ ହିସାବର ଅର୍ଥ ଓ ଉଦ୍ଦେଶ୍ୟ ଏବଂ ଏହାର ପ୍ରସ୍ତୁତିକରଣ ଉଲ୍ଲେଖ କରିପାରିବ ।

## 18.1 ଭାଗଦାରୀ ଓ ଭାଗଦାରୀ ଦଲିଲ

ଭାଗଦାରୀ ହେଉଛି ବ୍ୟବସାୟ ସଂଗଠନର ଏକ ସ୍ୱରୂପ ଯେଉଁଠାରେ ଦୁଇ ବା ଅଧିକ ବ୍ୟକ୍ତି ହାତ ମିଳାଇ ଏକ ବ୍ୟବସାୟ ଆରମ୍ଭ କରନ୍ତି ଏବଂ ଚଳାନ୍ତି । ସେମାନେ ଲାଭ ଓ କ୍ଷତିର ବିଭାଜନ ସେମାନଙ୍କ ମଧ୍ୟରେ ହୋଇଥିବା ରାଜିନାମା ମୁତାବକ କରନ୍ତି ।

ଭାରତୀୟ ଭାଗଦାରୀ ଆଇନ୍, 1932 ଅନୁସାରେ

> **"ଭାଗଦାରୀ ହେଉଛି ବ୍ୟକ୍ତିମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଯେଉଁମାନେ ଏକ ବ୍ୟବସାୟର ଲାଭ ବଣ୍ଟନ ନିମନ୍ତେ ଚୁକ୍ତିବଦ୍ଧ ହୋଇଥା'ନ୍ତି ଯାହାକୁ ସମସ୍ତେ ମିଶିକରି ଚଳାଇ ଥା'ନ୍ତି କିମ୍ବା ସେମାନଙ୍କ ମଧ୍ୟରୁ କେହି ଜଣେ ସମସ୍ତଙ୍କ ତରଫରୁ ଚଳାଇଥା'ନ୍ତି ।"**

ଉଦାହରଣ ସ୍ୱରୂପ, ତୁମର ଜଣେ ବନ୍ଧୁ ଜାତୀୟ ମୁକ୍ତ ବିଦ୍ୟାଳୟୀ ଶିକ୍ଷା ସଂସ୍ଥାରୁ ଦ୍ୱାଦଶ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଅଛି ଏବଂ ସେ ଏକ ବ୍ୟବସାୟ ଆରମ୍ଭ କରିବାକୁ ଚାହୁଁଅଛି । ସେ ତୁମକୁ ତା' ସହିତ ଏହି ପ୍ରଚେଷ୍ଟାରେ ଯୋଗଦେବାକୁ ସମ୍ପର୍କ କରନ୍ତି । ସେ ଚାହାନ୍ତି ତୁମେ କିଛି ଟଙ୍କା ଦିଅ ଏବଂ ବ୍ୟାବସାୟିକ କାର୍ଯ୍ୟକଳାପରେ ଅଂଶ ଗ୍ରହଣ କର । ଯଦି ତୁମେ ଉଭୟ ହାତ ମିଳାଇଲ ତେବେ ଏକ ଭାଗଦାରୀ ଗଠନ ହେବ ।

ଭାଗଦାରୀର ବୈଶିଷ୍ଟ୍ୟ ନିମ୍ନଗୁଡ଼ିକ ଅଟେ:

- **ରାଜିନାମା/ଚୁକ୍ତି**

  ଭାଗଦାରୀ ଏକ ଚୁକ୍ତି ଦ୍ୱାରା ଗଠିତ ହୁଏ । ଚୁକ୍ତି ମୌଖିକ କିମ୍ବା ଲିଖିତ ହୋଇପାରେ । ଏହା ବ୍ୟକ୍ତିମାନଙ୍କ ମଧ୍ୟରେ ସମ୍ପର୍କକୁ ସଂଜ୍ଞା ପ୍ରଦାନ କରେ ଯେଉଁମାନେ ବ୍ୟବସାୟ ଚଳାଇବାକୁ ରାଜି ହୋଇଥା'ନ୍ତି । ଏଥିରେ ଲାଭ ବଣ୍ଟନ ଏବଂ ପ୍ରତ୍ୟେକ ଭାଗୀଦାରଙ୍କ ଦ୍ୱାରା ନିବେଶିତ ପୁଞ୍ଜି ଇତ୍ୟାଦି ସମ୍ବନ୍ଧରେ ଲେଖା ହୋଇଥାଏ । ଲିଖିତ ଚୁକ୍ତିକୁ ଭାଗଦାରୀ ଦଲିଲ କୁହାଯାଏ ।

- **ବ୍ୟକ୍ତିମାନଙ୍କର ସଂଖ୍ୟା**

  ଗୋଟିଏ ଭାଗଦାରୀ ଗଠନ ପାଇଁ ଅତି କମ୍‌ରେ ଦୁଇ ଜଣ ବ୍ୟକ୍ତି ଥିବା ଆବଶ୍ୟକ । ଭାଗୀଦାରଙ୍କ ସର୍ବାଧିକ ସଂଖ୍ୟା ବ୍ୟାଙ୍କିଙ୍ଗ୍ ବ୍ୟବସାୟ କ୍ଷେତ୍ରରେ ଦଶ ଏବଂ ଅଣ-ବ୍ୟାଙ୍କିଙ୍ଗ୍ ବ୍ୟବସାୟ କ୍ଷେତ୍ରରେ କୋଡ଼ିଏ ହୋଇଥାଏ ।

- **ବ୍ୟବସାୟ**

  ଲାଭୋପାର୍ଜନ ଉଦ୍ଦେଶ୍ୟ ଥିବା ଏକ ବ୍ୟବସାୟ ଚଳାଇବାପାଇଁ ଭାଗଦାରୀ ଗଠନ ହୋଇଥାଏ । ଏହି ବ୍ୟବସାୟ ବିଧି ସମ୍ମତ ହେବା ଉଚିତ । ଅତଃ, ଯଦି ଦୁଇ ବା ତତୋଽଧିକ ବ୍ୟକ୍ତି ବେଆଇନ୍ କାର୍ଯ୍ୟକଳାପ ଚଳାଇବା ପାଇଁ ରାଜିନାମା କରନ୍ତି, ତେବେ ଏହାକୁ ଭାଗଦାରୀ କୁହାଯିବ ନାହିଁ ।

- **ଲାଭ ବଣ୍ଟନ**

  ଭାଗୀଦାରମାନେ ଏକ ନିର୍ଦ୍ଧାରିତ ଅନୁପାତରେ ଲାଭ ବଣ୍ଟନ କରିବା ପାଇଁ ରାଜି ହୋଇଥା'ନ୍ତି । କ୍ଷତି ହେବା ସ୍ଥଳେ ସମସ୍ତ ଭାଗୀଦାର ଏହାକୁ ସେହି ଏକା ନିର୍ଦ୍ଧାରିତ ଲାଭ ବଣ୍ଟନ ଅନୁପାତରେ ବହନ କରିବାକୁ ହେବ ।

- **ପାରସ୍ପରିକ ପ୍ରତିନିଧିତ୍ୱ (Mutual Agency)**

  ପ୍ରତ୍ୟେକ ଭାଗୀଦାର ଅନ୍ୟ ଭାଗୀଦାରମାନଙ୍କର ଏକ ପ୍ରତିନିଧି (Agent) ଅଟନ୍ତି । ପ୍ରତ୍ୟେକ ଭାଗୀଦାର ନିଜ କାର୍ଯ୍ୟଦ୍ୱାରା ଫାର୍ମ ଏବଂ ଅନ୍ୟ ସମସ୍ତ ଭାଗୀଦାରଙ୍କୁ ଅନୁବନ୍ଧିତ

କରି ପାରିବେ । ପ୍ରତ୍ୟେକ ଭାଗୀଦାର ଅନ୍ୟ ସମସ୍ତ ଭାଗୀଦାରଙ୍କ କାର୍ଯ୍ୟ ସମୂହ ପାଇଁ ଉତ୍ତରଦାୟୀ ରହିବେ ।

- **ଅସୀମ ଦାୟ (Unlimited Liability)**

  ନାବାଳକକୁ ଛାଡ଼ି ଅନ୍ୟ ପ୍ରତ୍ୟେକ ଭାଗୀଦାରଙ୍କର ଦାୟ ଅସୀମ ଅଟେ । ସେମାନଙ୍କର ଦାୟ ସେମାନଙ୍କର ବ୍ୟକ୍ତିଗତ ପରିସମ୍ପତ୍ତି ପର୍ଯ୍ୟନ୍ତ ମଧ୍ୟ ପରିବ୍ୟାପ୍ତ ହୋଇଥାଏ । ଯଦି ଫାର୍ମର ପରିସମ୍ପତ୍ତି ଏହାର ଋଣ ପୈଠ ନିମନ୍ତେ ପର୍ଯ୍ୟାପ୍ତ ନ ହୁଏ, ତେବେ ଭାଗଦାରୀ ଫାର୍ମର ଉଧାରଦାତା (ମହାଜନ)ଙ୍କର ଦାବୀ ପୂରଣ ପାଇଁ ଭାଗୀଦାରଙ୍କର ବ୍ୟକ୍ତିଗତ ସମ୍ପତ୍ତିକୁ ବ୍ୟବହାର କରାଯାଇପାରେ ।

- **ପରିଚାଳନା**

  ବ୍ୟବସାୟ ପରିଚାଳନା କରିବା ପାଇଁ ସବୁ ଭାଗୀଦାରଙ୍କର ଅଧିକାର ଅଛି । କିନ୍ତୁ ସେମାନେ ସେମାନଙ୍କ ତରଫରୁ ବ୍ୟବସାୟର କାର୍ଯ୍ୟକଳାପଗୁଡ଼ିକର ପରିଚାଳନା ପାଇଁ ଏକ ବା ଏକାଧିକ ଭାଗୀଦାରଙ୍କୁ କ୍ଷମତା ପ୍ରଦାନ କରିପାରନ୍ତି ।

- **ଅଂଶର ହସ୍ତାନ୍ତରୀ କରଣ (Trasferability of share)**

  କୌଣସି ଭାଗୀଦାର ଅନ୍ୟ ସମସ୍ତ ଭାଗୀଦାରଙ୍କ ବିନା ଅନୁମତିରେ ନିଜର ଅଂଶ ଅନ୍ୟ କାହାରିକୁ ଏପରିକି ନିଜର ପରିବାର ସଦସ୍ୟଙ୍କୁ ମଧ୍ୟ ହସ୍ତାନ୍ତରିତ କରିପାରିବେ ନାହିଁ ।

### ଭାଗଦାରୀ ଦଲିଲ (Partnership Deed)

ରାଜିନାମା (ଚୁକ୍ତି) ଭାଗଦାରୀ ଗଠନର ଆଧାର ହୋଇଥାଏ । ଲିଖିତ ରାଜିନାମା ହେଉଛି ଭାଗଦାରୀର ଏକ ଦସ୍ତାବିଜର ଆଧାର । ଏଥିରେ ବ୍ୟବସାୟର ସଂଚାଳନ ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀର ଉଲ୍ଲେଖ ଥାଏ । ଏହା ଭାଗୀଦାରମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ମଧ୍ୟ ବ୍ୟାଖ୍ୟା କରିଥାଏ । ଏହି ଦସ୍ତାବିଜକୁ ଭାଗଦାରୀ ଦଲିଲ କୁହାଯାଏ ।

ପ୍ରତ୍ୟେକ ଫାର୍ମ ନିଜର ଭାଗଦାରୀ ଦଲିଲ ପ୍ରସ୍ତୁତ କରିପାରିବେ ଯେଉଁଥିରେ ଭାଗୀଦାରମାନଙ୍କର ଅଧିକାର, କର୍ତ୍ତବ୍ୟ ଓ ଦାୟଗୁଡ଼ିକୁ ବିଶଦ ଭାବେ ଉଲ୍ଲେଖ କରିହେବ । ଏହା ଭାଗୀଦାରମାନଙ୍କ ମଧ୍ୟରେ ବ୍ୟବସାୟ ସଂଚାଳନା ସମ୍ବନ୍ଧିତ ସୃଷ୍ଟ ମତଭେଦଗୁଡ଼ିକୁ ଦୂର କରିବାରେ ସହାୟକ ହୁଏ ।

### ଭାଗଦାରୀ ଦଲିଲର ସୂଚୀ (Contents of Partnership Deed)

ଭାଗଦାରୀ ଦଲିଲରେ ସାଧାରଣତଃ ନିମ୍ନଗୁଡ଼ିକ ଲେଖା ହୋଇଥାଏ:

(i) ଭାଗଦାରୀ ଫାର୍ମର ନାମ ଓ ଠିକଣା;

(ii) ବ୍ୟବସାୟର ପ୍ରକୃତି ଓ ଉଦ୍ଦେଶ୍ୟ;

(iii) ପ୍ରତ୍ୟେକ ଭାଗୀଦାରଙ୍କ ନାମ ଓ ଠିକଣା;

(iv) ଲାଭ ବଣ୍ଟନ ଅନୁପାତ;

(v) ପ୍ରତ୍ୟେକ ଭାଗୀଦାରଙ୍କ ଦ୍ୱାରା ପୁଞ୍ଜି ବିନିଯୋଗ;

(vi) ପୁଞ୍ଜି ଉପରେ ସୁଧର ହାର, ଯଦି ମଞ୍ଜୁରୀ ଥାଏ;

(vii) ଭାଗୀଦାରମାନଙ୍କୁ ଦରମା କିମ୍ବା ଅନ୍ୟ କୌଣସି ପାରିଶ୍ରମିକ ଯଦି ମଞ୍ଜୁରୀ ଥାଏ;

(viii) କୌଣସି ଭାଗୀଦାରଙ୍କ ଦ୍ୱାରା ଫାର୍ମକୁ ପ୍ରଦତ୍ତ ଋଣ ଓ ଅଗ୍ରୀମ ଉପରେ ସୁଧର ହାର;

(ix) ଭାଗୀଦାରମାନଙ୍କ ଦ୍ୱାରା ଉଠାଣ ଓ ତା' ଉପରେ ସୁଧ, ଯଦି ଥାଏ;

(x) ଭାଗଦାରୀର ପୁନର୍ଗଠନ, ଅର୍ଥାତ୍ କୌଣସି ଭାଗୀଦାରଙ୍କ ପ୍ରବେଶ, ଅବସର କିମ୍ବା ମୃତ୍ୟୁ ସମୟରେ ସୁନାମର ମୂଲ୍ୟାୟନ ପଦ୍ଧତି ଏବଂ ପରିସମ୍ପତ୍ତି ଓ ଦାୟଗୁଡ଼ିକର ପୁନଃ ମୂଲ୍ୟାୟନ;

(xi) ମଧ୍ୟସ୍ଥତା (ସାଲିସ୍) ଜରିଆରେ ବିବାଦର ସମାଧାନ (ମୀମାଂସା);

(xii) କୌଣସି ଭାଗୀଦାରଙ୍କ ଅବସର କିମ୍ବା ମୃତ୍ୟୁ ସମୟରେ ହିସାବର ଚୁକ୍ତା;

(xiii) ସେହିସବୁ ପରିସ୍ଥିତି ଯେଉଁଥିରେ ଫାର୍ମର ଅବସାନ କରାଯାଇପାରିବ;

(xiv) ଫାର୍ମର ଅବସାନ ସମୟରେ ହିସାବର ଚୁକ୍ତା ।

**ଭାଗଦାରୀ ଦଲିଲର ଅନୁପସ୍ଥିତିରେ**

ଭାଗଦାରୀ ଦଲିଲରେ ଭାଗୀଦାରଙ୍କର ଅଧିକାର, କର୍ତ୍ତବ୍ୟ ଓ ଉତ୍ତର ଦାୟିତ୍ୱଗୁଡ଼ିକ ସମ୍ବନ୍ଧରେ ନିୟମ ଏବଂ ସର୍ତ୍ତାବଳୀ ଉଲ୍ଲେଖ ଥାଏ । ଭାଗଦାରୀ ଦଲିଲର ଅନୁପସ୍ଥିତିରେ କେତେକ ପ୍ରସଙ୍ଗରେ ବିବାଦ ଉପୁଜିପାରେ, ଯେମିତି କି ଲାଭ ବଣ୍ଟନ ଅନୁପାତ, ପୁଞ୍ଜି ଉପରେ ସୁଧ, ଉଠାଣ ଉପରେ ସୁଧ, ଋଣ ଉପରେ ସୁଧ ଏବଂ ଭାଗୀଦାରମାନଙ୍କର ଦରମା । ଏହି ସବୁ କ୍ଷେତ୍ରରେ ଭାଗଦାରୀ ଆଇନ୍‌ରେ ପ୍ରଦତ୍ତ ପ୍ରାବଧାନ (ବ୍ୟବସ୍ଥା)ଗୁଡ଼ିକର ପ୍ରଯୁଜ୍ୟ ହୋଇଥାଏ:

(i) **ଲାଭ ବଣ୍ଟନ**

ଭାଗୀଦାରମାନେ ସମ ପରିମାଣରେ ଲାଭ ବଣ୍ଟନ ନିମନ୍ତେ ହକ୍‌ଦାର ଅଟନ୍ତି ।

(ii) **ପୁଞ୍ଜି ଉପରେ ସୁଧ**

ପୁଞ୍ଜି ଉପରେ ସୁଧ ପ୍ରଦାନ କରାଯାଏ ନାହିଁ ।

(iii) **ଉଠାଣ ଉପରେ ସୁଧ**

ଭାଗୀଦାରଙ୍କ ଉଠାଣ ଉପରେ ସୁଧ ବସାଯିବ ନାହିଁ ।

(iv) **ଭାଗୀଦାରଙ୍କ ଋଣ ଉପରେ ସୁଧ**

ଭାଗୀଦାରଙ୍କଦ୍ୱାରା ଫାର୍ମକୁ ପ୍ରଦତ୍ତ ଋଣ ରାଶି ଉପରେ ବାର୍ଷିକ 6% ହାରରେ ସୁଧ ପ୍ରଦାନ କରାଯିବ ।

(v) **ଭାଗୀଦାରଙ୍କୁ ଦରମା ଓ କମିଶନ୍**

ଜଣେ ଭାଗୀଦାର ବ୍ୟବସାୟ ପରିଚାଳନା ନିମନ୍ତେ କୌଣସି ଦରମା କିମ୍ବା କମିଶନ କିମ୍ବା ଅନ୍ୟ କୌଣସି ପାରିଶ୍ରମିକ ପାଇବାକୁ ହକ୍‌ଦାର ନୁହନ୍ତି ।

**ପାଠ୍ୟଗତ ପ୍ରଶ୍ନ 18.1**

I. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ଲଗାଇ ଶୂନ୍ୟସ୍ଥାନ ପୂରଣ କର:

(i) ଏକ ଭାଗଦାରୀ ଗଠନ ପାଇଁ ଅତିକମ୍‌ରେ ............ ବ୍ୟକ୍ତି ହେବା ଆବଶ୍ୟକ ।

(ii) ଏକ ଭାଗଦାରୀ ............ ଦ୍ୱାରା ଗଠିତ ହୁଏ ।

(iii) ଭାଗଦାରୀର ରାଜିନାମା (ଚୁକ୍ତି) ............ କିମ୍ବା ............ ହୋଇପାରେ ।

(iv) ଏକ ଭାଗଦାରୀର ରାଜିନାମାର ଲିଖିତ ରୂପକୁ ............ କୁହାଯାଏ ।

(v) ପ୍ରତ୍ୟେକ ଭାଗୀଦାରଙ୍କର ଦାୟ ............ ଅଟେ ।

II. ଆଶା ଓ ରାହୁଲ ଏକ ଫାର୍ମରେ ଭାଗୀଦାର ଅଟନ୍ତି । ଯଦି ଭାଗଦାରୀ ଦଲିଲ ନାହିଁ, ତେବେ ତୁମେ ନିମ୍ନଗୁଡ଼ିକ କ୍ଷେତ୍ରରେ କିପରି ଆଚରଣ ଦେଖାଇବ ? ତୁମର ଉତ୍ତର ହଁ କିମ୍ବା ନାହିଁରେ ଦିଅ ।

(i) ଆଶା ତାଙ୍କୁ ମାସିକ ₹ 3,000ର ଦରମା ପୈଠ ହେବା ଚାହାନ୍ତି । ସେ ଦରମା ଦାବୀ କରି ପାରିବେ କି ?

(ii) ରାହୁଲ ଫାର୍ମକୁ ଏକ ଋଣ ପ୍ରଦାନ କରିଛନ୍ତି । ସେ ବାର୍ଷିକ 6% ହାରରେ ସୁଧ ଦାବୀ କରୁଛନ୍ତି । ଏହା ତାଙ୍କୁ ମିଳିବା ଉଚିତ କି ?

(iii) ଆଶା ଓ ରାହୁଲ ପ୍ରତ୍ୟେକ ₹ 50,000 ଲେଖାଏଁ ପୁଞ୍ଜି ବିନିଯୋଗ କରିଛନ୍ତି । ରାହୁଲ ଆଶାଙ୍କ ଅପେକ୍ଷା ଅଧିକ ଲାଭ ଚାହୁଁଛନ୍ତି । ଏହା ତାଙ୍କୁ ମିଳିବା ଉଚିତ କି ?

(iv) ଆଶା ଫାର୍ମ ପାଇଁ ଚୁକ୍ତି ପ୍ରାପ୍ତ କଲେ । ସେ ଚୁକ୍ତି ରାଶି ଉପରେ 2% କମିଶନ୍ ଚାହୁଁଛନ୍ତି । ସେ ଏହି କମିଶନ୍ ପାଇବା ପାଇଁ ହକ୍‌ଦାର କି ?

(v) ରାହୁଲ ପ୍ରତି ମାସରେ ₹ 500 ଲେଖାଏଁ ବ୍ୟକ୍ତିଗତ ବ୍ୟବହାର ପାଇଁ ଉଠାଣ କରୁଛନ୍ତି । ଆଶା ଚାହୁଁଛନ୍ତି ରାହୁଲଙ୍କ ଉଠାଣ ଉପରେ ସୁଧ ବସାଯାଉ । ଏହା ବସାଯାଇ ପାରିବ କି ?

---

## 18.2 ପୁଞ୍ଜି ହିସାବ: ଅର୍ଥ ଓ ପ୍ରସ୍ତୁତି

ଭାଗୀଦାରମାନେ ବ୍ୟବସାୟରେ ସେମାନଙ୍କର ପୁଞ୍ଜିର ଭାଗ ବିନିଯୋଗ କରନ୍ତି । ଏଗୁଡ଼ିକୁ ସେମାନଙ୍କର ନିଜ ନିଜ ହିସାବରେ ଲିପିବଦ୍ଧ କରାଯାଏ, ଯାହାକୁ 'ପୁଞ୍ଜି ହିସାବ' ବୋଲି ନାମିତ କରାଯାଏ । ମନେକର ଦୁଇଜଣ ଭାଗୀଦାର 'କ' ଓ 'ଖ' ଅଛନ୍ତି, ତେବେ 'କ'ଙ୍କ ପୁଞ୍ଜି ହିସାବ ଓ 'ଖ'ଙ୍କ ପୁଞ୍ଜି ହିସାବ ହେବ । ଏହି ହିସାବଗୁଡ଼ିକୁ ଦୁଇ ଉପାୟରେ ରଖାଯାଇ ପାରିବ:

### (କ) ସ୍ଥାୟୀ ପୁଞ୍ଜି ହିସାବ (Fixed Capital Account)

ଚଳିତ ବର୍ଷ ମଧ୍ୟରେ ଯଦି କୌଣସି ଅତିରିକ୍ତ ପୁଞ୍ଜି ନିବେଶ ହୋଇ ନଥାଏ କିମ୍ବା ସ୍ଥାୟୀ ଉଠାଣ ହୋଇ ନଥାଏ, ତେବେ ସ୍ଥାୟୀ ପୁଞ୍ଜି ହିସାବ କ୍ଷେତ୍ରରେ ପୁଞ୍ଜି ହିସାବର ଅନ୍ତିମ ବଳକା ଏହାର ପ୍ରାରମ୍ଭିକ ବଳକା ସହିତ ସମାନ ହୋଇଥାଏ । ପୁଞ୍ଜି ହିସାବ ସମ୍ବନ୍ଧିତ ଆଇଟମ୍‌ମାନ ଯଥା ପୁଞ୍ଜି ଉପରେ ସୁଧ, ଉଠାଣ ଉପରେ ସୁଧ ଏବଂ ଲାଭର ଭାଗ ଆଦି ପୁଞ୍ଜି ହିସାବରେ ଲେଖାଯାଏ ନାହିଁ । ଏ କ୍ଷେତ୍ରରେ ଏହିସବୁ ଆଇଟମ୍‌କୁ ଲେଖିବା ସକାଶେ ପ୍ରତ୍ୟେକ ଭାଗୀଦାରଙ୍କ ପାଇଁ ଏକ ଅଲଗା ହିସାବ ଖୋଲାଯାଏ । ଏହି ହିସାବକୁ 'ଚଳନ୍ତି ହିସାବ' ବୋଲି କୁହାଯାଏ । ଏକ ଚଳନ୍ତି ହିସାବ ଦାୟୀ କିମ୍ବା ଦାତା ବଳକା ଦର୍ଶାଇ ପାରେ । ସ୍ଥାୟୀ ପୁଞ୍ଜି ହିସାବ ଏବଂ ଚଳନ୍ତି ହିସାବର ଛାଞ୍ଚ ନିମ୍ନମତେ ଅଟେ:

**ଭାଗୀଦାରଙ୍କ ପୁଞ୍ଜି ହିସାବ**

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ବ୍ୟାଙ୍କ୍(ପୁଞ୍ଜିର ସ୍ଥାୟୀ ଉଠାଣ) | | ××× | | ବଳକା ନି/ଅ (ପୁଞ୍ଜି ବିନିଯୋଗର ପ୍ରାରମ୍ଭିକ ବଳକା) | | ××× |
| | ବଳକା ନି/ନି (ଅନ୍ତିମ ବଳକା) | | ××× | | ବ୍ୟାଙ୍କ୍ (ଅତିରିକ୍ତ ପୁଞ୍ଜି ବିନିଯୋଗ) | | ××× |
| | | | ××× | | | | ××× |

**ଭାଗୀଦାରଙ୍କ ଚଳନ୍ତି ହିସାବ**

ଦାୟୀ ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ବଳକା ନି/ଅ (ଦାୟୀ ପ୍ରାରମ୍ଭିକ ବଳକା କ୍ଷେତ୍ରରେ) | | ××× | | ବଳକା ନି/ଅ (ଦାତା ପ୍ରାରମ୍ଭିକ ବଳକା କ୍ଷେତ୍ରରେ) | | ××× |
| | ଉଠାଣ | | ××× | | ଦରମା | | ××× |
| | ଉଠାଣ ଉପରେ ସୁଧ | | ××× | | ପୁଞ୍ଜି ଉପରେ ସୁଧ | | ××× |
| | ଲାଭ ଓ କ୍ଷତି ବିନିଯୋଜନ (କ୍ଷତିରେ ଭାଗ ପାଇଁ) | | ××× | | ଲାଭ ଓ କ୍ଷତି ବିନିଯୋଜନ (ଲାଭରେ ଭାଗ ପାଇଁ) | | ××× |
| | ବଳକା ନି/ନି (ଦାତା ଅନ୍ତିମ ବଳକା କ୍ଷେତ୍ରରେ) | | | | ବଳକା ନି/ନି (ଦାୟୀ ଅନ୍ତିମ ବଳକା କ୍ଷେତ୍ରରେ) | | |
| | | | ××× | | | | ××× |

### (ଖ) ପରିବର୍ତ୍ତନଶୀଳ ପୁଞ୍ଜି ହିସାବ (Fluctuating Capital Account)

ଯେତେବେଳେ ପ୍ରତ୍ୟେକ ଭାଗୀଦାରଙ୍କ ପାଇଁ ପୁଞ୍ଜି ହିସାବ ଏପରି ଭାବେ ରଖାଯାଏ ଯେପରିକି ଏଥିରେ ପୁଞ୍ଜି ରାଶି ଅତିରିକ୍ତ ଏହା ସହିତ ସମ୍ବନ୍ଧିତ ଅନ୍ୟାନ୍ୟ ଆଇଟମ୍ ଯଥା ପୁଞ୍ଜି ଉପରେ ସୁଧ, ଉଠାଣ, ନିଟ୍ ଲାଭ କିମ୍ବା ନିଟ୍ କ୍ଷତି ଇତ୍ୟାଦିକୁ ଲେଖାଯାଇ ପାରିବ, ସେତେବେଳେ ଏହାକୁ ପରିବର୍ତ୍ତନଶୀଳ ପୁଞ୍ଜି ହିସାବ କୁହାଯାଏ । ଏହି କ୍ଷେତ୍ରରେ ଏହି ସମାଯୋଜନଗୁଡ଼ିକର ଅଭିଲେଖନ ପାଇଁ ଅଲଗା ହିସାବ ରଖିବା ଆବଶ୍ୟକ ପଡ଼ି ନ ଥାଏ ।

କୌଣସି ସୂଚନାର ଅନୁପସ୍ଥିତିରେ ପୁଞ୍ଜି ହିସାବ ଏହି ପଦ୍ଧତିରେ ପ୍ରସ୍ତୁତ କରାଯିବା ଉଚିତ । ପରିବର୍ତ୍ତନଶୀଳ ପୁଞ୍ଜି ହିସାବର ଛାଞ୍ଚ ନିମ୍ନ ମତେ ଅଟେ:

**ଭାଗୀଦାରଙ୍କ ପୁଞ୍ଜି ହିସାବ**

ଦାୟୀ | ଦାତା

| ତାରିଖ | ବିବରଣ | ଜା:ପୃ: | ପରିମାଣ (₹) | ତାରିଖ | ବିବରଣ | ଜା:ପୃ: | ପରିମାଣ (₹) |
|---|---|---|---|---|---|---|---|
| | ବଳକା ନି/ଅ (ଦାୟୀ ପ୍ରାରମ୍ଭିକ ବଳକା କ୍ଷେତ୍ରରେ) | | ××× | | ବଳକା ନି/ଅ (ଦାତା ପ୍ରାରମ୍ଭିକ ବଳକା କ୍ଷେତ୍ରରେ) | | ××× |
| | ଉଠାଣ | | ××× | | ବ୍ୟାଙ୍କ୍ ହିସାବ (ଅତିରିକ୍ତ ପୁଞ୍ଜି ନିବେଶ ହେଲା) | | ××× |
| | | | | | ଦରମା ହିସାବ | | ××× |
| | ଉଠାଣ ଉପରେ ସୁଧ | | ××× | | ପୁଞ୍ଜି ଉପରେ ସୁଧ | | ××× |
| | ଲାଭ ଓ କ୍ଷତି ବିନିଯୋଜନ (କ୍ଷତିରେ ଭାଗ ପାଇଁ) | | ××× | | ଲାଭ ଓ କ୍ଷତି ବିନିଯୋଜନ (ଲାଭରେ ଭାଗ ପାଇଁ) | | ××× |
| | ବଳକା ନି/ଅ (ଦାତା ଅନ୍ତିମ ବଳକା କ୍ଷେତ୍ରରେ) | | | | ବଳକା ନି/ଅ (ଦାୟୀ ଅନ୍ତିମ ବଳକା କ୍ଷେତ୍ରରେ) | | |
| | | | ××× | | | | ××× |

**ଉଦାହରଣ - 1**

ରୋହନ ଓ ମୋନିକା ଏକ ଫାର୍ମରେ ଭାଗୀଦାର ଅଟନ୍ତି । 31 ଡିସେମ୍ବର, 2006 ରେ ନିମ୍ନ ସୂଚନାମାନ ପ୍ରଦତ୍ତ ହେଲା:

| | ରୋହନ (₹) | ମୋନିକା (₹) |
|---|---|---|
| ପୁଞ୍ଜି (01.01.2006ରେ) | 40,000 | 30,000 |
| ଉଠାଣ | 3,000 | 2,000 |
| ପୁଞ୍ଜି ଉପରେ ସୁଧ | 2,000 | 1,500 |
| ଉଠାଣ ଉପରେ ସୁଧ | 360 | 180 |
| ଲାଭର ଭାଗ | 5,000 | 4,000 |

ପ୍ରତ୍ୟେକ ଭାଗୀଦାରଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ଯଦି ପୁଞ୍ଜି (କ) ସ୍ଥାୟୀ, (ଖ) ପରିବର୍ତ୍ତନଶୀଳ ଅଟେ ।

**ସମାଧାନ :**

**(କ) ସ୍ଥାୟୀ ପୁଞ୍ଜି ହିସାବ**

**ପୁଞ୍ଜି ହିସାବ**

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ରୋହନ (₹) | ମୋନିକା (₹) | ତାରିଖ | ବିବରଣ | ଜା:ପୃ: | ରୋହନ (₹) | ମୋନିକା (₹) |
|---|---|---|---|---|---|---|---|---|---|
| 31.12.06 | ବଳକା ନିା/ନି | | 40,000 | 30,000 | 01.01.06 | ବଳକା ନିା/ଅ | | 40,000 | 30,000 |
| | | | 40,000 | 30,000 | | | | 40,000 | 30,000 |
| | | | | | 1.1.07 | ବଳକା ନିା/ଅ | | 40,000 | 30,000 |

**ଚଳନ୍ତି ହିସାବ**

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ରୋହନ (₹) | ମୋନିକା (₹) | ତାରିଖ | ବିବରଣ | ଜା:ପୃ: | ରୋହନ (₹) | ମୋନିକା (₹) |
|---|---|---|---|---|---|---|---|---|---|
| | ଉଠାଣ | | 3,000 | 2,000 | | ପୁଞ୍ଜିଉପରେ ସୁଧ | | 2,000 | 1,500 |
| | ଉଠାଣ ଉପରେ ସୁଧ | | 360 | 180 | | ଲାଭ ଓ କ୍ଷତି ବିନିଯୋଜନ ହିସାବ | | 5,000 | 4,000 |
| 31.12.06 | ବଳକା ନିା/ନି | | 3,640 | 3,320 | | | | | |
| | | | 7,000 | 5,500 | | | | 7,000 | 5,500 |
| | | | | | 1.1.07 | ବଳକା ନିା/ଅ | | 3,640 | 3,320 |

**(ଖ) ପରିବର୍ତ୍ତନଶୀଳ ପୁଞ୍ଜି ହିସାବ**

**ପୁଞ୍ଜି ହିସାବ**

ଦାୟୀ — ଦାତା

| ତାରିଖ | ବିବରଣ | ଜା:ପୃ: | ରୋହନ (₹) | ମୋନିକା (₹) | ତାରିଖ | ବିବରଣ | ଜା:ପୃ: | ରୋହନ (₹) | ମୋନିକା (₹) |
|---|---|---|---|---|---|---|---|---|---|
| | ଉଠାଣ | | 3,000 | 2,000 | 1.1.06 | ବଳକା ନିା/ଅ | | 40,000 | 30,000 |
| | ଉଠାଣ ଉପରେ ସୁଧ | | 360 | 180 | | ପୁଞ୍ଜିଉପରେ ସୁଧ | | 2,000 | 1,500 |
| 31.12.06 | ବଳକା ନିା/ନି | | 43,640 | 33,320 | | ଲାଭ ଓ କ୍ଷତି ବିନିଯୋଜନ ହିସାବ | | 5,000 | 4,000 |
| | | | 47,000 | 35,500 | | | | 47,000 | 35,500 |
| | | | | | 1.1.07 | ବଳକା ନିା/ଅ | | 43,640 | 33,320 |

### ସ୍ଥାୟୀ ଓ ପରିବର୍ତ୍ତନଶୀଳ ପୁଞ୍ଜି ହିସାବ ମଧ୍ୟରେ ପାର୍ଥକ୍ୟ

ସ୍ଥାୟୀ ଓ ପରିବର୍ତ୍ତନଶୀନ ପୁଞ୍ଜି ହିସାବ ମଧ୍ୟରେ ପାର୍ଥକ୍ୟର ମୁଖ୍ୟ ପଏଣ୍ଟଗୁଡ଼ିକ ନିମ୍ନ ମତେ ଅଟେ:

**ତାଲିକା 17.1 ସ୍ଥାୟୀ ଓ ପରିବର୍ତ୍ତନଶୀଳ ପୁଞ୍ଜି ହିସାବ ମଧ୍ୟରେ ପାର୍ଥକ୍ୟ**

| କ୍ର: ସଂ: | ପାର୍ଥକ୍ୟର ଆଧାର | ସ୍ଥାୟୀ ପୁଞ୍ଜି ହିସାବ | ପରିବର୍ତ୍ତନଶୀଳ ପୁଞ୍ଜି ହିସାବ |
|---|---|---|---|
| 1. | ହିସାବର ସଂଖ୍ୟା | ପ୍ରତ୍ୟେକ ଭାଗୀଦାର ପାଇଁ ଦୁଇଟି ଅଲଗା ଅଲଗା ହିସାବ ରଖାଯାଏ, ଅର୍ଥାତ୍ 'ପୁଞ୍ଜି ହିସାବ' ଓ 'ଚଳନ୍ତି ହିସାବ'। | ପ୍ରତ୍ୟେକ ଭାଗୀଦାର ପାଇଁ କେବଳ ଗୋଟିଏ ହିସାବ ରଖାଯାଏ, ଅର୍ଥାତ୍ ପୁଞ୍ଜି ହିସାବ। |
| 2. | ସମାଯୋଜନ | ସମସ୍ତ ସମାଯୋଜନକୁ ଚଳନ୍ତି ହିସାବରେ ଲିପିବଦ୍ଧ କରାଯାଏ, ପୁଞ୍ଜି ହିସାବରେ ନୁହେଁ। | ସମାଯୋଜନଗୁଡ଼ିକୁ ସିଧାସଳଖ ପୁଞ୍ଜି ହିସାବରେ ଲିପିବଦ୍ଧ କରାଯାଏ, ଯେହେତୁ ଚଳନ୍ତି ଖାତା ଖୋଲାଯାଏ ନାହିଁ। |
| 3. | ସ୍ଥାୟୀ ବଳକା | ପୁଞ୍ଜି ହିସାବର ବଳକା, କେତେକ ବିଶେଷ ପରିସ୍ଥିତିକୁ ଛାଡ଼ି, ସାଧାରଣତଃ ଅପରିବର୍ତ୍ତନୀୟ ରହେ। | ପୁଞ୍ଜି ହିସାବର ବଳକା ଅବଧିରୁ ଅବଧିକୁ ପରିବର୍ତ୍ତିତ ହୁଏ। |
| 4. | ବଳକା | ପୁଞ୍ଜି ହିସାବ ସର୍ବଦା କେବଳ ଦାତା ବଳକା ଦର୍ଶାଇଥାଏ। | ଅବଧି ଶେଷରେ ପୁଞ୍ଜି ହିସାବ ଦାୟୀ ବଳକା କିମ୍ବା ଦାତା ବଳକା ଦର୍ଶାଇ ପାରେ। |

### ପାଠ୍ୟଗତ ପ୍ରଶ୍ନ 18.2

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) ସ୍ଥାୟୀ ପୁଞ୍ଜି ହିସାବ ସର୍ବଦା କେବଳ ............ ବଳକା ଦର୍ଶାଇଥାଏ।

(ii) ଏକ ............ ପୁଞ୍ଜି ହିସାବ ସାୟୀ କିମ୍ବା ଦାତା ବଳକା ଦର୍ଶାଇପାରେ।

(iii) ପ୍ରତ୍ୟେକ ଭାଗୀଦାର ପାଇଁ ଦୁଇଟି ଅଲଗା ହିସାବ ରଖାଯାଏ, ଯଦି ପୁଞ୍ଜି.......... ହୋଇଥାଏ।

(iv) ପୁଞ୍ଜି ଉପରେ ସୁଧ ଚଳନ୍ତି ହିସାବର ......... ପାର୍ଶ୍ୱରେ ଦର୍ଶାଯାଏ।

(v) ଉଠାଣ ଉପରେ ସୁଧ ଚଳନ୍ତି ହିସାବର ................ ପାର୍ଶ୍ୱରେ ଦର୍ଶାଯାଏ।

## 18.3 ପୁଞ୍ଜି ଉପରେ ସୁଧ ଏବଂ ଉଠାଣ ଉପରେ ସୁଧର ହିସାବରକ୍ଷଣ ଉପଚାର (ଲେଖାଯୋଖା)

### ପୁଞ୍ଜି ଉପରେ ସୁଧ

ଚାଲ ଆମେ ପୁଞ୍ଜି ଉପରେ ସୁଧ ହିସାବ ସମ୍ବନ୍ଧରେ ପଢ଼ିବା। ତୁମେ ଜାଣ ଯେ ପୁଞ୍ଜି ଉପରେ ସୁଧ ସେତେବେଳେ ଦିଆଯାଏ ଯେତେବେଳେ ଏହାର ପ୍ରାବଧାନ (ବ୍ୟବସ୍ଥା) ଭାଗଦାରୀ ଦଲିଲରେ ଥାଏ।

ଯଦି ଏହାର ପ୍ରାବଧାନ ଥାଏ, ତେବେ ଭାଗୀଦାରଙ୍କ ଦ୍ୱାରା ନିର୍ଦ୍ଧାରିତ ହାରରେ ସୁଧ ହିସାବ କରାଯାଏ । ଭାଗୀଦାରଙ୍କ ପୁଞ୍ଜି ହିସାବର ପ୍ରାରମ୍ଭିକ ବଳକା ଉପରେ ସୁଧ ହିସାବ କରାଯାଏ । ଯେତେବେଳେ ଅତିରିକ୍ତ ପୁଞ୍ଜି ବିନିଯୋଗ କରାଯାଏ ଏବଂ କିଛି ପୁଞ୍ଜି ସ୍ଥାୟୀ ଭାବରେ ଉଠାଇ ନିଆଯାଏ, ସେତେବେଳେ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ବ୍ୟବସାୟରେ ବ୍ୟବହୃତ ପୁଞ୍ଜିର ପରିମାଣ ଉପରେ ସୁଧ ହିସାବ (ଗଣନା) କରାଯାଏ । ସୁଧ ଏକ ବ୍ୟୟ ବୋଲି ଧରାଯାଏ ଯେହେତୁ ଏହା ଫାର୍ମର ଲାଭରୁ ହିଁ ଆଦାୟ (charge) କରାଯାଏ । ନିମ୍ନ ଜାବେଦା ପ୍ରବିଷ୍ଟି କରାଯିବ:

ପୁଞ୍ଜି ଉପରେ ସୁଧ ପାଇଁ

ପୁଞ୍ଜି ଉପରେ ସୁଧ ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ (ବ୍ୟକ୍ତିଗତ ଭାବରେ)
(ପୁଞ୍ଜି ଉପରେ ସୁଧ ପୁଞ୍ଜି ହିସାବରେ ଦାତା କରାଯିବାରୁ)

ସୁଧ ପ୍ରତ୍ୟକ୍ଷ ଭାବରେ ହିସାବ କରିହେବ, ଅର୍ଥାତ୍ ମୂଳଧନ ରାଶି, ଅବଧି ଓ ସୁଧର ହାରକୁ ନେଇ ସରଳ ସୁଧ ହିସାବ କରାଯିବ । ବିକଳ୍ପ ସ୍ୱରୂପ, ସୁଧ ଗୁଣଫଳ ପଦ୍ଧତି (product method)ରେ ହିସାବ କରିହେବ; ଅର୍ଥାତ୍ ଏହି ପଦ୍ଧତିରେ ମୂଳଧନ ରାଶି ପରିବର୍ତ୍ତିତ ନ ହୋଇ ବ୍ୟବସାୟରେ ଯେତେ ମାସ ଧରି ରହିଥାଏ, ସେହି ସଂଖ୍ୟାକୁ ମୂଳଧନ ରାଶିରେ ଗୁଣନ କରି ମାସିକିଆ ଗୁଣଫଳରେ ପ୍ରକାଶ କରି ଦିଆଯାଏ । ତା'ପରେ ମାସିକିଆ ସୁଧର ହାରକୁ ନେଇ ସୁଧ ହିସାବ କରାଯାଏ । ନିମ୍ନ ଉଦାହରଣରେ ଉଭୟ ପଦ୍ଧତିରେ ସୁଧ ହିସାବ କରାଗଲା:

**ଉଦାହରଣ 2**

ଶିଖା ଓ ସଞ୍ଜୁ ଜାନୁଆରୀ 1, 2006ରେ ଯଥାକ୍ରମେ ₹ 1,00,000 ଓ ₹ 1,60,000 ର ପୁଞ୍ଜି ସହିତ ଭାଗୀଦାର ଅଛନ୍ତି । ଶିଖା ଜୁଲାଇ 1, 2006ରେ ₹ 30,000 ଏବଂ ଅକ୍ଟୋବର 31, 2006ରେ ଆଉ ₹ 20,000 ର ଅତିରିକ୍ତ ପୁଞ୍ଜି ବିନିଯୋଗ କଲେ । 2006ରେ ଶେଷ ବର୍ଷ ପାଇଁ ପୁଞ୍ଜି ଉପରେ ସୁଧ ହିସାବ କର । ସୁଧର ହାର ବାର୍ଷିକ 9% ।

**ସମାଧାନ :**

**ପୁଞ୍ଜି ଉପରେ ସୁଧ (ଶିଖା)**

₹ 1,00,000 ଉପରେ 12 ମାସ ପାଇଁ 9% ହାରରେ = 1,00,000 X 9/100 X 12/12
= ₹ 9,000

₹ 30,000 ଉପରେ 6 ମାସ ପାଇଁ 9% ହାରରେ = 30,000 X 9/100 X 6/12
= ₹ 1,350

₹ 20,000 ଉପରେ 2 ମାସ ପାଇଁ 9% ହାରରେ = 20,000 X 9/100 X 2/12
= ₹ 300

ଶିଖାଙ୍କ ପୁଞ୍ଜି ଉପରେ ମୋଟ ସୁଧ = ₹ 9,000+₹ 1,350+₹ 300
= ₹ 10,650

ଗୁଣଫଳ ପଦ୍ଧତିରେ

| ରାଶି ପରିମାଣ | ମାସ | ଗୁଣଫଳ |
|---|---|---|
| ₹ | | ₹ |
| 1,00,000 | 12 | 12,00,000 |
| 30,000 | 6 | 1,80,000 |
| 20,000 | 2 | 40,000 |
| ମୋଟ ଗୁଣଫଳ : | | 14,20,000 |

**ପୁଞ୍ଜି ଉପରେ ସୁଧ** $= 14{,}20{,}000 \times \frac{9}{100} \times \frac{1}{12}$

**ପୁଞ୍ଜି ଉପରେ ସୁଧ (ସଞ୍ଜୁ):** = ₹ 10,650

₹ 1,60,000 ଉପରେ 12 ମାସ ପାଇଁ 9% ହାରରେ = 1,60,000 X 9/100 X 12/12

= ₹ 14,400

ଗୁଣଫଳ ପଦ୍ଧତିରେ : = 1,60,000 X 12= 19,20,000

ସୁଧ $= \frac{19{,}20{,}000 x 9}{12 x 100}$ = ₹ 14,400

**ଉଠାଣ ଉପରେ ସୁଧ (Interest on Drawings):**

ଯେତେବେଳେ ଜଣେ ଭାଗୀଦାର ଫାର୍ମରୁ ଘରୋଇ ବ୍ୟବହାର ପାଇଁ ଅର୍ଥ ଉଠାନ୍ତି (ବାହାର କରନ୍ତି), ଏହାକୁ ଉଠାଣ କୁହାଯାଏ । ଯଦି ଭାଗଦାରୀ ଦଲିଲରେ ଉଠାଣ ଉପରେ ସୁଧ ବସାଇବା ପାଇଁ ପ୍ରାବଧାନ (ବ୍ୟବସ୍ଥା) ଥାଏ, ତେବେ ଫାର୍ମ ଭାଗୀଦାରଙ୍କଠାରୁ ଉଠାଣ ଉପରେ ସୁଧ ଆଦାୟ କରିପାରେ । ଉଠାଣ ଉପରେ ସୁଧ ଫାର୍ମ ପାଇଁ ଏକ ଲାଭ ଅଟେ । ଏହା ଏକ ନିର୍ଦ୍ଧାରିତ ହାରରେ ଗଣନା କରାଯାଏ । ଉଠାଣ ଉପରେ ସୁଧର ପରିମାଣକୁ ଲାଭ ଓ କ୍ଷତି ବିନିଯୋଜନ ହିସାବର ଦାତା ପାର୍ଶ୍ୱରେ ଲେଖାଯାଏ ଏବଂ ଭାଗୀଦାରଙ୍କର ପୁଞ୍ଜି ହିସାବ/ଚଳନ୍ତି ହିସାବର ଦାୟୀ ପାର୍ଶ୍ୱରେ (ବ୍ୟକ୍ତିଗତ ଭାବେ) ଲେଖାଯାଏ । ଜାବେଦା ପ୍ରବିଷ୍ଟ ନିମ୍ନ ପ୍ରକାର ହେବ :

ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ ଦାୟୀ
ଦାତା ଉଠାଣ ଉପରେ ସୁଧ ହିସାବ
(ଭାଗୀଦାରଙ୍କ ପୁଞ୍ଜି ହିସାବରୁ ଉଠାଣ ଉପରେ ସୁଧର ଆଦାୟ)

**ଉଠାଣ ଉପରେ ସୁଧର ହିସାବ (ଗଣନା)**

ଉଠାଣ ଉପରେ ସୁଧର ହିସାବ ପାଇଁ ଦୁଇଟି ପଦ୍ଧତି ଅଛି

- ସରଳ ହାରାହାରି ପଦ୍ଧତି
- ଗୁଣଫଳ ପଦ୍ଧତି

1. **ସରଳ ହାରାହାରି ପଦ୍ଧତି**

ଏକ ନିର୍ଦ୍ଧାରିତ ରାଶିର ଆହରଣ ପ୍ରତ୍ୟେକ ମାସ/ଷାଣ୍ମାସିକ/ବାର୍ଷିକ କରାଯାଇପାରେ । ସୁଧ ସେହି ଅବଧି ପାଇଁ ହିସାବ କରାଯିବ ଯେଉଁ ଅବଧି ପାଇଁ ଭାଗୀଦାର ଉଠାଇଥିବା ଟଙ୍କାକୁ ନିଜ ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଉପଯୋଗ କରିଥିବେ । ବିଭିନ୍ନ ପରିସ୍ଥିତିରେ ସୁଧ ରାଶିର ଗଣନା ନିମ୍ନରେ ଦିଆଗଲା:

### I. ଯେତେବେଳେ ନିର୍ଦ୍ଧାରିତ ରାଶି ସମାନ ସମୟ ବ୍ୟବଧାନରେ ଉଠାଣ କରାଯାଏ

ଭାଗୀଦାରଙ୍କ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ରାଶି ସମାନ ସମୟ ବ୍ୟବଧାନରେ ମନେକର ପ୍ରତ୍ୟେକ ମାସ କିମ୍ବା ପ୍ରତ୍ୟେକ ତ୍ରୈମାସିକ, ଉଠାଣ କରାଯାଏ । ଏହି ପରିସ୍ଥିତିରେ ମୋଟ ସମୟ ଅବଧିର ଗଣନା, ମୁଦ୍ରା (ରାଶି)ର ଉଠାଣ ମାସ ଆରମ୍ଭରେ, ମାସ ମଝିରେ କିମ୍ବା ମାସ ଶେଷରେ କରାଯାଇଛି ତା’ ଉପରେ ନିର୍ଭର କରେ ।

ଉଦାହରଣ ସ୍ୱରୂପ, ମନିଷା ଡିସେମ୍ବର 31, 2006ରେ ଶେଷ ହୋଇଥିବା ବର୍ଷ ମଧ୍ୟରେ ଫାର୍ମରୁ ନିଜର ବ୍ୟକ୍ତିଗତ ବ୍ୟବହାର ପାଇଁ ପ୍ରତି ମାସ ₹ 1,000 ଲେଖାଏଁ ଉଠାଇଲେ । ବାର୍ଷିକ 12% ହାରରେ ସୁଧ ଆଦାୟ କରାଯାଏ । ହାରାହାରି ଅବଧି ଓ ଉଠାଣ ଉପରେ ସୁଧର ଗଣନା ବିଭିନ୍ନ ପରିସ୍ଥିତିରେ ନିମ୍ନ ମତେ ହେବ:

### (କ) ଯେତେବେଳେ ମୁଦ୍ରା ଅବଧିର ଆରମ୍ଭରେ ଉଠାଣ କରାଯାଏ

| ଉଠାଣର ତାରିଖ | ଉଠାଣର ପରିମାଣ (ରାଶି) | ଅବଧି (ମାସରେ) |
|---|---|---|
| 1 ଜାନୁଆରୀ 2006 | 1,000 | 12 |
| 1 ଫେବୃଆରୀ 2006 | 1,000 | 11 |
| 1 ମାର୍ଚ୍ଚ 2006 | 1,000 | 10 |
| 1 ଅପ୍ରେଲ 2006 | 1,000 | 9 |
| 1 ମଇ 2006 | 1,000 | 8 |
| 1 ଜୁନ୍ 2006 | 1,000 | 7 |
| 1 ଜୁଲାଇ 2006 | 1,000 | 6 |
| 1 ଅଗଷ୍ଟ 2006 | 1,000 | 5 |
| 1 ସେପ୍ଟେମ୍ବର 2006 | 1,000 | 4 |
| 1 ଅକ୍ଟୋବର 2006 | 1,000 | 3 |
| 1 ନଭେମ୍ବର 2006 | 1,000 | 2 |
| 1 ଡିସେମ୍ବର 2006 | 1,000 | 1 |
| | 12,000 | 78 ମାସ |

ଯେତେବେଳେ ମୁଦ୍ରା ମାସ ଆରମ୍ଭରେ ଉଠାଣ କରାଯାଏ ହାରାହାରି ଅବଧି ନିମ୍ନ ମତେ ଗଣନା କରାଯାଏ:

ହାରାହାରି ଅବଧି = ମୋଟ ମାସ / 12

= 78 ମାସ / 12

= 6½ ମାସ

ଟିପ୍ପଣୀ

ଉଠାଣ ଉପରେ ସୁଧ = ₹ $12{,}000 X \frac{12}{100} X \frac{13}{2} X \frac{1}{12}$

= ₹ 780

(ଖ) **ଯେତେବେଳେ ମୁଦ୍ରା ଅବଧିର ଶେଷରେ ଉଠାଣ କରାଯାଏ:**

| ଉଠାଣର ତାରିଖ | ଉଠାଣର ପରିମାଣ (ରାଶି) | ଅବଧି (ମାସରେ) |
|---|---|---|
| 31 ଜାନୁଆରୀ 2006 | 1,000 | 11 |
| 28 ଫେବୃଆରୀ 2006 | 1,000 | 10 |
| 31 ମାର୍ଚ୍ଚ 2006 | 1,000 | 9 |
| 30 ଅପ୍ରେଲ 2006 | 1,000 | 8 |
| 31 ମଇ 2006 | 1,000 | 7 |
| 30 ଜୁନ୍ 2006 | 1,000 | 6 |
| 31 ଜୁଲାଇ 2006 | 1,000 | 5 |
| 31 ଅଗଷ୍ଟ 2006 | 1,000 | 4 |
| 30 ସେପ୍ଟେମ୍ବର 2006 | 1,000 | 3 |
| 31 ଅକ୍ଟୋବର 2006 | 1,000 | 2 |
| 30 ନଭେମ୍ବର 2006 | 1,000 | 1 |
| 31 ଡିସେମ୍ବର 2006 | 1,000 | 0 |
| | 12,000 | 66 ମାସ |

ଯେତେବେଳେ ମୁଦ୍ରା ମାସ ଶେଷରେ ଉଠାଣ କରାଯାଏ ହାରାହାରି ଅବଧି ନିମ୍ନ ମତେ ଗଣନା କରାଯାଏ:

ହାରାହାରି ଅବଧି = ମୋଟ ମାସ / 12

= 66 ମାସ / 12

= 5½ ମାସ

ଉଠାଣ ଉପରେ ସୁଧ = ₹ $12{,}000 X \frac{12}{100} X \frac{11}{2} X \frac{1}{12}$

= ₹ 660

(ଗ) **ଯେତେବେଳେ ମୁଦ୍ରା ମାସର ମଝିରେ ଉଠାଯାଏ:**

| ଉଠାଣର ତାରିଖ | ଉଠାଣର ପରିମାଣ (ରାଶି) | ଅବଧି (ମାସରେ) |
|---|---|---|
| 15 ଜାନୁଆରୀ 2006 | 1,000 | 11.5 |
| 14 ଫେବୃଆରୀ 2006 | 1,000 | 10.5 |
| 15 ମାର୍ଚ୍ଚ 2006 | 1,000 | 9.5 |
| 15 ଅପ୍ରେଲ 2006 | 1,000 | 8.5 |
| 15 ମଇ 2006 | 1,000 | 7.5 |
| 15 ଜୁନ୍ 2006 | 1,000 | 6.5 |
| 15 ଜୁଲାଇ 2006 | 1,000 | 5.5 |
| 15 ଅଗଷ୍ଟ 2006 | 1,000 | 4.5 |
| 15 ସେପ୍ଟେମ୍ବର 2006 | 1,000 | 3.5 |
| 15 ଅକ୍ଟୋବର 2006 | 1,000 | 2.5 |
| 15 ନଭେମ୍ବର 2006 | 1,000 | 1.5 |
| 15 ଡିସେମ୍ବର 2006 | 1,000 | 0.5 |
| | 12,000 | 72 ମାସ |

ଯେତେବେଳେ ମୁଦ୍ରା ମାସର ମଝିରେ ଉଠାଣ କରାଯାଏ ସେତେବେଳେ ହାରାହାରି ଅବଧି ନିମ୍ନ ମତେ ଗଣନା କରାଯାଏ:

ହାରାହାରି ଅବଧି = ମୋଟ ମାସ / 12
= 72 ମାସ / 12
= 6 ମାସ

ଉଠାଣ ଉପରେ ସୁଧ = ₹ $12{,}000 X \frac{12}{100} X \frac{6}{12}$

= ₹ 720

(ଘ) **ସମାନ ସମୟ ବ୍ୟବଧାନରେ ନିର୍ଦ୍ଦିଷ୍ଟ ରାଶିର ଉଠାଣ**

ଯଦି ପ୍ରତ୍ୟେକ ତ୍ରୈମାସ ଆରମ୍ଭରେ ଭାଗୀଦାରଙ୍କ ଦ୍ୱାରା ମୁଦ୍ରା ଉଠାଣ କରାଯାଏ, ତେବେ ବର୍ଷ ମଧ୍ୟରେ ଉଠା ଯାଇଥିବା ମୋଟ ମୁଦ୍ରା (ରାଶି) ଉପରେ ଏକ ହାରାହାରି ଅବଧି ସାଢ଼େ ସାତ (7½)ମାସ ପାଇଁ ସୁଧ ଗଣନା କରାଯାଏ ।

**ଉଦାହରଣ 3**

ସନ୍ନୀ ଏବଂ ହିମାଂଶୁ ଏକ ଫାର୍ମର ଭାଗୀଦାର ଅଟନ୍ତି ଯାହାର ଲାଭ ଓ କ୍ଷତିକୁ ସମ ଭାଗରେ ବଣ୍ଟନ କରାଯାଏ । 2006 ଆର୍ଥିକ ବର୍ଷ ମଧ୍ୟରେ ସନ୍ନୀ ପ୍ରତ୍ୟେକ ତ୍ରୈମାସ ଆରମ୍ଭରେ ₹ 20,000 ଲେଖାଏଁ ଉଠାଣ କଲେ । ଯଦି ଉଠାଣ ଉପରେ ବାର୍ଷିକ 8% ହାରରେ ସୁଧ ବସାଯିବ, ତେବେ ବର୍ଷ ଶେଷରେ କେତେ ସୁଧ ବସାଯିବ ଗଣନା କର ।

**ସମାଧାନ :**

**ଉଠାଣ ଉପରେ ସୁଧର ଗଣନା ଦର୍ଶାଉଥିବା ତାଲିକା**

| ତାରିଖ | ପରିମାଣ (₹) | ସମୟାବଧି | ସୁଧ (₹) |
|---|---|---|---|
| ଜାନୁଆରୀ 1, 2006 | 20,000 | 12 ମାସ | $20{,}000 X \frac{8}{100} X \frac{12}{12}$ = ₹ 1,600 |
| ଅପ୍ରେଲ 1, 2006 | 20,000 | 9 ମାସ | $20{,}000 X \frac{8}{100} X \frac{9}{12}$ = ₹ 1,200 |
| ଜୁଲାଇ 1, 2006 | 20,000 | 6 ମାସ | $20{,}000 X \frac{8}{100} X \frac{6}{12}$ = ₹ 800 |
| ଅକ୍ଟୋବର 1, 2006 | 20,000 | 3 ମାସ | $20{,}000 X \frac{8}{100} X \frac{3}{12}$ = ₹ 400 |
| ମୋଟ | 80,000 | | = ₹ 4,000 |

ବିକଳ୍ପ ସ୍ୱରୂପ, ହିସାବରକ୍ଷଣ ବର୍ଷ ମଧ୍ୟରେ ଉଠାଯାଇଥିବା ମୋଟ ରାଶି, ଯାହା ଏହି କ୍ଷେତ୍ରରେ ₹ 80,000, ଉପରେ ₹7½ ମାସ ଅବଧି, ଅର୍ଥାତ୍ (12+9+6+3)/4 = 7½ = $\frac{15}{2}$ ମାସ ପାଇଁ ସୁଧ ଗଣନା କରାଯାଇପାରିବ ।

ଅତଃ, ଉଠାଣ ଉପରେ ସୁଧ = ମୋଟ ଉଠାଣ ରାଶି × ସୁଧର ହାର × 7½ × $\frac{1}{12}$

= ₹ 80,000 × $\frac{8}{100} X \frac{15}{2} X \frac{1}{12}$ = ₹ 4,000

### (ଙ) ଯେତେବେଳେ ନିର୍ଦ୍ଦିଷ୍ଟ ରାଶି ପ୍ରତି ତ୍ରୈମାସ ଶେଷରେ ଉଠାଣ ହୁଏ

ଯେତେବେଳେ ନିର୍ଦ୍ଦିଷ୍ଟ ରାଶି ପ୍ରତି ତ୍ରିମାସ ଶେଷରେ ଉଠାଣ ହୁଏ, ସେତେବେଳେ ମୋଟ ଉଠାଣ ରାଶି ଉପରେ ସାଢ଼େ ଚାରି (4½) ମାସ ପାଇଁ ସୁଧର ପରିମାଣ ହିସାବ କରାଯାଏ ।

ପୂର୍ବ ଉଦାହରଣରେ ଯଦି ଟଙ୍କା ପ୍ରତି ତ୍ରୈମାସ ଶେଷରେ ଉଠାଣ ହୋଇଥାଏ, ତେବେ ସୁଧ ହିସାବ ପାଇଁ ହାରାହାରି ଅବଧି ସାଢ଼େ ଚାରି (4½) ମାସ ନିଆଯିବ । ସୁଧ ହିସାବ ନିମ୍ନମତେ ଦର୍ଶାଯାଇପାରିବ:

**ଉଠାଣ ଉପରେ ସୁଧର ହିସାବର ତାଲିକା**

| ତାରିଖ | ପରିମାଣ (₹) | ସମୟାବଧି | ସୁଧ (₹) |
|---|---|---|---|
| ମାର୍ଚ୍ଚ 31 | 20,000 | 9 ମାସ | $20{,}000 X \frac{8}{100} X \frac{9}{12}$ = ₹ 1,200 |
| ଜୁନ୍ 30 | 20,000 | 6 ମାସ | $20{,}000 X \frac{8}{100} X \frac{6}{12}$ = ₹ 800 |
| ସେପ୍ଟେମ୍ବର 30 | 20,000 | 3 ମାସ | $20{,}000 X \frac{8}{100} X \frac{3}{12}$ = ₹ 400 |
| ଡିସେମ୍ବର 31 | 20,000 | 0 ମାସ | = ₹ 0 |
| ମୋଟ | 80,000 | 18 ମାସ | = ₹ 2,400 |

ବିକଳ୍ପ ସ୍ୱରୂପ, ₹ 80,000 ଉପରେ 4½ ମାସ (9+6+3+0) /4 = 4½ = $\frac{9}{2}$ ମାସ ପାଇଁ ସୁଧ

ଉଠାଣ ଉପରେ ସୁଧ = ₹ 80,000 × $\frac{8}{100} X \frac{9}{2} X \frac{1}{12}$ = ₹ 2,400

**ଗୁଣଫଳ ପଦ୍ଧତି**

**ଯେତେବେଳେ ବିଭିନ୍ନ ପରିମାଣର ରାଶି ଭିନ୍ନ ଭିନ୍ନ ସମୟ ବ୍ୟବଧାନରେ ଉଠାଣ କରାଯାଏ**

ଗୁଣଫଳ ପଦ୍ଧତିରେ, ପ୍ରତ୍ୟେକ ଉଠାଣ ପାଇଁ ଉଠା ଯାଉଥିବା ଟଙ୍କାକୁ ସେହି ଆର୍ଥିକ ବର୍ଷରେ ବାକି ଥିବା ଅବଧି ସହିତ ଗୁଣନ କରାଯାଏ । ବାକି ଥିବା ଅବଧିର ଗଣନା ଉଠାଣ ତାରିଖଠାରୁ ହିସାବରକ୍ଷଣ ବର୍ଷର ଶେଷ ତାରିଖ ପର୍ଯ୍ୟନ୍ତ କରାଯାଏ । ଏହିଭଳି ମିଳୁଥିବା ପ୍ରତ୍ୟେକ ଗୁଣଫଳକୁ ମିଶାଇ ମୋଟ ନିର୍ଣ୍ଣୟ କରାଯାଏ ଏବଂ ଏହି ମୋଟ ଗୁଣଫଳ ଉପରେ ନିର୍ଦ୍ଦିଷ୍ଟ ହାରରେ 1 ମାସ ପାଇଁ ସୁଧ ହିସାବ କରାଯାଏ । ପୂର୍ବ ଉଦାହରଣ ସହାୟତାରେ ସୁଧ ଗଣନା ବୁଝାଇ ହେବ ।

**ଉଠାଣ ଉପରେ ସୁଧର ଗଣନା ଦର୍ଶାଉଥିବା ତାଲିକା**

| ତାରିଖ | ପରିମାଣ (₹) | ସମୟାବଧି | ଗୁଣଫଳ (₹) |
|---|---|---|---|
| ଜାନୁଆରୀ 1, 2006 | 20,000 | 12 ମାସ | 2,40,000 |
| ଅପ୍ରେଲ 1, 2006 | 20,000 | 9 ମାସ | 1,80,000 |
| ଜୁଲାଇ 1, 2006 | 20,000 | 6 ମାସ | 1,20,000 |
| ଅକ୍ଟୋବର 1, 2006 | 20,000 | 3 ମାସ | 60,000 |
| ମୋଟ | 80,000 | | 6,00,000 |

ଉଠାଣ ଉପରେ ସୁଧ = ମୋଟ ଗୁଣଫଳ × ସୁଧର ହାର × 1/12

= ₹ 6,00,000 × 8/100 × 1/12

= ₹ 4,000

## ପାଠ୍ୟଗତ ପ୍ରଶ୍ନ 18.3

1. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

   (i) ପୁଞ୍ଜି ଉପରେ ସୁଧକୁ ଭାଗୀଦାରଙ୍କ ପୁଞ୍ଜି ହିସାବରେ ............ କରାଯାଏ ।

   (ii) ଉଠାଣ ଉପରେ ସୁଧକୁ ଭାଗୀଦାରଙ୍କ ପୁଞ୍ଜି ହିସାବରେ ........... କରାଯାଏ ।

   (iii) ଭାଗୀଦାରଙ୍କ ପୁଞ୍ଜି ହିସାବର ............ ଉପରେ ସୁଧ ହିସାବ କରାଯାଏ ।

   (iv) ଯେତେବେଳେ ପ୍ରତି ମାସର ଆରମ୍ଭରେ ଟଙ୍କା ଉଠାଣ ହୁଏ, ସୁଧ ବସାଇବାର ହାରାହାରି ଅବଧି ........... ଅଟେ ।

   (v) ଯେତେବେଳେ ଗୁଣଫଳ ପଦ୍ଧତି ବ୍ୟବହୃତ ହୁଏ, ସୁଧ ଗଣନା ........ ପାଇଁ ହୁଏ ।

2. ରୀମା ଓ ଅନିଶ ଅପ୍ରେଲ୍ 1, 2005ରେ ଯଥାକ୍ରମେ ₹ 50,000 ଓ ₹ 80,000 ର ପୁଞ୍ଜି ସହିତ ଭାଗୀଦାର ଥିଲେ । ରୀମା ଜାନୁଆରୀ 1, 2006 ରେ ₹ 50,000 ର ଅତିରିକ୍ତ ପୁଞ୍ଜି ବିନିଯୋଗ କଲେ । ମାର୍ଚ୍ଚ 31, 2006ରେ ବାର୍ଷିକ 10% ହାରରେ ପୁଞ୍ଜି ଉପରେ ସୁଧ ହିସାବ କର ।

3. ଆଶୁ ବର୍ଷେ ମଧ୍ୟରେ ପ୍ରତି ମାସ ଶେଷରେ ବ୍ୟବସାୟରୁ ମାସିକ ₹ 2,000 ଲେଖାଏଁ ନିଜର ବ୍ୟକ୍ତିଗତ ବ୍ୟବହାର ପାଇଁ ଟଙ୍କା ଉଠାଣ କଲେ । ବାର୍ଷିକ 10% ହାରରେ ଉଠାଣ ଉପରେ ସୁଧ ହିସାବ (ଗଣନା) କର ।

## 18.4 ଲାଭ ଓ କ୍ଷତି ବିନିଯୋଜନ ହିସାବ: ଅର୍ଥ ଓ ପ୍ରସ୍ତୁତି

ଲାଭ ଓ କ୍ଷତି ବିନିଯୋଜନ ହିସାବ ଫାର୍ମର ଲାଭ ଓ କ୍ଷତି ହିସାବର କେବଳ ମାତ୍ର ଏକ ବିସ୍ତାର ରୂପ ଅଟେ । ଫାର୍ମର ଲାଭକୁ ଭାଗୀଦାରମାନଙ୍କ ମଧ୍ୟରେ ସେମାନଙ୍କର ଲାଭ ବଣ୍ଟନ ଅନୁପାତରେ ବାଣ୍ଟି ଦିଆଯାଏ । କିନ୍ତୁ ଏହାର ବଣ୍ଟନ ପୂର୍ବରୁ ଏଥିରେ କେତେକ ସମାଯୋଜନର ଆବଶ୍ୟକତା ପଡ଼େ । ସମସ୍ତ ସମାଯୋଜନ ଯଥା ଭାଗୀଦାରଙ୍କ ଦରମା, ଭାଗୀଦାରଙ୍କ କମିଶନ, ପୁଞ୍ଜି ଉପରେ ସୁଧ, ଉଠାଣ ଉପରେ ସୁଧ ଇତ୍ୟାଦି ଏହି ହିସାବରେ କରାଯାଏ । ଏହି ସମାଯୋଜନଗୁଡ଼ିକ ବଣ୍ଟନ ପାଇଁ ଉଦ୍ଦିଷ୍ଟ ଲାଭକୁ ହ୍ରାସ କରିବ । ଏହି ସମାଯୋଜିତ ଲାଭକୁ ଭାଗୀଦାରମାନଙ୍କ ମଧ୍ୟରେ ସେମାନଙ୍କର ଲାଭ ବଣ୍ଟନ ଅନୁପାତରେ ବଣ୍ଟନ କରାଯିବ । ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଲାଭ ଓ କ୍ଷତି ହିସାବର ବଳକା ଏହି ହିସାବକୁ ସ୍ଥାନାନ୍ତରିତ କରାଯାଏ । ଲାଭ ଓ କ୍ଷତି ବିନିଯୋଜନ ହିସାବ ପାଇଁ ଜାବେଦା ପ୍ରବିଷ୍ଟିମାନ ନିମ୍ନରେ ପ୍ରଦତ୍ତ ହେଲା:

1. ଲାଭ ଓ କ୍ଷତି ହିସାବର ବଳକା ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ କରିବା ପାଇଁ

**(କ) ଶୁଦ୍ଧ (ନିଟ୍) ଲାଭ କ୍ଷେତ୍ରରେ:**

ଲାଭ ଓ କ୍ଷତି ହିସାବ ଦାୟୀ

ଦାତା ଲାଭ ଓ କ୍ଷତି ବିନିଯୋଜନ ହିସାବ

(ଶୁଦ୍ଧ ଲାଭ ଲାଭ-କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ ହେଲା)

**(ଖ) ଶୁଦ୍ଧ କ୍ଷତି କ୍ଷେତ୍ରରେ :**

ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା ଲାଭ ଓ କ୍ଷତି ହିସାବ

(ଶୁଦ୍ଧ କ୍ଷତି ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ ହେଲା)

2. ପୁଞ୍ଜି ଉପରେ ସୁଧ ପାଇଁ

ପୁଞ୍ଜି ଉପରେ ସୁଧର ସ୍ଥାନାନ୍ତରଣ ପାଇଁ:

ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା ପୁଞ୍ଜି ଉପରେ ସୁଧ ହିସାବ

(ପୁଞ୍ଜି ଉପରେ ସୁଧ ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ ହେଲା)

3. ଉଠାଣ ଉପରେ ସୁଧ ବସାଇବା ପାଇଁ

ଉଠାଣ ଉପରେ ସୁଧର ସ୍ଥାନାନ୍ତରଣ ପାଇଁ:

ଉଠାଣ ଉପରେ ସୁଧ ହିସାବ ଦାୟୀ

ଦାତା ଲାଭ ଓ କ୍ଷତି ବିନିଯୋଜନ ହିସାବ

(ଉଠାଣ ଉପରେ ସୁଧ ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ ହେଲା)

4. ଭାଗୀଦାରଙ୍କ ଦରମା ପାଇଁ

ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା ଦରମା ହିସାବ

(ଦରମା ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ ହେଲା)

5. ଭାଗୀଦାରଙ୍କ କମିଶନ

କମିଶନର ସ୍ଥାନାନ୍ତରଣ ପାଇଁ

ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା କମିଶନ୍ ସୁଧ ହିସାବ

(କମିଶନ ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତରିତ ହେଲା)

6. ସାଧାରଣ ସଞ୍ଚିତିକୁ ବଳକାର ସ୍ଥାନାନ୍ତରଣ ପାଇଁ

ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା ସାଧାରଣ ସଞ୍ଚିତି ହିସାବ

(ସାଧାରଣ ସଞ୍ଚିତିକୁ ବଳକାର ସ୍ଥାନାନ୍ତରଣ)

7. ବିନିଯୋଜନ ଉପରେ ଲାଭ କିମ୍ବା କ୍ଷତିର ବଣ୍ଟନ ପାଇଁ

(କ) ଯଦି ଲାଭ ହୋଇଥାଏ :

ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ

(ଲାଭ ପୁଞ୍ଜି/ଚଳନ୍ତି ହିସାବକୁ ସ୍ଥାନାନ୍ତରିତ ହେଲା)

(ଖ) ଯଦି କ୍ଷତି ହୋଇଥାଏ:

ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ ଦାୟୀ

ଦାତା ଲାଭ ଓ କ୍ଷତି ବିନିଯୋଜନ ହିସାବ

(କ୍ଷତି ପୁଞ୍ଜି/ଚଳନ୍ତି ହିସାବକୁ ସ୍ଥାନାନ୍ତରିତ ହେଲା)

**ଲାଭ ଓ କ୍ଷତି ବିନିଯୋଜନ ହିସାବର ଛାଞ୍ଚ ନିମ୍ନରେ ଦିଆଗଲା:**

**ଲାଭ ଓ କ୍ଷତି ବିନିଯୋଜନ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ଲାଭ ଓ କ୍ଷତି ହିସାବ (ଯଦି କ୍ଷତି ହୋଇଥାଏ) | ××× | ଲାଭ ଓ କ୍ଷତି ହିସାବ (ଯଦି ଲାଭ ହୋଇଥାଏ) | ××× |
| ଭାଗୀଦାରଙ୍କ ପୁଞ୍ଜି ପରେ ସୁଧ ହିସାବ | ××× | ଉଠାଣ ଉପରେ ସୁଧ | ××× |
| ଭାଗୀଦାରଙ୍କ ଦରମା ହିସାବ | ××× | ଭାଗୀଦାରଙ୍କ ପୁଞ୍ଜି ହିସାବ (କ୍ଷତିର ବଣ୍ଟନ) | ××× |
| ଭାଗୀଦାରଙ୍କ କମିଶନ ହିସାବ | ××× | | |
| ଭାଗୀଦାରଙ୍କ ଋଣ ଉପରେ ସୁଧ ହିସାବ | ××× | | |
| ଭାଗୀଦାରଙ୍କ ପୁଞ୍ଜି ହିସାବ (ଲାଭର ବଣ୍ଟନ) | ××× | | |
| | ××× | | ××× |

**ଉଦାହରଣ 5**

ମୋନିକା ଓ କୃଷ୍ଣା ଯଥାକ୍ରମେ ₹ 80,000 ଓ ₹ 1,00,000ର ପୁଞ୍ଜି ସହିତ ଭାଗୀଦାର ଅଛନ୍ତି । ସେମାନେ ନିମ୍ନ ସର୍ତ୍ତଗୁଡ଼ିକ ଉପରେ ସହମତି ପ୍ରଦାନ କରିଛନ୍ତି:

ଟିପ୍ପଣୀ

(କ) ଲାଭ ସମାନ ଭାଗରେ ବଣ୍ଟାଯିବ ।

(ଖ) ପୁଞ୍ଜି ଉପରେ ବାର୍ଷିକ 9% ହାରରେ ସୁଧ ଦିଆଯିବ ।

(ଗ) ଉଠାଣ ଉପରେ ବାର୍ଷିକ 6% ହାରରେ ସୁଧ ଆଦାୟ କରାଯିବ ।

(ଘ) କୃଷ୍ଣାଙ୍କୁ ମାସିକ ₹600 ହାରରେ ଦରମା ପୈଠ କରାଯିବ ।

(ଙ) ବର୍ଷ ମଧ୍ୟରେ ମୋନିକା ₹8,000 ଓ କୃଷ୍ଣା ₹6,000 ଉଠାଣ କଲେ ।

ଉଠାଣ ଉପରେ ସୁଧ ପୂରା ବର୍ଷ ପାଇଁ ବସାଯିବ । ଡିସେମ୍ବର 31, 2006ରେ ଶେଷ ବର୍ଷ ପାଇଁ ₹56,000 ଲାଭ ହେଲା । ଲାଭ ଓ କ୍ଷତି ବିନିଯୋଜନ ହିସାବ ପ୍ରସ୍ତୁତ କର ।

**ସମାଧାନ**

**କାର୍ଯ୍ୟକାରୀ ଟିପ୍ପଣୀ :**

ପ୍ରଥମେ ତୁମେ ପୁଞ୍ଜି ଉପରେ ସୁଧ ଏବଂ ଉଠାଣ ଉପରେ ସୁଧ ଗଣନା (ହିସାବ) କରିବ ।

**ପୁଞ୍ଜି ଉପରେ ସୁଧ**

ମୋନିକା = ₹80,000 X 9/100
= ₹7,200
କୃଷ୍ଣା = ₹1,00,000 X 9/100
= ₹9,000

**ଉଠାଣ ଉପରେ ସୁଧ**

ମୋନିକାର ଉଠାଣ = ₹8,000
ସୁଧ = ₹8,000 X 6/100
= ₹480
କୃଷ୍ଣାର ଉଠାଣ = ₹6,000
ସୁଧ = ₹6,000 X 6/100
= ₹360

**ଲାଭ ଓ କ୍ଷତି ବିନିଯୋଜନ ହିସାବ**

ଦାୟୀ ଦାତା

| ବିବରଣ | | ପରିମାଣ (₹) | ବିବରଣ | | ପରିମାଣ (₹) |
|---|---|---|---|---|---|
| ପୁଞ୍ଜି ଉପରେ ସୁଧ ହିସାବ: | | | ଲାଭ ଓ କ୍ଷତି ହିସାବ | | 56,000 |
| ମୋନିକା | 7,200 | | ଉଠାଣ ଉପରେ ସୁଧ: | | |
| କୃଷ୍ଣା | 9,000 | 16,200 | ମୋନିକା | 480 | |
| କୃଷ୍ଣାଙ୍କ ଦରମା | | 7,200 | କୃଷ୍ଣା | 360 | 840 |
| ଲାଭ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା: | | | | | |
| ମୋନିକା | 16,720 | | | | |
| କୃଷ୍ଣା | 16,720 | 33440 | | | |
| | | 56,840 | | | 56,840 |

## ପାଠ୍ୟଗତ ପ୍ରଶ୍ନ 18.4

(i) ଲାଭ ଓ କ୍ଷତି ବିନିଯୋଜନ ହିସାବର ଦାୟୀ ପାର୍ଶ୍ୱରେ ଯେଉଁ ଆଇଟମ୍‌ଗୁଡ଼ିକୁ ସାଧାରଣତଃ ଦର୍ଶାଯାଏ, ସେଗୁଡ଼ିକର ତାଲିକା କର ।

(ii) ଯଦି ଲାଭ ଓ କ୍ଷତି ହିସାବର ବଳକା ଦାୟୀ ହୋଇଥାଏ, ତେବେ ଏହି ରାଶିକୁ ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତର କରିବା ପାଇଁ କେଉଁ ପ୍ରବିଷ୍ଟି କରାଯାଏ ?

(iii) ଯେତେବେଳେ ଉଠାଣ ଉପରେ ସୁଧ ଲାଭ ଓ କ୍ଷତି ବିନିଯୋଜନ ହିସାବକୁ ସ୍ଥାନାନ୍ତର କରାଯିବ, ବହିରେ କେଉଁ ଜାବେଦା ପ୍ରବିଷ୍ଟି ଲିପିବଦ୍ଧ ହେବ ?

## ତୁମେ ଯାହା ଶିଖିଲ

- ଭାଗଦାରୀର ବୈଶିଷ୍ଟ୍ୟ ହେଲା:

(i) ରାଜିନାମା (ଚୁକ୍ତି) (ii) ବ୍ୟକ୍ତିଙ୍କ ସଂଖ୍ୟା

(iii) ବ୍ୟବସାୟ (iv) ଲାଭର ବଣ୍ଟନ

(v) ଅସୀମ ଦାୟ (vi) ପରିଚାଳନା

(vii) ପାରସ୍ପରିକ ପ୍ରତିନିଧିତ୍ୱ (viii) ଅଂଶର ହସ୍ତାନ୍ତରୀକରଣ

- ଭାଗଦାରୀ ଦଲିଲ

ଏହା ରାଜିନାମାର ଏକ ଲିଖିତ ଦସ୍ତାବିଜ ଯେଉଁଥିରେ ବ୍ୟବସାୟର ପରିଚାଳନା ସଂକ୍ରାନ୍ତ ନିୟମ ଓ ସର୍ତ୍ତାବଳୀ ତଥା ଭାଗୀଦାରମାନଙ୍କ ମଧ୍ୟରେ ସମ୍ପର୍କ ଉଲ୍ଲେଖ ଥାଏ । ଯଦି ଭାଗଦାରୀ ଦଲିଲ ନ ଥାଏ କିମ୍ବା ଏହା କୌଣସି ପ୍ରସଙ୍ଗ ଉପରେ ନୀରବ ଥାଏ, ତେବେ ଭାଗଦାରୀ ଆଇନ୍ ପ୍ରଯୁଜ୍ୟ ହୁଏ । ଏହି ପ୍ରସଙ୍ଗଗୁଡ଼ିକ ହେଲା:

(i) ଲାଭର ବଣ୍ଟନ (ii) ପୁଞ୍ଜି ଉପରେ ସୁଧ

(iii) ଉଠାଣ ଉପରେ ସୁଧ (iv) ଭାଗୀଦାରଙ୍କ ଋଣ ଉପରେ ସୁଧ

(v) ଭାଗୀଦାରଙ୍କୁ ଦରମା ଓ କମିଶନ

- ପୁଞ୍ଜି ହିସାବ

ବ୍ୟବସାୟରେ ଭାଗୀଦାରଙ୍କ ଦ୍ୱାରା ପ୍ରଦତ୍ତ ଅଭିଦାନ (contribution)କୁ ପୁଞ୍ଜି କୁହାଯାଏ । ଏହି ପୁଞ୍ଜି ସ୍ଥାୟୀ କିମ୍ବା ପରିବର୍ତ୍ତନଶୀଳ ହୋଇପାରେ

(କ) ସ୍ଥାୟୀ ପୁଞ୍ଜି ହିସାବ– ପ୍ରତ୍ୟେକ ଭାଗୀଦାର ପାଇଁ ଦୁଇଟି ଅଲଗା ହିସାବ ରଖାଯାଏ, ଯଥା: 'ପୁଞ୍ଜି ହିସାବ' ଓ 'ଚଳନ୍ତି ହିସାବ' ।

(ଖ) ପରିବର୍ତ୍ତନଶୀଳ ପୁଞ୍ଜି ହିସାବ– ପ୍ରତ୍ୟେକ ଭାଗୀଦାର ପାଇଁ କେବଳ ଗୋଟିଏ ହିସାବ ରଖାଯାଏ, ଯଥା ପୁଞ୍ଜି ହିସାବ ।

- ଲାଭ ଓ କ୍ଷତି ବିନିଯୋଜନ ହିସାବ

ସମସ୍ତ ସମାଯୋଜନ ଯଥା ଭାଗୀଦାରଙ୍କ ଦରମା, ଭାଗୀଦାରଙ୍କ କମିଶନ, ପୁଞ୍ଜି ଉପରେ ସୁଧ, ଉଠାଣ ଉପରେ ସୁଧ ଇତ୍ୟାଦି ଏହି ହିସାବ ଜରିଆରେ କରାଯାଏ ।

### ପାଠ୍ୟାନ୍ତ ପ୍ରଶ୍ନ

1. ଏକ ଭାଗଦାରୀର ବୈଶିଷ୍ଟ୍ୟ ବୁଝାଅ ।

2. ଭାଗଦାରୀ ଦଲିଲର ଅନୁପସ୍ଥିତିରେ କେଉଁ ପ୍ରାବଧାନ (ବ୍ୟବସ୍ଥା)ଗୁଡ଼ିକ ପ୍ରଯୁଜ୍ୟ ହୁଏ ?

3. ସ୍ଥାୟୀ ଓ ପରିବର୍ତ୍ତନଶୀଳ ପୁଞ୍ଜି ହିସାବଦ୍ୱୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

4. ଲାଭ ଓ କ୍ଷତି ବିନିଯୋଜନ ହିସାବ କାହିଁକି ପ୍ରସ୍ତୁତ କରାଯାଏ ?

5. 'କ' ଓ 'ଖ' ଏକ ଫାର୍ମରେ ଭାଗୀଦାର ଅଛନ୍ତି । ଜାନୁଆରୀ 1, 2006ରେ ସେମାନଙ୍କର ପୁଞ୍ଜି ଯଥାକ୍ରମେ ₹ 3,00,000 ଓ ₹ 2,00,000 ଥିଲା । ବର୍ଷ ମଧ୍ୟରେ ସେମାନଙ୍କର ଉଠାଣ ପ୍ରତ୍ୟେକଙ୍କର ମାସିକ ₹ 3,000 ଲେଖାଏଁ ଥିଲା । ସେମାନେ ପୁଞ୍ଜି ଉପରେ 6% ହାରରେ ସୁଧ ପ୍ରଦାନ ନିମନ୍ତେ ସହମତ ଥିଲେ । ସେ ବର୍ଷର ଲାଭ ₹ 4,00,000 ଥିଲା । ଯଦି ପୁଞ୍ଜି ସ୍ଥାୟୀ ଥାଏ, ତେବେ ପୁଞ୍ଜି ଉପରେ ସୁଧ ହିସାବ କର ।

6. ଏକ୍ସ (X) ଓ ୱାଇ (Y) ସମ ଭାଗୀଦାର ଅଟନ୍ତି । ସେମାନେ ପ୍ରତ୍ୟେକ ₹ 4,000 ଲେଖାଏଁ ପ୍ରତି ମାସ ଉଠାଣ କଲେ । ନିମ୍ନ ସ୍ଥିତିଗୁଡ଼ିକରେ ବାର୍ଷିକ 4% ହାରରେ ଉଠାଣ ଉପରେ ସୁଧ ହିସାବ କର:

   (i) ଯଦି ସେମାନେ ପ୍ରତି ମାସ ଆରମ୍ଭରେ ଉଠାଣ କରିଥା'ନ୍ତି ।

   (ii) ଯଦି ସେମାନେ ପ୍ରତି ମାସ ଶେଷରେ ଉଠାଣ କରିଥା'ନ୍ତି ।

   (iii) ଯଦି ସେମାନେ ପ୍ରତି ମାସ ମଝିରେ ଉଠାଣ କରିଥା'ନ୍ତି ।

7. ନମନ ଓ ଅସ୍ମିତା ଜାନୁଆରୀ 1, 2006 ରେ ପ୍ରତ୍ୟେକ ₹ 1,00,000ର ପୁଞ୍ଜି ପ୍ରଦାନ ପୂର୍ବକ ବ୍ୟବସାୟ ଆରମ୍ଭ କଲେ । ବର୍ଷ ମଧ୍ୟରେ ସେମାନଙ୍କର ଉଠାଣ ଯଥାକ୍ରମେ ମାସିକ ₹ 1,000 ଓ ₹ 500 ଥିଲା । ଉଠାଣ ଉପରେ ସୁଧ ଯଥାକ୍ରମେ ₹ 200 ଓ ₹ 100 ଥିଲା । ସେମାନଙ୍କୁ ପୁଞ୍ଜି ଉପରେ ବାର୍ଷିକ 8% ହାରରେ ସୁଧ ପ୍ରଦାନର ବ୍ୟବସ୍ଥା ଅଛି । ନମନଙ୍କୁ ପ୍ରତି ମାସ ₹ 2,000 ଲେଖାଏଁ ଦରମା ଦେବାର ବ୍ୟବସ୍ଥା ଅଛି । ସେମାନେ ସୁଧ ଓ ଦରମାର ସମାଯୋଜନ ପୂର୍ବରୁ ₹ 94,000ର ଲାଭ ଉପାର୍ଜନ କଲେ । ସେମାନେ 2:1 ଅନୁପାତରେ ଲାଭ ବଣ୍ଟନ କରନ୍ତି । ଲାଭ ଓ କ୍ଷତି ବିନିଯୋଜନ ହିସାବ ଏବଂ ଭାଗୀଦାରମାନଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ।

8. ରୋହନ ଓ ଭାନୁ ଏକ ଫାର୍ମରେ ଭାଗୀଦାର ଥିଲେ ଏବଂ ମାର୍ଚ୍ଚ 1, 2006 ରେ ସେମାନଙ୍କର ନିମ୍ନ ବଳକାମାନ ଥିଲା:

| | ରୋହନ (₹) | ଭାନୁ (₹) |
|---|---|---|
| ପୁଞ୍ଜି ହିସାବ | 90,000 | 1,20,000 |
| ଚଳନ୍ତି ହିସାବ | 8,000 (ଦାତା) | 4,000 (ଦାୟୀ) |
| ଉଠାଣ | 5,000 | 6,000 |

ପୁଞ୍ଜି ଉପରେ ସୁଧ ଏବଂ ଭାଗୀଦାରଙ୍କ ଦରମା ଦେବା ପୂର୍ବରୁ ଶୁଦ୍ଧ ଲାଭ ₹ 25,600 ଥିଲା । ସେମାନେ ନିମ୍ନ ସର୍ତ୍ତ ଉପରେ ରାଜି ଅଛନ୍ତି :

(i) ଲାଭ ସ କ୍ଷତି ସମ ଭାଗରେ ବଣ୍ଟାଯିବ ।

(ii) ପୁଞ୍ଜି ଉପରେ 6% ସୁଧ ଦିଆଯିବ ।

(iii) ଭାନୁକୁ ₹ 900 ଲେଖାଏଁ ମାସିକ ଦରମା ପୈଠ ହେବ ।

ଲାଭ ଓ କ୍ଷତି ବିନିଯୋଜନ ହିସାବ ଏବଂ ଭାଗୀଦାରମାନଙ୍କର ପୁଞ୍ଜି ହିସାବ ପ୍ରସ୍ତୁତ କର ।

9. ଏମ୍ (M) ଓ ଆର୍ (R)ଙ୍କର ଭାଗଦାରୀ ଚୁକ୍ତିରେ ନିମ୍ନ ପ୍ରାବଧାନଗୁଡ଼ିକ ଅଛି:

(i) ଲାଭ 3:2 ଅନୁପାତରେ ବଣ୍ଟାଯିବ ।

(ii) ଏମ୍‌କୁ ମାସିକ ₹ 500 ହିସାବରେ ଦରମା ଦିଆଯିବ ।

(iii) ଭାଗୀଦାରଙ୍କର ସ୍ଥାୟୀ ପୁଞ୍ଜି ହିସାବ ଉପରେ 8% ସୁଧ ଦିଆଯିବ ।

(iv) ଭାଗୀଦାରଙ୍କର ଉଠାଣ ଉପରେ 6% ସୁଧ ଲାଗିବ ।

(v) ଏମ୍ ଓ ଆର୍‌ଙ୍କର ସ୍ଥାୟୀ ପୁଞ୍ଜି ଯଥାକ୍ରମେ ₹ 2,00,000 ଓ ₹ 1,50,000 । ସେମାନଙ୍କର ଉଠାଣ ଯଥାକ୍ରମେ ₹ 10,000 ଓ ₹ 12,000 ଥିଲା । ଡିସେମ୍ବର 2006 ରେ ଶେଷ ବର୍ଷ ପାଇଁ ଶୁଦ୍ଧ ଲାଭର ପରିମାଣ ଥିଲା ₹ 62,000 ।

ଲାଭ ଓ କ୍ଷତି ବିନିଯୋଜନ ହିସାବ ପ୍ରସ୍ତୁତ କର ।

## ପାଠ୍ୟଗତ ପ୍ରଶ୍ନଗୁଡ଼ିକର ଉତ୍ତର

### ପାଠ୍ୟଗତ ପ୍ରଶ୍ନ 18.1

I. (i) ଦୁଇ (ii) ରାଜିନାମା (ଚୁକ୍ତି) (iii) ଲିଖିତ, ମୌଖିକ
(iv) ଭାଗଦାରୀ ଦଲିଲ (v) ଅସୀମ

II. (i) ନାହିଁ (ii) ହଁ (iii) ନାହିଁ
(iv) ନାହିଁ (v) ନାହିଁ

**ପାଠ୍ୟଗତ ପ୍ରଶ୍ନ 18.2**

1. (i) ଦାତା (ii) ଚଳନ୍ତି (iii) ସ୍ଥାୟୀ

(iv) ଦାତା (v) ଦାୟୀ

**ପାଠ୍ୟଗତ ପ୍ରଶ୍ନ 18.3**

1. (i) ଦାତା (ii) ଦାୟୀ (iii) ପ୍ରାରମ୍ଭିକ ବଳକା

(iv) 6½ ମାସ (v) ଏକମାସ

2. ପୁଞ୍ଜି ଉପରେ ସୁଧ : ରୀମା ₹ 6,250 ଏବଂ ଅନିଶ ₹ 8,000

3. ଉଠାଣ ଉପରେ ସୁଧ ₹ 1,100

**ପାଠ୍ୟଗତ ପ୍ରଶ୍ନ 18.4**

(i) ଭାଗୀଦାରଙ୍କ ଦରମା, ଭାଗୀଦାରଙ୍କ କମିଶନ, ପୁଞ୍ଜି ଉପରେ ସୁଧ, ଭାଗୀଦାରଙ୍କ ଋଣ ଉପରେ ସୁଧ ।

(ii) ଲାଭ ଓ କ୍ଷତି ବିନିଯୋଜନ ହିସାବ ଦାୟୀ

ଦାତା ଲାଭ ଓ କ୍ଷତି ହିସାବ

(iii) ଉଠାଣ ଉପରେ ସୁଧ ହିସାବ ଦାୟୀ

ଦାତା ଲାଭ ଓ କ୍ଷତି ବିନିଯୋଜନ ହିସାବ

**ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନଗୁଡ଼ିକର ଉତ୍ତର**

5. ପୁଞ୍ଜି ଉପରେ ସୁଧ : 'କ'ଙ୍କୁ ₹ 18,000 ଏବଂ 'ଖ'ଙ୍କୁ ₹ 12,000

6. (i) ₹ 1,040 (ii) ₹ 880 (iii) ₹ 960

7. ଲାଭର ବଣ୍ଟନ: ନମନଙ୍କୁ ₹ 36,200 ଏବଂ ଅସ୍ମିତାଙ୍କୁ ₹ 18,100

ପୁଞ୍ଜି ହିସାବରେ ବଳକା : ନମନ ₹ 1,56,000 ଏବଂ ଅସ୍ମିତା ₹ 1,20,000

8. ଲାଭର ବଣ୍ଟନ : ରୋହନଙ୍କୁ ₹ 1,100 ଏବଂ ଭାନୁଙ୍କୁ ₹ 1,100

ଚଳନ୍ତି ହିସାବରେ ବଳକା: ରୋହନ ₹ 9,500 ଏବଂ ଭାନୁ ₹ 9,100

9. ଲାଭର ବଣ୍ଟନ : 'ଏମ୍'ଙ୍କୁ ₹ 17,592 ଏବଂ 'ଆର୍'ଙ୍କୁ ₹ 11,728



ଟିପ୍ପଣୀ

 *କାର୍ଯ୍ୟ:*

ତୁମର ଯୋଗାଯୋଗ କୌଶଳର ପ୍ରୟୋଗ କରି ପାଞ୍ଚଟି ଫାର୍ମର 'ଭାଗଦାରୀ ଦଲିଲ' ହାସଲ କର । ଏହି ଦଲିଲଗୁଡ଼ିକୁ ଧ୍ୟାନର ସହିତ ପଢ଼ । ସେହି ପ୍ରାବଧାନଗୁଡ଼ିକୁ ଚିହ୍ନଟ କର ଯେଉଁଗୁଡ଼ିକ ସାଧାରଣ (ସମାନ) ନୁହେଁ । ଆହୁରି ମଧ୍ୟ ସେହି ଗୁରୁତ୍ୱପୂର୍ଣ୍ଣ ଆଇଟମ୍‌ଗୁଡ଼ିକର ସନ୍ଧାନ କର ଯାହାକୁ ତୁମେ ଭାଗଦାରୀ ଦଲିଲ୍‌ରେ ଅନ୍ତର୍ଭୁକ୍ତ କରିବାକୁ ଚାହିଁବ ।

| ଫାର୍ମର ନାମ | ସେହି ଆଇଟମ୍ ଯାହା ନିର୍ଦ୍ଦିଷ୍ଟ ଭାବେ କେବଳ ଏହି ଫାର୍ମ ପାଇଁ | ଅନ୍ତର୍ଭୁକ୍ତ କରାଯିବାକୁ ଥିବା ଆଇଟମ୍ |
|---|---|---|
| 1. | | |
| 2. | | |
| 3. | | |
| 4. | | |
| 5. | | |

ତୁମ ପରାମର୍ଶ ମୁତାବକ ଆଇଟମ୍‌ଗୁଡ଼ିକର ତାଲିକା ଯାହା ଭାଗଦାରୀ ଦଲିଲରେ ଅନ୍ତର୍ଭୁକ୍ତ କରିହେବ ।

1. ........................................................................................................

2. ........................................................................................................

3. ........................................................................................................

4. ........................................................................................................

5. ........................................................................................................

ତୁମେ ଜାଣ କି ?



**ଜଣେ ବ୍ୟକ୍ତି କୌଣସି ଦନ୍ତ ଚିକିତ୍ସକଙ୍କଠାରୁ ଏଡ୍‌ସ୍ ହାସଲ କରି ପାରିବ କି ?**

ପୁନଶ୍ଚ, ଜଣେ ଦନ୍ତ ଚିକିତ୍ସକଙ୍କ ଉପକରଣଗୁଡ଼ିକରୁ ଏଡ୍‌ସ୍ ହାସଲ କରିବାର କେତେକ ଆଶଙ୍କା ରହିଛି ଯେହେତୁ ସେଗୁଡ଼ିକ ଅନେକ ସମୟରେ ରକ୍ତ ସହିତ ପ୍ରଦୂଷିତ ହୁଏ । ତେବେ, ଯଦି ତୁମେ ଜଣେ ଭଲ ଓ ଖ୍ୟାତିସମ୍ପନ୍ନ ଦନ୍ତ ଚିକିତ୍ସକଙ୍କ ପାଖକୁ ଯାଅ ଯେ କି ସଂକ୍ରମଣ ମୁକ୍ତ କିମ୍ବା ଡିସ୍‌ପୋଜେବଲ୍ ଉପକରଣମାନ ବ୍ୟବହାର କରନ୍ତି, ଆଶଙ୍କା ହ୍ରାସ ପାଇବ । ତେଣୁ ସର୍ବଦା ଜଣେ ଦନ୍ତ ଚିକିତ୍ସକଙ୍କୁ ବାଛ ଯେ କି ଉଚ୍ଚ ସ୍ତରର ସୁସ୍ଥ ଓ ସଂକ୍ରମଣ ମୁକ୍ତ ପନ୍ଥା ଅନୁସରଣ କରନ୍ତି ।



# 19

# ଭାଗୀଦାରଙ୍କ ପ୍ରବେଶ

# (Admission of a Partner)

କପିଳ ଓ କୃଷ୍ଣ ଖେଳଣା ବ୍ୟବସାୟ କରୁଥିବା ଏକ ଭାଗଦାରୀ ଫାର୍ମ ଚଳାଉଛନ୍ତି । ସେମାନେ ସେ ଅଞ୍ଚଳରେ ସବୁଠୁ ସଫଳ ବ୍ୟବସାୟୀ ଅଟନ୍ତି । ସେମାନେ ଏବେ ନିଜ ବ୍ୟବସାୟରେ ଭିନ୍ନତା ଆଣିବା ପାଇଁ ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ପରିଚାଳିତ ଖେଳଣାର ଉତ୍ପାଦନ ଆରମ୍ଭ ନିମନ୍ତେ ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ସେମାନଙ୍କୁ ଅଧିକ ପୁଞ୍ଜି ଏବଂ ପ୍ରଯୁକ୍ତି ଦକ୍ଷତା ମଧ୍ୟ ଆବଶ୍ୟକ । ସେମାନଙ୍କର ବନ୍ଧୁ 'ମୋହିତ' ଜଣେ ଇଲେକ୍ଟ୍ରୋନିକ ଇଞ୍ଜିନିୟର ଏବଂ ତାଙ୍କ ପାଖରେ ପୁଞ୍ଜି ମଧ୍ୟ ଅଛି । ସେମାନେ ତାଙ୍କୁ ତାଙ୍କ ଫାର୍ମରେ ଯୋଗ ଦେବାକୁ ପ୍ରବର୍ତ୍ତାଇଛନ୍ତି । ଏହି ସ୍ଥିତିରେ ଯଦି ସେ ଭାଗଦାରୀ ଫାର୍ମରେ ଯୋଗଦାନ କରନ୍ତି, ତେବେ ଏହା ଏକ ଭାଗୀଦାରଙ୍କ ପ୍ରବେଶର ସ୍ଥିତି ହେବ । ଏହାର ଫଳ ସ୍ୱରୂପ ତାଙ୍କୁ ପୁଞ୍ଜି ଓ ନିଜ ଭାଗର ସୁନାମ ବାବଦ ଅର୍ଥ ଆଣିବାକୁ ପଡ଼ିପାରେ । ଏହି ପାଠରେ ତୁମେ ଭାଗୀଦାରଙ୍କ ପ୍ରବେଶ ସମୟରେ ସୁନାମ ଏବଂ ଅନ୍ୟାନ୍ୟ ସମାଯୋଜନଗୁଡ଼ିକ ସମ୍ବନ୍ଧରେ ଶିଖିବ । ମୋହିତ ପୁଞ୍ଜି ଏବଂ ନିଜ ଭାଗର ସୁନାମ ଆଣିବେ । ତାଙ୍କ ପ୍ରବେଶରେ, ବର୍ତ୍ତମାନ ସ୍ଥିତ ଫାର୍ମର କିଛି ପରିସମ୍ପତ୍ତି ଓ ଦାୟକୁ ବାସ୍ତବିକ ମୂଲ୍ୟରେ ପରିପ୍ରକାଶ ପାଇଁ ସେଗୁଡ଼ିକର ବର୍ତ୍ତମାନ (ଅଭିଲିଖିତ) ମୂଲ୍ୟରେ ପରିବର୍ତ୍ତନ କରାଯିବା ଆବଶ୍ୟକ । ତାଙ୍କ ପ୍ରବେଶରେ ଅର୍ଥ ସହିତ ସମ୍ବନ୍ଧିତ କିଛି ଅନ୍ୟ ବିଷୟ ଥାଇପାରେ । ଏ ସମସ୍ତର ହିସାବରକ୍ଷଣ ଉପଚାର/ଲେଖାଯୋଖା ଆବଶ୍ୟକ । ଏହି ପାଠରେ ତୁମେ ଜଣେ ଭାଗୀଦାରଙ୍କ ପ୍ରବେଶ ସମୟରେ କରାଯାଉଥିବା ହିସାବରକ୍ଷଣ ଲେଖାଯୋଖା ଏବଂ ସମାଯୋଜନଗୁଡ଼ିକୁ ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ ତୁମେ :

- ଭାଗୀଦାରଙ୍କ ପ୍ରବେଶର ଅର୍ଥ ଉଲ୍ଲେଖ କରିପାରିବ;
- ନୂତନ ଲାଭ ବଣ୍ଟନ ଅନୁପାତ ଓ ତ୍ୟାଗ ଅନୁପାତ ହିସାବ କରିପାରିବ;
- ସୁନାମର ଅର୍ଥ ଓ ଏହାକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକର ଉଲ୍ଲେଖ କରିପାରିବ;
- ସୁନାମର ମୂଲ୍ୟାୟନର ପଦ୍ଧତିଗୁଡ଼ିକୁ ବୁଝାଇ ପାରିବ;
- ସୁନାମର ହିସାବରକ୍ଷଣ ଉପଚାର ବର୍ଣ୍ଣନା କରିପାରିବ;
- ପରିସମ୍ପତ୍ତିର ପୁନର୍ମୂଲ୍ୟାୟନ ଏବଂ ଦାୟଗୁଡ଼ିକର ପୁନର୍ନିର୍ଦ୍ଧାରଣର ଆବଶ୍ୟକତାକୁ ବୁଝାଇ ପାରିବ;
- ପରିସମ୍ପତ୍ତିଗୁଡ଼ିକର ପୁନର୍ମୂଲ୍ୟାୟନ ଏବଂ ଦାୟଗୁଡ଼ିକର ପୁନର୍ନିର୍ଦ୍ଧାରଣ ଜନିତ ଉତ୍ପନ୍ନ ପରିବର୍ତ୍ତନଗୁଡ଼ିକର ହିସାବରକ୍ଷଣ ଉପଚାରର ଉଦାହରଣ ଦେଇ ପାରିବ;
- ଅଣ-ଆବଣ୍ଟିତ ଲାଭ ଓ ସଞ୍ଚିତିଗୁଡ଼ିକର ହିସାବରକ୍ଷଣ ଉପଚାର ବର୍ଣ୍ଣନା କରିପାରିବ;
- ପୁନର୍ମୂଲ୍ୟାୟନ ହିସାବ, ଭାଗୀଦାରମାନଙ୍କ ପୁଞ୍ଜି ହିସାବ ଏବଂ ପୁନର୍ଗଠିତ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କରିପାରିବ ।

## 19.1 ଭାଗୀଦାରଙ୍କ ପ୍ରବେଶ

### ଅର୍ଥ, ନୂତନ ଲାଭ ବଣ୍ଟନ ଅନୁପାତ ଏବଂ ତ୍ୟାଗ ଅନୁପାତ

### ଅର୍ଥ

ପୂର୍ବରୁ ଥିବା ଏକ ଭାଗଦାରୀ ଫାର୍ମ ଯେତେବେଳେ ବ୍ୟବସାୟର ବିସ୍ତାର/ବିବିଧକରଣ କାର୍ଯ୍ୟ ହାତକୁ ନିଅନ୍ତି, ସେ କ୍ଷେତ୍ରରେ ପରିଚାଳନାଗତ ସାହାଯ୍ୟ କିମ୍ବା ଅତିରିକ୍ତ ପୁଞ୍ଜିର ଆବଶ୍ୟକତା ପଡ଼ିପାରେ । ଭାଗଦାରୀ ଫାର୍ମ ସମ୍ମୁଖରେ ଏକ ବିକଳ୍ପ ହେଉଛି ଭାଗୀଦାର/ଭାଗୀଦାରମାନଙ୍କୁ ପ୍ରବେଶ (ଭର୍ତ୍ତି) କରାଇବା । ଯେତେବେଳେ ଜଣେ ଭାଗୀଦାରଙ୍କୁ ପୂର୍ବରୁ ରହିଥିବା ଭାଗଦାରୀ ଫାର୍ମରେ ଭର୍ତ୍ତି କରାଯାଏ, ଏହାକୁ ଭାଗୀଦାରଙ୍କ ପ୍ରବେଶ କୁହାଯାଏ ।

> **ଭାରତୀୟ ଭାଗଦାରୀ ଆଇନ୍, 1932 ଅନୁସାରେ ଯଦି ଅନ୍ୟଥା କୌଣସି ଚୁକ୍ତି ହୋଇନାହିଁ, ତେବେ ଜଣେ ନୂତନ ବ୍ୟକ୍ତିକୁ ଭାଗଦାରୀରେ ପ୍ରବେଶାନୁମତି କେବଳ ସମସ୍ତ ବର୍ତ୍ତମାନସ୍ଥିତ ଭାଗୀଦାରଙ୍କ ସମ୍ମତି ଦ୍ୱାରା ହିଁ ଦିଆଯାଇପାରିବ ।**

ଜଣେ ନୂତନ ଭାଗୀଦାରଙ୍କ ପ୍ରବେଶରେ ଏକ ନୂତନ ରାଜିନାମା ସହିତ ଭାଗଦାରୀ ଫାର୍ମର ପୁନର୍ଗଠନ ହୁଏ । ଉଦାହରଣ ସ୍ୱରୂପ, ରେଖା ଓ ନିତେଶ 5:3 ଅନୁପାତରେ ଲାଭ ବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଅପ୍ରେଲ୍ 1, 2006 ରେ ସେମାନେ ନିତୁକୁ ଏକ ନୂଆ ଭାଗୀଦାର ହିସାବରେ ଫାର୍ମର ଲାଭରେ ଏକ-ଚତୁର୍ଥାଂଶ (1/4) ଭାଗ ପାଇଁ ପ୍ରବେଶ କରାଇଲେ । ଏ କ୍ଷେତ୍ରରେ ଏକ ଭାଗୀଦାର ହିସାବରେ ନିତୁଙ୍କର ପ୍ରବେଶ ସହିତ ଫାର୍ମର ପୁନର୍ଗଠନ ହେଲା ।

ଜଣେ ନୂଆ ଭାଗୀଦାରଙ୍କ ପ୍ରବେଶରେ ନିମ୍ନ ସମାଯୋଜନଗୁଡ଼ିକର ଆବଶ୍ୟକତା ହୋଇଥାଏ:

(i) ଲାଭ ଆବଣ୍ଟନ ଅନୁପାତରେ ସମାଯୋଜନ;

(ii) ସୁନାମର ସମାଯୋଜନ;

(iii) ପରିସମ୍ପତ୍ତିର ପୁନର୍ମୂଲ୍ୟାୟନ ଏବଂ ଦାୟର ପୁନର୍ନିର୍ଦ୍ଧାରଣ ପାଇଁ ସମାଯୋଜନ;

(iv) ଗଚ୍ଛିତ ଲାଭ ଓ ସଞ୍ଚିତିର ବଣ୍ଟନ; ଏବଂ

(v) ଭାଗୀଦାରମାନଙ୍କ ପୁଞ୍ଜିର ସମାଯୋଜନ ।

### ଲାଭ ଆବଣ୍ଟନ ଅନୁପାତରେ ସମାଯୋଜନ

ଯେତେବେଳେ ଜଣେ ନୂଆ ଭାଗୀଦାର ପ୍ରବେଶ କରେ, ସେ ଲାଭରେ ତା'ର ଭାଗକୁ ବର୍ତ୍ତମାନ ବିଦ୍ୟମାନ ଭାଗୀଦାରମାନଙ୍କଠାରୁ ଅଧିଗ୍ରହଣ କରେ । ଫଳ ସ୍ୱରୂପ, ନୂତନ ଫାର୍ମରେ ଲାଭ ଆବଣ୍ଟନ ଅନୁପାତ ନୂଆ ଭାଗୀଦାର ଏବଂ ବିଦ୍ୟମାନ ଭାଗୀଦାରମାନଙ୍କ ମଧ୍ୟରେ ପାରସ୍ପରିକ ଭିତ୍ତିରେ ସ୍ଥିର ହୁଏ । ଅନ୍ତର୍ଗାମୀ ଭାଗୀଦାର (incoming partner) ଭବିଷ୍ୟତର ଲାଭରୁ ତାଙ୍କର ଭାଗ ଏକ ବା ଏକାଧିକ ବିଦ୍ୟମାନ ଭାଗୀଦାରଙ୍କଠାରୁ ଅଧିଗ୍ରହଣ କରେ । ବିଦ୍ୟମାନ ଭାଗୀଦାରମାନେ ନିଜ ନିଜ ଲାଭର କିଛି ଅଂଶ ନୂଆ ଭାଗୀଦାରଙ୍କ ସପକ୍ଷରେ ତ୍ୟାଗ କରନ୍ତି, ତେଣୁ ନୂତନ ଲାଭ ଆବଣ୍ଟନ ଅନୁପାତ ବାହାର କରିବା ଆବଶ୍ୟକ ହୋଇଥାଏ ।

**ତ୍ୟାଗ ଅନୁପାତ**

ଜଣେ ଭାଗୀଦାରଙ୍କ ପ୍ରବେଶ ସମୟରେ ବିଦ୍ୟମାନ ଭାଗୀଦାରମାନେ ନିଜ ନିଜ ଭାଗରୁ କିଛି ନୂଆ ଭାଗୀଦାରଙ୍କ ସପକ୍ଷରେ ସମର୍ପଣ କରନ୍ତି । ସେମାନେ ଯେଉଁ ଅନୁପାତରେ ନିଜ ନିଜ ଲାଭର ଭାଗରୁ ଅନ୍ତର୍ଗାମୀ ଭାଗୀଦାରଙ୍କ ସପକ୍ଷରେ ତ୍ୟାଗ କରନ୍ତି, ତାହାକୁ ତ୍ୟାଗ ଅନୁପାତ କୁହାଯାଏ । ବିଦ୍ୟମାନ ଭାଗୀଦାରମାନଙ୍କୁ ସେମାନଙ୍କର ତ୍ୟାଗ ପାଇଁ କିଛି ରାଶି ପୈଠ କରାଯାଏ । ନୂଆ ଭାଗୀଦାର ଲାଭରୁ ଭାଗ ପାଇବା ପାଇଁ ବର୍ତ୍ତମାନ ବିଦ୍ୟମାନ ଯେଉଁ ଭାଗୀଦାରମାନେ ତାଙ୍କ ସପକ୍ଷରେ ଲାଭ ସମର୍ପଣ କରିଥା'ନ୍ତି, ନୂଆ ଭାଗୀଦାର ସେମାନଙ୍କୁ ଏହି କ୍ଷତିପୂରଣ ରାଶି ପୈଠ କରିଥା'ନ୍ତି ।

ତ୍ୟାଗ ଅନୁପାତ ନିମ୍ନମତେ ବାହାର କରାଯାଏ :

**ତ୍ୟାଗ ଅନୁପାତ = ବିଦ୍ୟମାନ ଅନୁପାତ – ନୂଆ ଅନୁପାତ**

ନୂତନ ଲାଭ ଆବଣ୍ଟନ ଅନୁପାତ ଏବଂ ତ୍ୟାଗ ଅନୁପାତ ହିସାବ କଲାବେଳେ ନିମ୍ନ ସ୍ଥିତିମାନ ଉପୁଜିପାରେ:

(i) **କେବଳ ନୂତନ ଭାଗୀଦାରଙ୍କ ଭାଗ ଦିଆଯାଇଛି**

ଏହି କ୍ଷେତ୍ରରେ, ଏହା ଧରି ନିଆଯାଏ ଯେ ବିଦ୍ୟମାନ ଭାଗୀଦାରମାନେ ଅବଶିଷ୍ଟ ଲାଭକୁ ସେହି ଏକା ଅନୁପାତରେ ବାଣ୍ଟି ଚାଲିବେ, ଯେଉଁ ଅନୁପାତରେ ସେମାନେ ନୂଆ ଭାଗୀଦାରଙ୍କ ପ୍ରବେଶ ପୂର୍ବରୁ ବାଣ୍ଟୁଥିଲେ । ସେତେବେଳେ ବିଦ୍ୟମାନ ଭାଗୀଦାରଙ୍କ ନୂତନ ଅନୁପାତର ଗଣନା (ହିସାବ) ଅବଶିଷ୍ଟ ଲାଭକୁ ସେମାନଙ୍କର ପୂର୍ବ ବିଦ୍ୟମାନ ଅନୁପାତରେ ଭାଗ କରି କରାଯାଏ । ବିଦ୍ୟମାନ ଅନୁପାତରୁ ନୂଆ ଅନୁପାତକୁ ବିୟୋଗ କରି ତ୍ୟାଗ ଅନୁପାତ ବାହାର କରାଯାଏ ।

**ଉଦାହରଣ 1**

ଦୀପକ ଓ ବିବେକ 3:2 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ଆଶୁଙ୍କୁ ଏକ ନୂଆ ଭାଗୀଦାର ଭାବେ ଲାଭରେ 1/5 ଭାଗ ପାଇଁ ପ୍ରବେଶ କରାଇଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ଏବଂ ତ୍ୟାଗ ଅନୁପାତ ନିର୍ଣ୍ଣୟ କର ।

**ସମାଧାନ**

**ନୂତନ ଲାଭ ଆବଣ୍ଟନ ଅନୁପାତର ଗଣନା**

ଧରାଯାଉ ମୋଟ ଲାଭ = 1

ନୂଆ ଭାଗୀଦାରଙ୍କ ଭାଗ = 1/5

ଅବଶିଷ୍ଟ ଲାଭ = 1 – 1/5 = 4/5

ଦୀପକଙ୍କ ନୂଆ ଭାଗ = 4/5 ର 3/5 = 12/25

ବିବେକଙ୍କ ନୂଆ ଭାଗ = 4/5 ର 2/5 = 8/25

ଆଶୁର ଭାଗ = 1/5

ଦୀପକ, ବିବେକ ଓ ଆଶୁର ନୂତନ ଲାଭ ଆବଣ୍ଟନ ଅନୁପାତ

= 12/25 : 8/25 : 1/5 = 12/25 : 8/25 : 5/25 = 12 : 8 : 5

ତେଣୁ ଦୀପକର ତ୍ୟାଗ = 3/5 – 12/25 = 15/25 – 12/25 = 3/25

ବିବେକର ତ୍ୟାଗ = 2/5 – 8/25 = 10/25 – 8/25 = 2/25

ତ୍ୟାଗ ଅନୁପାତ = 3/25 : 2/25 = 3 : 2

ବିଦ୍ୟମାନ ଭାଗୀଦାରଙ୍କର ତ୍ୟାଗ ଅନୁପାତ ସେମାନଙ୍କର ବିଦ୍ୟମାନ ଲାଭ ବଣ୍ଟନ ଅନୁପାତ ସହିତ ସମାନ ଅଟେ ।

### (ii) ନୂତନ ଭାଗୀଦାର ତାଙ୍କ ଲାଭର ଭାଗ ବିଦ୍ୟମାନ ଭାଗୀଦାରମାନଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ କ୍ରୟ କରେ

ଏହି କ୍ଷେତ୍ରରେ, ବିଦ୍ୟମାନ ଭାଗୀଦାରମାନଙ୍କର ନୂତନ ଲାଭ ଆବଣ୍ଟନ ଅନୁପାତର ନିର୍ଦ୍ଧାରଣ ସେମାନଙ୍କ ଭାଗରୁ ରାଜି ହୋଇଥିବା ତ୍ୟାଗକୁ ବିୟୋଗ କରି କରାଯାଏ । ଏହାର ଅର୍ଥ ଅନ୍ତର୍ଗାମୀ (ଆଗନ୍ତୁକ) ଭାଗୀଦାର ବିଦ୍ୟମାନ ଭାଗୀଦାରମାନଙ୍କଠାରୁ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ଲାଭର କିଛି ଭାଗ କ୍ରୟ କରିଛନ୍ତି ।

**ଉଦାହରଣ 2**

ନେହା ଓ ପ୍ରତୀକ 5:3 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ନିଶାଙ୍କୁ ଏକ ନୂଆ ଭାଗୀଦାର ଭାବେ ଲାଭରେ 1/6 ଭାଗ ପାଇଁ ପ୍ରବେଶ କରାଇଲେ । ସେ ଏହି ଭାଗକୁ ନେହାଙ୍କଠାରୁ 1/8 ଓ ପ୍ରତୀକଙ୍କଠାରୁ 1/24 ଭାଗ ହିସାବରେ ଅଧିଗ୍ରହଣ କଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ଓ ତ୍ୟାଗ ଅନୁପାତ ବାହାର କର ।

**ସମାଧାନ**

ନେହା ଓ ପ୍ରତୀକଙ୍କର ବିଦ୍ୟମାନ ଅନୁପାତ = 5:3

ନେହାଙ୍କ ନୂଆ ଭାଗ = 5/8 – 1/8 = 4/8 ବା 12/24

ପ୍ରତୀକଙ୍କ ନୂଆ ଭାଗ = 3/8 – 1/24 = 8/24

ନିଶାଙ୍କ ଭାଗ = 1/8 + 1/24 = 4/24

ନେହା, ପ୍ରତୀକ ଓ ନିଶାଙ୍କର ନୂତନ ଲାଭ ଆବଣ୍ଟନ ଅନୁପାତ

= 12/24 : 8/24 : 4/24

= 12 : 8 : 4 = 3 : 2 : 1

ତ୍ୟାଗ ଅନୁପାତ = 1/8 : 1/24 ବା 3 : 1

### (iii) ବିଦ୍ୟମାନ ଭାଗୀଦାରମାନେ ସେମାନଙ୍କ ଭାଗର ଏକ ନିର୍ଦ୍ଦିଷ୍ଟ ଅନୁପାତ ନୂତନ ଭାଗୀଦାରଙ୍କ ସପକ୍ଷରେ ସମର୍ପଣ କରନ୍ତି :

ଏହି କ୍ଷେତ୍ରରେ, ପ୍ରତ୍ୟେକ ଭାଗୀଦାରଙ୍କ ଦ୍ୱାରା ତ୍ୟାଗ କରାଯାଇଥିବା ଭାଗ ନିର୍ଦ୍ଧାରଣ କରିବାକୁ ହେବ । ବିଦ୍ୟମାନ ଭାଗୀଦାରଙ୍କ ଭାଗକୁ ତାଙ୍କର ତ୍ୟାଗ ଅନୁପାତରେ ଗୁଣନ କରି ଏହା ନିର୍ଦ୍ଧାରଣ କରାଯାଏ । ବିଦ୍ୟମାନ ଭାଗୀଦାରଙ୍କ ଦ୍ୱାରା ତ୍ୟାଗ କରାଯାଇଥିବା ଭାଗକୁ ତାଙ୍କର ବିଦ୍ୟମାନ ଭାଗରୁ ବିୟୋଗ କରାଯାଏ । ଏହିପରି ଭାବେ ବିଦ୍ୟମାନ ଭାଗୀଦାରଙ୍କର ନୂଆ ଭାଗ ସ୍ଥିର କରାଯାଏ । ଅନ୍ତର୍ଗାମୀ ଭାଗୀଦାରଙ୍କ ଭାଗ, ବିଦ୍ୟମାନ ଭାଗୀଦାରଙ୍କଦ୍ୱାରା ତ୍ୟାଗର ସମଷ୍ଟି ଅଟେ ।

**ଉଦାହରଣ 3**

ହିମ ଓ ରାଜ 5:3 ଅନୁପାତରେ ଲାଭ ଆବଣ୍ଟନ କରୁଥିଲେ । ଜଲ୍ଲୀଙ୍କୁ ଏକ ଭାଗୀଦାର ହିସାବରେ ଭର୍ତ୍ତି କରାଗଲା । ହିମ ତାଙ୍କ ଭାଗର 1/5 ଏବଂ ରାଜ ତାଙ୍କ ଭାଗର 1/3 ଜଲ୍ଲୀଙ୍କ ସପକ୍ଷରେ ସମର୍ପଣ କଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ବାହାର କର ।

**ସମାଧାନ**

ହିମଙ୍କ ଦ୍ୱାରା ସମର୍ପଣ = ତାଙ୍କ ଭାଗର 1/5 = 5/8 ର 1/5 = 1/8

ରାଜଙ୍କ ଦ୍ୱାରା ସମର୍ପଣ = ତାଙ୍କ ଭାଗର 1/3 = 3/8 ର 1/3 = 1/8

ତେଣୁ ହିମ ଓ ରାଜଙ୍କର ତ୍ୟାଗ ଅନୁପାତ = 1/8 : 1/8 ବା ସମାନ

ହିମଙ୍କ ନୂଆ ଭାଗ = 5/8 – 1/8 = 4/8

ଏବଂ ରାଜଙ୍କ ନୂଆ ଭାଗ = 3/8 – 1/8 = 2/8

ଜଲ୍ଲୀଙ୍କ ଭାଗ = 1/8 + 1/8 = 2/8

ହିମ, ରାଜ ଓ ଜଲ୍ଲୀଙ୍କ ନୂତନ ଲାଭ ଆବଣ୍ଟନ ଅନୁପାତ = 4/8 : 2/8 : 2/8 ବା 4:2:2 ବା 2:1:1

**ପାଠ୍ୟଗତ ପ୍ରଶ୍ନ 19.1**

I. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) ବିଦ୍ୟମାନ ଭାଗୀଦାରଙ୍କର ଲାଭର ............. ଭାଗରୁ ଲାଭର ......... ଭାଗ ବିୟୋଗ କରି ତ୍ୟାଗ ଅନୁପାତ ବାହାର କରାଯାଏ ।

(ii) ଜଣେ ନୂତନ ଭାଗୀଦାରଙ୍କ ପ୍ରବେଶରେ, ଭାଗଦାରୀ ଫାର୍ମର ........... ହୁଏ ।

(iii) ଯେଉଁ ଅନୁପାତରେ ଭାଗୀଦାରମାନେ ସେମାନଙ୍କର ଲାଭ ସମର୍ପଣ କରନ୍ତି, ତାହାକୁ ............. କୁହାଯାଏ ।

(iv) ବିଦ୍ୟମାନ ଭାଗୀଦାରମାନଙ୍କର ନୂତନ ଅନୁପାତ, ଅବଶିଷ୍ଟ ଲାଭକୁ ସେମାନଙ୍କର ................. ଦ୍ୱାରା ଭାଗ କରି ନିର୍ଦ୍ଧାରଣ କରାଯାଏ ।

II. ଯଦି ତରୁଣ ଓ ନିଶା 5:3 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି, ତେବେ ସେମାନଙ୍କର ତ୍ୟାଗ ଅନୁପାତ କେତେ ହେବ, ଯଦି ରାହୁଲଙ୍କୁ ଫାର୍ମରେ ଲାଭର 1/8 ଭାଗ ପାଇଁ ପ୍ରବେଶ କରାଯାଏ ?

## 19.2 ସୁନାମ: ଅର୍ଥ, ସୁନାମକୁ ପ୍ରଭାବିତ କରୁଥିବା ଉପାଦାନ ଏବଂ ମୂଲ୍ୟାୟନ

### ସୁନାମର ଅର୍ଥ

ସମୟାବଧି ସହିତ ଏକ ବ୍ୟାବସାୟିକ ଫାର୍ମ ଗ୍ରାହକମାନଙ୍କ ମଧ୍ୟରେ ଭଲ ନାମ ଓ ଖ୍ୟାତିର ବିକାଶ କରାଏ । ଏହା ସମ୍ପୃକ୍ତ ବ୍ୟବସାୟକୁ ଗୋଟିଏ ନୂତନ ଭାବେ ସ୍ଥାପିତ ବ୍ୟବସାୟ ତୁଳନାରେ କିଛି ଅତିରିକ୍ତ ଲାଭୋପାର୍ଜନରେ ସାହାଯ୍ୟ କରେ । ହିସାବରକ୍ଷଣରେ ଏହି ଅତିରିକ୍ତ ଲାଭର ପୁଞ୍ଜିକୃତ





ମୂଲ୍ୟକୁ ସୁନାମ କୁହାଯାଏ । ଉଦାହରଣସ୍ୱରୂପ, ତୁମର ଫାର୍ମ ଧରାଯାଉ ₹1,200 ଲାଭ ଉପାର୍ଜନ କରୁଛି ଏବଂ ତୁମର ଫାର୍ମରୁ ସମ୍ଭାବ୍ୟ ସାଧାରଣ ଲାଭ ₹700 ଅଟେ । ପ୍ରତିଲାଭର ହାର (rate of return) 10% ଅଟେ । ଏହି କ୍ଷେତ୍ରରେ ସୁନାମ ନିମ୍ନମତେ ନିର୍ଦ୍ଧାରିତ ହେବ:

**ସୋପାନ 1:** ଅତିରିକ୍ତ ଲାଭ = ପ୍ରକୃତ ଲାଭ – ବାଞ୍ଛିତ ସାଧାରଣ ଲାଭ

= ₹1,200 – ₹700 = ₹500

**ସୋପାନ 2:** ସୁନାମ = ₹500 X $\frac{100}{10}$ = ₹5,000

ଅନ୍ୟ ଶବ୍ଦରେ କହିଲେ, ସୁନାମ ହେଉଛି ଭବିଷ୍ୟତରେ ସାଧାରଣ ଲାଭ ଅପେକ୍ଷା ଅଧିକ ଲାଭୋପାର୍ଜନ କରିବା ପରିପ୍ରେକ୍ଷୀରେ ଏକ ଫାର୍ମର ଖ୍ୟାତିର ମୂଲ୍ୟ । ଏହାର ଏପରି ମଧ୍ୟ ସଂଜ୍ଞା ଦିଆଯାଇପାରେ ଯେ ଏହା ହେଉଛି ଭବିଷ୍ୟତରେ ଲାଭୋପାର୍ଜନ କରିବା କ୍ଷମତାର ବର୍ତ୍ତମାନ ମୂଲ୍ୟ । ଏହାର ଅର୍ଥ ହେଲା ଏକ ଫାର୍ମର ସୁନାମ ଅଛି ବୋଲି କୁହାଯିବ କେବଳ ଯଦି ଭବିଷ୍ୟତରେ ଏହାର ଲାଭୋପାର୍ଜନ କରିବାର କ୍ଷମତା ଥାଏ । ଏକ ଫାର୍ମ ଅନ୍ୟ ସାଦୃଶ୍ୟ ଫାର୍ମଗୁଡ଼ିକ ପରି କେବଳ ସାଧାରଣ ଲାଭୋପାର୍ଜନ କରୁଥିଲେ ଏହା ନିଜର କୌଣସି ସୁନାମ ଅଛି ବୋଲି ଦାବୀ କରିପାରିବ ନାହିଁ ।

## ସୁନାମକୁ ପ୍ରଭାବିତ କରୁଥିବା ଉପାଦାନ

ସୁନାମକୁ ପ୍ରଭାବିତ କରୁଥିବା ଉପାଦାନଗୁଡ଼ିକ ନିମ୍ନ ମତେ ଅଟେ:

1. **ଅବସ୍ଥିତି :** ଯଦି ଫାର୍ମ ଏକ କେନ୍ଦ୍ରସ୍ଥଳୀରେ ଅବସ୍ଥାପିତ ହୋଇଥିବା କାରଣରୁ ଭଲ ବିକ୍ରୀ ହେଉଥାଏ, ତେବେ ସୁନାମର ପ୍ରବଣତା ଉଚ୍ଚ ହେବ ।

2. **ବ୍ୟବସାୟର ପ୍ରକୃତି :** ଏକ ଫାର୍ମ ଯାହା ଉଚ୍ଚ ମୂଲ୍ୟର ଉତ୍ପାଦମାନ ପ୍ରସ୍ତୁତ କରେ କିମ୍ବା ଯାହାର ଏକ ସ୍ଥିର ଚାହିଦା ଥାଏ, ତାହା ଅଧିକ ଲାଭୋପାର୍ଜନ କରିବାରେ ସକ୍ଷମ ହୁଏ ଏବଂ ତେଣୁ ସୁନାମ ଅଧିକ ଥାଏ ।

3. **ଦକ୍ଷ ପରିଚାଳନା :** ଏକ ସୁପରିଚାଳିତ ଫାର୍ମ ଅଧିକ ଲାଭୋପାର୍ଜନ କରେ ଏବଂ ତେଣୁ ସୁନାମର ମୂଲ୍ୟ ମଧ୍ୟ ଅଧିକ ହେବ ।

4. **ଗୁଣବତ୍ତା (Quality):** ଯଦି ଫାର୍ମ ଏହାର ଉତ୍ପାଦଗୁଡ଼ିକର ଗୁଣବତ୍ତା ପାଇଁ ପ୍ରସିଦ୍ଧ, ତେବେ ସୁନାମର ମୂଲ୍ୟ ଉଚ୍ଚ ହେବ ।

5. **ବଜାର ସ୍ଥିତି:** ଏକଚାଟିଆ କାରବାର ସ୍ଥିତିରେ ଅଧିକ ଲାଭୋପାର୍ଜିତ ହୁଏ ଯାହା ସୁନାମର ମୂଲ୍ୟରେ ବୃଦ୍ଧି ଘଟାଏ ।

6. **ବିଶେଷ ସୁବିଧା :** ଯେଉଁ ଫାର୍ମର ବିଶେଷ ସୁବିଧାମାନ ଯଥା ଆମଦାନୀ ଲାଇସେନ୍ସ, ସାମଗ୍ରୀ ଯୋଗାଣ ନିମନ୍ତେ ଦୀର୍ଘମିଆଦୀ ଚୁକ୍ତି, ପେଟେଣ୍ଟସ୍, ଟ୍ରେଡମାର୍କ୍ସ, ଇତ୍ୟାଦି ଅଛି, ତାହା ଉଚ୍ଚ ମୂଲ୍ୟର ସୁନାମ ଉପଭୋଗ କରେ ।

## ସୁନାମର ମୂଲ୍ୟାୟନର ପଦ୍ଧତି

ସୁନାମର ମୂଲ୍ୟାୟନର ପଦ୍ଧତିଗୁଡ଼ିକୁ ସାଧାରଣତଃ ଭାଗୀଦାରମାନେ ଭାଗଦାରୀ ଦଲିଲ ପ୍ରସ୍ତୁତ କରିବା ସମୟରେ ସ୍ଥିର କରିଥା'ନ୍ତି । ନିମ୍ନଲିଖିତଗୁଡ଼ିକ ଏକ ଫାର୍ମର ସୁନାମର ମୂଲ୍ୟାୟନ କରିବାର ଗୁରୁତ୍ୱପୂର୍ଣ୍ଣ ପଦ୍ଧତିମାନ ଅଟେ:

(i) ହାରାହାରି ଲାଭ ପଦ୍ଧତି (Average Profit Method)

(ii) ଅତିରିକ୍ତ ଲାଭ ପଦ୍ଧତି (Super Profit Method)

(iii) ପୁଞ୍ଜିକରଣ ପଦ୍ଧତି (Capitalisation Method)

**ଚାଲ, ଏହି ପଦ୍ଧତିଗୁଡ଼ିକ ସମ୍ବନ୍ଧରେ ପଢ଼ିବା:**

1.(କ) **ସରଳ ହାରାହାରି ଲାଭ ପଦ୍ଧତି (Simple Average Profit Method):**

ଏହି ପଦ୍ଧତିରେ ପ୍ରଦତ୍ତ କେତେକ ବର୍ଷର ଲାଭର ହାରାହାରି ନିର୍ଣ୍ଣୟ କରାଯାଏ । ସୁନାମର ମୂଲ୍ୟ ନିର୍ଣ୍ଣୟ ହାରାହାରି ଲାଭର ସହମତି ସଂଖ୍ୟକ ବର୍ଷର କ୍ରୟକୁ ନେଇ କରାଯାଏ । ଅତଃ, ସୁନାମ ନିମ୍ନମତେ ହିସାବ କରାଯାଏ:

**ସୁନାମର ମୂଲ୍ୟ = ହାରାହାରି ଲାଭ × କ୍ରୟ ବର୍ଷଗୁଡ଼ିକର ସଂଖ୍ୟା**

ଉଦାହରଣ ସ୍ୱରୂପ, ଧରାଯାଉ ଏକ ଫାର୍ମର 3 ବର୍ଷର ହାରାହାରି ଲାଭ ₹25,000 ବାହାରିଲା ଏବଂ ସୁନାମର ମୂଲ୍ୟାୟନ ହାରାହାରି ଲାଭର 2 ବର୍ଷର କ୍ରୟକୁ ନେଇ କରାଯିବ । ତେବେ ସୁନାମର ମୂଲ୍ୟ ହେବ ₹50,000 [₹25,000X2]. ଅତଃ ସୁନାମ ଏହିପ୍ରକାର ହିସାବ କରାଯିବ:

ସୁନାମ = ହାରାହାରି ଲାଭ × କ୍ରୟ ବର୍ଷଗୁଡ଼ିକର ସଂଖ୍ୟା

**ଉଦାହରଣ 4**

ଗତ ପାଞ୍ଚ ବର୍ଷରେ ଏକ ଫାର୍ମର ଲାଭ ନିମ୍ନ ପ୍ରକାର ଥିଲା: ବର୍ଷ 2001 ₹1,20,000; ବର୍ଷ 2002 ₹1,50,000; ବର୍ଷ 2003 ₹1,70,000; ବର୍ଷ 2004 ₹1,90,000; ବର୍ଷ 2005 ₹2,00,000 । ଫାର୍ମର ସୁନାମର ହିସାବ (ମୂଲ୍ୟାୟନ) 5 ବର୍ଷର ହାରାହାରି ଲାଭର 3 ବର୍ଷର କ୍ରୟର ଆଧାରରେ କର ।

**ସମାଧାନ:**

| ବର୍ଷ | ଲାଭ (₹) |
|---|---:|
| 2001 | 1,20,000 |
| 2002 | 1,50,000 |
| 2003 | 1,70,000 |
| 2004 | 1,90,000 |
| 2005 | 2,00,000 |
| ମୋଟ | 8,30,000 |

ହାରାହାରି ଲାଭ = ମୋଟ ଲାଭ / ବର୍ଷଗୁଡ଼ିକର ସଂଖ୍ୟା

= ₹8,30,000/5 = ₹1,66,000

ସୁନାମ = ହାରାହାରି ଲାଭ × କ୍ରୟ କରାଯାଇଥିବା ବର୍ଷ ସଂଖ୍ୟା

= ₹1,66,000 X 3 = ₹4,98,000

(ଖ) **ଭାରଯୁକ୍ତ ହାରାହାରି ପଦ୍ଧତି (Weighted Average Method):** ଏହି ପଦ୍ଧତି ହାରାହାରି ଲାଭ ପଦ୍ଧତିର ଏକ ପରିବର୍ତ୍ତିତ ରୂପ ଅଟେ । ଏହି ପଦ୍ଧତିରେ ପ୍ରତ୍ୟେକ ବର୍ଷର ଲାଭକୁ ଏକ ଭାର, ଅର୍ଥାତ୍ 1,2,3,4 ଇତ୍ୟାଦି ଦିଆଯାଏ । ତତ୍ପରେ ପ୍ରତ୍ୟେକ ବର୍ଷର ଲାଭକୁ ଭାରଦ୍ୱାରା ଗୁଣାଯାଏ ଏବଂ ଗୁଣଫଳ ବାହାର କରାଯାଏ । ମୋଟ ଗୁଣଫଳକୁ ମୋଟ ଭାର ଦ୍ୱାରା ଭାଗ କରାଯାଏ । ଫଳ ସ୍ୱରୂପ ଆମେ ଭାରଯୁକ୍ତ ହାରାହାରି ଲାଭ ପାଉ । ଏହା ପରେ ସୁନାମର ମୂଲ୍ୟ ଭାରଯୁକ୍ତ ହାରାହାରି ଲାଭକୁ କ୍ରୟ ବର୍ଷଗୁଡ଼ିକର ସହମତ ସଂଖ୍ୟାଦ୍ୱାରା ଗୁଣନ କରି ନିର୍ଣ୍ଣୟ କରାଯାଏ । ଅତଃ, ସୁନାମ ନିମ୍ନ ମତେ ହିସାବ କରାଯାଏ:

$$\text{ଭାରଯୁକ୍ତ ହାରାହାରି ଲାଭ} = \frac{\text{ଲାଭର ମୋଟ ଗୁଣଫଳ}}{\text{ମୋଟ ଭାର}}$$

ସୁନାମର ମୂଲ୍ୟ = ଭାରଯୁକ୍ତ ହାରାହାରି ଲାଭ × କ୍ରୟ ବର୍ଷଗୁଡ଼ିକର ସଂଖ୍ୟା

(**ଟିପ୍ପଣୀ** - ଏହି ପଦ୍ଧତି ସେତେବେଳେ ବ୍ୟବହାର କରାଯାଏ ଯେତେବେଳେ ଆମେ ଲକ୍ଷ୍ୟ କରୁ ଯେ ବାର୍ଷିକ ଲାଭରେ ବୃଦ୍ଧି ହେବାର ପ୍ରବୃତ୍ତି ଅଛି । ସବା ଶେଷ ବର୍ଷର ଲାଭକୁ ସର୍ବାଧିକ ଭାର ଦିଆଯାଏ)

**ଉଦାହରଣ 5**

ଏକ ଫାର୍ମର ବିଗତ ବର୍ଷମାନଙ୍କର ଲାଭ ନିମ୍ନ ପ୍ରକାର ଥିଲା:

| | ଲାଭ (₹) |
|---|---:|
| 2002 | 80,000 |
| 2003 | 85,000 |
| 2004 | 90,000 |
| 2005 | 1,00,000 |
| 2006 | 1,10,000 |

2002 ରୁ 2006 ପର୍ଯ୍ୟନ୍ତ ବର୍ଷଗୁଡ଼ିକ ପାଇଁ କ୍ରମାନ୍ୱୟରେ 1,2,3,4 ଓ 5 ଭାର ବ୍ୟବହୃତ ହେବ ।

ଭାରଯୁକ୍ତ ହାରାହାରି ଲାଭର ଦୁଇ ବର୍ଷର କ୍ରୟ ଭିତ୍ତିରେ ସୁନାମର ମୂଲ୍ୟ ନିର୍ଣ୍ଣୟ କର ।

**ସମାଧାନ**

| ବର୍ଷ | ଲାଭ | ଭାର | ଗୁଣଫଳ |
|---|---:|---:|---:|
| 2002 | 80,000 | 1 | 80,000 |
| 2003 | 85,000 | 2 | 1,70,000 |
| 2004 | 90,000 | 3 | 2,70,000 |
| 2005 | 1,00,000 | 4 | 4,00,000 |
| 2006 | 1,10,000 | 5 | 5,50,000 |
| | ମୋଟ | 15 | 14,70,000 |

ଭାରଯୁକ୍ତ ହାରାହାରି ଲାଭ = $\frac{14,70,000}{15}$ = ₹98,000

ସୁନାମ = ₹98,000 X 2 = ₹1,96,000

2. **ଅତିରିକ୍ତ ଲାଭ ପଦ୍ଧତି :** ସାଧାରଣ ଲାଭ ଉପରେ ପ୍ରକୃତ ଲାଭର ଆଧିକ୍ୟକୁ ଅତିରିକ୍ତ ଲାଭ କୁହାଯାଏ । ଯଦି ଏକ ନୂତନ ବ୍ୟବସାୟ ବିନିଯୁକ୍ତ (ନିବେଶିତ) ପୁଞ୍ଜି ଉପରେ ନିର୍ଦ୍ଦିଷ୍ଟ ପ୍ରତିଶତ ଲାଭ ଅର୍ଜନ କରେ, ତେବେ ଏହାକୁ 'ସାଧାରଣ ଲାଭ' (normal profit) କୁହାଯାଏ । ସୁନାମର ମୂଲ୍ୟ ଅତିରିକ୍ତ ଲାଭକୁ କ୍ରୟ କରାଯାଇଥିବା ବର୍ଷଗୁଡ଼ିକର ସଂଖ୍ୟାଦ୍ୱାରା ଗୁଣନ କରି ନିର୍ଣ୍ଣୟ କରାଯାଏ । ସାଧାରଣ ଲାଭ ହେଉଛି ସେହି ଲାଭ ଯାହା ଏକା (ସମାନ) ବ୍ୟବସାୟ କରୁଥିବା ଅନ୍ୟ ବ୍ୟାବସାୟିକ ଏକକ ଦ୍ୱାରା ଉପାର୍ଜିତ ହୋଇଥାଏ । ସାଧାରଣ ଲାଭ ନିମ୍ନମତେ ହିସାବ କରାଯିବ :

ସାଧାରଣ ଲାଭ (Normal Profit) = ବିନିଯୁକ୍ତ ପୁଞ୍ଜି × ସାଧାରଣ ପ୍ରତିଲାଭ ହାର/100

ପ୍ରକୃତ ଲାଭ (Actual Profit): ଏହା ବର୍ଷ ମଧ୍ୟରେ ଅର୍ଜିତ କରାଯାଇଥିବା ଲାଭ କିମ୍ବା ଏହା ଗତ କିଛି ବର୍ଷର ଲାଭର ହାରାହାରି ମଧ୍ୟ ହୋଇପାରେ ।

ଅତିରିକ୍ତ ଲାଭ (Super Profit) = ପ୍ରକୃତ ଲାଭ – ସାଧାରଣ ଲାଭ

ଉଦାହରଣ ସ୍ୱରୂପ, ଏକ ଫାର୍ମ ₹4,80,000ର ପୁଞ୍ଜି ଉପରେ ₹65,000ର ଲାଭୋପାର୍ଜନ କଲେ ଏବଂ ସେହି ଏକାଭଳି ବ୍ୟବସାୟରେ 'ସାଧାରଣ ପ୍ରତିଲାଭ ହାର' (normal rate of return) 10% ଅଟେ । ତାହା ହେଲେ ସାଧାରଣ ଲାଭ ହେଉଛି ₹48,000 [₹4,80,000 ର 10%] । ପ୍ରକୃତ ଲାଭ ହେଉଛି ₹65,000 । ଅତଃ,

ଅତିରିକ୍ତ ଲାଭ = ପ୍ରକୃତ ଲାଭ – ସାଧାରଣ ଲାଭ

= ₹65,000 – ₹48,000

= ₹17,000

ଯଦି ସୁନାମର ମୂଲ୍ୟ ଅତିରିକ୍ତ ଲାଭର 3 ବର୍ଷର କ୍ରୟକୁ ନେଇ ହିସାବ କରାଯାଏ, ତେବେ ସୁନାମର ମୂଲ୍ୟ ₹51,000 [₹17,000X3] ସହିତ ସମାନ ହେବ ।

**ଉଦାହରଣ 6**

ଏକ ଫାର୍ମ ଗତ 4 ବର୍ଷରେ ନିମ୍ନ ଲିଖିତ ନିଟ୍ ଲାଭୋପାର୍ଜନ କଲେ:

| | (₹) |
|---|---|
| 2003 | 90,000 |
| 2004 | 1,20,000 |
| 2005 | 1,60,000 |
| 2006 | 1,80,000 |

ଫାର୍ମରେ ବିନିଯୁକ୍ତ ପୁଞ୍ଜି ₹10,00,000 ଅଟେ । ଲାଭର ସାଧାରଣ ହାର 10% ଅଟେ । ସୁନାମର ମୂଲ୍ୟ ହିସାବ 4 ବର୍ଷର କ୍ରୟ ଆଧାରରେ କର ।

**ସମାଧାନ:**

4 ବର୍ଷର ମୋଟ ଲାଭ = ₹90,000 + ₹1,20,000 + ₹1,60,000 + ₹1,80,000
= ₹5,50,000

ହାରାହାରି ବାର୍ଷିକ ଲାଭ = ₹5,50,000/4
= ₹1,37,500

ସାଧାରଣ ଲାଭ = ₹10,00,000 ର 10%
= ₹10,00,000 x 10/100
= ₹1,00,000

ଅତିରିକ୍ତ ଲାଭ = ₹1,37,500 – ₹1,00,000
= ₹37,500

4 ବର୍ଷର କ୍ରୟରେ ସୁନାମର ମୂଲ୍ୟ = ₹37,500 x 4 = ₹1,50,000

3. **ପୁଞ୍ଜିକରଣ ପଦ୍ଧତି :** ଏହି ପଦ୍ଧତିରେ ସୁନାମ ହେଉଛି ସଞ୍ଚିତ ପୁଞ୍ଜିର ପରିମାଣ । ସାଧାରଣତଃ ବ୍ୟବସାୟୀମାନେ ବ୍ୟାବସାୟିକ କାର୍ଯ୍ୟକଳାପର ସଂଚାଳନା ନିମନ୍ତେ ପୁଞ୍ଜି ନିବେଶ କରନ୍ତି ଏବଂ ପୁଞ୍ଜିର ଦକ୍ଷ ଉପଯୋଗ ପୂର୍ବକ ଲାଭୋପାର୍ଜନ କରନ୍ତି । ଯଦି ବ୍ୟବସାୟ ଅନ୍ୟ ବ୍ୟବସାୟ ତୁଳନାରେ କମ୍ ପରିମାଣର ପୁଞ୍ଜି ନିବେଶ କରି ଅଧିକ ଲାଭୋପାର୍ଜନ କରେ, ଯେତେବେଳେ ସେହି ଅନ୍ୟ ବ୍ୟବସାୟ ଅଧିକ ପୁଞ୍ଜି ନିବେଶ ପୂର୍ବକ ସମାନ ପରିମାଣର ଲାଭୋପାର୍ଜନ କରେ, ତେବେ ସଞ୍ଚିତ ରାଶିକୁ ସୁନାମ ବୋଲି ଧରାଯିବ ।

ଏହି ପଦ୍ଧତିରେ ସୁନାମ ଦୁଇ ଉପାୟରେ ହିସାବ କରାଯାଏ:

(କ) ହାରାହାରି ଲାଭର ପୁଞ୍ଜିକରଣ
(ଖ) ଅତିରିକ୍ତ ଲାଭର ପୁଞ୍ଜିକରଣ

(କ) **ହାରାହାରି ଲାଭର ପୁଞ୍ଜିକରଣ**

ଏହି ପଦ୍ଧତିରେ, ପ୍ରକୃତ ବିନିଯୁକ୍ତ ପୁଞ୍ଜି ଉପରେ ହାରାହାରି ଲାଭର ପୁଞ୍ଜିକୃତ ମୂଲ୍ୟର ଆଧିକ୍ୟକୁ ସୁନାମର ମୂଲ୍ୟ ବୋଲି ଧରାଯାଏ ।

ବିନିଯୁକ୍ତ ପୁଞ୍ଜିର ହିସାବ ପାଇଁ ନିମ୍ନ ସୂତ୍ର ପ୍ରୟୋଗ କରାଯାଏ:

| |
|---|
| ବିନିଯୁକ୍ତ ପୁଞ୍ଜି = ମୋଟ ପରିସମ୍ପତ୍ତି – ବାହ୍ୟ ଦାୟ |
| ହାରାହାରି ଲାଭର ପୁଞ୍ଜିକୃତ ମୂଲ୍ୟ ହିସାବ ପାଇଁ ନିମ୍ନ ସୂତ୍ର ପ୍ରୟୋଗ କରାଯାଏ: |
| ଲାଭର ପୁଞ୍ଜିକୃତ ମୂଲ୍ୟ = ହାରାହାରି ଲାଭ × 100 / ଲାଭର ସାଧାରଣ ହାର |
| ସୁନାମ = ଲାଭର ପୁଞ୍ଜିକୃତ ମୂଲ୍ୟ – ବିନିଯୁକ୍ତ ପୁଞ୍ଜି |

**ଉଦାହରଣ 7**

ଏକ ଫାର୍ମ ବିଗତ କିଛି ବର୍ଷ ମଧ୍ୟରେ ₹40,000 ହାରାହାରି ଲାଭୋପାର୍ଜନ କରିଛି ଏବଂ ସାଦୃଶ୍ୟ (similar) ବ୍ୟବସାୟରେ ପ୍ରତିଲାଭର ସାଧାରଣ ହାର 10% ଅଟେ । ମୋଟ ପରିସମ୍ପତ୍ତି ₹3,60,000 ଏବଂ ବାହ୍ୟ ଦାୟ ₹50,000 ଅଟେ । ସୁନାମର ମୂଲ୍ୟ ହାରାହାରି ଲାଭର ପୁଞ୍ଜିକରଣ ପଦ୍ଧତିର ସହାୟତାରେ ନିର୍ଣ୍ଣୟ କର ।

**ସମାଧାନ:**

ବିନିଯୁକ୍ତ ପୁଞ୍ଜି = ମୋଟ ପରିସମ୍ପତ୍ତି – ବାହ୍ୟ ଦାୟ

= ₹3,60,000 – ₹50,000

= ₹3,10,000

ହାରାହାରି ଲାଭର ପୁଞ୍ଜିକୃତ ମୂଲ୍ୟ = ହାରାହାରି ଲାଭ × 100/ଲାଭର ସାଧାରଣ ହାର

= ₹40,000 x 100/10

= ₹4,00,000

ସୁନାମ = ପୁଞ୍ଜିକୃତ ମୂଲ୍ୟ – ବିନିଯୁକ୍ତ ପୁଞ୍ଜି

= ₹4,00,000 – ₹3,10,000

= ₹90,000

**ଉଦାହରଣ 8**

ଏକ ଫାର୍ମରେ ନିବେଶିତ ପୁଞ୍ଜି ₹4,60,000 ଅଟେ ଏବଂ ସାଦୃଶ୍ୟ (similar) ବ୍ୟବସାୟରେ ପ୍ରତିଲାଭର ହାର 12% ଅଟେ । ଫାର୍ମ ଗତ 4 ବର୍ଷରେ ନିମ୍ନ ଲାଭୋପାର୍ଜନ କରିଛି:

| | | | |
|---|---|---|---|
| 2003 | ₹60,000 | 2005 | ₹80,000 |
| 2004 | ₹70,000 | 2006 | ₹90,000 |

ପୁଞ୍ଜିକରଣ ପଦ୍ଧତିରେ ସୁନାମର ମୂଲ୍ୟ ହିସାବ କର ।

**ସମାଧାନ:**

ମୋଟ ଲାଭ = ₹60,000 + ₹70,000 + ₹80,000 + ₹90,000

= ₹3,00,000

ହାରାହାରି ଲାଭ = ₹3,00,000/4 = ₹75,000

ପୁଞ୍ଜିକୃତ ମୂଲ୍ୟ = ହାରାହାରି ଲାଭ × 100/12

= ₹75,000 X ₹100/12

= ₹6,25,000

ସୁନାମ = ପୁଞ୍ଜିକୃତ ମୂଲ୍ୟ – ବିନିଯୁକ୍ତ ପୁଞ୍ଜି

= ₹6,25,000 – ₹4,60,000

= ₹1,65,000

### (ଖ) ଅତିରିକ୍ତ ଲାଭର ପୁଞ୍ଜିକରଣ

ଏହି ପଦ୍ଧତିରେ, ସୁନାମର ମୂଲ୍ୟ ନିର୍ଣ୍ଣୟ ଅତିରିକ୍ତ ଲାଭ ପଦ୍ଧତିର ଆଧାରରେ କରାଯାଏ । ସୁନାମର ମୂଲ୍ୟାୟନ ପାଇଁ ନିମ୍ନ ସୂତ୍ର ପ୍ରୟୋଗ କରାଯାଏ:

**ସୁନାମ = ଅତିରିକ୍ତ ଲାଭ × 100/ଲାଭର ସାଧାରଣ ହାର**

**ଉଦାହରଣ 9**

ଏକ ଫାର୍ମ ₹26,000ର ଲାଭୋପାର୍ଜନ କରିଛି ଏବଂ ₹2,20,000ର ପୁଞ୍ଜି ନିବେଶ କରିଛି । ସେହିଭଳି ସମାନ ବ୍ୟବସାୟରେ ଲାଭୋପାର୍ଜନର ସାଧାରଣ ହାର 10% ଅଟେ । ଅତିରିକ୍ତ ଲାଭର ପୁଞ୍ଜିକରଣ ପଦ୍ଧତିରେ ସୁନାମ ମୂଲ୍ୟ ହିସାବ କର ।

**ସମାଧାନ**

ପ୍ରକୃତ ଲାଭ = ₹26,000

ସାଧାରଣ ଲାଭ = ₹2,20,000 X 10/100 = ₹22,000

ଅତିରିକ୍ତ ଲାଭ = ପ୍ରକୃତ ଲାଭ – ସାଧାରଣ ଲାଭ

= ₹26,000 – ₹22,000

= ₹4,000

ସୁନାମ = ଅତିରିକ୍ତ ଲାଭ × 100/ଲାଭର ସାଧାରଣ ହାର

= ₹4,000 X 100/10

= ₹40,000

### ପାଠ୍ୟଗତ ପ୍ରଶ୍ନ 19.2

I. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

(i) ସୁନାମ ଏକ ........... ପରିସମ୍ପତ୍ତି ଅଟେ ।

(ii) ସୁନାମର ରାଶି ସାଧାରଣତଃ ............... ଭାଗୀଦାର ଆଣନ୍ତି ।

(iii) ଅତିରିକ୍ତ ଲାଭ = ପ୍ରକୃତ ଲାଭ – ................

(iv) ........., .......... ଓ ........... ସୁନାମ ହିସାବ କରିବାର ପଦ୍ଧତିମାନ ଅଟେ ।

(v) ବିନିଯୁକ୍ତ ପୁଞ୍ଜି = ମୋଟ ପରିସମ୍ପତ୍ତି ବିଯୁକ୍ତ .............

II. (କ) ନିମ୍ନ ସୂଚନାରୁ ହାରାହାରି ଲାଭ ହିସାବ କର :

| ବର୍ଷ | ଲାଭ (₹) | କ୍ଷତି (₹) |
|---|---|---|
| 2001 | 80,000 | |
| 2002 | 90,000 | |
| 2003 | — | 30,000 |
| 2004 | 1,10,000 | |

ହାରାହାରି ଲାଭ = ₹

(ଖ) ଉପରୋକ୍ତ 2 (କ)ରେ ନିର୍ଦ୍ଧାରିତ ହାରାହାରି ଲାଭର ଦୁଇ ବର୍ଷର କ୍ରୟକୁ ନେଇ ସୁନାମର ମୂଲ୍ୟ ହିସାବ କର ।

## 19.3 ସୁନାମର ଉପଚାର (ପ୍ରଦର୍ଶନ) (Treatment of Goodwill)

ନୂତନ ଭାଗୀଦାର ତାଙ୍କ ଲାଭର ଭାଗ ବିଦ୍ୟମାନ ଭାଗୀଦାରଙ୍କଠାରୁ ଅଧିଗ୍ରହଣ କରିଥା'ନ୍ତି । ଏହାଦ୍ୱାରା ବିଦ୍ୟମାନ ଭାଗୀଦାରଙ୍କ ଭାଗର ହ୍ରାସ ଘଟେ । ସେଥିପାଇଁ ସେ ବିଦ୍ୟମାନ ଭାଗୀଦାରଙ୍କର ତ୍ୟାଗ ପାଇଁ କ୍ଷତିପୂରଣ ଦେଇଥା'ନ୍ତି । ସେ ଅର୍ଥପୈଠ କରି କିମ୍ୱା ଅନ୍ୟ କିଛି ଦେଇ ସେମାନଙ୍କର କ୍ଷତି ପୂରଣ କରନ୍ତି । ଏହି ପୈଠ ରାଶି ସୁନାମରେ ତାଙ୍କର ଭାଗ ସହିତ ସମାନ ଅଟେ ।

**ହିସାବରକ୍ଷଣ ମାନକ 10 (ଏ.ଏସ୍.10) ଅନୁସାରେ ସୁନାମ କେବଳ ସେତେବେଳେ ବହିରେ ଲିପିବଦ୍ଧ କରାଯିବା ଉଚିତ ଯେତେବେଳେ ଏହା ପାଇଁ କିଛି ପ୍ରତିଫଳ ମୁଦ୍ରା ଆକାରରେ ପୈଠ କରାଯାଇଅଛି । ଅତଃ, ଯଦି ନୂତନ ଭାଗୀଦାର ସୁନାମ ପାଇଁ ଆବଶ୍ୟକୀୟ ଅର୍ଥ ନ ଆଣନ୍ତି, ସୁନାମ ହିସାବ ବହିରେ ଖୋଲାଯାଇ ପାରିବନାହିଁ । ସେ ନିଜ ଅଂଶ ପୁଞ୍ଜିର ପ୍ରଦାନ ଅତିରିକ୍ତ ସୁନାମ ପାଇଁ ପୈଠ କରିବା ଉଚିତ ।**

ଯଦି ସେ ସୁନାମ ପାଇଁ ପୈଠ ନ କରନ୍ତି, ତେବେ ସୁନାମରେ ତାଙ୍କ ଭାଗ ସହ ସମାନ ରାଶି ତାଙ୍କ ପୁଞ୍ଜିରୁ ବିୟୋଗ କରି ଦିଆଯିବ । ସୁନାମ ପାଇଁ ସେ ଆଣିଥିବା ରାଶି କିମ୍ୱା ତାଙ୍କ ପୁଞ୍ଜିରୁ ବିୟୋଗ କରାଯାଇଥିବା ସୁନାମର ରାଶି ବିଦ୍ୟମାନ ଭାଗୀଦାରମାନଙ୍କ ମଧ୍ୟରେ ସେମାନଙ୍କର ତ୍ୟାଗ ଅନୁପାତରେ ବାଣ୍ଟି ଦିଆଯାଏ । ଏକ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ବହିରେ ବିଦ୍ୟମାନ ଥିବା କୌଣସି ସୁନାମ ବିଦ୍ୟମାନ ଭାଗୀଦାରମାନଙ୍କ ମଧ୍ୟରେ ବିଦ୍ୟମାନ ଅନୁପାତରେ ଅବଲିଖନ (write off) କରି ଦିଆଯିବ ।

ଏକ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ସୁନାମର ଉପଚାର (ପ୍ରଦର୍ଶନ) ସମ୍ପର୍କିତ ବିଭିନ୍ନ ସ୍ଥିତି ଅଛି । ଏଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା:

1. ଯେତେବେଳେ ନୂତନ ଭାଗୀଦାର ସୁନାମର ରାଶିକୁ ବ୍ୟକ୍ତିଗତ ଭାବେ ପୈଠ କରନ୍ତି ।
2. ଯେତେବେଳେ ନୂତନ ଭାଗୀଦାର ସୁନାମର ନିଜ ଭାଗ ଅର୍ଥ (ଟଙ୍କା) ଆକାରରେ ଆଣନ୍ତି ।
3. ଯେତେବେଳେ ନୂତନ ଭାଗୀଦାର ସୁନାମର ନିଜ ଭାଗ ଅର୍ଥ ଆକାରରେ ଆଣନ୍ତି ନାହିଁ ।

### 1. ନୂଆ ଭାଗୀଦାର ସୁନାମର ରାଶି ବ୍ୟକ୍ତିଗତ ଭାବେ ପୈଠ କଲେ

ଯଦି ନୂଆ ଭାଗୀଦାରଙ୍କ ଦ୍ୱାରା ସୁନାମର ରାଶି ବିଦ୍ୟମାନ ଭାଗୀଦାରମାନଙ୍କୁ ବ୍ୟକ୍ତିଗତ ଭାବେ ପୈଠ କରାଯାଏ, ତେବେ ଫାର୍ମର ବହିରେ କୌଣସି ଜାବେଦା ପ୍ରବିଷ୍ଟି କରାଯାଏ ନାହିଁ ।

### 2. ନୂଆ ଭାଗୀଦାର ସୁନାମର ତାଙ୍କ ଭାଗକୁ ଅର୍ଥ ଆକାରରେ ଆଣନ୍ତି ଏବଂ ସୁନାମର ରାଶି ବ୍ୟବସାୟରେ ରଖାଯାଏ

ଯେତେବେଳେ ନୂଆ ଭାଗୀଦାର ସୁନାମର ତାଙ୍କ ଭାଗକୁ ଅର୍ଥରେ ଆଣନ୍ତି, ତାଙ୍କ ଦ୍ୱାରା ଅଣାଯାଇଥିବା ରାଶି ବିଦ୍ୟମାନ ଭାଗୀଦାରମାନଙ୍କୁ ତ୍ୟାଗ ଅନୁପାତରେ ହସ୍ତାନ୍ତରିତ କରାଯାଏ । ଯଦି ବିଦ୍ୟମାନ ଭାଗୀଦାରଙ୍କ ଉଦ୍‌ବୃତ୍ତ ପତ୍ରରେ କୌଣସି ସୁନାମ ହିସାବ ଥାଏ, ତେବେ ଏହାକୁ ତତ୍‌କ୍ଷଣାତ୍ ବିଦ୍ୟମାନ ଅନୁପାତରେ ଭାଗୀଦାରମାନଙ୍କ ମଧ୍ୟରେ ଅବଲିଖନ କରି ଦିଆଯାଏ । ଜାବେଦା ପ୍ରବିଷ୍ଟିମାନ ନିମ୍ନ ମତେ କରାଯାଏ:

(i) ଫାର୍ମର ବହିରେ ବିଦ୍ୟମାନ ସୁନାମ ବିଦ୍ୟମାନ ଲାଭ ଅନୁପାତରେ ଅବଲିଖନ କରାଯିବ, ଯେପରି –

ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ [ବ୍ୟକ୍ତିଗତ ଭାବରେ]

ଦାତା ସୁନାମ ହିସାବ

(ବିଦ୍ୟମାନ ସୁନାମକୁ ଅବଲିଖିତ କରାଗଲା)

(ii) ପୁଞ୍ଜି ଓ ସୁନାମ ବାବଦରେ ଅର୍ଥ ଆଣିବା ନିମନ୍ତେ

ଅର୍ଥ/ବ୍ୟାଙ୍କ୍ ହିସାବ ଦାୟୀ

ଦାତା ସୁନାମ ହିସାବ

ଦାତା ନୂଆ ଭାଗୀଦାରଙ୍କ ପୁଞ୍ଜି ହିସାବ

(ପୁଞ୍ଜି ଓ ସୁନାମ ବାବଦ ଅର୍ଥ ଅଣାଗଲା)

(iii) ସୁନାମର ରାଶି ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ କରିବା ପାଇଁ

ସୁନାମ ହିସାବ ଦାୟୀ

ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ [ବ୍ୟକ୍ତିଗତ ଭାବରେ]

(ସୁନାମର ରାଶି ତ୍ୟାଗ ଅନୁପାତରେ ବିଦ୍ୟମାନ
ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ଦାତା କରାଗଲା)

**ଉଦାହରଣ 10**

ତନୟା ଓ ସୁମିତ୍ 5:3 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଏକ ଫାର୍ମର ଭାଗୀଦାର ଅଟନ୍ତି । ସେମାନେ ଗୌରୀଙ୍କୁ ଏକ ନୂଆ ଭାଗୀଦାର ହିସାବରେ ଲାଭରେ 1/4 ଭାଗ ପାଇଁ ପ୍ରବେଶ କରାଇଲେ । ଗୌରୀ ସୁନାମରେ ତାଙ୍କ ଭାଗ ବାବଦ ₹30,000 ଓ ପୁଞ୍ଜି ବାବଦ ₹1,20,000 ଆଣିଲେ । ଗୌରୀଙ୍କ ପ୍ରବେଶ ପରେ ଫାର୍ମର ବହିରେ ଜାବେଦା ପ୍ରବିଷ୍ଟିମାନ କର । ନୂତନ ଲାଭ ଆବଣ୍ଟନ ଅନୁପାତ 2:1:1 ହେବ ।

**ସମାଧାନ:**

### ତନୟା, ସୁମିତ୍ ଓ ଗୌରୀଙ୍କ ବହି

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| 1. | ବ୍ୟାଙ୍କ୍ ହିସାବ ଦାୟୀ | | 1,50,000 | |
| | ଦାତା ସୁନାମ ହିସାବ | | | 30,000 |
| | ଦାତା ଗୌରୀଙ୍କ ପୁଞ୍ଜି ହିସାବ | | | 1,20,000 |
| | (ଗୌରୀଙ୍କଦ୍ୱାରା ତାଙ୍କ ଭାଗ ସୁନାମ ଓ ପୁଞ୍ଜି ବାବଦ ଅର୍ଥ ଅଣାଗଲା) | | | |
| 2. | ସୁନାମ ହିସାବ ଦାୟୀ | | 30,000 | |
| | ଦାତା ତନୟାଙ୍କ ପୁଞ୍ଜି ହିସାବ | | | 15,000 |
| | ଦାତା ସୁମିତଙ୍କ ପୁଞ୍ଜି ହିସାବ | | | 15,000 |
| | (ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସେମାନଙ୍କର ତ୍ୟାଗ ଅନୁପାତରେ ସୁନାମ ହସ୍ତାନ୍ତରିତ ହେଲା) | | | |

**କାର୍ଯ୍ୟକାରୀ ଟିପ୍ପଣୀ :**

ତ୍ୟାଗ ଅନୁପାତର ହିସାବ [ବିଦ୍ୟମାନ ଅନୁପାତ – ନୂତନ ଅନୁପାତ]

| ଭାଗୀଦାର | ବିଦ୍ୟମାନ ଅନୁପାତ | ନୂତନ ଅନୁପାତ | ତ୍ୟାଗ | ତ୍ୟାଗ ଅନୁପାତ |
|---|---|---|---|---|
| ତନୟା | 5/8 | 2/4 | 5/8 – 2/4 = 1/8 | ତନୟା : ସୁମିତ |
| ସୁମିତ | 3/8 | 1/4 | 3/8 – 1/4 = 1/8 | 1 : 1 |

**ସୁନାମର ରାଶିକୁ ବିଦ୍ୟମାନ ଭାଗୀଦାରମାନଙ୍କ ଦ୍ୱାରା ଉଠାଣ ହୋଇଗଲେ**

(iv) ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ ଦାୟୀ [ବ୍ୟକ୍ତିଗତ ଭାବରେ]

ଦାତା ଅର୍ଥ/ବ୍ୟାଙ୍କ୍ ହିସାବ

(ବିଦ୍ୟମାନ ଭାଗୀଦାରମାନେ ସୁନାମର ରାଶି ଉଠାଇନେଲେ)

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବେଳେବେଳେ ଭାଗୀଦାରମାନେ ସୁନାମର ରାଶିରୁ କେବଳ 50% କିମ୍ବା 25% ଉଠାଣ କରନ୍ତି । ଏହି କ୍ଷେତ୍ରରେ କେବଳ ଉଠାଣ କରାଯାଇଥିବା ରାଶି ପାଇଁ ହିଁ ପ୍ରବିଷ୍ଟି କରାଯିବ ।

**ଉଦାହରଣ 11**

ପୂର୍ବ ଉଦାହରଣରେ ମନେକର ତନୟା ଓ ସୁମିତ୍ଙ୍କ ଦ୍ୱାରା ସୁନାମର ପୂର୍ଣ୍ଣ ରାଶି ଉଠାଣ ହେଲା । ଫାର୍ମର ବହିରେ ଜାବେଦା ପ୍ରବିଷ୍ଟି କର ।

**ସମାଧାନ :**

**ତନୟା, ସୁମିତ୍ ଓ ଗୌରୀଙ୍କ ବହି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ତନୟାଙ୍କ ପୁଞ୍ଜି ହିସାବ ଦାୟୀ | | 15,000 | |
| | ସୁମିତ୍‌ଙ୍କ ପୁଞ୍ଜି ହିସାବ ଦାୟୀ | | 15,000 | |
| | ଦାତା ବ୍ୟାଙ୍କ୍ ହିସାବ | | | 30,000 |
| | (ସୁନାମର ରାଶି ସେମାନଙ୍କ ଦ୍ୱାରା ଉଠାଣ ହେଲା) | | | |

### 3. ନୂତନ ଭାଗୀଦାର ସୁନାମର ନିଜ ଭାଗକୁ ଅର୍ଥ ଆକାରରେ ଆଣନ୍ତି ନାହିଁ

ଯେତେବେଳେ ଫାର୍ମର ସୁନାମ ହିସାବ କରାଯାଏ ଏବଂ ନୂତନ ଭାଗୀଦାର ସୁନାମର ତାଙ୍କ ଭାଗକୁ ଅର୍ଥରେ ଆଣିବାକୁ ସକ୍ଷମ ନ ହୁଅନ୍ତି, ସେତେବେଳେ ତାଙ୍କ ପୁଞ୍ଜି ହିସାବ ଜରିଆରେ ସୁନାମର ସମାଯୋଜନ କରାଯିବ । ଏହି କ୍ଷେତ୍ରରେ ନୂତନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସୁନାମର ତାଙ୍କ ଭାଗ ପାଇଁ ଦାୟୀ କରାଯାଏ ଏବଂ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସେମାନଙ୍କର ତ୍ୟାଗ ଅନୁପାତରେ ଦାତା କରାଯାଏ । ଜାବେଦା ପ୍ରବିଷ୍ଟି ନିମ୍ନ ମତେ ହୁଏ:

ନୂତନ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ

ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ [ବ୍ୟକ୍ତିଗତ ଭାବରେ ତ୍ୟାଗ ଅନୁପାତରେ]

(ନୂତନ ଭାଗୀଦାରଙ୍କ ସୁନାମର ଭାଗକୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବରେ ତ୍ୟାଗ ଅନୁପାତରେ ଦାତା କରାଗଲା)

### ସୁନାମ ଫାର୍ମର ବହିରେ ବିଦ୍ୟମାନ ଥାଏ ଏବଂ ନୂତନ ଭାଗୀଦାର ସୁନାମର ତାଙ୍କ ଭାଗକୁ ଅର୍ଥରେ ଆଣନ୍ତ ନାହିଁ ।

ଯଦି ସୁନାମ ଫାର୍ମର ବହିରେ ଦର୍ଶାଯାଇଥାଏ ଏବଂ ନୂତନ ଭାଗୀଦାର ସୁନାମକୁ ଅର୍ଥରେ ଆଣିବାକୁ ସକ୍ଷମ ନଥା'ନ୍ତି, ତେବେ ଏ କ୍ଷେତ୍ରରେ ବହିରେ ବିଦ୍ୟମାନ ଥିବା ସୁନାମର ରାଶିକୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସେମାନଙ୍କର ବିଦ୍ୟମାନ ଅନୁପାତରେ ଦାୟୀ କରି ଅବଲିଖିତ କରି ଦିଆଯାଏ ।

**ଉଦାହରଣ 12**

ଅସ୍ମିତା ଓ ସାହିଲ ଭାଗୀଦାର ଅଟନ୍ତି । ସେମାନେ 3:2 ଅନୁପାତରେ ଲାଭ ଆବଣ୍ଟନ କରୁଛନ୍ତି । ସେମାନେ ଚାରୁକୁ ଭବିଷ୍ୟତର ଲାଭରେ 1/5 ଭାଗ ପାଇଁ ପ୍ରବେଶ କରାଇବା ପାଇଁ ସହମତ ହୁଅନ୍ତି । ଚାରୁ ପୁଞ୍ଜି ବାବଦ ₹2,50,000 ଆଣନ୍ତି ଏବଂ ତାଙ୍କ ଭାଗ ସୁନାମ ବାବଦ ଅର୍ଥ ଆଣିବାକୁ ଅସମର୍ଥ ହୁଅନ୍ତି । ଫାର୍ମର ସୁନାମର ମୂଲ୍ୟାୟନ ₹1,80,000 ହେଲା । ପ୍ରବେଶ ସମୟରେ ଫାର୍ମର ବହିରେ ₹80,000 ର ସୁନାମ ବିଦ୍ୟମାନ ଥିଲା । ଫାର୍ମର ବହିରେ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟିମାନ କର ।

**ସମାଧାନ:**

**ଅସ୍ମିତା, ସାହିଲ ଓ ଚାରୁଙ୍କ ବହି**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ଚାରୁଙ୍କ ପୁଞ୍ଜି ହିସାବ<br>(ଚାରୁ ତାଙ୍କ ପୁଞ୍ଜି ବାବଦ ଟଙ୍କା ଆଣିଲେ) | | 2,50,000 | <br>2,50,000 |
| | ଅସ୍ମିତାଙ୍କ ପୁଞ୍ଜି ହିସାବ ଦାୟୀ<br>ସାହିଲଙ୍କ ପୁଞ୍ଜି ହିସାବ ଦାୟୀ<br>ଦାତା ସୁନାମ ହିସାବ<br>(ଚାରୁଙ୍କ ପ୍ରବେଶରେ ବିଦ୍ୟମାନ ସୁନାମ ଅବଲିଖିତ ହେଲା) | | 48,000<br>32,000 | <br><br>80,000 |
| | ଚାରୁଙ୍କ ପୁଞ୍ଜି ହିସାବ ଦାୟୀ<br>ଦାତା ଅସ୍ମିତାଙ୍କ ପୁଞ୍ଜି ହିସାବ<br>ଦାତା ସାହିଲଙ୍କ ପୁଞ୍ଜି ହିସାବ<br>(ଚାରୁଙ୍କ ପ୍ରବେଶରେ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସୁନାମ ବାବଦରେ ତ୍ୟାଗ ଅନୁପାତରେ ଦାତା କରାଗଲା) | | 36,000 | <br>21,600<br>14,400 |

**କାର୍ଯ୍ୟକାରୀ ଟିପ୍ପଣୀ :**

ଅସ୍ମିତା ଓ ସାହିଲ ସେମାନଙ୍କର ଲାଭକୁ ଚାରୁଙ୍କ ସପକ୍ଷରେ ସେମାନଙ୍କର ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତ, ଅର୍ଥାତ୍ 3:2 ରେ ତ୍ୟାଗ କଲେ । ତେଣୁ ତ୍ୟାଗ ଅନୁପାତ 3:2 ଅଟେ ।

ସୁନାମର ମୂଲ୍ୟ = ₹1,80,000

ଲାଭରେ ଚାରୁଙ୍କର ଭାଗ = 1/5

ଚାରୁଙ୍କ ସୁନାମରେ ଭାଗ = ₹1,80,000 X 1/5 = ₹36,000

**ନୂତନ ଭାଗୀଦାର ତାଙ୍କ ଭାଗ ସୁନାମର କେବଳ ଏକ ଭାଗ ଆଣନ୍ତି**

ଯେତେବେଳେ ନୂଆ ଭାଗୀଦାର ତାଙ୍କ ଭାଗ ସୁନାମର ପୂର୍ଣ୍ଣ ରାଶି ଟଙ୍କା ଆକାରରେ ଆଣିବାରେ ସକ୍ଷମ ହୁଅନ୍ତି ନାହିଁ ଏବଂ କେବଳ ଏକ ଭାଗ ଟଙ୍କା ଆଣନ୍ତି, ଏ କ୍ଷେତ୍ରରେ ତାଙ୍କ ଦ୍ୱାରା ଅଣାଯାଇଥିବା ସୁନାମର ରାଶିକୁ ସୁନାମ ହିସାବକୁ ଦାତା କରିଦିଆଯାଏ । ବିଦ୍ୟମାନ ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ସୁନାମ ସ୍ଥାନାନ୍ତରିତ କରାଯିବା ସମୟରେ, ନୂଆ ଭାଗୀଦାରଙ୍କ ଦ୍ୱାରା ପୈଠ ସୁନାମର ରାଶି ସହିତ

ସୁନାମ ହସାବକୁ ଦାୟୀ କରାଯିବା ସଙ୍ଗେ ସଙ୍ଗେ ନୂଆ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ମଧ୍ୟ ସୁନାମ ବାବଦ ତାଙ୍କର ଅଣ-ପୈଠ ଭାଗ ରାଶି ସହିତ ଦାୟୀ କରାଯାଏ । ଜାବେଦା ପ୍ରବିଷ୍ଟ ଏହି ପ୍ରକାର ହେବ:

ବ୍ୟାଙ୍କ ହିସାବ ଦାୟୀ

ଦାତା ସୁନାମ ହିସାବ

(ନୂତନ ଭାଗୀଦାରଙ୍କ ଦ୍ୱାରା ସୁନାମର ଏକ ଭାଗ ଆଣିବା ପାଇଁ)

ସୁନାମ ହିସାବ ଦାୟୀ

ନୂଆ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ

ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ [ବ୍ୟକ୍ତିଗତ ଭାବରେ ତ୍ୟାଗ ଅନୁପାତରେ]

(ତ୍ୟାଗୀ ଭାଗୀଦାରଙ୍କୁ ନୂଆ ଭାଗୀଦାରଙ୍କ ସୁନାମର ପୂର୍ଣ୍ଣ ଭାଗ ଦ୍ୱାରା ଦାତା କରାଯିବା ପାଇଁ)

**ଉଦାହରଣ 13**

ତନୁ ଓ ପୁନୀତ୍ 5:3 ଅନୁପାତରେଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ତରୁଣଙ୍କୁ ଲାଭରେ 1/6 ଭାଗ ପାଇଁ ଫାର୍ମରେ ପ୍ରବେଶ କରାନ୍ତି ଯାହାକି ସେ ତନୁଙ୍କଠାରୁ 1/18 ଓ ପୁନୀତଙ୍କଠାରୁ 2/18 ନିଅନ୍ତି । ତରୁଣ ତାଙ୍କ ଭାଗ ସୁନାମ ₹12,000 ରୁ ₹9,000 ଆଣନ୍ତି । ଫାର୍ମର ବହିରେ କୌଣସି ସୁନାମ ହିସାବ ନାହିଁ । ଫାର୍ମର ବହିରେ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟିମାନ କର ।

**ସମାଧାନ:**

**ଜାବେଦା**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ବ୍ୟାଙ୍କ୍ ହିସାବ ଦାୟୀ | | 9,000 | |
| | ଦାତା ସୁନାମ ହିସାବ | | | 9,000 |
| | (ତରୁଣଙ୍କ ଦ୍ୱାରା ତାଙ୍କ ଭାଗ ସୁନାମର ଏକ ଭାଗ ଅଣାଗଲା) | | | |
| | ସୁନାମ ହିସାବ ଦାୟୀ | | 9,000 | |
| | ତରୁଣଙ୍କ ପୁଞ୍ଜି ହିସାବ ଦାୟୀ | | 3,000 | |
| | ଦାତା ତନୁଙ୍କ ପୁଞ୍ଜି ହିସାବ | | | 4,000 |
| | ଦାତା ପୁନୀତଙ୍କ ପୁଞ୍ଜି ହିସାବ | | | 8,000 |
| | (ତନୁ ଓ ପୁନୀତ୍ଙ୍କୁ ତ୍ୟାଗ ଅନୁପାତ 1:2 ରେ ସୁନାମ ଦାତା କରାଗଲା) | | | |

**ପାଠ୍ୟାନ୍ତ ପ୍ରଶ୍ନ 19.3**

1. ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ସହିତ ଶୂନ୍ୟସ୍ଥାନ ପୂରଣ କର ।

 (କ) ଯେତେବେଳେ ସୁନାମର ପୈଠ ବ୍ୟକ୍ତିଗତ ଭାବରେ କରାଯାଏ, ........... କରାଯିବ ନାହିଁ ।

 (ଖ) ଯଦି ନୂତନ ଭାଗୀଦାର ସୁନାମର ରାଶି ଆଣନ୍ତି, ତାଙ୍କଦ୍ୱାରା ଆନୀତ ସୁନାମର ରାଶିକୁ ସୁନାମ ହିସାବରେ ............ କରାଯାଏ ।

 (ଗ) ନୂତନ ଭାଗୀଦାରଙ୍କ ଦ୍ୱାରା ସୁନାମ ବାବଦ ଆନୀତ ରାଶି ବିଦ୍ୟମାନ ଭାଗୀଦାରମାନଙ୍କୁ ................. ଅନୁପାତରେ ସ୍ଥାନାନ୍ତରଣ କରାଯାଏ ।

 ଘ) ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ଫାର୍ମର ବହିରେ ବିଦ୍ୟମାନ ସୁନାମକୁ ................... କରିଦିଆଯାଏ ।

 (ଙ) ଯଦି ନୂତନ ଭାଗୀଦାର ସୁନାମର ତାଙ୍କ ଭାଗ ଆଣିବାକୁ ସକ୍ଷମ ନ ହୁଅନ୍ତି, ତେବେ ନୂତନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ତାଙ୍କ ଭାଗର ସୁନାମ ପାଇଁ ............ କରାଯାଏ ।

2. 'କ' ସ୍ତମ୍ଭର ପ୍ରବିଷ୍ଟି ସହିତ 'ଖ' ସ୍ତମ୍ଭର ଉପଯୁକ୍ତ ପ୍ରବିଷ୍ଟିକୁ ମିଳାଅ ଏବଂ ପ୍ରଦତ୍ତ ସ୍ଥାନରେ 'ଖ' ସ୍ତମ୍ଭର ଠିକ୍ ସଂଖ୍ୟାକୁ ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| 1. ସୁନାମ ବ୍ୟକ୍ତିଗତ ଭାବରେ ପୈଠ ହୁଏ । | I. ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ<br>ଦାତା ସୁନାମ ହିସାବ |
| 2. ନୂତନ ଭାଗୀଦାର ସୁନାମ ବାବଦ ଅର୍ଥ ଆଣିବାରେ ସକ୍ଷମ ନୁହନ୍ତି । | II. ସୁନାମ ହିସାବ ଦାୟୀ<br>ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ |
| 3. ପ୍ରବେଶ ସମୟରେ ବହିରେ ଦର୍ଶାଯାଇଥିବା ସୁନାମ ଅବଲିଖିତ ହୁଏ । | III. ନୂତନ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ<br>ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ |
| 4. ପ୍ରବେଶ ସମୟରେ ନୂତନ ଭାଗୀଦାରଙ୍କ ଦ୍ୱାରା ଆନୀତ ସୁନାମର ରାଶି ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହୁଏ । | IV. କୌଣସି ପ୍ରବିଷ୍ଟି ନାହିଁ |

## 19.4 ପରିସମ୍ପତ୍ତି ଓ ଦାୟଗୁଡ଼ିକର ପୁନର୍ମୂଲ୍ୟାୟନ (Revaluation of Assets and Liabilities)

ଏକ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ଫାର୍ମର ପୁନର୍ଗଠନ ହୁଏ ଏବଂ ଫଳ ସ୍ୱରୂପ ପରିସମ୍ପତ୍ତିଗୁଡ଼ିକର ପୁନଃମୂଲ୍ୟାୟନ ଓ ଦାୟଗୁଡ଼ିକର ପୁନର୍ନିର୍ଦ୍ଧାରଣ ହୁଏ । ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ଫାର୍ମର ସତ୍ୟ ସ୍ଥିତି ଦର୍ଶାଇବା ଆବଶ୍ୟକ ହୋଇଥାଏ । ଯଦି ପରିସମ୍ପତ୍ତିର ମୂଲ୍ୟ ବୃଦ୍ଧି କରାଯାଏ, ତେବେ ଲାଭ କାରଣରୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ବୃଦ୍ଧି ପାଇବ । ସେହିପରି ପରିସମ୍ପତ୍ତିର





ମୂଲ୍ୟରେ କୌଣସି ହ୍ରାସ ଜନିତ କ୍ଷତି ଯୋଗୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହ୍ରାସ ପାଇବ । ଏହି ଉଦ୍ଦେଶ୍ୟରେ ଏକ 'ପୁନଃମୂଲ୍ୟାୟନ ହିସାବ' ପ୍ରସ୍ତୁତ କରାଯାଏ । ଏହି ହିସାବକୁ ପରିସମ୍ପତ୍ତିଗୁଡ଼ିକର ମୂଲ୍ୟରେ ସମସ୍ତ ବୃଦ୍ଧି ଏବଂ ଦାୟଗୁଡ଼ିକର ମୂଲ୍ୟରେ ହ୍ରାସ ନିମନ୍ତେ ଦାତା କରାଯାଏ । ଏହାକୁ ପରିସମ୍ପତ୍ତିର ମୂଲ୍ୟ ହ୍ରାସ ଏବଂ ଦାୟର ମୂଲ୍ୟ ବୃଦ୍ଧି ସକାଶେ ଦାୟୀ କରାଯାଏ । ଏହି ହିସାବର ବଳକା ପୁନଃମୂଲ୍ୟାୟନ ଜନିତ ଲାଭ କିମ୍ବା କ୍ଷତି ଦର୍ଶାଏ ଯାହାକୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ସ୍ଥାନାନ୍ତରିତ କରି ଦିଆଯାଏ । ଏହି ଉଦ୍ଦେଶ୍ୟରେ ନିମ୍ନ ଜାବେଦା ପ୍ରବିଷ୍ଟିମାନ କରାଯାଏ:

(i) ପରିସମ୍ପତ୍ତିର ମୂଲ୍ୟରେ ବୃଦ୍ଧି ପାଇଁ:
ପରିସମ୍ପତ୍ତି ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)
  ଦାତା ପୁନଃମୂଲ୍ୟାୟନ ହିସାବ
(ପରିସମ୍ପତ୍ତିର ମୂଲ୍ୟରେ ବୃଦ୍ଧି)

(ii) ପରିସମ୍ପତ୍ତିର ମୂଲ୍ୟରେ ହ୍ରାସ ପାଇଁ:
ପୁନଃମୂଲ୍ୟାୟନ ହିସାବ ଦାୟୀ
  ଦାତା ପରିସମ୍ପତ୍ତି ହିସାବ (ବ୍ୟକ୍ତିଗତ ଭାବରେ)
(ପରିସମ୍ପତ୍ତିର ମୂଲ୍ୟରେ ହ୍ରାସ)

(iii) ଦାୟର ମୂଲ୍ୟରେ ବୃଦ୍ଧି ପାଇଁ:
ପୁନଃମୂଲ୍ୟାୟନ ହିସାବ ଦାୟୀ
  ଦାତା ଦାୟ ହିସାବ (ବ୍ୟକ୍ତିଗତ ଭାବରେ)
(ଦାୟର ମୂଲ୍ୟରେ ବୃଦ୍ଧି)

(iv) ଦାୟର ମୂଲ୍ୟରେ ହ୍ରାସ ପାଇଁ:
ଦାୟ ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)
  ଦାତା ପୁନଃମୂଲ୍ୟାୟନ ହିସାବ
(ଦାୟର ମୂଲ୍ୟରେ ହ୍ରାସ)

(v) ରେକର୍ଡଭୁକ୍ତ (ଲିପିବଦ୍ଧ) ହୋଇ ନଥିବା ପରିସମ୍ପତ୍ତି ପାଇଁ:
ପରିସମ୍ପତ୍ତି ହିସାବ(ଅଣ-ରେକର୍ଡଭୁକ୍ତ) ଦାୟୀ
  ଦାତା ପୁନଃମୂଲ୍ୟାୟନ ହିସାବ
(ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତି ପ୍ରକୃତ ମୂଲ୍ୟରେ ଲିପିବଦ୍ଧ ହେଲା)

(vi) ରେକର୍ଡଭୁକ୍ତ ହୋଇ ନଥିବା ଦାୟ ପାଇଁ:
ପୁନଃମୂଲ୍ୟାୟନ ହିସାବ ଦାୟୀ
  ଦାତା ଦାୟ ହିସାବ (ଅଣ-ରେକର୍ଡଭୁକ୍ତ)
(ଅଣ-ରେକର୍ଡଭୁକ୍ତ ଦାୟ ପ୍ରକୃତ ମୂଲ୍ୟରେ ଲିପିବଦ୍ଧ ହେଲା)

(vii) ପୁନଃମୂଲ୍ୟାୟନ ଜନିତ ଲାଭର ସ୍ଥାନାନ୍ତରଣ ପାଇଁ:
ପୁନଃମୂଲ୍ୟାୟନ ହିସାବ ଦାୟୀ
  ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ
(ପୁନଃମୂଲ୍ୟାୟନ ଜନିତ ଲାଭ ପୁଞ୍ଜି ହିସାବକୁ ବିଦ୍ୟମାନ ଅନୁପାତରେ ସ୍ଥାନାନ୍ତରିତ ହେଲା)

(viii) ପୁନଃମୂଲ୍ୟାୟନ ଜନିତ କ୍ଷତିର ସ୍ଥାନାନ୍ତରଣ ପାଇଁ:
ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ ଦାୟୀ
ଦାତା ପୁନଃମୂଲ୍ୟାୟନ ହିସାବ
(ପୁନଃମୂଲ୍ୟାୟନ ଜନିତ କ୍ଷତି ପୁଞ୍ଜି ହିସାବକୁ ବିଦ୍ୟମାନ ଅନୁପାତରେ ସ୍ଥାନାନ୍ତରିତ ହେଲା)

**ପୁନଃମୂଲ୍ୟାୟନ ହିସାବର ଛାଞ୍ଚ ନିମ୍ନରେ ଦିଆଗଲା:**

**ପୁନଃମୂଲ୍ୟାୟନ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ପରିସମ୍ପତ୍ତି (ମୂଲ୍ୟରେ ହ୍ରାସ) | | ପରିସମ୍ପତ୍ତି (ମୂଲ୍ୟରେ ବୃଦ୍ଧି) | |
| ଦାୟ (ମୂଲ୍ୟରେ ବୃଦ୍ଧି) | | ଦାୟ (ମୂଲ୍ୟରେ ହ୍ରାସ) | |
| ଦାୟ (ଅଣ-ରେକର୍ଡଭୁକ୍ତ) | | ପରିସମ୍ପତ୍ତି (ଅଣ-ରେକର୍ଡଭୁକ୍ତ) | |
| ଲାଭ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା | | କ୍ଷତି ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହେଲା | |
| (ବ୍ୟକ୍ତିଗତ ଭାବରେ ବିଦ୍ୟମାନ ଅନୁପାତରେ) | | (ବ୍ୟକ୍ତିଗତ ଭାବରେ ବିଦ୍ୟମାନ ଅନୁପାତରେ) | |

**ଉଦାହରଣ 14**

କରଣ ଓ ତରୁଣ 2:1 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31, 2006 ରେ କରଣ ଓ ତରୁଣଙ୍କର ଉଦ୍‌ବୃତ୍ତ ପତ୍ର**

| ବିବରଣ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ମହାଜନ | | 10,000 | ହସ୍ତସ୍ଥ ଅର୍ଥ | 7,000 |
| ଦେୟ ହୁଣ୍ଡି | | 7,000 | ଖାତକ | 26,000 |
| ପୁଞ୍ଜି: | | | କୋଠା | 20,000 |
| କରଣ | 40,000 | | ନିବେଶ | 15,000 |
| ତରୁଣ | 30,000 | 70,000 | ଯନ୍ତ୍ରପାତି | 13,000 |
| | | | ସମ୍ଭାର (ମହଜୁଦ ମାଲ) | 6,000 |
| | | 87,000 | | 87,000 |

ନିଖିଳଙ୍କୁ ଏକ ଭାଗୀଦାର ଭାବରେ ପ୍ରବେଶ କରାଗଲା ଏବଂ ପରିସମ୍ପତ୍ତିର ପୁନଃମୂଲ୍ୟାୟନ ଓ ଦାୟର ପୁନର୍ନିର୍ଦ୍ଧାରଣ ନିମ୍ନ ମତେ ହେଲା:

(i) ଖାତକ ଉପରେ ସନ୍ଦିଗ୍ଧ ଋଣ ପାଇଁ ₹800 ର ଏକ ପ୍ରାବଧାନ କରାଯିବ ।

(ii) କୋଠା ଓ ନିବେଶରେ 10% ମୂଲ୍ୟ ବୃଦ୍ଧି କରାଯିବ ।

(iii) ଯନ୍ତ୍ରପାତି ଉପରେ 5% ମୂଲ୍ୟ ହ୍ରାସ କରାଯିବ ।

(iv) ମହାଜନର ₹500 ଅଧିକ କଳନା (overestimate) କରାଯାଇଥିଲା ।

ନିଖିଳଙ୍କ ପ୍ରବେଶ ପୂର୍ବରୁ ଜାବେଦା ପ୍ରବିଷ୍ଟି କର ଏବଂ ପୁନଃମୂଲ୍ୟାୟନ ହିସାବ ପ୍ରସ୍ତୁତ କର ।

**ସମାଧାନ :**

**ଜାବେଦା**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ପୁନଃମୂଲ୍ୟାୟନ ହିସାବ ଦାୟୀ | | 800 | |
| | ଦାତା ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ ହିସାବ | | | 800 |
| | (ସନ୍ଦିଗ୍ଧ ଋଣ ନିମନ୍ତେ ପ୍ରାବଧାନ କରାଗଲା) | | | |
| | କୋଠା ହିସାବ ଦାୟୀ | | 2,000 | |
| | ନିବେଶ ହିସାବ ଦାୟୀ | | 1,500 | |
| | ଦାତା ପୁନଃମୂଲ୍ୟାୟନ ହିସାବ | | | 3,500 |
| | (କୋଠା ଓ ନିବେଶ ମୂଲ୍ୟରେ ବୃଦ୍ଧି) | | | |
| | ପୁନଃମୂଲ୍ୟାୟନ ହିସାବ ଦାୟୀ | | 650 | |
| | ଦାତା ଯନ୍ତ୍ରପାତି ହିସାବ | | | 650 |
| | (ଯନ୍ତ୍ରପାତିର ମୂଲ୍ୟରେ ହ୍ରାସ) | | | |
| | ମହାଜନ ହିସାବ ଦାୟୀ | | 500 | |
| | ଦାତା ପୁନଃମୂଲ୍ୟାୟନ ହିସାବ | | | 500 |
| | (ମହାଜନର ମୂଲ୍ୟରେ ₹500 ହ୍ରସ କରାଗଲା) | | | |

**ପୁନଃମୂଲ୍ୟାୟନ ହିସାବ**

ଦାୟୀ ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ | | 800 | କୋଠା | 2,000 |
| ଯନ୍ତ୍ରପାତି | | 650 | ନିବେଶ | 1,500 |
| ଲାଭର ସ୍ଥାନାନ୍ତରଣ: | | | ମହାଜନ | 500 |
| କରଣଙ୍କ ପୁଞ୍ଜି | 1,700 | | | |
| ତରୁଣଙ୍କ ପୁଞ୍ଜି | 850 | 2,550 | | |
| | | 4,000 | | 4,000 |

## 19.5 ସଞ୍ଚିତି ଏବଂ ଗଚ୍ଛିତ ଲାଭ କିମ୍ବା କ୍ଷତିର ସମାଯୋଜନ (Adjustments of Reserves and Accumulated Profits or Losses)

ଏକ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ଉଦ୍‌ବୃତ୍ତ ପତ୍ରରେ ଯଦି କୌଣସି ଗଚ୍ଛିତ ଲାଭ କିମ୍ବା ସଞ୍ଚିତି ଥାଏ, ତେବେ ଏହାକୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ଦାତା କରିଦିଆଯାଏ । ଯଦି କୌଣସି କ୍ଷତି ଥାଏ, ତେବେ ଏହାକୁ ବିଦ୍ୟମାନ ଭାଗୀଦାରଙ୍କୁ ବିଦ୍ୟମାନ ଅନୁପାତରେ ଦାୟୀ କରି ଦିଆଯାଏ । ଏହି ଉଦ୍ଦେଶ୍ୟରେ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

(i) ଅଣ-ଆବଣ୍ଟିତ ଲାଭ ଓ ସଞ୍ଚିତିର ବଣ୍ଟନ ପାଇଁ:
ସଞ୍ଚିତି ହିସାବ ଦାୟୀ
ଲାଭ ଓ କ୍ଷତି ହିସାବ (ଲାଭ) ଦାୟୀ
    ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ (ବ୍ୟକ୍ତିଗତ ଭାବରେ)
(ସଞ୍ଚିତି ଓ ଲାଭ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ସ୍ଥାନାନ୍ତରିତ ହେଲା)

(ii) କ୍ଷତିର ଆବଣ୍ଟନ ପାଇଁ:
ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)
    ଦାତା ଲାଭ ଓ କ୍ଷତି ହିସାବ (କ୍ଷତି)
(କ୍ଷତି ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ସ୍ଥାନାନ୍ତରିତ ହେଲା)

**ଉଦାହରଣ 15**

ରୋହିତ ଓ ସୋନିୟା 4:3 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଅପ୍ରେଲ 1, 2006 ରେ ସେମାନେ ମୀନାକୁ ଲାଭରେ 1/4 ଭାଗ ପାଇଁ ଏକ ନୂଆ ଭାଗୀଦାର ଭାବେ ପ୍ରବେଶ କରାନ୍ତି । ସେହିଦିନ ଫାର୍ମର ଉଦ୍‌ବୃତ୍ତ ପତ୍ର ସାଧାରଣ ସଞ୍ଚିତିରେ ₹70,000ର ବଳକା ଏବଂ ଲାଭ ଓ କ୍ଷତି ହିସାବରେ ₹21,000ର ଦାୟୀ ବଳକା ଦର୍ଶାଇଥାଏ । ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ :**

**ଜାବେଦା**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ସାଧାରଣ ସଞ୍ଚିତି ହିସାବ ଦାୟୀ | | 70,000 | |
| | ଦାତା ରୋହିତଙ୍କ ପୁଞ୍ଜି ହିସାବ | | | 40,000 |
| | ଦାତା ସୋନିୟାଙ୍କ ପୁଞ୍ଜି ହିସାବ | | | 30,000 |
| | (ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସାଧାରଣ ସଞ୍ଚିତିର ସ୍ଥାନାନ୍ତରଣ) | | | |
| | ରୋହିତଙ୍କ ପୁଞ୍ଜି ହିସାବ ଦାୟୀ | | 12,000 | |
| | ସୋନିୟାଙ୍କ ପୁଞ୍ଜି ହିସାବ ଦାୟୀ | | 9,000 | |
| | ଦାତା ଲାଭ ଓ କ୍ଷତି ହିସାବ | | | 21,000 |
| | (ବିଦ୍ୟମାନ ଭାଗୀଦାରଙ୍କୁ ପୁଞ୍ଜି ହିସାବକୁ ଗଚ୍ଛିତ କ୍ଷତିର ସ୍ଥାନାନ୍ତରଣ) | | | |

**ଉଦାହରଣ 16**

ଭାନୁ ଓ ଇତିକା କ୍ରମାନ୍ୱୟରେ 3:2 ଅନୁପାତରେ ଲାଭ ଓ କ୍ଷତି ଭାଗ କରୁଥିବା ଭାଗୀଦାର ଅଟନ୍ତି । ଡିସେମ୍ବର 31, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31, 2006ରେ ଭାନୁ ଓ ଇତିକାଙ୍କର ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ମହାଜନ | | 28,000 | ହସ୍ତସ୍ଥ ଅର୍ଥ | 3,000 |
| ପୁଞ୍ଜି: | | | ବ୍ୟାଙ୍କ୍‌ରେ ଥିବା ଅର୍ଥ | 23,000 |
| ଭାନୁ | 70,000 | | ଖାତକ | 19,000 |
| ଇତିକା | 70,000 | 1,40,000 | କୋଠା | 65,000 |
| | | | ଆସବାବପତ୍ର | 15,000 |
| | | | ଯନ୍ତ୍ରପାତି | 13,000 |
| | | | ମହଜୁଦ ମାଲ୍ | 30,000 |
| | | 1,68,000 | | 1,68,000 |

ସେହିଦିନ ସେମାନେ ଦୀପକକୁ ଭବିଷ୍ୟତର ଲାଭରେ 1/3 ଭାଗ ପାଇଁ ନିମ୍ନ ସର୍ତ୍ତାବଳୀ ଆଧାରରେ ଭାଗଦାରୀରେ ପ୍ରବେଶ କରାଇଲେ :

(i) ଆସବାବ ପତ୍ର ଓ ମହଜୁଦ ମାଲ୍‌ର 10% ମୂଲ୍ୟ ହ୍ରାସ କରାଯିବ ।

(ii) କୋଠାର ମୂଲ୍ୟ ₹20,000 ବୃଦ୍ଧି କରାଯିବ ।

(iii) ସନ୍ଦିଗ୍ଧ ଋଣ ପାଇଁ ଖାତକଙ୍କ ଉପରେ 5% ପ୍ରାବଧାନ ରଖାଯିବ ।

(iv) ଦୀପକ ତା'ର ପୁଞ୍ଜି ବାବଦ ₹50,000 ଏବଂ ସୁନାମ ବାବଦ ₹30,000 ଆଣିବ ।

ଆବଶ୍ୟକୀୟ ଖତିଆନ ହିସାବ ପ୍ରସ୍ତୁତ କର ଏବଂ ନୂତନ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

**ସମାଧାନ:**

**ପୁନଃମୂଲ୍ୟାୟନ ହିସାବ**

ଦାୟୀ | ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ | | 950 | କୋଠା | 20,000 |
| ଆସବାବପତ୍ର | | 1,500 | | |
| ମହଜୁଦ ମାଲ୍ | | 3,000 | | |
| ଲାଭର ସ୍ଥାନାନ୍ତରଣ: | | | | |
| ଭାନୁଙ୍କ ପୁଞ୍ଜି ହିସାବ | 8,730 | | | |
| ଇତିକାଙ୍କ ପୁଞ୍ଜି ହିସାବ | 5,820 | 14,550 | | |
| | | 20,000 | | 20,000 |

**ପୁଞ୍ଜି ହିସାବ**

ଦାୟୀ ଦାତା

| ବିବରଣ | ଭାନୁ (₹) | ଇତିକା (₹) | ଦୀପକ (₹) | ବିବରଣ | ଭାନୁ (₹) | ଇତିକା (₹) | ଦୀପକ (₹) |
|---|---|---|---|---|---|---|---|
| ବଳକା ନି/ନି (ଅନ୍ତିମ) | 96,730 | 87,820 | 50,000 | ବଳକା ନି/ଅ (ପ୍ରାରମ୍ଭିକ) | 70,000 | 70,000 | – |
| | | | | ପୁନଃମୂଲ୍ୟାୟନ (ଲାଭ) | 8,730 | 5,820 | – |
| | | | | ବ୍ୟାଙ୍କ୍ ହିସାବ | – | – | 50,000 |
| | | | | ସୁନାମ ହିସାବ | 18,000 | 12,000 | – |
| | 96,730 | 87,820 | 50,000 | | 96,730 | 87,820 | 50,000 |

**ଭାନୁ, ଇତିକା ଏବଂ ଦୀପକଙ୍କ ଉଦ୍‌ବୃତ୍ତ ପତ୍ର**

**ଡିସେମ୍ବର 31, 2006ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ମହାଜନ | | 28,000 | ହସ୍ତସ୍ଥ ଅର୍ଥ | | 3,000 |
| ପୁଞ୍ଜି: | | | ବ୍ୟାଙ୍କ୍‌ରେ ଥିବା ଅର୍ଥ | | 1,03,000 |
| ଭାନୁ | 96,730 | | ଖାତକ | 19,000 | |
| ଇତିକା | 87,820 | | ବିୟୁକ୍ତ: | | |
| ଦୀପକ | 50,000 | 2,34,550 | ପ୍ରାବଧାନ | 950 | 18,050 |
| | | | ମହଜୁଦ ମାଲ | | 27,000 |
| | | | ଆସବାବ ପତ୍ର | | 13,500 |
| | | | ଯନ୍ତ୍ରପାତି | | 13,000 |
| | | | କୋଠା | | 85,000 |
| | | 2,62,550 | | | 2,62,550 |

**ଉଦାହରଣ 17**

ଆଶୁ ଓ ପଙ୍କଜ 3:2 ଅନୁପାତରେ ଲାଭ ବାଣ୍ଟୁଥିବା ଭାଗୀଦାର ଅଟନ୍ତି । ମାର୍ଚ୍ଚ 31, 2007 ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନମତେ ଥିଲା:



ଟିପ୍ପଣୀ

**ଆଶୁ ଓ ପଙ୍କଜଙ୍କର ଉଦ୍‌ବୃତ୍ତ ପତ୍ର**

**ମାର୍ଚ୍ଚ 31, 2007ର**

| ଦାୟ | | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|---|
| ମହାଜନ | | | 38,000 | ହସ୍ତସ୍ଥ ଅର୍ଥ | 15,000 |
| ଦେୟ ହୁଣ୍ଡି | | | 40,000 | ବ୍ୟାଙ୍କରେ ଥିବା ଅର୍ଥ | 62,000 |
| ବକେୟା ବେତନ | | | 5,000 | ଖାତକ | 58,000 |
| ଲାଭ ଓ କ୍ଷତି | | | 40,000 | ସମ୍ଭାର | 85,000 |
| ପୁଞ୍ଜି : | | | | ଯନ୍ତ୍ରପାତି | 1,45,000 |
| | ଆଶୁ | 1,50,000 | | ସୁନାମ | 38,000 |
| | ପଙ୍କଜ | 1,30,000 | 2,80,000 | | |
| | | | 4,03,000 | | 4,03,000 |

ସେମାନେ ମାର୍ଚ୍ଚ 31, 2007ରେ ଗୁରୁଦୀପଙ୍କୁ ନିମ୍ନ ସର୍ତ୍ତାବଳୀ ଅନୁସାରେ ଭାଗଦାରୀରେ ପ୍ରବେଶ କରାଇଲେ:

(କ) ନୂତନ ଲାଭ ଆବଣ୍ଟନ ଅନୁପାତ 3:2:1ରେ ସହମତି ହେଲା ।

(ଖ) ସେ ତାଙ୍କ ଭାଗ ପୁଞ୍ଜି ବାବଦ ₹1,00,000 ଏବଂ ତାଙ୍କ ଭାଗ ସୁନାମ ବାବଦ ₹30,000 ଆଣିବ ।

(ଗ) ଯନ୍ତ୍ରପାତିର ମୂଲ୍ୟରେ 10% ବୃଦ୍ଧି କରାଯିବ ।

(ଘ) ସମ୍ଭାର ₹87,000ରେ ମୂଲ୍ୟାୟନ ହେଲା ।

(ଙ) ମହାଜନ ₹6,000ର ରାଶି ପର୍ଯ୍ୟନ୍ତ ଅଣ-ରେକର୍ଡଭୁକ୍ତ ହୋଇଛି ।

(ଚ) ଖାତକଙ୍କ ଉପରେ ସନ୍ଦିଗ୍ଧ ରଣ ପାଇଁ 4% ପ୍ରାବଧାନ ରଖାଯିବ ।

ପୁନଃମୂଲ୍ୟାୟନ ହିସାବ, ପୁଞ୍ଜି ହିସାବ, ବ୍ୟାଙ୍କ ହିସାବ ଏବଂ ଗୁରୁଦୀପଙ୍କ ପ୍ରବେଶ ପରେ ନୂତନ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

**ସମାଧାନ:**

**ପୁନଃମୂଲ୍ୟାୟନ ହିସାବ**

ଦାୟୀ ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ସନ୍ଦିଗ୍ଧ ରଣ ପାଇଁ ପ୍ରାବଧାନ | | 2,320 | ଯନ୍ତ୍ରପାତି | 14,500 |
| ମହାଜନ | | 6,000 | ସମ୍ଭାର | 2,000 |
| ଲାଭର ସ୍ଥାନାନ୍ତରଣ | | | | |
| ଆଶୁଙ୍କ ପୁଞ୍ଜି ହିସାବ | 4,908 | | | |
| ପଙ୍କଜଙ୍କ ପୁଞ୍ଜି ହିସାବ | 3,272 | 8,180 | | |
| | | 16,500 | | 16,500 |

## ପୁଞ୍ଜି ହିସାବ

ଦାୟୀ | ଦାତା

| ବିବରଣ | ଆଶୁ (₹) | ପଙ୍କଜ (₹) | ଗୁରୁଦୀପ (₹) | ବିବରଣ | ଆଶୁ (₹) | ପଙ୍କଜ (₹) | ଗୁରୁଦୀପ (₹) |
|---|---|---|---|---|---|---|---|
| ସୁନାମ ହିସାବ | 22,800 | 15,200 | – | ବଳକା ନି/ଅ | 1,50,000 | 1,30,000 | – |
| ବଳକା ନି/ନି | 1,74,108 | 1,46,072 | 1,00,000 | ଲାଭ ଓ କ୍ଷତି ହିସାବ | 24,000 | 16,000 | – |
| | | | | ପୁନଃମୂଲ୍ୟାୟନ ହିସାବ(ଲାଭ) | 4,908 | 3,272 | – |
| | | | | ବ୍ୟାଙ୍କ୍ ହିସାବ | – | – | 1,00,000 |
| | | | | ସୁନାମ ହିସାବ | 18,000 | 12,000 | – |
| | 1,96,908 | 1,61,272 | 1,00,000 | | 1,96,908 | 1,61,272 | 1,00,000 |

## ବ୍ୟାଙ୍କ୍ ହିସାବ

ଦାୟୀ | ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବଳକା ନି/ଅ | 62,000 | ବଳକା ନି/ନି | 1,92,000 |
| ଗୁରୁଦୀପଙ୍କ ପୁଞ୍ଜି ହିସାବ | 1,00,000 | | |
| ସୁନାମ ହିସାବ | 30,000 | | |
| | 1,92,000 | | 1,92,000 |

## ଆଶୁ, ପଙ୍କଜ ଓ ଗୁରୁଦୀପଙ୍କ ଉଦ୍‌ବୃତ୍ତ ପତ୍ର
## ମାର୍ଚ୍ଚ 31, 2007ର

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ମହାଜନ | | 44,000 | ହସ୍ତସ୍ଥ ଅର୍ଥ | | 15,000 |
| ଦେୟ ହୁଣ୍ଡି | | 40,000 | ବ୍ୟାଙ୍କରେ ଥିବା ଅର୍ଥ | | 1,92,000 |
| ବକେୟା ବେତନ | | 5,000 | ଖାତକ | 58,000 | |
| ପୁଞ୍ଜି : | | | ବିଯୁକ୍ତ: ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ | (2,320) | 55,680 |
| ଆଶୁ | 1,74,108 | | ସମ୍ଭାର | | 87,000 |
| ପଙ୍କଜ | 1,46,072 | | ଯନ୍ତ୍ରପାତି | | 1,59,500 |
| ଗୁରୁଦୀପ | 1,00,000 | 4,20,180 | | | |
| | | 5,09,180 | | | 5,09,180 |

ଟିପ୍ପଣୀ

**କାର୍ଯ୍ୟକାରୀ ଟିପ୍ପଣୀ:**

ତ୍ୟାଗ ଅନୁପାତ = ବିଦ୍ୟମାନ ଅନୁପାତ – ନୂତନ ଅନୁପାତ

| ଭାଗୀଦାର | ବିଦ୍ୟମାନ ଅନୁପାତ | ନୂତନ ଅନୁପାତ | ତ୍ୟାଗ | ତ୍ୟାଗ ଅନୁପାତ |
|---|---|---|---|---|
| ଆଶୁ | 3/5 | 3/6 | $\frac{18-15}{30}=\frac{3}{30}$ | ଆଶୁ : ପଙ୍କଜ |
| ପଙ୍କଜ | 2/5 | 2/6 | $\frac{12-10}{30}=\frac{2}{30}$ | = 3:2 |

**ଉଦାହରଣ 18**

ହିମାନୀ ଓ ହର୍ଷ ଏକ ଫାର୍ମରେ ଭାଗୀଦାର ଅଟନ୍ତି । ମାର୍ଚ୍ଚ 31, 2006ରେ ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ହିମାନୀ ଓ ହର୍ଷଙ୍କ ଉଦ୍‌ବୃତ୍ତ ପତ୍ର**

**ମାର୍ଚ୍ଚ 31, 2006ରେ**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ | | 3,000 | ଅର୍ଥ | 20,000 |
| ମହାଜନ | | 36,000 | ବିବିଧ ଖାତକ | 90,000 |
| ଦେୟ ହୁଣ୍ଡି | | 15,000 | ମହଜୁଦ ମାଲ୍ | 45,000 |
| ବକେୟା ବ୍ୟୟ | | 2,000 | ଯନ୍ତ୍ରପାତି | 41,000 |
| ପୁଞ୍ଜି : | | | କୋଠା | 1,10,000 |
| ହିମାନୀ | 1,70,000 | | ସୁନାମ | 40,000 |
| ହର୍ଷ | 1,20,000 | 2,90,000 | | |
| | | 3,46,000 | | 3,46,000 |

ଅପ୍ରେଲ 1, 2006ରେ ସେମାନେ ଚାରୁଙ୍କୁ ଏକ ଭାଗୀଦାର ଭାବରେ ନିମ୍ନ ସର୍ତ୍ତାବଳୀ ଆଧାରରେ ପ୍ରବେଶ କରାଇଲେ:

(i) ଚାରୁ ତାଙ୍କ ଭାଗ ପୁଞ୍ଜି ବାବଦ ₹90,000 ଆଣେ ଏବଂ ସୁନାମ ବାବଦ କୌଣସି ରାଶି ଆଣିବାକୁ ଅକ୍ଷମ ହୁଏ ।

(ii) ସୁନାମର ମୂଲ୍ୟାୟନ ବିଗତ 4 ବର୍ଷର ହାରାହାରି ଲାଭର 2 ବର୍ଷର କ୍ରୟ ଭିତ୍ତିରେ କରାଯାଏ । ବିଗତ 4 ବର୍ଷର ଲାଭ ଯଥାକ୍ରମେ ₹20,000, ₹30,000, ₹30,000 ଓ ₹40,000 ଥିଲା ।

(iii) ହିମାନୀ, ହର୍ଷ ଓ ଚାରୁଙ୍କ ମଧ୍ୟରେ ନୂତନ ଲାଭ ଆବଣ୍ଟନ ଅନୁପାତ 3:2:1 ଅଟେ ।

(iv) ବକେୟା ବ୍ୟୟକୁ ₹500କୁ ହ୍ରାସ କରାଯିବ ।

(v) ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନକୁ ଖାତକଙ୍କୁ ଉପରେ 5% ପର୍ଯ୍ୟନ୍ତ ବଢ଼ାଇ ଦିଆଯିବ ।

(vi) ଯନ୍ତ୍ରପାତିର ମୂଲ୍ୟହ୍ରାସ 10% ରେ କରାଯାଏ ଏବଂ ମହଜୁଦ୍ ମାଲର ମୂଲ୍ୟାୟନ ₹47,000ରେ କରାଯାଏ ।

ପୁନଃମୂଲ୍ୟାୟନ ହିସାବ, ଭାଗୀଦାରଙ୍କ ପୁଞ୍ଜି ହିସାବ ଏବଂ ନୂତନ ଫାର୍ମର ପ୍ରାରମ୍ଭିକ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

**ସମାଧାନ:**

**ପୁନଃମୂଲ୍ୟାୟନ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | | ପରିମାଣ (₹) |
|---|---|---|---|---|
| ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ | 1,500 | ବକେୟା ବ୍ୟୟ | | 1,500 |
| ଯନ୍ତ୍ରପାତି | 4,100 | ମହଜୁଦ ମାଲ | | 2,000 |
| | | ପୁନର୍ମୂଲ୍ୟାୟନ ଜନିତ କ୍ଷତିର ପୁଞ୍ଜି ହିସାବକୁ ସ୍ଥାନାନ୍ତରଣ: | | |
| | | ହିମାନୀଙ୍କ ପୁଞ୍ଜି ହିସାବ | 1,050 | |
| | | ହର୍ଷଙ୍କ ପୁଞ୍ଜି ହିସାବ | 1,050 | 2,100 |
| | 5,600 | | | 5,600 |

**ପୁଞ୍ଜି ହିସାବ**

ଦାୟୀ ଦାତା

| ବିବରଣ | ହିମାନୀ (₹) | ହର୍ଷ (₹) | ଚାରୁ (₹) | ବିବରଣ | ହିମାନୀ (₹) | ହର୍ଷ (₹) | ଚାରୁ (₹) |
|---|---|---|---|---|---|---|---|
| ସୁନାମ ହିସାବ | 20,000 | 20,000 | – | ବଳକା ନି/ଅ | 1,70,000 | 1,20,000 | – |
| ପୁନର୍ମୂଲ୍ୟାୟନ ହିସାବ(କ୍ଷତି) | 1,050 | 1,050 | – | ଚାରୁଙ୍କ ପୁଞ୍ଜି ହିସାବ | – | 10,000 | – |
| ହର୍ଷଙ୍କ ପୁଞ୍ଜି ହିସାବ | – | – | 10,000 | ବ୍ୟାଙ୍କ୍ ହିସାବ | – | – | 90,000 |
| ବଳକା ନି/ନି | 1,48,950 | 1,08,950 | 80,000 | | | | |
| | 1,70,000 | 1,30,000 | 90,000 | | 1,70,000 | 1,30,000 | 90,000 |

### ହିମାନୀ, ହର୍ଷ ଓ ଚାରୁଙ୍କ ଉଦ୍‌ବୃତ୍ତ ପତ୍ର

**ଅପ୍ରେଲ୍ 1, 2006ରେ**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ | | 4,500 | ଅର୍ଥ | 20,000 |
| ମହାଜନ | | 36,000 | ବ୍ୟାଙ୍କ | 90,000 |
| ଦେୟ ହୁଣ୍ଡି | | 15,000 | ବିବିଧ ଖାତକ | 90,000 |
| ବକେୟା ବ୍ୟୟ | | 500 | ମହଜୁଦ ମାଲ | 47,000 |
| ପୁଞ୍ଜି: | | | ଯନ୍ତ୍ରପାତି | 36,900 |
| ହିମାନୀ | 1,48,950 | | କୋଠା | 1,10,000 |
| ହର୍ଷ | 1,08,950 | | | |
| ଚାରୁ | 80,000 | 3,37,900 | | |
| | | 3,93,900 | | 3,93,900 |

**କାର୍ଯ୍ୟକାରୀ ଟିପ୍ପଣୀ:**

(i) ସୁନାମର ମୂଲ୍ୟାୟନ :

ମୋଟ ଲାଭ = ₹20,000 + ₹30,000 + ₹30,000 + ₹40,000

= ₹1,20,000

ହାରାହାରି ଲାଭ = ₹1,20,000/4 = ₹30,000

ସୁନାମ = ₹30,000 X 2 = ₹60,000

(ii) ତ୍ୟାଗ ଅନୁପାତ = ବିଦ୍ୟମାନ ଅନୁପାତ – ନୂତନ ଅନୁପାତ

ହିମାନୀ : $\frac{1}{2}-\frac{3}{6}=\frac{3-3}{6}=0$

ହର୍ଷ : $\frac{1}{2}-\frac{2}{6}=\frac{3-2}{6}=\frac{1}{6}$

କେବଳ ହର୍ଷ ତାଙ୍କ ଭାଗର ଲାଭରୁ ତ୍ୟାଗ କରିଛି ।

### ପାଠ୍ୟଗତ ପ୍ରଶ୍ନ 19.4

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

(i) ପୁନଃମୂଲ୍ୟାୟନ ହିସାବକୁ ............ର ମୂଲ୍ୟରେ ବୃଦ୍ଧି ନିମନ୍ତେ ଦାୟୀ କରାଯାଏ ।

(ii) ପୁନଃମୂଲ୍ୟାୟନ ହିସାବକୁ ............ର ମୂଲ୍ୟରେ ବୃଦ୍ଧି ନିମନ୍ତେ ଦାତା କରାଯାଏ ।

(iii) ପୁନଃମୂଲ୍ୟାୟନ ହିସାବକୁ ...........ର ମୂଲ୍ୟରେ ହ୍ରାସ ନିମନ୍ତେ ଦାତା କରାଯାଏ ।

(iv) ପୁନଃମୂଲ୍ୟାୟନ ହିସାବକୁ ...........ର ମୂଲ୍ୟରେ ହ୍ରାସ ନିମନ୍ତେ ଦାୟୀ କରାଯାଏ ।

(v) ପୁନଃମୂଲ୍ୟାୟନର ଲାଭକୁ ଭାଗୀଦାରମାନଙ୍କର ପୁଞ୍ଜି ହିସାବର ..........କୁ ସ୍ଥାନାନ୍ତରିତ କରାଯାଏ ।

(vi) ବିଦ୍ୟମାନ ଭାଗୀଦାରମାନଙ୍କ ମଧ୍ୟରେ ସଞ୍ଚିତିକୁ ସେମାନଙ୍କର ..........ରେ ବାଣ୍ଟି ଦେବା ଉଚିତ ।

(vii) ଗଚ୍ଛିତ କ୍ଷତିକୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ........... କରି ଦିଆଯାଏ ।

## 19.6 ଭାଗୀଦାରମାନଙ୍କ ପୁଞ୍ଜିର ସମାଯୋଜନ (Adjustment of Partners' Capitals)

ସମୟ ସମୟରେ, ଭାଗୀଦାରଙ୍କ ପ୍ରବେଶ ସମୟରେ ଭାଗୀଦାରମାନେ ସେମାନଙ୍କର ପୁଞ୍ଜି ସେମାନଙ୍କର ଲାଭ ଆବଣ୍ଟନ ଅନୁପାତର ସମାନୁପାତରେ ସମାଯୋଜିତ ହେବା ନିମନ୍ତେ ସହମତ ହୁଅନ୍ତି । ଏହି ଉଦ୍ଦେଶ୍ୟ ପାଇଁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବରେ ସୁନାମ, ସାଧାରଣ ସଞ୍ଚିତି, ପରିସମ୍ପତ୍ତିର ପୁନଃମୂଲ୍ୟାୟନ ଏବଂ ଦାୟର ପୁନର୍ନିର୍ଦ୍ଧାରଣ ବାବଦ ସମସ୍ତ ସମାଯୋଜନ କରି ପ୍ରସ୍ତୁତ କରାଯାଏ । ଏହିଭଳି ସମାଯୋଜିତ ହୋଇଥିବା ପ୍ରକୃତ ପୁଞ୍ଜିକୁ ନୂତନ ଭାଗୀଦାରଙ୍କ ପ୍ରବେଶ ପରେ ବ୍ୟବସାୟରେ ରଖାଯିବାକୁ ସ୍ଥିର ହୋଇଥିବା ପୁଞ୍ଜିର ପରିମାଣ ସହିତ ତୁଳନା କରାଯିବ । ଯଦି ସମାଯୋଜିତ ପ୍ରକୃତ ପୁଞ୍ଜି ଆନୁପାତିକ ପୁଞ୍ଜି ଅପେକ୍ଷା ଅଧିକ ହୁଏ, ତେବେ ଏହି ଅଧିକା ରାଶିକୁ ଉଠାଣ କରି ନିଆଯିବ କିମ୍ବା ଚଳନ୍ତି ହିସାବକୁ ସ୍ଥାନାନ୍ତରିତ କରି ଦିଆଯିବ ଏବଂ ଏହାର ବିପରୀତ ସ୍ଥିତିରେ ବିପରୀତ କରାଯିବ ।

ଭାଗୀଦାରମାନେ ପୁଞ୍ଜିର ହିସାବ ଯାହା ନୂତନ ଫାର୍ମରେ ରଖାଯିବ ତାହାକୁ ନୂତନ ଭାଗୀଦାରଙ୍କ ପୁଞ୍ଜି ଓ ତାଙ୍କ ଲାଭ ଆବଣ୍ଟନ ଅନୁପାତର ଆଧାରରେ କିମ୍ବା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜିର ବଳକା ଆଧାରରେ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି ।

### 1. ନୂଆ ଭାଗୀଦାରଙ୍କ ପୁଞ୍ଜିର ଆଧାରରେ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜିର ସମାଯୋଜନ

ଯଦି ନୂତନ ଭାଗୀଦାରଙ୍କ ପୁଞ୍ଜି ଦିଆଯାଇଥାଏ, ତେବେ ନୂତନ ଫାର୍ମର ସାମଗ୍ରିକ (ମୋଟ) ପୁଞ୍ଜି ନୂତନ ଭାଗୀଦାରଙ୍କ ପୁଞ୍ଜି ଏବଂ ତାଙ୍କ ଲାଭ ଆବଣ୍ଟନ ଅନୁପାତରେ ନିର୍ଦ୍ଧାରଣ କରାଯିବ । ସେଥିପାଇଁ ଅନ୍ୟ ଭାଗୀଦାରଙ୍କ ପୁଞ୍ଜିର ନିର୍ଦ୍ଧାରଣ ମୋଟ ପୁଞ୍ଜିକୁ ସେମାନଙ୍କର ଲାଭ ଆବଣ୍ଟନ ଅନୁପାତରେ ଭାଗ କରି କରାଯାଏ ।

ଯଦି ସମାଯୋଜନ ପରେ ଭାଗୀଦାରଙ୍କ ବିଦ୍ୟମାନ ପୁଞ୍ଜି ତାଙ୍କ ନୂଆ ପୁଞ୍ଜିଠାରୁ ଅଧିକ ହୁଏ, ତେବେ ସେହି ଅଧିକା ରାଶିକୁ ଭାଗୀଦାରଙ୍କ ଦ୍ୱାରା ଉଠାଣ କରି ନିଆଯାଏ କିମ୍ବା ତାଙ୍କର ଚଳନ୍ତି ହିସାବର ଦାତା ପାର୍ଶ୍ୱକୁ ସ୍ଥାନାନ୍ତର କରି ଦିଆଯାଏ । ଯଦି ଭାଗୀଦାରଙ୍କ ବିଦ୍ୟମାନ ପୁଞ୍ଜି ତାଙ୍କ ନୂଆ ପୁଞ୍ଜିଠାରୁ କମ୍ ହୁଏ, ତେବେ ଭାଗୀଦାର କମି ଯାଇଥିବା ରାଶିକୁ ଆଣନ୍ତି କିମ୍ବା ତାଙ୍କର ଚଳନ୍ତି ହିସାବର ଦାୟୀ ପାର୍ଶ୍ୱକୁ ସ୍ଥାନାନ୍ତର କରିଦିଅନ୍ତି । ଜାବେଦା ପ୍ରବିଷ୍ଟିଗୁଡ଼ିକ ନିମ୍ନ ମତେ କରାଯାଏ:

(i) ଯେତେବେଳେ ବଳକା (ଅଧିକା) ରାଶିକୁ ଭାଗୀଦାରଙ୍କ ଦ୍ୱାରା ଉଠାଇ ନିଯାଏ କିମ୍ବା ଚଳନ୍ତି ହିସାବକୁ ସ୍ଥାନାନ୍ତର କରିଦିଆଯାଏ:

ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ

ଦାତା ବ୍ୟାଙ୍କ୍ ହିସାବ କିମ୍ବା ଭାଗୀଦାରଙ୍କ ଚଳନ୍ତି ହିସାବ

(ଅଧିକା ରାଶିକୁ ଭାଗୀଦାରଙ୍କ ଦ୍ୱାରା ଉଠାଇ ନିଆଗଲା କିମ୍ବା ଚଳନ୍ତି ହିସାବକୁ ସ୍ଥାନାନ୍ତର କରି ଦିଆଗଲା)

(ii) ନିଅଣ୍ଟ ରାଶିକୁ ଆଣିବା ପାଇଁ କିମ୍ବା ବଳକା ଚଳନ୍ତି ହିସାବକୁ ସ୍ଥାନାନ୍ତର କରିବା ପାଇଁ:

ବ୍ୟାଙ୍କ୍ ହିସାବ କିମ୍ବା ଭାଗୀଦାରଙ୍କ ଚଳନ୍ତି ହିସାବ ଦାୟୀ

ଦାତା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବ

(ନିଅଣ୍ଟ ରାଶି ଅଣାହେଲା କିମ୍ବା ବଳକା ଚଳନ୍ତି ହିସାବକୁ ସ୍ଥାନାନ୍ତରିତ ହେଲା)

**ଉଦାହରଣ 19**

ଆଶା ଓ ବବି ଯଥାକ୍ରମେ ₹80,000 ଓ ₹70,000ର ପୁଞ୍ଜି ସହିତ 5:3 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ଏକ ନୂଆ ଭାଗୀଦାର ନିତିନ୍‌କୁ ପ୍ରବେଶ କରାନ୍ତି । ଆଶା, ବବି ଓ ନିତିନ୍‌ଙ୍କର ନୂତନ ଲାଭ ଆବଣ୍ଟନ ଅନୁପାତ ଯଥାକ୍ରମେ 5:3:2 ଅଟେ । ନିତିନ୍ ₹40,000ର ପୁଞ୍ଜି ଆଣନ୍ତି । ପରିସମ୍ପତ୍ତିଗୁଡ଼ିକର ପୁନଃମୂଲ୍ୟାୟନ ଓ ଦାୟଗୁଡ଼ିକର ପୁନଃନିର୍ଦ୍ଧାରଣ ବାବଦରେ ଲାଭ ₹6,400 ଅଟେ । ଏହା ସହମତି ହୋଇଛି ଯେ ଭାଗୀଦାରମାନଙ୍କ ପୁଞ୍ଜି ନୂତନ ଲାଭ ଆବଣ୍ଟନ ଅନୁପାତରେ ରଖାଯିବ । ପ୍ରତ୍ୟେକ ଭାଗୀଦାରଙ୍କ ନୂତନ ପୁଞ୍ଜି ଗଣନା କର ।

**ସମାଧାନ:**

ଆଶା ଓ ବବିଙ୍କର ପ୍ରକୃତ ପୁଞ୍ଜି

| | ଆଶା (₹) | ବବି (₹) |
|---|---|---|
| ପୁଞ୍ଜି ହିସାବର ବଳକା | 80,000 | 70,000 |
| ଯୁକ୍ତ: ପୁନଃମୂଲ୍ୟାୟନରେ ଲାଭ (5:3) | 4,000 | 2,400 |
| ସମାଯୋଜନ ପରେ ପୁଞ୍ଜି | 84,000 | 72,400 |

**ଫାର୍ମର ନୂତନ ପୁଞ୍ଜି ଏବଂ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜିର ଗଣନା**

ଫାର୍ମରେ ନିତିନ୍‌ଙ୍କ ଭାଗ = 2/10

ନିତିନ୍ 2/10 ଭାଗ ପାଇଁ ₹40,000 ଆଣନ୍ତି

ନିତିନ୍‌ଙ୍କ ପୁଞ୍ଜିର ଆଧାରରେ ନୂଆ ଫାର୍ମର ମୋଟ ପୁଞ୍ଜି = ₹40,000 X 10/2

= ₹2,00,000

ନୂତନ ପୁଞ୍ଜିରେ ଆଶାଙ୍କ ଭାଗ = 2,00,000 X 5/10 = ₹1,00,000

ନୂତନ ପୁଞ୍ଜିରେ ବବିଙ୍କ ଭାଗ = 2,00,000 X 3/10 = ₹60,000

ଆଶାଙ୍କର ସମାଯୋଜିତ ପୁଞ୍ଜିକୁ ତାଙ୍କର ନୂତନ ପୁଞ୍ଜି ସହିତ ତୁଳନା କରିବା ଦ୍ୱାରା ଆମେ ଜାଣିବାକୁ ପାଉଛୁ ଯେ ଆଶା ₹16,000 [₹1,00,000 – ₹84,000] ଆଣିବେ କିମ୍ବା ଏହି ରାଶି ତାଙ୍କର ଚଳନ୍ତି ହିସାବରେ ଦାୟୀ କରି ଦିଆଯିବ ।

ବବିଙ୍କର ସମାଯୋଜିତ ପୁଞ୍ଜିକୁ ତାଙ୍କର ନୂତନ ପୁଞ୍ଜି ସହିତ ତୁଳନା କରିବା ଦ୍ୱାରା ଆମେ ଜାଣୁଛୁ ଯେ ବବି ₹12,400 [₹72,400 – ₹60,000] ବାହାର କରି ନେଇଯିବେ କିମ୍ବା ଉକ୍ତ ରାଶି ତାଙ୍କ ଚଳନ୍ତି ହିସାବର ଦାତା ପାର୍ଶ୍ୱରେ ଲେଖି ଦିଆଯିବ ।

**2. ଯେତେବେଳେ ନୂତନ ଫାର୍ମର ମୋଟ ପୁଞ୍ଜିର ସମାନୁପାତରେ ନୂତନ ଭାଗୀଦାରଙ୍କ ପୁଞ୍ଜିର ଗଣନା କରାଯାଏ**

ସମୟ ସମୟରେ ନୂତନ ଭାଗୀଦାରଙ୍କ ପୁଞ୍ଜି ଦିଆଯାଇ ନଥାଏ । ସେ ତାଙ୍କ ଭାଗ ଲାଭର ସମାନୁପାତରେ ଆବଶ୍ୟକୀୟ ପୁଞ୍ଜି ଆଣନ୍ତି । ଏହି କ୍ଷେତ୍ରରେ, ବିଦ୍ୟମାନ ଭାଗୀଦାରଙ୍କ ସମାଯୋଜିତ ପୁଞ୍ଜିର ଆଧାରରେ ନୂତନ ଭାଗୀଦାରଙ୍କ ପୁଞ୍ଜିର ହିସାବ (ଗଣନା) କରାଯିବ ।

ଉଦାହରଣ ସ୍ୱରୂପ, ସୁମିତ୍ ଓ ଅନୁଙ୍କର ପୁଞ୍ଜି ହିସାବ ସମସ୍ତ ସମାଯୋଜନ ଓ ପୁନଃମୂଲ୍ୟାୟନ ପରେ ଯଥାକ୍ରମେ ₹90,000 ଓ ₹60,000ର ବଳକା ଦର୍ଶାଏ । ସେମାନେ ରୋହିତକୁ ଏକ ନୂଆ ଭାଗୀଦାର ଭାବେ ଲାଭରେ 1/4 ଭାଗ ପାଇଁ ପ୍ରବେଶ କରାନ୍ତି । ରୋହିତର ପୁଞ୍ଜି ନିମ୍ନମତେ ହିସାବ କରାଯିବ:

ମୋଟ ଭାଗ = 1

ଲାଭରେ ରୋହିତର ଭାଗ = 1/4

ଅବଶିଷ୍ଟ ଭାଗ = 1 – 1/4 = 3/4

ଲାଭରେ 3/4 ଭାଗ ପାଇଁ ସୁମିତ୍ ଓ ଅନୁଙ୍କର ସଂଯୁକ୍ତ ପୁଞ୍ଜି

= ₹90,000 + ₹60,000 = ₹1,50,000

ଫାର୍ମର ମୋଟ ପୁଞ୍ଜି = ₹1,50,000 × 4/3

= ₹2,00,000

ଲାଭରେ 1/4 ଭାଗ ପାଇଁ ରୋହିତର ପୁଞ୍ଜି = ₹2,00,000 X 1/4 = ₹50,000

ରୋହିତ୍ ତାଙ୍କ ପୁଞ୍ଜି ବାବଦରେ ₹50,000 ଆଣିବ ।

**ଉଦାହରଣ 20**

ମନୋଜ ଓ ହେମା 7:3 ଅନୁପାତରେ ଲାଭ ଓ କ୍ଷତି ବାଣ୍ଟୁଥିବା ଭାଗୀଦାର ଅଟନ୍ତି । ମାର୍ଚ୍ଚ 31, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ମନୋଜ ଓ ହେମାଙ୍କର ଉଦ୍‌ବୃତ୍ତ ପତ୍ର**

**ମାର୍ଚ୍ଚ 31, 2006ରେ**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ପୁଞ୍ଜି : | | | ବ୍ୟାଙ୍କ୍ | 12,000 |
| ମନୋଜ | 88,000 | | ବିବିଧ ଉଧାର ଗ୍ରହୀତା | 45,000 |
| ହେମା | <u>64,000</u> | 1,52,000 | ପ୍ରାପ୍ୟ ହୁଣ୍ଡି | 30,000 |
| ବିବିଧ ଉଧାରଦାତା | | 32,000 | ମହଜୁଦ ମାଲ(stock) | 35,000 |
| ଦେୟ ହୁଣ୍ଡି | | 38,000 | ବିନିଯୋଗ/ନିବେଶ | 13,000 |
| ସଞ୍ଚିତି | | 18,000 | ଯନ୍ତ୍ରପାତି | 40,000 |
| | | | କୋଠା | 45,000 |
| | | | ସୁନାମ | 20,000 |
| | | 2,40,000 | | 2,40,000 |

ସେମାନେ ତରୁଣଙ୍କୁ ଭାଗଦାରୀରେ ନିମ୍ନ ସର୍ତ୍ତାବଳୀର ଆଧାରରେ ପ୍ରବେଶ କରାଇଲେ:

(i) ମହଜୁଦ ମାଲ୍ ₹40,000ରେ ପୁନଃମୂଲ୍ୟାୟନ ହେବ ।

(ii) କୋଠା, ଯନ୍ତ୍ରପାତି ଓ ବିନିଯୋଗ ଉପରେ 12% ମୂଲ୍ୟ ହ୍ରାସ କରାଯିବ ।

(iii) ଅଗ୍ରୀମ ପୈଠ ବୀମା ₹1,000 ଅଟେ ।

(iv) ତରୁଣ ଫାର୍ମର ଲାଭରେ 1/6 ଭାଗ ପାଇଁ ପୁଞ୍ଜି ବାବଦ ₹40,000 ଓ ସୁନାମ ବାବଦ ₹12,000 ଆଣିବେ ।

(v) ଭାଗୀଦାରମାନଙ୍କ ପୁଞ୍ଜି ସେମାନଙ୍କର ଲାଭ ଆବଣ୍ଟନ ଅନୁପାତର ସମାନୁପାତିକ ହେବ । ପୁଞ୍ଜିର ସମାଯୋଜନ ନଗଦ ଅର୍ଥ ଆକାରରେ ହେବ ।

ପୁନଃମୂଲ୍ୟାୟନ ହିସାବ, ଭାଗୀଦାରଙ୍କ ପୁଞ୍ଜି ହିସାବ, ଅର୍ଥ ହିସାବ ଓ ନୂତନ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

**ସମାଧାନ:**

**ପୁନଃମୂଲ୍ୟାୟନ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | | ପରିମାଣ (₹) |
|---|---|---|---|---|
| କୋଠା | 5,400 | ମହଜୁଦ ମାଲ୍ | | 5,000 |
| ଯନ୍ତ୍ରପାତି | 4,800 | ଅଗ୍ରୀମପୈଠ ବୀମା | | 1,000 |
| ବିନିଯୋଗ | 1,560 | କ୍ଷତି ସ୍ଥାନାନ୍ତରଣ ହେଲା: | | |
| | | ମନୋଜଙ୍କ ପୁଞ୍ଜି | 4,032 | |
| | | ହେମାଙ୍କ ପୁଞ୍ଜି | <u>1,728</u> | 5,760 |
| | 11,760 | | | 11,760 |

### ପୁଞ୍ଜି ହିସାବ

ଦାୟୀ ଦାତା

| ବିବରଣ | ମନୋଜ (₹) | ହେମା (₹) | ତରୁଣ (₹) | ବିବରଣ | ମନୋଜ (₹) | ହେମା (₹) | ତରୁଣ (₹) |
|---|---|---|---|---|---|---|---|
| ସୁନାମ | 14,000 | 6,000 | – | ବଳକା ନି/ଅ | 88,000 | 64,000 | – |
| ପୁନର୍ମୂଲ୍ୟାୟନ ହିସାବ(କ୍ଷତି) | 4,032 | 1,728 | – | ସାଧାରଣ ସଞ୍ଚିତି | 12,600 | 5,400 | – |
| | | | | ସୁନାମ | 8,400 | 3,600 | – |
| ବ୍ୟାଙ୍କ ହିସାବ (ଆଧିକ୍ୟ) | – | 5,272 | – | ବ୍ୟାଙ୍କ ହିସାବ | – | – | 40,000 |
| | | | | ବ୍ୟାଙ୍କ ହିସାବ (ନିଅଣ୍ଟ) | 49,032 | – | – |
| ବଳକା ନି/ନି | 1,40,000 | 60,000 | 40,000 | | | | |
| | 1,58,032 | 73,000 | 40,000 | | 1,58,032 | 73,000 | 40,000 |

### ବ୍ୟାଙ୍କ ହିସାବ

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବଳକା ନି/ଅ | 12,000 | ହେମାଙ୍କ ପୁଞ୍ଜି ହିସାବ | 5,272 |
| ମନୋଜଙ୍କ ପୁଞ୍ଜି ହିସାବ | 49,032 | ବଳକା ନି/ନି | 1,07,760 |
| ସୁନାମ | 12,000 | | |
| ତରୁଣଙ୍କ ପୁଞ୍ଜି ହିସାବ | 40,000 | | |
| | 1,13,032 | | 1,13,032 |

### ମନୋଜ, ହେମା ଓ ତରୁଣଙ୍କ ଉଦ୍‌ବୃତ୍ତ ପତ୍ର
### ମାର୍ଚ୍ଚ 31, 2006ର

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ଦେୟ ହୁଣ୍ଡି | | 38,000 | ବ୍ୟାଙ୍କ | 1,07,760 |
| ବିବିଧ ଉଧାରଦାତା | | 32,000 | ପ୍ରାପ୍ୟ ହୁଣ୍ଡି | 30,000 |
| ପୁଞ୍ଜି ହିସାବ : | | | ବିବିଧ ଉଧାର ଗ୍ରହୀତା | 45,000 |
| ମନୋଜ | 1,40,000 | | ମହଜୁଦ ମାଲ୍ | 40,000 |
| ହେମା | 60,000 | | ବିନିଯୋଗ | 11,440 |
| ତରୁଣ | 40,000 | 2,40,000 | ଅଗ୍ରୀମ ପୈଠ ବୀମା | 1,000 |
| | | | ଯନ୍ତ୍ରପାତି | 35,200 |
| | | | କୋଠା | 39,600 |
| | | 3,10,000 | | 3,10,000 |

**କାର୍ଯ୍ୟକାରୀ ଟିପ୍ପଣୀ:**

(କ) ନୂତନ ଲାଭ ଆବଣ୍ଟନ ଅନୁପାତର ହିସାବ:

ମୋଟ ଲାଭ = 1

ତରୁଣର ଭାଗ = 1/6

ଅବଶିଷ୍ଟ ଲାଭ = 1 – 1/6 = 5/6 କୁ ମନୋଜ ଓ ହେମା ସେମାନଙ୍କର ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ବାଣ୍ଟିବେ

ମନୋଜର ନୂଆ ଭାଗ = 5/6 × 7/10 = 7/12

ହେମାର ନୂଆ ଭାଗ = 5/6 × 3/10 = 3/12

ମନୋଜ, ହେମା ଓ ତରୁଣଙ୍କର ନୂଆ ଲାଭ ଆବଣ୍ଟନ ଅନୁପାତ

= 7/12 : 3/12 : 1/6 = 7 : 3 : 2

(ଖ) ପୁଞ୍ଜିର ସମାଯୋଜନ:

ତରୁଣ 1/6 ଭାଗ ପାଇଁ ପୁଞ୍ଜି ଆଣିଲେ = ₹40,000

ଫାର୍ମର ମୋଟ ପୁଞ୍ଜି = ₹40,000 X 6/1 = ₹2,40,000

ମନୋଜର ପୁଞ୍ଜି = ₹2,40,000 X 7/12 = ₹1,40,000

ହେମାର ପୁଞ୍ଜି = ₹2,40,000 X 3/12 = ₹60,000

ତରୁଣର ପୁଞ୍ଜି = ₹2,40,000 X 2/12 = ₹40,000

## ପାଠ୍ୟଗତ ପ୍ରଶ୍ନ 19.5

ତନୁ ଓ ଅନୁ 3:2 ଅନୁପାତରେ ଲାଭ ବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ସୁମିତ୍‌କୁ ଏକ ନୂଆ ଭାଗୀଦାର ଭାବେ ଲାଭରେ 1/5 ଭାଗ ପାଇଁ ପ୍ରବେଶ କରାଇଲେ ଏବଂ ସେ ତାଙ୍କ ପୁଞ୍ଜି ବାବଦ ₹50,000 ଆଣିଲେ । ତନୁ ଓ ଅନୁଙ୍କର ସମସ୍ତ ସମାଯୋଜନ ପରେ ପୁଞ୍ଜି ଯଥାକ୍ରମେ ₹95,000 ଓ ₹90,000 ଅଟେ । ନୂତନ ଭାଗୀଦାରଙ୍କ ପୁଞ୍ଜିର ଆଧାରରେ ନୂତନ ଫାର୍ମର ମୋଟ ପୁଞ୍ଜି ଓ ପ୍ରତ୍ୟେକ ଭାଗୀଦାରଙ୍କ ପୁଞ୍ଜି ହିସାବ (ଗଣନା) କର ।

## ତୁମେ ଯାହା ଶିଖିଲ

### ଭାଗୀଦାରଙ୍କ ପ୍ରବେଶ – ଅର୍ଥ

ଯେତବେଳେ ବିଦ୍ୟମାନ ଭାଗଦାରୀ ଫାର୍ମରେ ଜଣେ ଭାଗୀଦାରଙ୍କୁ ପ୍ରବେଶ (ଭର୍ତ୍ତି) କରାଯାଏ, ଏହାକୁ ଭାଗୀଦାରଙ୍କୁ ପ୍ରବେଶ କୁହାଯାଏ ।

ଜଣେ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ, ନିମ୍ନ ସମାଯୋଜନଗୁଡ଼ିକ ଆବଶ୍ୟକ ହୋଇଥାଏ:

(i) ଲାଭ ଆବଣ୍ଟନ ଅନୁପାତରେ ସମାଯୋଜନ;

(ii) ସୁନାମର ସମାଯୋଜନ;

(iii) ପରିସମ୍ପତ୍ତିର ପୁନଃମୂଲ୍ୟାୟନ ଏବଂ ଦାୟର ପୁନଃନିର୍ଦ୍ଧାରଣ ବାବଦରେ ସମାଯୋଜନ;

(iv) ଗଚ୍ଛିତ (ସଞ୍ଚିତ) ଲାଭ ଏବଂ ସଞ୍ଚିତିର ଆବଣ୍ଟନ; ଏବଂ

(v) ଭାଗୀଦାରମାନଙ୍କ ପୁଞ୍ଜିର ସମାଯୋଜନ ।

**ଲାଭ ଆବଣ୍ଟନ ଅନୁପାତରେ ସମାଯୋଜନ**

ଯେତେବେଳେ ନୂତନ ଭାଗୀଦାର ପ୍ରବେଶ କରେ, ସେ ଲାଭରେ ତା'ର ଭାଗକୁ ବିଦ୍ୟମାନ ଭାଗୀଦାରମାନଙ୍କଠାରୁ ଅଧିଗ୍ରହଣ କରେ । ଫଳ ସ୍ୱରୂପ, ନୂତନ ଫାର୍ମରେ ଲାଭ ଆବଣ୍ଟନ ଅନୁପାତ ନୂଆ ଭାଗୀଦାର ଏବଂ ବିଦ୍ୟମାନ ଭାଗୀଦାରମାନଙ୍କ ମଧ୍ୟରେ ପାରସ୍ପରିକ ଭିତ୍ତିରେ ସ୍ଥିରୀକୃତ ହୁଏ ।

**ତ୍ୟାଗ ଅନୁପାତ**

ଜଣେ ଅନ୍ତର୍ଗାମୀ ଭାଗୀଦାରଙ୍କ ପ୍ରବେଶ ସମୟରେ ବିଦ୍ୟମାନ ଭାଗୀଦାରମାନଙ୍କୁ ସେମାନଙ୍କୁ ଭାଗରୁ କିଛି କିଛି ନୂତନ ଭାଗୀଦାରଙ୍କ ସପକ୍ଷରେ ସମର୍ପଣ କରିବାକୁ ପଡ଼େ । ଯେଉଁ ଅନୁପାତରେ ସେମାନେ ସେମାନଙ୍କର ଲାଭ ସମର୍ପଣ କରନ୍ତି, ତାହାକୁ ତ୍ୟାଗ ଅନୁପାତ କୁହାଯାଏ ।

**ସୁନାମର ଅର୍ଥ**

ଏକ ସୁପ୍ରତିଷ୍ଠିତ ଫାର୍ମ ପ୍ରଶସ୍ତ ବ୍ୟାବସାୟିକ ସଂଯୋଗ ବିକଶିତ କରିଥାଏ । ଏହା ସେହି ଫାର୍ମକୁ ନୂତନ ଫାର୍ମ ତୁଳନାରେ ଅଧିକ ଲାଭୋପାର୍ଜନରେ ସାହାଯ୍ୟ କରେ । ଏହି ସୁବିଧାର ମୌଦ୍ରିକ ମୂଲ୍ୟକୁ "ସୁନାମ" କୁହାଯାଏ ।

**ସୁନାମର ମୂଲ୍ୟାୟନର ପଦ୍ଧତି**

(i) ହାରାହାରି ଲାଭ ପଦ୍ଧତି

(ii) ଅତିରିକ୍ତ ଲାଭ ପଦ୍ଧତି

(iii) ପୁଞ୍ଜିକରଣ ପଦ୍ଧତି

**ପରିସମ୍ପତ୍ତି ଏବଂ ଦାୟର ପୁନଃମୂଲ୍ୟାୟନ**

ଏକ ନୂଆ ଭାଗୀଦାରଙ୍କ ପ୍ରବେଶ ସମୟରେ ଫାର୍ମର ପୁନର୍ଗଠନ ହୁଏ ଏବଂ ପରିସମ୍ପତ୍ତିଗୁଡ଼ିକର ପୁନର୍ମୂଲ୍ୟାୟନ ତଥା ଦାୟଗୁଡ଼ିକର ପୁନଃନିର୍ଦ୍ଧାରଣ ହୁଏ । ଜଣେ ଭାଗୀଦାରଙ୍କ ପ୍ରବେଶ ସମୟରେ ଫାର୍ମର ସତ୍ୟ ସ୍ଥିତି ଦର୍ଶାଇବା ଆବଶ୍ୟକ ହୋଇଥାଏ ।

**ସଞ୍ଚିତି ଏବଂ ଗଚ୍ଛିତ ଲାଭ କିମ୍ବା କ୍ଷତିର ସମାଯୋଜନ**

ଜଣେ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ଉଦ୍‌ବୃତ୍ତ ପତ୍ରରେ ଯଦି କୌଣସି ଗଚ୍ଛିତ ଲାଭ କିମ୍ବା ସଞ୍ଚିତି ଥାଏ, ତେବେ ଏହାକୁ ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ଦାତା କରିଦିଆଯାଏ । ଯଦି କୌଣସି କ୍ଷତି ଥାଏ, ତେବେ ଏହାକୁ ବିଦ୍ୟମାନ ଭାଗୀଦାରଙ୍କୁ ବିଦ୍ୟମାନ ଅନୁପାତରେ ଦାୟୀ କରି ଦିଆଯାଏ ।

## ଭାଗୀଦାରମାନଙ୍କ ପୁଞ୍ଜିର ସମାଯୋଜନ

ସମୟ ସମୟରେ ଭାଗୀଦାରଙ୍କ ପ୍ରବେଶ ସମୟରେ ଭାଗୀଦାରମାନେ ସେମାନଙ୍କର ପୁଞ୍ଜି ଲାଭ ଆବଣ୍ଟନ ଅନୁପାତର ସମାନୁପାତିକ ଭାବେ ସମାଯୋଜିତ ହେବା ପାଇଁ ସହମତ ହୁଅନ୍ତି । ଭାଗୀଦାରମାନେ ପୁଞ୍ଜିର ହିସାବ (ଗଣନା) ଯାହା ନୂତନ ଫାର୍ମରେ ରଖାଯିବ ତାହାକୁ ନୂତନଭାଗୀଦାରଙ୍କୁ ପୁଞ୍ଜି ଓ ତାଙ୍କ ଲାଭ ଆବଣ୍ଟନ ଅନୁପାତର ଆଧାରରେ କିମ୍ବା ବିଦ୍ୟମାନ ଭାଗୀଦାରଙ୍କ ପୁଞ୍ଜିର ବଳକା ଆଧାରରେ କରିବା ପାଇଁ ନିଷ୍ପତ୍ତି ନେଇ ପାରନ୍ତି ।

### ପାଠ୍ୟାନ୍ତ ପ୍ରଶ୍ନ

1. ତ୍ୟାଗ ଅନୁପାତର ଅର୍ଥ ଉଲ୍ଲେଖ କର ।
2. ସୁନାମର ଅର୍ଥ ଉଲ୍ଲେଖ କର ।
3. ସୁନାମର ମୂଲ୍ୟାୟନର ପଦ୍ଧତିଗୁଡ଼ିକୁ ବୁଝାଅ ।
4. 'ପୁନର୍ମୂଲ୍ୟାୟନ ହିସାବ' ବୁଝାଅ । ଏକ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ପରିସମ୍ପତ୍ତି ଓ ଦାୟଗୁଡ଼ିକର ପୁନର୍ମୂଲ୍ୟାୟନ କାହିଁକି କରାଯାଏ ?
5. ଜଣେ ନୂତନ ଭାଗୀଦାରଙ୍କ ପ୍ରବେଶ ସମୟରେ ଗଚ୍ଛିତ ଲାଭ କିମ୍ବା କ୍ଷତି ଏବଂ ସଞ୍ଚିତିର ଉପଚାର (ଲେଖାଯୋଖା) ବୁଝାଅ ।
6. ଭାଗୀଦାରଙ୍କ ପ୍ରବେଶ କ୍ଷେତ୍ରରେ ନୂତନ ଭାଗୀଦାରଙ୍କ ସମାନୁପାତିକ ପୁଞ୍ଜିର ହିସାବ (ଗଣନା) ସମ୍ପର୍କରେ ବୁଝାଅ ।
7. 'କ' ଓ 'ଖ' 5:3 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ 'ଗ'କୁ ଭବିଷ୍ୟତରେ ଲାଭରେ 1/4 ଭାଗ ଦେବା ପାଇଁ ଭାଗଦାରୀରେ ପ୍ରବେଶ କରାଇଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ଓ ତ୍ୟାଗ ଅନୁପାତ ହିସାବ କର ।
8. ରୋହିତ ଓ ମୀନା 7:3 ରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଏକ ନୂଆ ଭାଗୀଦାର ଟୀନାଙ୍କ ସପକ୍ଷରେ ରୋହିତ ତାଙ୍କ ଭାଗର 1/7 ଏବଂ ମୀନା ତାଙ୍କ ଭାଗର 1/3 ସମର୍ପଣ କଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ହିସାବ କର ।
9. ଏକ ଫାର୍ମ ବିଗତ କିଛି ବର୍ଷରେ ₹3,00,000ର ହାରାହାରି ଲାଭୋପାର୍ଜନ କରିଛି । ସେହି ବର୍ଗର ବ୍ୟବସାୟରେ ପ୍ରତିଲାଭର ହାର 15% । ଅତିରିକ୍ତ ଲାଭର ପୁଞ୍ଜୀକରଣ ପଦ୍ଧତିରେ ସୁନାମର ମୂଲ୍ୟ ବାହାର କର, ଯଦି ନିଟ୍ ପରିସମ୍ପତ୍ତିର ମୂଲ୍ୟ ₹16,00,000 ଅଟେ ।
10. ନିମ୍ନ ଉଦ୍‌ବୃତ୍ତ ପତ୍ର ତରୁଣ ଏବଂ ଅସୀମାଙ୍କର ଅଟେ ଯେଉଁମାନେ 2:1 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରନ୍ତି ।

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ପୁଞ୍ଜି | | | ଅର୍ଥ | 12,000 |
| ତରୁଣ | 50,000 | | ବିବିଧ ଉଧାର ଗ୍ରହୀତା | 60,000 |
| ଅସୀମା | 40,000 | 90,000 | ମହଜୁଦ ମାଲ | 12,000 |
| ବିବିଧ ଉଧାରଦାତା | | 20,000 | ଆସବାବ ପତ୍ର | 6,000 |
| | | | କୋଠା | 20,000 |
| | | 1,10,000 | | 1,10,000 |



ଟିପ୍ପଣୀ

ସେମାନେ ସୁନୀତାକୁ ନିମ୍ନ ସର୍ତ୍ତରେ ପ୍ରବେଶ କରାଇବାକୁ ସହମତ ହେଲେ:

(i) ସୁନୀତା ସୁନାମ ବାବଦ ₹9,000 ପୈଠ କରିବ ।

(ii) ସୁନୀତା ବ୍ୟବସାୟରେ ଲାଭର 1/4 ଭାଗ ପାଇଁ ତା'ର ପୁଞ୍ଜି ବାବଦ ₹11,000 ଆଣିବ ।

(iii) କୋଠା ଓ ଆସବାବ ପତ୍ରର 5% ମୂଲ୍ୟ ହ୍ରାସ କରାଯିବ । ମହଜୁଦ ମାଲର ମୂଲ୍ୟରେ ₹1,600 ହ୍ରାସ କରାଯିବ ଏବଂ ଅନାଦାୟୀ ଋଣ ସଞ୍ଚିତି ପାଇଁ ₹1,300ର ପ୍ରାବଧାନ କରାଯିବ ।

ଆବଶ୍ୟକୀୟ ଖତିଆନ୍ ହିସାବ ଏବଂ ପ୍ରବେଶ ପର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

11. 'କ' ଓ 'ଖ' ଏକ ଫାର୍ମର ଭାଗୀଦାର ଅଟନ୍ତି । ସେମାନେ 2:1 ଅନୁପାତରେ ଲାଭ ଆବଣ୍ଟନ କରନ୍ତି । 'ଗ' ଲାଭରେ 1/4 ଭାଗ ସହିତ ଫାର୍ମରେ ପ୍ରବେଶ କରନ୍ତି । ସେ ପୁଞ୍ଜି ବାବଦ ₹60,000 ଆଣିବେ ତଥା 'କ' ଓ 'ଖ'ର ପୁଞ୍ଜି ଲାଭ ଆବଣ୍ଟନ ଅନୁପାତରେ ସମାଯୋଜିତ ହେବ । 'କ' ଓ 'ଖ'ର ମାର୍ଚ୍ଚ 31, 2006ରେ ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ମାର୍ଚ୍ଚ 31, 2006ରେ 'କ' ଓ 'ଖ'ର ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ବିବିଧ ମହାଜନ | | 16,000 | ହସ୍ତସ୍ଥ ଅର୍ଥ | 4,000 |
| ଦେୟ ହୁଣ୍ଡି | | 8,000 | ବ୍ୟାଙ୍କ୍‌ରେ ଥିବା ଅର୍ଥ | 20,000 |
| ସାଧାରଣ ସଞ୍ଚିତି | | 12,000 | ବିବିଧ ଖାତକ | 16,000 |
| ପୁଞ୍ଜି: | | | ସମ୍ଭାର | 20,000 |
| 'କ' | 1,00,000 | | ଆସବାବ ପତ୍ର | 10,000 |
| 'ଖ' | 64,000 | 1,64,000 | ଯନ୍ତ୍ରପାତି | 50,000 |
| | | | କୋଠା | 80,000 |
| | | 2,00,000 | | 2,00,000 |

ରାଜିନାମାର ଅନ୍ୟାନ୍ୟ ସର୍ତ୍ତ ନିମ୍ନ ମତେ ଅଟେ:

1. 'ଗ' ତା'ର ଭାଗ ସୁନାମ ବାବଦ ₹24,000 ଆଣିବ ।

2. କୋଠା ₹90,000 ରେ ଏବଂ ଯନ୍ତ୍ରପାତି ₹46,000ରେ ମୂଲ୍ୟାୟନ ହେଲା ।

3. ଖାତକଙ୍କ ଉପରେ ଅନାଦାୟୀ ଋଣ ପାଇଁ 6% ହାରରେ ପ୍ରାବଧାନ କରାଯିବ ।

4. 'କ' ଓ 'ଖ'ର ପୁଞ୍ଜି ହିସାବ ନଗଦ ଅର୍ଥ ଜରିଆରେ ସମାଯୋଜିତ ହେବ ।

ଆବଶ୍ୟକୀୟ ହିସାବ ଏବଂ 'ଗ'ର ପ୍ରବେଶ ପରେ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

## ପାଠ୍ୟଗତ ପ୍ରଶ୍ନଗୁଡ଼ିକର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 19.1**

I. (i) ବିଦ୍ୟମାନ, ନୂତନ (ii) ପୁନର୍ଗଠିତ (iii) ତ୍ୟାଗ ଅନୁପାତ

(iv) ବିଦ୍ୟମାନ ଅନୁପାତ

II. ତ୍ୟାଗ ଅନୁପାତ 5:3

**ପାଠ୍ୟଗତ ପ୍ରଶ୍ନ 19.2**

I. (i) ସ୍ୱର୍ଶ ବିହୀନ (ii) ଅନ୍ତର୍ଗାମୀ (iii) ସାଧାରଣ ଲାଭ

(iv) ହାରାହାରି ଲାଭ, ଅତିରିକ୍ତ ଲାଭ ଏବଂ ପୁଞ୍ଜିକରଣ (v) ବାହ୍ୟ ଦାୟ

II. (କ) ₹62,500 (ଖ) ₹1,25,000

**ପାଠ୍ୟଗତ ପ୍ରଶ୍ନ 19.3**

I. (କ) (ଜାବେଦା) ପ୍ରବିଷ୍ଟି (ଖ) ଦାତା (ଗ) ତ୍ୟାଗ

(ଘ) ଅବଲିଖନ (ଙ) ଦାୟୀ

II. 1. IV 2. III 3. I 4. II

**ପାଠ୍ୟଗତ ପ୍ରଶ୍ନ 19.4**

(i) ଦାୟ (ii) ପରିସମ୍ପତ୍ତି (iii) ଦାୟ (iv) ପରିସମ୍ପତ୍ତି

(v) ଦାତା ପାର୍ଶ୍ୱ (vi) ବିଦ୍ୟମାନ ଅନୁପାତ (vii) ଦାୟୀ

**ପାଠ୍ୟଗତ ପ୍ରଶ୍ନ 19.5**

ନୂତନ ଫାର୍ମର ମୋଟପୁଞ୍ଜି ₹2,50,000

ତନୁର ପୁଞ୍ଜି ₹1,20,000; ଅନୁର ପୁଞ୍ଜି ₹80,000

**ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର**

7. ନୂତନ ଲାଭ ଆବଣ୍ଟନ ଅନୁପାତ 15:9:8, ତ୍ୟାଗ ଅନୁପାତ 5:3

8. ନୂତନ ଲାଭ ଆବଣ୍ଟନ ଅନୁପାତ 3:1:1

9. ସୁନାମ ₹4,00,000

10. ପୁନର୍ମୂଲ୍ୟାୟନରେ କ୍ଷତି ₹4,200; ଉଦ୍‌ବୃତ୍ତ ପତ୍ରର ମୋଟ ₹1,25,800 ।

11. ପୁନର୍ମୂଲ୍ୟାୟନରେ ଲାଭ ₹5,040; 'କ'ର ପୁଞ୍ଜି ₹1,20,000; 'ଖ' ଓ 'ଗ' ପ୍ରତ୍ୟେକଙ୍କର ପୁଞ୍ଜି ₹60,000; ଉଦ୍‌ବୃତ୍ତ ପତ୍ରର ମୋଟ ₹2,64,000

***କାର୍ଯ୍ୟ:***

ପାଞ୍ଚଟି ବ୍ୟବସାୟ ସଂଗଠନର ମାଲିକଙ୍କ ସହିତ କଥାବାର୍ତ୍ତା କର ଯେଉଁଗୁଡ଼ିକ ଭଲ ବ୍ୟବସାୟ କରୁଛନ୍ତି ଏବଂ ବଜାରରେ ଭଲ ଖ୍ୟାତି ପ୍ରତିଷ୍ଠା କରିଛନ୍ତି । ପ୍ରତ୍ୟେକ ଫାର୍ମ ସିଧାରେ ସେହି ଉପାଦନଗୁଡ଼ିକୁ ଲେଖ ଯାହା ଏହାର ସୁନାମ ବୃଦ୍ଧିରେ ଯୋଗଦାନ ଦେଇଛି ।

| ଫାର୍ମର ନାମ | ବ୍ୟବସାୟର ପ୍ରକୃତି | ଉପାଦାନ ସମୂହ ଯାହା ଫାର୍ମର ସୁନାମର ସହଯୋଗୀ |
|---|---|---|
| | | |

# 20

# ଭାଗୀଦାରଙ୍କ ଅବସର ଓ ମୃତ୍ୟୁ

# (Retirement and Death of a Partner)

ଯଦି ତୁମେ ତୁମ ଚତୁର୍ପାର୍ଶ୍ୱକୁ ଅନାଇବ, ତେବେ ତୁମେ ନିଶ୍ଚିତ ଭାବେ ଲକ୍ଷ୍ୟ କରିପାରିବ ଯେ ତୁମର ସମ୍ପର୍କୀୟଙ୍କ ଭିତରେ ଏବଂ ତୁମର ପଡ଼ୋଶୀଙ୍କ ଭିତରେ ଲୋକମାନେ ଭାଗଦାରୀରେ ବ୍ୟବସାୟ ଚଳାଉଛନ୍ତି । ତୁମେ ଲୋକମାନଙ୍କୁ ଭାଗଦାରୀ ଫାର୍ମ ଛାଡ଼ିବାର କିମ୍ବା ଭାଗଦାରୀରେ ଥିବା ସମୟରେ କୌଣସି ବ୍ୟକ୍ତି ମୃତ୍ୟୁ ବରଣ କରିବାର ନିଶ୍ଚିତ ଦେଖିଥିବ । ଏସବୁ ହେଉଛି ଘଟଣାବଳୀ ଯାହା ଏକ ଭାଗଦାରୀ ଫାର୍ମର ଜୀବନକାଳ ମଧ୍ୟରେ ସ୍ଥାନ ପାଇଥାଏ । ଏହି ଘଟଣାବଳୀ ଘଟିବା ସଙ୍ଗେ ସଙ୍ଗେ ଅର୍ଥ ସମ୍ବନ୍ଧିତ କେତେକ ପ୍ରସଙ୍ଗ ସୃଷ୍ଟି ହୁଏ । କେତେକ ପରିସମ୍ପତ୍ତି ଓ ଦାୟର ପୁନର୍ମୂଲ୍ୟାୟନର ଆବଶ୍ୟକତା ପଡ଼ିପାରେ, ସୁନାମର ଉପଚାର କରିବାକୁ ପଡ଼େ ଏବଂ ସଂଯୁକ୍ତ ଜୀବନ ବୀମା ପଲିସିର ରାଶି ବଣ୍ଟନ କରିବାକୁ ପଡ଼େ ତଥା ଶୀଘ୍ର ଏଗୁଡ଼ିକର ହିସାବରକ୍ଷଣ ସମାଯୋଜନ କରିବାର ଆବଶ୍ୟକତା ପଡ଼େ । ଯେବେ ବି ଏହି ଘଟଣାମାନ ଘଟେ, ଫାର୍ମକୁ ଫାର୍ମ ଛାଡୁଥିବା ଭାଗୀଦାର କିମ୍ବା ମୃତ ଭାଗୀଦାରଙ୍କର ପ୍ରାପ୍ୟ ହିସାବ (ଗଣନା) କରିବାକୁ ପଡ଼େ । ଏହି ପାଠରେ ତୁମେ ଏହି ଦୁଇ କ୍ଷେତ୍ରରେ, ଅର୍ଥାତ୍ କୌଣସି ଭାଗୀଦାରଙ୍କ ଅବସର କିମ୍ବା ମୃତ୍ୟୁ ହେବା ସ୍ଥଳେ, ଫାର୍ମର ବହିରେ ହିସାବରକ୍ଷଣ ଉପଚାର (ଲେଖାଲେଖି) ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ଅଧ୍ୟୟନ ପରେ ତୁମେ:

- କୌଣସି ଭାଗୀଦାରଙ୍କ ଅବସର/ମୃତ୍ୟୁର ଅର୍ଥ ଉଲ୍ଲେଖ କରିପାରିବ;
- ନୂତନ ଲାଭ ଆବଣ୍ଟନ ଅନୁପାତ ଏବଂ ଅଧିଲାଭ ଅନୁପାତ (gaining ratio)ର ହିସାବ କରିପାରିବ;
- କୌଣସି ଭାଗୀଦାରଙ୍କ ଅବସର/ମୃତ୍ୟୁ ସମୟରେ ସୁନାମ, ଗଚ୍ଛିତ ସଞ୍ଚିତି ଏବଂ ଅଣ-ଆବଣ୍ଟିତ ଲାଭ ସମ୍ବନ୍ଧିତ ସମାଯୋଜନ କରିପାରିବ;
- ଅବସର/ମୃତ୍ୟୁ ସମୟରେ ପରିସମ୍ପତ୍ତିର ପୁନର୍ମୂଲ୍ୟାୟନ ଏବଂ ଦାୟର ପୁନର୍ନିର୍ଦ୍ଧାରଣର ଆବଶ୍ୟକତା ବୁଝାଇ ପାରିବ;
- କୌଣସି ଭାଗୀଦାରଙ୍କ ଅବସର/ମୃତ୍ୟୁ ସମ୍ବନ୍ଧିତ ପୁନଃମୂଲ୍ୟାୟନ ହିସାବ ପ୍ରସ୍ତୁତ କରିପାରିବ;
- ଅବସର ପ୍ରାପ୍ତ ଭାଗୀଦାରଙ୍କ ଦାବୀ ପୂରଣ (ଚୁକ୍ତା) କରିବାର ବିଭିନ୍ନ ପଦ୍ଧତି ଏବଂ ତତ୍ ସଂକ୍ରାନ୍ତ ହିସାବରକ୍ଷଣ ଉପଚାର ବିଧିର ଉଦାହରଣ ଦେଇପାରିବ;
- ଭାଗୀଦାରଙ୍କ ପୁଞ୍ଜିର ହିସାବରକ୍ଷଣ ଉପଚାର ଏବଂ ଏହାର ସମାଯୋଜନର ଉଦାହରଣ ଦେଇପାରିବ;
- ଭାଗୀଦାରଙ୍କ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭର ନିର୍ଦ୍ଧାରଣ କରିପାରିବ;
- ମୃତ ଭାଗୀଦାରଙ୍କ କାର୍ଯ୍ୟ ନିର୍ବାହକଙ୍କ ହିସାବ ପ୍ରସ୍ତୁତ କରିପାରିବ ।



## 20.1 ଅବସର - ଅର୍ଥ, ନୂତନ ଲାଭ ଆବଣ୍ଟନ ଅନୁପାତ ଏବଂ ଅଧିଲାଭ ଅନୁପାତର ହିସାବ

ଯେତେବେଳେ ଏକ କିମ୍ବା ଏକାଧିକ ଭାଗୀଦାର ଫାର୍ମ ପରିତ୍ୟାଗ କରନ୍ତି ଏବଂ ଅବଶିଷ୍ଟ ଭାଗୀଦାରମାନେ ଫାର୍ମର ବ୍ୟବସାୟକୁ ଚଳାଇ ରଖନ୍ତି, ଏହାକୁ ଭାଗୀଦାରଙ୍କ ଅବସର କୁହାଯାଏ । ଅମିତ୍, ସୁନୀଲ୍ ଓ ଆଶୁ ଏକ ଫାର୍ମରେ ଭାଗୀଦାର ଅଟନ୍ତି । କୌଣସି ପାରିବାରିକ ସମସ୍ୟା ଯୋଗୁ ଆଶୁ ଫାର୍ମ ପରିତ୍ୟାଗ କରିବାକୁ ଚାହୁଁଛନ୍ତି । ଅନ୍ୟ ଭାଗୀଦାରମାନେ ତାଙ୍କୁ ଭାଗଦାରୀରୁ ଅପସରି ଯିବାପାଇଁ ଅନୁମତି ଦେବା ସକାଶେ ନିଷ୍ପତ୍ତି ନିଅନ୍ତି । ଅତଃ, କେତେକ କାରଣ ଯଥା ବୃଦ୍ଧାବସ୍ଥା, ଖରାପ ସ୍ୱାସ୍ଥ୍ୟ, କଳଙ୍କିତ (ଖରାପ) ସମ୍ପର୍କ ଇତ୍ୟାଦି ଯୋଗୁ ଜଣେ ବିଦ୍ୟମାନ ଭାଗୀଦାର ଭାଗଦାରୀରୁ ଅବସର ଗ୍ରହଣ ନିମନ୍ତେ ନିଷ୍ପତ୍ତି ନେଇ ପାରନ୍ତି । ଅବସର ହେତୁ ବିଦ୍ୟମାନ ଭାଗଦାରୀର ଅବସାନ ଘଟେ ଏବଂ ଅବଶିଷ୍ଟ ଭାଗୀଦାରମାନେ ଏକ ନୂତନ ରାଜିନାମା କରନ୍ତି ତଥା ନୂତନ ନିୟମ ଓ ସର୍ତ୍ତାବଳୀ ସହିତ ଭାଗଦାରୀ ଫାର୍ମର ପୁନର୍ଗଠନ ହୁଏ । ଅବସର ସମୟରେ ଅବସରପ୍ରାପ୍ତ ଭାଗୀଦାରଙ୍କର ଦାବୀ ଫଇସଲା (ଚୁକ୍ତା) କରି ଦିଆଯାଏ ।

ଜଣେ ଭାଗୀଦାର ଅବସର ଗ୍ରହଣ କରନ୍ତି:

(i) ସମସ୍ତ ଭାଗୀଦାରଙ୍କ ସ୍ୱୀକୃତି/ସମ୍ମତି ମିଳିଲେ; କିମ୍ବା

(ii) ଚୁକ୍ତିର ସର୍ତ୍ତ ଅନୁସାରେ; କିମ୍ବା

(iii) ସ୍ୱେଚ୍ଛାରେ ।

ଭାଗୀଦାରଙ୍କ ଅବସର ଜନିତ ନିୟମ ଓ ସର୍ତ୍ତ ସାଧାରଣତଃ ଭାଗଦାରୀ ଦଲିଲରେ ଦିଆଯାଇଥାଏ । ଯଦି ଦିଆଯାଇ ନଥାଏ, ତେବେ ଅବସର ସମୟରେ ଭାଗୀଦାରମାନଙ୍କ ଦ୍ୱାରା ସହମତି ଭିତ୍ତିରେ ସର୍ତ୍ତମାନ ନିର୍ଦ୍ଧାରଣ କରାଯାଏ । ଅବସର ସମୟରେ ନିମ୍ନ ହିସାବରକ୍ଷଣ ପ୍ରସଙ୍ଗଗୁଡ଼ିକର ଉତ୍ପନ୍ନ ହୋଇଥାଏ:

(କ) ନୂତନ ଲାଭ ଆବଣ୍ଟନ ଅନୁପାତ ଓ ଅଧିଲାଭ ଅନୁପାତ ।

(ଖ) ସୁନାମ ।

(ଗ) ପରିସମ୍ପତ୍ତି ଓ ଦାୟର ମୂଲ୍ୟରେ ପରିବର୍ତ୍ତନ ଜନିତ ସମାଯୋଜନ ।

(ଘ) ସଞ୍ଚିତି ଓ ଗଚ୍ଛିତ ଲାଭର ଉପଚାର ।

(ଙ) ଅବସର ପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟର ବନ୍ଦୋବସ୍ତ (ଫଇସଲା) ।

(ଚ) ଅବଶିଷ୍ଟ ଭାଗୀଦାରଙ୍କ ନୂତନ ପୁଞ୍ଜି ।

### ନୂତନ ଲାଭ ଅବଣ୍ଟନ ଅନୁପାତ ଓ ଅଧିଲାଭ ଅନୁପାତ (New profit sharing ratio and gaining ratio)

ଏକ ଭାଗୀଦାର ଅବସର ଗ୍ରହଣ କରିବା ସଙ୍ଗେ ସଙ୍ଗେ ଅବଶିଷ୍ଟ ଭାଗୀଦାରଙ୍କ ଲାଭ ଆବଣ୍ଟନ ଅନୁପାତ ବଦଳି ଯାଏ । ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ଅବଶିଷ୍ଟ ଭାଗୀଦାରମାନଙ୍କ ମଧ୍ୟରେ ବାଣ୍ଟିଦିଆଯାଏ । ସୂଚନାର ଅନୁପସ୍ଥିତିରେ, ଅବଶିଷ୍ଟ (ବର୍ତ୍ତମାନ) ଭାଗୀଦାରମାନେ ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ସେମାନଙ୍କର ଲାଭ ଆବଣ୍ଟନ ଅନୁପାତ କିମ୍ବା କୌଣସି ସହମତ ଅନୁପାତରେ

ନିଅନ୍ତି । ସେହି ଅନୁପାତ ଯେଉଁଥିରେ ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ଅବଶିଷ୍ଟ ଭାଗୀଦାରମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ, ତାହାକୁ ଅଧିଲାଭ ଅନୁପାତ କୁହଯାଏ । ଏହା ହେଲା:

**ଅଧିଲାଭ ଅନୁପାତ = ନୂତନ ଅନୁପାତ – ବିଦ୍ୟମାନ ଅନୁପାତ**

ନୂତନ ଅନୁପାତ ଓ ଅଧିଲାଭ ଅନୁପାତର ବିଭିନ୍ନ ସ୍ଥିତିର ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା:

(i) **ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗ ବିଦ୍ୟମାନ ଅନୁପାତରେ ଆବଣ୍ଟନ**

ଏହି କ୍ଷେତ୍ରରେ, ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ଅବଶିଷ୍ଟ ଭାଗୀଦାରମାନଙ୍କ ମଧ୍ୟରେ ବିଦ୍ୟମାନ ଅନୁପାତରେ ବାଣ୍ଟି ଦିଆଯାଏ । ଅବଶିଷ୍ଟ ଭାଗୀଦାରମାନେ ବିଦ୍ୟମାନ ଅନୁପାତରେ ଲାଭ ଓ କ୍ଷତି ବାଣ୍ଟି ଚାଲନ୍ତି । ନିମ୍ନ ଉଦାହରଣଦ୍ୱାରା ଏହା ସ୍ପଷ୍ଟ କରାଗଲା:

ତନୁ, ମନୁ ଓ ରୀନା 4:3:2 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ତନୁ ଅବସର ଗ୍ରହଣ କରନ୍ତି ଏବଂ ଅବଶିଷ୍ଟ ଭାଗୀଦାରମାନେ ତନୁର ଭାଗକୁ ବିଦ୍ୟମାନ ଅନୁପାତ, ଅର୍ଥାତ୍ 3:2 ରେ ନେବାକୁ ନିଷ୍ପତ୍ତି ନିଅନ୍ତି । ମନୁ ଓ ରୀନାଙ୍କର ନୂତନ ଅନୁପାତ ହିସାବ କର ।

ମନୁ ଓ ରୀନାଙ୍କ ମଧ୍ୟରେ ବିଦ୍ୟମାନ ଅନୁପାତ $= 3/9$ ଓ $2/9$

ତନୁର ଅନୁପାତ (ଅବସର ପ୍ରାପ୍ତ ଭାଗୀଦାର) $= 4/9$

ତନୁର ଭାଗକୁ ମନୁ ଓ ରୀନାଙ୍କ ଦ୍ୱାରା 3:2 ଅନୁପାତରେ ନିଆଗଲା

ମନୁ ପାଇଲା $= 4/9 \times 3/5 = 12/45$

ମନୁର ନୂତନ ଭାଗ $= 3/9 + 12/45 = 27/45$

ରୀନା ପାଇଲା $= 4/9 \times 2/5 = 8/45$

ରୀନାର ନୂତନ ଭାଗ $= 2/9 + 8/45 = 18/45$

ମନୁ ଓ ରୀନା ମଧ୍ୟରେ ନୂତନ ଅନୁପାତ $= 27/45 : 18/45$

$= 27 : 18 = 3 : 2$

ଅଧିଲାଭ ଅନୁପାତ = ନୂତନ ଅନୁପାତ – ବିଦ୍ୟମାନ ଅନୁପାତ

ମନୁର ଅଧିଲାଭ $= 27/45 - 3/9 = 12/45$

ରୀନାର ଅଧିଲାଭ $= 18/45 - 2/9 = 8/45$

ଅଧିଲାଭ ଅନୁପାତ $= 12/45 : 8/45 = 3 : 2$

ତୁମେ ଲକ୍ଷ୍ୟ କରିପାରିବ ଯେ ନୂତନ ଅନୁପାତ ସେହି ଅନୁପାତ ସହିତ ସମାନ ଯାହା ତନୁର ଅବସର ପୂର୍ବରୁ ମନୁ ଓ ରୀନା ମଧ୍ୟରେ ବିଦ୍ୟମାନ ଥିଲା ।

**ଟିପ୍ପଣୀ :** ପ୍ରଶ୍ନରେ କୌଣସି ସୂଚନାର ଅନୁପସ୍ଥିତିରେ ଏହା ଧରି ନିଆଯିବ ଯେ ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ବିଦ୍ୟମାନ ଅନୁପାତରେ ବଣ୍ଟନ କରାଯିବ ।

(ii) **ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗ ନିର୍ଦ୍ଧାରିତ ଅନୁପାତରେ ଆବଣ୍ଟନ**

ସମୟ ସମୟରେ ଅବଶିଷ୍ଟ ଭାଗୀଦାରମାନେ ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ନିର୍ଦ୍ଧାରିତ (specified) ଅନୁପାତରେ କ୍ରୟ କରନ୍ତି । ସେମାନେ କିଣିଥିବା ଭାଗକୁ ସେମାନଙ୍କର ପୁରାତନ ଭାଗରେ ଯୋଗ କରାଯାଏ ଏବଂ ନୂତନ ଅନୁପାତ ବାହାର କରାଯାଏ । ନିମ୍ନ ଉଦାହରଣ ଦ୍ୱାରା ଏହା ସ୍ପଷ୍ଟ କରାଗଲା:

'କ', 'ଖ' ଓ 'ଗ' ଏକ ଫାର୍ମରେ ଭାଗୀଦାର ଅଟନ୍ତି ଯେଉଁମାନେ 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଛନ୍ତି । 'ଖ' ଅବସର ଗ୍ରହଣ କଲେ ଏବଂ ତାଙ୍କର ଭାଗକୁ 'କ' ଓ 'ଗ' ମଧ୍ୟରେ ସମାନ ଭାଗରେ ବଣ୍ଟାଗଲା । 'କ' ଓ 'ଗ'ର ନୂତନ ଲାଭ ଆବଣ୍ଟନ ଅନୁପାତ ହିସାବ କର ।

'ଖ'ର ଭାଗ = 2/6

'ଖ'ର ଭାଗ 'କ' ଓ 'ଗ' ମଧ୍ୟରେ 1:1 ଅନୁପାତରେ ବଣ୍ଟାଗଲା

'କ' ପାଇଲା = 2/6 ର 1/2 = 2/6 X 1/2 = 1/6

'କ'ର ନୂଆ ଭାଗ = 3/6 + 1/6 = 4/6

'ଗ' ପାଇଲା = 2/6 ର 1/2 = 2/6 X 1/2 = 1/6

'ଗ'ର ନୂଆ ଭାଗ = 1/6 + 1/6 = 2/6

'କ' ଓ 'ଗ'ର ନୂତନ ଲାଭ ଆବଣ୍ଟନ ଅନୁପାତ = 4/6 : 2/6 = 2:1

**ଅଧିଲାଭ ଅନୁପାତ**

ଅଧିଲାଭ ଅନୁପାତ = ନୂତନ ଅନୁପାତ – ବିଦ୍ୟମାନ ଅନୁପାତ

'କ'ର ଅଧିଲାଭ = 4/6 – 3/6 = 1/6

'ଖ'ର ଅଧିଲାଭ = 2/6 – 1/6 = 1/6

ଅଧିଲାଭ ଅନୁପାତ = 1/6 : 1/6

= 1 : 1 ଅର୍ଥାତ୍ ସମାନ ।

(iii) **ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗ କୌଣସି ଏକ ଭାଗୀଦାରଙ୍କ ଦ୍ୱାରା ନିଆଯିବା କ୍ଷେତ୍ରରେ:**

ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗ ଅବଶିଷ୍ଟ ଭାଗୀଦାରମାନଙ୍କ ମଧ୍ୟରୁ କୌଣସି ଜଣେ ଭାଗୀଦାର ନେଇ ଯାଆନ୍ତି । ଏହି କ୍ଷେତ୍ରରେ ସେହି ଭାଗୀଦାରଙ୍କ ବିଦ୍ୟମାନ (ବର୍ତ୍ତମାନ) ଭାଗ ସହିତ ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗକୁ ଯୋଗ କରିଦିଆଯାଏ । କେବଳ ତାଙ୍କର ଭାଗ ପରିବର୍ତ୍ତନ ହୁଏ । ଅନ୍ୟ ଭାଗୀଦାରମାନେ ବିଦ୍ୟମାନ ଅନୁପାତରେ ଲାଭ ଆବଣ୍ଟନ କରିଚାଲନ୍ତି । ଏହାକୁ ସ୍ପଷ୍ଟ କରିବା ପାଇଁ ଏକ ଉଦାହରଣ ନିମ୍ନରେ ପ୍ରଦତ୍ତ ହେଲା:

ଅନୁଜ, ବାବୁ ଓ ରାଣୀ 5:4:2 ଅନୁପାତରେ ଲାଭ ଆବଣ୍ଟନ କରୁଛନ୍ତି । ବାବୁ ଅବସର ଗ୍ରହଣ କରନ୍ତି ଏବଂ ତାଙ୍କ ଭାଗ ରାଣୀଙ୍କ ଦ୍ୱାରା ନିଆଯାଏ । ତେଣୁ ରାଣୀଙ୍କ ଭାଗ = 2/11+ 4/11 = 6/11 ହେବ । ଅନୁଜଙ୍କ ଭାଗ ଅପରିବର୍ତ୍ତିତ ରହିବ ଯାହାକି 5/11 ଅଟେ । ଅତଃ, ଅନୁଜ ଓ ରାଣୀଙ୍କ ନୂତନ ଲାଭ ଆବଣ୍ଟନ ଅନୁପାତ = 5:6 ହେବ ।

**ଉଦାହରଣ 1**

ନୀରୁ, ଅନୁ ଓ ଆଶୁ 4:3:2 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଆଶୁ ଅବସର ଗ୍ରହଣ କରନ୍ତି । ନୀରୁ ଓ ଅନୁଙ୍କର ନୂତନ ଅନୁପାତ ବାହାର କର ଯଦି ଅବସର ପାଇଁ ସର୍ତ୍ତାବଳୀରେ ନିମ୍ନ ପ୍ରାବଧାନ ଅଛି:

(i) ଅନୁପାତ ଦିଆଯାଇନାହିଁ ।

(ii) ଆଶୁଙ୍କ ଭାଗର ସମ ବିଭାଜନ

(iii) ଆଶୁଙ୍କ ଭାଗକୁ ନୀରୁ ଓ ଅନୁ 2:1 ଅନୁପାତରେ ନେଲେ ।

(iv) ଅନୁ ଆଶୁଙ୍କ ଭାଗକୁ ନେଇ ନେଲେ ।

**ସମାଧାନ:**

(i) ନୀରୁ ଓ ଅନୁଙ୍କର ନୂତନ ଲାଭ ଆବଣ୍ଟନ ଅନୁପାତ 4:3 ଅଟେ ।

(ii) ଆଶୁର ଭାଗ = 2/9

ନୀରୁ ପାଇଲା = 2/9 ର 1/2 = 2/9 X 1/2 = 1/9

ନୀରୁର ନୂତନ ଭାଗ = 4/9 + 1/9 = 5/9

ଅନୁ ପାଇଲା = 2/9 ର 1/2 = 2/9 X 1/2 = 1/9

ଅନୁର ନୂତନ ଭାଗ = 3/9 + 1/9 = 4/9

ନୀରୁ ଓ ଅନୁର ନୂତନ ଲାଭ ଆବଣ୍ଟନ ଅନୁପାତ

5/9 : 4/9 କିମ୍ବା 5 : 4 ଅଟେ ।

ଅଧିଲାଭ ଅନୁପାତ ସମାନ 1/9 : 1/9 = 1:1, $\left[\text{ଅର୍ଥାତ୍ } \frac{5}{9}-\frac{4}{9}=\frac{1}{9}; \frac{4}{9}-\frac{3}{9}=\frac{1}{9}\right]$

(iii) ଆଶୁର ଭାଗ = 2/9

ନୀରୁ ପାଇଲା = 2/9 ର 2/3 = 2/9 X 2/3 = 4/27

ନୀରୁର ନୂତନ ଭାଗ = 4/9 + 4/27 = 16/27

ଅନୁ ପାଇଲା = 2/9 ର 1/3 = 2/9 X 1/3 = 2/27

ଅନୁର ନୂତନ ଭାଗ = 3/9 + 2/27 = 11/27

ନୀରୁ ଓ ଅନୁର ନୂତନ ଲାଭ ଆବଣ୍ଟନ ଅନୁପାତ 16:11 ଅଟେ ।

ଅଧିଲାଭ ଅନୁପାତ = 4/27 : 2/27 = 4 : 2 = 2:1

$\left[\text{ଅର୍ଥାତ୍ } \frac{16}{27}-\frac{4}{9}=\frac{4}{27}; \frac{11}{27}-\frac{3}{9}=\frac{2}{27}; 4:2=2:1\right]$

(iv) ଅନୁ ଆଶୁର ଭାଗକୁ ସମ୍ପୂର୍ଣ୍ଣ ନେଇଗଲେ ।

ଆଶୁର ଭାଗ = 2/9

ଅନୁ ପାଇଲା = 2/9

ଅନୁର ନୂତନ ଭାଗ = 3/9 + 2/9 = 5/9

ନୀରୁ ଓ ଅନୁର ନୂତନ ଲାଭ ଆବଣ୍ଟନ ଅନୁପାତ 4:5 ଅଟେ ।

କେବଳ ଅନୁର ଅଧିଲାଭ ହୋଇଛି ।

**ଉଦାହରଣ 2**

ଆଶିଷ, ବର୍ମନ ଓ ଚନ୍ଦର କ୍ରମାନ୍ୱୟରେ 2:1:2 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଚନ୍ଦର ଅବସର ଗ୍ରହଣ କରନ୍ତି ଏବଂ ଆଶିଷ ଓ ବର୍ମନ ଭବିଷ୍ୟତରେ ସମାନ ଭାବରେ ଲାଭ ଓ କ୍ଷତି ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରନ୍ତି । ଅଧିଲାଭ ଅନୁପାତ ହିସାବ କର ।

**ସମାଧାନ :**

ଅଧିଲାଭ ଅନୁପାତ = ନୂତନ ଅନୁପାତ – ବିଦ୍ୟମାନ ଅନୁପାତ

ତେଣୁ, ଆଶିଷ ପାଇଲା = 1/2 – 2/5

= 1/10

ବର୍ମନ ପାଇଲା = 1/2 – 1/5

= 3/10

ଆଶିଷ ଓ ବର୍ମନ ମଧ୍ୟରେ ଅଧିଲାଭ ଅନୁପାତ 1/10 : 3/10, ଅର୍ଥାତ୍ 1:3 ହେବ ।

**ପାଠ୍ୟଗତ ପ୍ରଶ୍ନ 20.1**

I. ଯେକୌଣସି ତିନୋଟି ପରିସ୍ଥିତିକୁ ଲେଖ ଯେଉଁଥିରେ ଜଣେ ଭାଗୀଦାର ଭାଗଦାରୀରୁ ଅବସର ନେଇ ପାରିବେ:

(କ) ..........................................................................

(ଖ) ..........................................................................

(ଗ) ..........................................................................

II. ଅବଶିଷ୍ଟ ଭାଗୀଦାରଙ୍କ ନୂତନ ଅନୁପାତ = ..........................................

III. ଅଧିଲାଭ ଅନୁପାତ = ନୂତନ ଅନୁପାତ – .................?

IV. 'କ', 'ଖ' ଓ 'ଗ' 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିଲେ ଏବଂ 'କ' ଅବସର ପ୍ରାପ୍ତ ହେଲେ । ତାଙ୍କର ଭାଗକୁ 'ଖ' ଓ 'ଗ' 2:1 ଅନୁପାତରେ ନେଲେ । 'କ'ର ଅବସର ପରେ ନିମ୍ନ ଗୁଡ଼ିକରୁ କେଉଁଟି 'ଖ' ଓ 'ଗ'ର ନୂତନ ଅନୁପାତ ହେବ ?

(i) 3:2 (ii) 2:1 (iii) 1:2

## 20.2 ସୁନାମର ଉପଚାର (ପ୍ରଦର୍ଶନ) (Treatment of Goodwill)

ଅବସରପ୍ରାପ୍ତ ଭାଗୀଦାର ଅବସର ସମୟରେ ତାଙ୍କ ଭାଗ ସୁନାମ ପାଇବା ପାଇଁ ହକ୍‌ଦାର (ଅଧିକାରୀ) ଅଟନ୍ତି, କାରଣ ସୁନାମ ହେଉଛି ଅବସରପ୍ରାପ୍ତ ଭାଗୀଦାରଙ୍କ ସମେତ ସମସ୍ତ ଭାଗୀଦାରଙ୍କ ଦ୍ୱାରା ଅତୀତରେ କରାଯାଇଥିବା ପ୍ରଚେଷ୍ଟାର ଫଳ । ଅବସରପ୍ରାପ୍ତ ଭାଗୀଦାରଙ୍କୁ ତାଙ୍କ ଭାଗ ସୁନାମ ପାଇଁ କ୍ଷତିପୂରଣ ଦିଆଯାଏ । ହିସାବରକ୍ଷଣ ମାନକ 10 (ଏ.ଏସ୍-10) ଅନୁସାରେ ସୁନାମ ବହିରେ କେବଳ ସେତେବେଳେ ଲେଖାଯାଏ ଯେତେବେଳେ ଏହା ପାଇଁ କିଛି ପ୍ରତିଫଳ (consideration) ମୁଦ୍ରା ଆକାରରେ ପୈଠ କରାଯାଇଥାଏ । ତେଣୁ ସୁନାମ ମହିରେ କେବଳ ସେତେବେଳେ ଲିପିବଦ୍ଧ କରାଯାଏ ଯେତେବେଳେ ଏହା କ୍ରୟ କରାଯାଇଥାଏ ଏବଂ ଆପଣାଛାଏଁ ସୁନାମ ହିସାବ ଖୋଲାଯାଇପାରେ ନାହିଁ ।

ତେଣୁ ଜଣେ ଭାଗୀଦାରଙ୍କ ଅବସର ଗ୍ରହଣ ସ୍ଥିତିରେ ଭାଗୀଦାରମାନଙ୍କ ପୁଞ୍ଜି ହିସାବ ଜରିଆରେ ସୁନାମର ସମାଯୋଜନ କରାଯାଏ । ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ତାଙ୍କ ଭାଗ ସୁନାମ ପାଇଁ ଦାତା କରାଯାଏ ଏବଂ ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସେମାନଙ୍କ ଅଧିଲାଭ ଅନୁପାତରେ ଦାୟୀ କରାଯାଏ । ଜାବେଦା ପ୍ରବିଷ୍ଟି ନିମ୍ନ ମତେ କରାଯାଏ:

ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବ　　　　ଦାୟୀ　(ବ୍ୟକ୍ତିଗତ ଭାବରେ)

　　ଦାତା ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବ

(ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗର ସୁନାମ ଅବଶିଷ୍ଟ ଭାଗୀଦାରଙ୍କ ମଧ୍ୟରେ ଅଧିଲାଭ ଅନୁପାତର ସମାଯୋଜିତ ହେଲା)

**ଉଦାହରଣ 3**

ମିଟୁ, ଉଦିତ ଓ ସୁନ୍ନୀ ସମାନ ଭାଗରେ ଲାଭ ବାଣ୍ଟୁଥିବା ଭାଗୀଦାର ଅଟନ୍ତି । ସୁନ୍ନୀ ଅବସର ଗ୍ରହଣ କରନ୍ତି ଏବଂ ଫାର୍ମର ସୁନାମର ମୂଲ୍ୟାୟନ ₹54,000ରେ ହୁଏ । ବହିରେ ସୁନାମ ହିସାବ ଦର୍ଶାଯାଇ ନାହିଁ । ମିଟୁ ଓ ଉଦିତ୍‌ର ଭବିଷ୍ୟତରେ ଲାଭ ଆବଣ୍ଟନ ଅନୁପାତ 3:2 ଅଟେ । ସୁନାମ ପାଇଁ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ମିଟୁଙ୍କ ପୁଞ୍ଜି ହିସାବ　　ଦାୟୀ | | 14,400 | |
| | ଉଦିତ୍‌ଙ୍କ ପୁଞ୍ଜି ହିସାବ　　ଦାୟୀ | | 3,600 | |
| | 　ଦାତା ସୁନ୍ନୀଙ୍କ ପୁଞ୍ଜି ହିସାବ | | | 18,000 |
| | (ସୁନ୍ନୀଙ୍କ ଭାଗର ସୁନାମ ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜିରେ ସେମାନଙ୍କ ଅଧିଲାଭ ଅନୁପାତ 4:1ରେ ସମାଯୋଜିତ ହେଲା) | | | |

**ଟିପ୍ପଣୀ:** ସୁନ୍ନୀଙ୍କ ଭାଗର ସୁନାମ = ₹54,000 × 1/3 = ₹18,000

ଅଧିଲାଭ ଅନୁପାତ = ନୂତନ ଅନୁପାତ – ବିଦ୍ୟମାନ ଅନୁପାତ

ମିଟୁର ଅଧିଲାଭ = 3/5 – 1/3 = (9–5)/15 = 4/15

ଉଦିତ୍‌ର ଅଧିଲାଭ = 2/5 – 1/3 = (6–5)/15 = 1/15

ମିଟୁ ଓ ଉଦିତ୍ ମଧ୍ୟରେ ଅଧିଲାଭ ଅନୁପାତ = 4:1

## ଯେତେବେଳେ ସୁନାମ ହିସାବ ବହିରେ ପ୍ରଥମରୁ ହିଁ ବିଦ୍ୟମାନ ଥାଏ

ସାଧାରଣତଃ ଫାର୍ମର ବହିରେ ସୁନାମ ଦର୍ଶାଯାଇ ନ ଥାଏ । ଯଦି ଜଣେ ଭାଗୀଦାରଙ୍କ ଅବସର/ମୃତ୍ୟୁ ସମୟରେ ଫାର୍ମର ଉଦ୍‌ବୃତ୍ତ ପତ୍ରରେ ସୁନାମ ବିଦ୍ୟମାନ ଥାଏ, ତେବେ ସମସ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସେମାନଙ୍କର ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ଦାୟୀ କରି ଏବଂ ସୁନାମ ହିସାବକୁ ଦାତା କରି ଏହାକୁ ଅବଲିଖନ କରି ଦିଆଯିବ । ଏହି କ୍ଷେତ୍ରରେ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଭାଗୀଦାରମାନଙ୍କ ପୁଞ୍ଜି ହିସାବ          ଦାୟୀ (ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ସମେତ)

ଦାତା ସୁନାମ ହିସାବ

(ବିଦ୍ୟମାନ ସୁନାମର ଅବଲିଖନ ପାଇଁ)

**ଉଦାହରଣ 4**

ତନୁ, ପ୍ରିୟା ଓ ମୟଙ୍କ 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ପ୍ରିୟା ଅବସର ଗ୍ରହଣ କରନ୍ତି ଏବଂ ପ୍ରିୟାଙ୍କ ଅବସର ତାରିଖ ଦିନ ସୁନାମର ମୂଲ୍ୟାୟନ ₹90,000ରେ ହୁଏ । ₹48,000 ମୂଲ୍ୟର ସୁନାମ ବହିରେ ପୂର୍ବରୁ ବିଦ୍ୟମାନ ଅଛି । ତନୁ ଓ ମୟଙ୍କର ନୂଆ ଅନୁପାତ 3:2 ଅଟେ । ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ।

**ସମାଧାନ:**

**ଜାବେଦା**

| ତାରିଖ | ବିବରଣୀ | | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|---|
| | ତନୁର ପୁଞ୍ଜି ହିସାବ | ଦାୟୀ | | 24,000 | |
| | ପ୍ରିୟାର ପୁଞ୍ଜି ହିସାବ | ଦାୟୀ | | 16,000 | |
| | ମୟଙ୍କର ପୁଞ୍ଜି ହିସାବ | ଦାୟୀ | | 8,000 | |
| | ଦାତା ସୁନାମ ହିସାବ | | | | 48,000 |
| | (ବହିରେ ବିଦ୍ୟମାନ ସୁନାମ ଅବଲିଖିତ ହେଲା) | | | | |
| | ତନୁର ପୁଞ୍ଜି ହିସାବ | ଦାୟୀ | | 9,000 | |
| | ମୟଙ୍କର ପୁଞ୍ଜି ହିସାବ | ଦାୟୀ | | 21,000 | |
| | ଦାତା ପ୍ରିୟାର ପୁଞ୍ଜି ହିସାବ | | | | 30,000 |
| | (ପ୍ରିୟାର ଭାଗର ସୁନାମର ଅବଶିଷ୍ଟ ଭାଗୀଦାରମାନଙ୍କୁ ସେମାନଙ୍କ ଅଧିଲାଭ ଅନୁପାତରେ ସମାଯୋଜନ) | | | | |

**ଟିପ୍ପଣୀ:** ପ୍ରିୟାର ଭାଗର ସୁନାମ = ₹90,000 × 2/6 = ₹30,000

ଅଧିଲାଭ ଅନୁପାତ = ନୂତନ ଅନୁପାତ – ବିଦ୍ୟମାନ ଅନୁପାତ

ତନୁର ଅଧିଲାଭ = 3/5 – 3/6 = 18/30 – 15/30 = 3/30

ମୟଙ୍କର ଅଧିଲାଭ = 2/5 – 1/6 = 12/30 – 5/30 = 7/30

ତନୁ ଓ ମୟଙ୍କ ମଧ୍ୟରେ ଅଧିଲାଭ ଅନୁପାତ = 3/30 : 7/30 = 3 : 7

## ପାଠ୍ୟଗତ ପ୍ରଶ୍ନ 20.2

ନିମ୍ନ ଉକ୍ତିଗୁଡ଼ିକ 'ସତ୍ୟ' କିମ୍ବା 'ମିଥ୍ୟା' ଉଲ୍ଲେଖ କର:

(i) ଅବସର ସମୟରେ ଅବସର ପ୍ରାପ୍ତ ଭାଗୀଦାରଙ୍କ ଭାଗର ସୁନାମକୁ ତାଙ୍କ ପୁଞ୍ଜି ହିସାବରେ ଦାୟୀ କରାଯାଏ ।

(ii) ସୁନାମ କେବଳ ସେତେବେଳେ ବହିରେ ଲିପିବଦ୍ଧ କରାଯାଏ ଯେତେବେଳେ ଏହା କ୍ରୟ କରାଯାଇଥାଏ ।

(iii) ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ତାଙ୍କ ଭାଗ ସୁନାମ ପାଇଁ ଦାୟୀ କରାଯାଏ ଏବଂ ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ସେମାନଙ୍କ ଅଧିଲାଭ ଅନୁପାତରେ ଦାତା କରାଯାଏ ।

(iv) ସୁନାମ ହିସାବ ଅବଲିଖନ କରାଯିବା କ୍ଷେତ୍ରରେ ସମସ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ଦାତା କରାଯାଏ ।

## 20.3 ପରିସମ୍ପତ୍ତି ଓ ଦାୟଗୁଡ଼ିକର ପୁନଃମୂଲ୍ୟାୟନ

ଭାଗୀଦାରଙ୍କ ଅବସର ସମୟରେ ଫାର୍ମର ପରିସମ୍ପତ୍ତି ଓ ଦାୟଗୁଡ଼ିକର ପୁନଃମୂଲ୍ୟାୟନ କରାଯାଏ ଏବଂ 'ପୁନଃମୂଲ୍ୟାୟନ ହିସାବ' ଠିକ୍ ସେହିପରି ପ୍ରସ୍ତୁତ କରାଯାଏ ଯେପରି ଭାଗୀଦାରଙ୍କ ପ୍ରବେଶ ସମୟରେ କରାଯାଇଥାଏ । ଏହା ଭାଗୀଦାରଙ୍କ ଅବସର/ମୃତ୍ୟୁ ସମୟରେ ପରିସମ୍ପତ୍ତି ଓ ଦାୟଗୁଡ଼ିକର ମୂଲ୍ୟରେ ହୋଇଥିବା ପରିବର୍ତ୍ତନର ସମାଯୋଜନ ନିମନ୍ତେ କରାଯାଏ । ପୁନଃମୂଲ୍ୟାୟନ ଜନିତ କୌଣସି ଲାଭ କିମ୍ବା କ୍ଷତିକୁ ଅବସରପ୍ରାପ୍ତ/ମୃତ ଭାଗୀଦାରଙ୍କ ସମେତ ସମସ୍ତ ଭାଗୀଦାରଙ୍କ ମଧ୍ୟରେ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ବାଣ୍ଟି ଦିଆଯାଏ । ଏହି ଉଦ୍ଦେଶ୍ୟରେ ନିମ୍ନ ଜାବେଦା ପ୍ରବିଷ୍ଟମାନ କରାଯାଏ:

(i) ପରିସମ୍ପତ୍ତିର ମୂଲ୍ୟରେ ବୃଦ୍ଧି ପାଇଁ:

ପରିସମ୍ପତ୍ତି ହିସାବ ଦାୟୀ [ବ୍ୟକ୍ତିଗତ ଭାବରେ]
  ଦାତା ପୁନଃମୂଲ୍ୟାୟନ ହିସାବ
(ପରିସମ୍ପତ୍ତିର ମୂଲ୍ୟରେ ବୃଦ୍ଧି)

(ii) ପରିସମ୍ପତ୍ତିର ମୂଲ୍ୟରେ ହ୍ରାସ ପାଇଁ:

ପୁନଃମୂଲ୍ୟାୟନ ହିସାବ ଦାୟୀ
  ଦାତା ପରିସମ୍ପତ୍ତି ହିସାବ [ବ୍ୟକ୍ତିଗତ ଭାବରେ]
(ପରିସମ୍ପତ୍ତିର ମୂଲ୍ୟରେ ହ୍ରାସ)

(iii) ଦାୟର ମୂଲ୍ୟରେ ବୃଦ୍ଧି ପାଇଁ:

ପୁନଃମୂଲ୍ୟାୟନ ହିସାବ ଦାୟୀ
ଦାତା ଦାୟ ହିସାବ [ବ୍ୟକ୍ତିଗତ ଭାବରେ]
(ଦାୟର ମୂଲ୍ୟରେ ବୃଦ୍ଧି)

(iv) ଦାୟର ମୂଲ୍ୟରେ ହ୍ରାସ ପାଇଁ:

ଦାୟ ହିସାବ ଦାୟୀ [ବ୍ୟକ୍ତିଗତ ଭାବରେ]
ଦାତା ପୁନଃମୂଲ୍ୟାୟନ ହିସାବ
(ଦାୟର ମୂଲ୍ୟରେ ହ୍ରାସ)

ପରିସମ୍ପତ୍ତି ଓ ଦାୟଗୁଡ଼ିକର ମୂଲ୍ୟରେ ପରିବର୍ତ୍ତନକୁ ଲିପିବଦ୍ଧ କରିବା ପାଇଁ ପୁନଃମୂଲ୍ୟାୟନ ହିସାବ ପ୍ରସ୍ତୁତ କରାଯାଏ । ଏହା ପୁନଃମୂଲ୍ୟାୟନ ଜନିତ ଲାଭ କିମ୍ବା କ୍ଷତିକୁ ଦର୍ଶାଇଥାଏ । ଏହି ଲାଭ କିମ୍ବା କ୍ଷତିକୁ ଅବସରପ୍ରାପ୍ତ/ମୃତ ଭାଗୀଦାରଙ୍କ ସମେତ ସମସ୍ତ ଭାଗୀଦାରଙ୍କ ମଧ୍ୟରେ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ବାଣ୍ଟି ଦିଆଯାଏ ।

(v) ପୁନଃମୂଲ୍ୟାୟନ ଜନିତ ଲାଭ ପାଇଁ:

ପୁନଃମୂଲ୍ୟାୟନ ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ [ବ୍ୟକ୍ତିଗତ ଭାବରେ]
(ପୁନଃମୂଲ୍ୟାୟନ ଜନିତ ଲାଭର ସମସ୍ତ ଭାଗୀଦାରଙ୍କ ମଧ୍ୟରେ
ସେମାନଙ୍କର ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ବିଭାଜନ)

(vi) ପୁନଃମୂଲ୍ୟାୟନ ଜନିତ କ୍ଷତି ପାଇଁ:

ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ [ବ୍ୟକ୍ତିଗତ ଭାବରେ]
ଦାତା ପୁନଃମୂଲ୍ୟାୟନ ହିସାବ
(ପୁନଃମୂଲ୍ୟାୟନ ଜନିତ କ୍ଷତିକୁ ସମସ୍ତ ଭାଗୀଦାରଙ୍କ ଦ୍ୱାରା
ସେମାନଙ୍କର ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ବହନ)

**ଉଦାହରଣ 5**

ମୁଦିତ, ମୋହିତ ଏବଂ ସୋନୁ 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ମୁଦିତ ଭାଗଦାରୀରୁ ଅବସର ଗ୍ରହଣ କଲେ । ତାଙ୍କର ଦାବୀ ଫଇସଲା କରିବା ପାଇଁ ପରିସମ୍ପତ୍ତି ଓ ଦାୟଗୁଡ଼ିକର ପୁନଃମୂଲ୍ୟାୟନ ଉପରେ ନିମ୍ନ ସହମତି ହେଲା:

(i) ଯନ୍ତ୍ରପାତିର ମୂଲ୍ୟରେ ₹25,000 ବୃଦ୍ଧି କରାଯିବ ।

(ii) ନିମେଶର ମୂଲ୍ୟରେ ₹20,000 ବୃଦ୍ଧି କରାଯିବ ।

(iii) ବକେୟା ବିଲ୍ ବାବଦ ବହିରେ ଥିବା ₹1,000ର ପ୍ରାବଧାନର ଆବଶ୍ୟକତା ବର୍ତ୍ତମାନ ଆଉ ନାହିଁ ।

(iv) ଭୂମି ଓ କୋଠାର ମୂଲ୍ୟରେ ₹12,000 ହ୍ରାସ କରାଯିବ ।

ଜାବେଦା ପ୍ରବିଷ୍ଟି କର ଏବଂ ପୁନଃମୂଲ୍ୟାୟନ ହିସାବ ପ୍ରସ୍ତୁତ କର ।

**ସମାଧାନ:**

**ଜାବେଦା**

| ତାରିଖ | ବିବରଣୀ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ଯନ୍ତ୍ରପାତି ହିସାବ ଦାୟୀ | | 25,000 | |
| | ନିବେଶ ହିସାବ ଦାୟୀ | | 2,000 | |
| | ବକେୟା ବିଲ୍ ପାଇଁ ପ୍ରାବଧାନ ଦାୟୀ | | 1,000 | |
| | ଦାତା ପୁନଃମୂଲ୍ୟାୟନ ହିସାବ | | | 28,000 |
| | (ପରିସମ୍ପତ୍ତି, ଅର୍ଥାତ୍ ଯନ୍ତ୍ରପାତି ଓ ନିବେଶ ମୂଲ୍ୟରେ ବୃଦ୍ଧି ଏବଂ ପ୍ରାବଧାନରେ ହ୍ରାସ | | | |
| | ପୁନଃମୂଲ୍ୟାୟନ ହିସାବ ଦାୟୀ | | 12,000 | |
| | ଦାତା ଭୂମି ଓ କୋଠା ହିସାବ | | | 12,000 |
| | (ପରିସମ୍ପତ୍ତିର ମୂଲ୍ୟରେ ହ୍ରାସ) | | | |
| | ପୁନଃମୂଲ୍ୟାୟନ ହିସାବ ଦାୟୀ | | 16,000 | |
| | ଦାତା ମୁଦିତ୍‌ର ପୁଞ୍ଜି ହିସାବ | | | 8,000 |
| | ଦାତା ମୋହିତର ପୁଞ୍ଜି ହିସାବ | | | 5,333 |
| | ଦାତା ସୋନୁର ପୁଞ୍ଜି ହିସାବ | | | 2,667 |
| | (ପୁନଃମୂଲ୍ୟାୟନ ଜନିତ ଲାଭକୁ ସମସ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବରେ ପୁରୁଣା ଲାଭ ଆବଣ୍ଟନ ଅନୁପାତ, ଅର୍ଥାତ୍ 3:2:1 ରେ ଦାତା କରାଗଲା) | | | |

**ପୁନଃମୂଲ୍ୟାୟନ ହିସାବ**

ଦାୟୀ | ଦାତା

| ବିବରଣୀ | | ପରିମାଣ (₹) | ବିବରଣୀ | ପରିମାଣ (₹) |
|---|---|---|---|---|
| ଭୂମି ଓ କୋଠା | | 12,000 | ଯନ୍ତ୍ରପାତି | 25,000 |
| ଲାଭର ସ୍ଥାନାନ୍ତରଣ: | | | ନିବେଶ | 2,000 |
| ମୁଦିତ୍‌ର ପୁଞ୍ଜି | 8,000 | | ବକେୟା ବିଲ୍ ପାଇଁ ପ୍ରାବଧାନ | 1,000 |
| ମୋହିତ୍‌ର ପୁଞ୍ଜି | 5,333 | | | |
| ସୋନୁର ପୁଞ୍ଜି | 2,667 | 16,000 | | |
| | | 28,000 | | 28,000 |

## ଗଚ୍ଛିତ ସଞ୍ଚିତି ଏବଂ ଅଣ-ଆବଣ୍ଟିତ ଲାଭର ଉପଚାର

(Treatment of accumulated reserves and undistributed profit)

ଅବସର/ମୃତ୍ୟୁର ତାରିଖରେ ଫାର୍ମର ଉଦ୍‌ବୃତ୍ତ ପତ୍ରରେ ବିଦ୍ୟମାନ ଥିବା ଗଚ୍ଛିତ ସଞ୍ଚିତି, ପାଣ୍ଠି ଏବଂ ଲାଭ କିମ୍ବା କ୍ଷତିର ଅଣ-ଆବଣ୍ଟିତ ରାଶିର ସମସ୍ତ ବଳକାକୁ ଅବସରପ୍ରାପ୍ତ/ମୃତ ଭାଗୀଦାରଙ୍କ ସମେତ ସମସ୍ତ ଭାଗୀଦାରଙ୍କ ମଧ୍ୟରେ ସେମାନଙ୍କର ପୁରାତନ ଲାଭ ଆବଣ୍ଟନ ଅନୁପାତରେ ବାଣ୍ଟି ଦିଆଯାଏ । ଏଥିପାଇଁ ନିମ୍ନ ପ୍ରବିଷ୍ଟିମାନ କରାଯାଏ:

(i) ଅଣ-ଆବଣ୍ଟିତ ଲାଭ ଏବଂ ସଞ୍ଚିତିର ବଣ୍ଟନ ପାଇଁ:

ସଞ୍ଚିତି ହିସାବ ଦାୟୀ
ଲାଭ ଓ କ୍ଷତି ହିସାବ (ଲାଭ) ଦାୟୀ
    ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ (ବ୍ୟକ୍ତିଗତ ଭାବରେ)
(ସଞ୍ଚିତି ଏବଂ ଲାଭ ଓ କ୍ଷତି (ଲାଭ) ସମସ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବିଦ୍ୟମାନ ଲାଭ ଆବଣ୍ଟନ ଅନୁପାତରେ ସ୍ଥାନାନ୍ତରଣ)

(ii) ଅଣ-ଆବଣ୍ଟିତ କ୍ଷତିର ବଣ୍ଟନ ପାଇଁ:

ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)
    ଦାତା ଲାଭ ଓ କ୍ଷତି ହିସାବ (କ୍ଷତି)
(ଲାଭ ଓ କ୍ଷତି (କ୍ଷତି) ସମସ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ପୁରାତନ ଲାଭ ଆବଣ୍ଟନ ଅନୁପାତରେ ସ୍ଥାନାନ୍ତରଣ)

### ପାଠ୍ୟଗତ ପ୍ରଶ୍ନ 20.3

I. ଉପଯୁକ୍ତ ଶବ୍ଦ ବା ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

(କ) ପୁନର୍ମୂଲ୍ୟାୟନ ହିସାବର ଦାତା ବଳକା ................ ଦର୍ଶାଏ ।

(ଖ) ଏକ ଭାଗୀଦାରଙ୍କ ଅବସର ସମୟରେ ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇଥିବା ସଞ୍ଚିତିକୁ ............... ର ............. ପାର୍ଶ୍ୱକୁ ସ୍ଥାନାନ୍ତର କରି ଦିଆଯାଏ ।

(ଗ) ଏକ ଭାଗୀଦାରଙ୍କ ଅବସର ସମୟରେ ପରିସମ୍ପତ୍ତିର ମୂଲ୍ୟ ହ୍ରାସ ପାଇଛି । ଏହି ହ୍ରାସ ପାଇଁ ................ ହିସାବକୁ ଦାୟୀ କରାଯିବ ଏବଂ ............ ହିସାବକୁ ଦାତା କରାଯିବ ।

II. ଏକ ଭାଗୀଦାରଙ୍କ ଅବସର ସମୟରେ ଉଧାର ଦାତା (ମହାଜନ)ଙ୍କ ମୂଲ୍ୟରେ ବୃଦ୍ଧି ହୋଇଥିଲା । ଉପରୋକ୍ତ ପାଇଁ ଜାବେଦା ପ୍ରବିଷ୍ଟି କ'ଣ ହେବ ?

## 20.4 ଅବସରପ୍ରାପ୍ତ ଭାଗୀଦାରଙ୍କ ଦାବୀର ଫଇସଲା (Settlement of Retiring Partner's Claim)

ଅବସରପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟ ରାଶି ଭାଗଦାରୀ ରାଜିନାମାର ସର୍ତ୍ତାବଳୀ ଅନୁସାରେ ପୈଠ କରାଯାଏ । ଅବସରପ୍ରାପ୍ତ ଭାଗୀଦାରଙ୍କ ଦାବୀ ମଧ୍ୟରେ ନିମ୍ନଲିଖିତଗୁଡ଼ିକ ଅନ୍ତର୍ଭୁକ୍ତ ଥାଏ:

(କ) ପୁଞ୍ଜି ହିସାବର ଦାତା ବଳକା;

(ଖ) ଫାର୍ମର ସୁନାମରେ ତାଙ୍କ ଭାଗ;

(ଗ) ପୁନର୍ମୂଲ୍ୟାୟନ ଲାଭରେ ତାଙ୍କ ଭାଗ;

(ଘ) ସାଧାରଣ ସଞ୍ଚିତି ଓ ଗଚ୍ଛିତ ଲାଭରେ ତାଙ୍କ ଭାଗ;

(ଙ) ପୁଞ୍ଜି ଉପରେ ସୁଧ ।

କିନ୍ତୁ ନିମ୍ନଲିଖିତଗୁଡ଼ିକୁ ତାଙ୍କ ପୁଞ୍ଜି ହିସାବରୁ ବିୟୋଗ କରାଯାଏ:

(କ) ପୂନର୍ମୂଲ୍ୟାୟନ କ୍ଷତିରେ ତାଙ୍କ ଭାଗ;

(ଖ) ଅବସର ତାରିଖ ପର୍ଯ୍ୟନ୍ତ ତାଙ୍କର ଉଠାଣ ଓ ଉଠାଣ ଉପରେ ସୁଧ;

(ଗ) ଗଚ୍ଛିତ କ୍ଷତିରେ ତାଙ୍କ ଭାଗ;

(ଘ) ଫାର୍ମରୁ ନେଇଥିବା ଋଣ ।

ଅବସରପ୍ରାପ୍ତ ଭାଗୀଦାରଙ୍କ ଦାବୀର ମୋଟ ରାଶି ଏହିପରି ହିସାବ କରାଯାଏ । ସେ ଶୀଘ୍ର ରାଶି ପ୍ରାପ୍ତ କରିବାକୁ ଚାହିଁବେ । ତାଙ୍କର ଅବସର ପରେ ମୋଟ ପୈଠ ତୁରନ୍ତ କରାଯାଇପାରେ । ତେବେ ଅବସରପ୍ରାପ୍ତ ଭାଗୀଦାରଙ୍କୁ ଏକ କାଳୀନ (ମୋଟା ରାଶି) ପୈଠ କରିବା ନିମନ୍ତେ ଫାର୍ମର ସମ୍ବଳ ଯଥେଷ୍ଟ ହୋଇ ନପାରେ । ସେତେବେଳେ ଫାର୍ମ ଅବସରପ୍ରାପ୍ତ ଭାଗୀଦାରଙ୍କୁ କିସ୍ତି ଆକାରରେ ପୈଠ କରିଥାଏ ।

(i) ଏକକାଳୀନ ପୈଠ (Payment in Lump Sum)

ଅବସରପ୍ରାପ୍ତ ଭାଗୀଦାରଙ୍କ ଦାବୀ (ପ୍ରାପ୍ୟ)ର ପୈଠ ହୁଏତ ଫାର୍ମର ଉପଲବ୍ଧ ପାଣ୍ଠିରୁ କରାଯାଇପାରେ କିମ୍ବା ଅବଶିଷ୍ଟ ଭାଗୀଦାରଙ୍କ ଦ୍ୱାରା ଆନୀତ ପାଣ୍ଠିରୁ କରାଯାଇପାରେ ।

ଅବସରପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟ ରାଶିର ଫଇସଲା ନିମନ୍ତେ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଏକକାଳୀନ ମୋଟା ରାଶିର ଅର୍ଥ ପୈଠ ପାଇଁ:

ଅବସର ପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ

ଦାତା ଅର୍ଥ/ବ୍ୟାଙ୍କ ହିସାବ

(ଅବସରପ୍ରାପ୍ତ ଭାଗୀଦାରଙ୍କୁ ରାଶିର ପୈଠ)

**ଉଦାହରଣ 6**

ଓମ୍, ଜୟ ଓ ଜଗଦୀଶ 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଡିସେମ୍ବର 31, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ଉଧାରଦାତା | | 80,000 | କୋଠା | | 1,80,000 |
| ଦେୟ ହୁଣ୍ଡି | | 26,000 | ସଂଯନ୍ତ୍ର (Plant) | | 1,40,000 |
| ସାଧାରଣ ସଞ୍ଚିତି | | 24,000 | ମୋଟର କାର୍ | | 40,000 |
| ପୁଞ୍ଜି: | | | ମହଜୁଦ (stock) | | 1,00,000 |
| ଓମ୍ | 1,60,000 | | ଉଧାରଗ୍ରହୀତା | 63,000 | |
| ଜୟ | 1,20,000 | | ବିଯୁକ୍ତ: ଅନାଦାୟୀ | | |
| ଜଗଦୀଶ | 1,20,000 | 4,00,000 | ଋଣ ପାଇଁ ପ୍ରାବଧାନ | 3,000 | 60,000 |
| | | | ବ୍ୟାଙ୍କ୍‌ରେ ଅର୍ଥ | | 10,000 |
| | | 5,30,000 | | | 5,30,000 |

ଜୟ ସେହି ତାରିଖରେ ନିମ୍ନ ସର୍ତ୍ତାବଳୀ ଉପରେ ଅବସର ନେଲେ:

(କ) ଫାର୍ମର ସୁନାମର ମୂଲ୍ୟାୟନ ₹60,000 ହେଲା ।

(ଖ) ମହଜୁଦ ଓ କୋଠାର ମୂଲ୍ୟରେ 10% ବୃଦ୍ଧି କରାଯିବ ।

(ଗ) ସଂଯନ୍ତ୍ରର 10% ମୂଲ୍ୟହ୍ରାସ କରାଯିବ ।

(ଘ) ଅନାଦାୟୀ ଋଣ ପାଇଁ ପ୍ରାବଧାନ ₹5,000 ପର୍ଯ୍ୟନ୍ତ ବୃଦ୍ଧି କରାଯିବ ।

(ଙ) ଜୟ ଭାଗର ସୁନାମ ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବ ଜରିଆରେ ସମାଯୋଜିତ କରାଯିବ ।

ଜୟଙ୍କ ପ୍ରାପ୍ୟର ପୈଠ ଓମ୍ ଓ ଜଗଦୀଶଙ୍କ ଦ୍ୱାରା ସେହି ଉଦ୍ଦେଶ୍ୟରେ ସେମାନଙ୍କର ନତନ ଲାଭ ଆବଣ୍ଟନ ଅନୁପାତରେ ଆନୀତ ପାଣ୍ଠିରୁ କରାଯିବ । ଜୟଙ୍କ ପୂର୍ଣ୍ଣ ରାଶି ପୈଠ କରାଯିବ ।

ପୁନର୍ମୂଲ୍ୟାୟନ ହିସାବ ଓ ଭାଗୀଦାରଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ।

**ସମାଧାନ:**

ଏହା ସ୍ୱୀକାର କରାଗଲା ଯେ ଓମ୍ ଓ ଜଗଦୀଶର ଅଧିଲାଭ ଅନୁପାତ 3:1 ଅଟେ ।

(କ) ଅଧିଲାଭ ଅନୁପାତ = 3:1
ଓମ୍‌ର ଅଧିଲାଭ = 2/6 X 3/4 = 1/4
ଓମ୍‌ର ନୂତନ ଭାଗ = 3/6 + 1/4 = 3/4
ଜଗଦୀଶର ଅଧିଲାଭ = 2/6 X 1/4 = 1/12
ଜଗଦୀଶର ନୂତନ ଭାଗ = 1/6 + 1/12 = 3/12 = 1/4
ଓମ୍ ଓ ଜଗଦୀଶ ମଧ୍ୟରେ ନୂତନ ଲାଭ ଆବଣ୍ଟନ ଅନୁପାତ = 3/4 : 1/4 = 3:1

(ଖ) ସୁନାମରେ ଜୟର ଭାଗ = ₹60,000 × 2/6 = ₹20,000

ଅବଶିଷ୍ଟଭାଗୀଦାରଙ୍କ ପୁଞ୍ଜି ହିସାବ ଜରିଆରେ ସମାଯୋଜିତ:

| | | | |
|---|---|---|---|
| ଓମ୍‌ର ପୁଞ୍ଜି ହିସାବ | ଦାୟୀ | 15,000 | |
| ଜଗଦୀଶର ପୁଞ୍ଜି ହିସାବ | ଦାୟୀ | 5,000 | |
| ଦାତା ଜୟର ପୁଞ୍ଜି ହିସାବ | | | 20,000 |

(ଜୟ ଭାଗର ସୁନାମ ବାବଦ ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବକୁ ଦାୟୀ କରାଗଲା)

**ପୁନଃମୂଲ୍ୟାୟନ ହିସାବ**

ଦାୟୀ ଦାତା

| ବିବରଣୀ | | ପରିମାଣ (₹) | ବିବରଣୀ | ପରିମାଣ (₹) |
|---|---|---|---|---|
| ଅନାଦାୟୀ ଋଣ ପାଇଁ ପ୍ରାବଧାନ | | 2,000 | ମହଜୁଦ | 10,000 |
| ସଂଯନ୍ତ୍ର | | 14,000 | କୋଠା | 18,000 |
| ପୁଞ୍ଜି ହିସାବକୁ ଲାଭର ସ୍ଥାନାନ୍ତରଣ: | | | | |
| ଓମ୍ | 6,000 | | | |
| ଜୟ | 4,000 | | | |
| ଜଗଦୀଶ | 2,000 | 12,000 | | |
| | | 28,000 | | 28,000 |

**ପୁଞ୍ଜି ହିସାବ**

ଦାୟୀ ଦାତା

| ବିବରଣୀ | ଓମ୍ (₹) | ଜୟ (₹) | ଜଗଦୀଶ (₹) | ବିବରଣୀ | ଓମ୍ (₹) | ଜୟ (₹) | ଜଗଦୀଶ (₹) |
|---|---|---|---|---|---|---|---|
| ଜୟର ପୁଞ୍ଜି | 15,000 | – | 5,000 | ବଳକା ନି/ଅ | 1,60,000 | 1,20,000 | 1,20,000 |
| ବ୍ୟାଙ୍କ୍ | – | 1,52,000 | – | ସାଧାରଣ ସଞ୍ଚିତି | 12,000 | 8,000 | 4,000 |
| ବଳକା ନି/ନି | 2,77,000 | – | 1,59,000 | ପୁନର୍ମୂଲ୍ୟାୟନ (ଲାଭ) | 6,000 | 4,000 | 2,000 |
| | | | | ଓମ୍‌ର ପୁଞ୍ଜି | – | 15,000 | – |
| | | | | ଜଗଦୀଶରପୁଞ୍ଜି | – | 5,000 | – |
| | | | | ବ୍ୟାଙ୍କ୍ | 1,14,000 | – | 38,000 |
| | 2,92,000 | 1,52,000 | 1,64,000 | | 2,92,000 | 1,52,000 | 1,64,000 |

(ii) କିସ୍ତି ଆକାରରେ ପୈଠ (Payment in instalments)

ଏହି କ୍ଷେତ୍ରରେ ଅବସରପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟ ରାଶି କିସ୍ତି ଆକାରରେ ପୈଠ ହୁଏ । ସାଧାରଣତଃ, କିଛି ରାଶି ଅବସର ପରେ ତୁରନ୍ତ ପୈଠ କରିଦିଆଯାଏ ଏବଂ ଅବଶିଷ୍ଟ ତାଙ୍କର ଋଣ ହିସାବକୁ ସ୍ଥାନାନ୍ତରିତ କରି ଦିଆଯାଏ । ଏହି ଋଣ ଏକ ବା ଏକାଧିକ କିସ୍ତିରେ ପୈଠ ହୁଏ । ଏହି ଋଣ ରାଶି ଉପରେ କିଛି ସୁଧ ଦେୟ ହୋଇଥାଏ । କୌଣସି ଚୁକ୍ତିର ଅନୁପସ୍ଥିତିରେ ଭାରତୀୟ ଭାଗଦାରୀ ଆଇନ୍ 1932ର ଧାରା 37 ଅନ୍ତର୍ଗତ ନିୟମ ପ୍ରଯୁଜ୍ୟ ହୁଏ ।

**ଏହି ନିୟମ ଅନୁସାରେ, ଯଦି ଅବସର ପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟ ରାଶି ତାଙ୍କ ଅବସର ସମୟରେ ତୁରନ୍ତ ପୈଠ ନ ହୁଏ, ତେବେ ସେ ପ୍ରାପ୍ୟ ରାଶି ଉପରେ ବାର୍ଷିକ 6% ହାରରେ ସୁଧ ଦାବୀ କରିପାରିବେ ।**

ଏକ କିସ୍ତିରେ ଦୁଇଟି ଭାଗ ଥାଏ:

(i) ଅବସରପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟ କିସ୍ତିର 'ମୂଳଧନ ରାଶି'

(ii) ସହମତ ହାରରେ 'ସୁଧ'

ଋଣ ରାଶି ଉପରେ ଦେୟ ସୁଧକୁ ଅବସରପ୍ରାପ୍ତ ଭାଗୀଦାରଙ୍କ ଋଣ ହିସାବରେ ଦାତା କରି ଦିଆଯାଏ । ତା'ପରେ ଅବସରପ୍ରାପ୍ତ ଭାଗୀଦାରଙ୍କୁ କିସ୍ତି ସୁଧ ସହିତ ନିର୍ଦ୍ଧାରିତ ସମୟ ସୂଚୀ ଅନୁସାରେ ପୈଠ କରାଯାଏ ।

(i) ଅର୍ଥ ଆକାରରେ ଆଂଶିକ ପୈଠ ଏବଂ ଅବଶିଷ୍ଟ ତାଙ୍କ ଋଣ ହିସାବକୁ ସ୍ଥାନାନ୍ତରିତ କରାଯିବା ସମୟରେ:

ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ

ଦାତା ଅର୍ଥ/ବ୍ୟାଙ୍କ୍ ହିସାବ

ଦାତା ଅବସରପ୍ରାପ୍ତ ଭାଗୀଦାରଙ୍କ ଋଣ ହିସାବ

(ଆଂଶିକ ପୈଠ ହେଲା ଓ ଅବଶିଷ୍ଟ ଋଣ ହିସାବକୁ ସ୍ଥାନାନ୍ତର କରାଗଲା)

(ii) ସମ୍ପୂର୍ଣ୍ଣ ଦେୟ ରାଶିକୁ ଋଣ ହିସାବକୁ ସ୍ଥାନାନ୍ତର କରିବା ସମୟରେ:

ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ

ଦାତା ଅବସରପ୍ରାପ୍ତ ଭାଗୀଦାରଙ୍କ ଋଣ ହିସାବ

(ସମ୍ପୂର୍ଣ୍ଣ ଦେୟ ରାଶିର ଋଣ ହିସାବକୁ ସ୍ଥାନାନ୍ତରଣ)

(iii) ସୁଧ ଦେୟ ହେବା ସମୟରେ:

ଋଣ ଉପରେ ସୁଧ ହିସାବ ଦାୟୀ

ଦାତା ଅବସରପ୍ରାପ୍ତ ଭାଗୀଦାରଙ୍କ ଋଣ ହିସାବ

(ଋଣ ଉପରେ ସୁଧ ଦେୟ)

(iv) କିସ୍ତିର ପୈଠ ପାଇଁ:

ଅବସରପ୍ରାପ୍ତ ଭାଗୀଦାରଙ୍କ ଋଣ ହିସାବ ଦାୟୀ

ଦାତା ଅର୍ଥ/ବ୍ୟାଙ୍କ୍ ହିସାବ

(ସୁଧ ସହିତ କିସ୍ତିର ପୈଠ)

**ଉଦାହରଣ 7**

ପୂର୍ବ ଉଦାହରଣର ସଂଖ୍ୟାଗୁଡ଼ିକୁ ନେଇ ମନେକର ଯେ ତାଙ୍କୁ ତୁରନ୍ତ ମୋଟ ଦେୟର 40% ପୈଠ ହେଲା ଏବଂ ଅବଶିଷ୍ଟ ତିନୋଟି ସମାନ ବାର୍ଷିକ କିସ୍ତିରେ ପୈଠ କରାଯିବ । ବାର୍ଷିକ 12% ସୁଧ ଦେୟ ଅଟେ ।

**ସମାଧାନ:**

ଜୟଙ୍କୁ ଦେୟ ରାଶି = ₹1,52,000

ତୁରନ୍ତ ପୈଠ ରାଶି = ₹1,52,000 X 40/100
= ₹60,800

ତିନି ସମାନ କିସ୍ତିର ରାଶି = (₹1,52,000 – ₹60,800) ÷ 3
= ₹91,200 ÷ 3 = ₹40,400

ପ୍ରଥମ ବର୍ଷ ଶେଷରେ ପ୍ରଥମ କିସ୍ତି = ₹30,400 + ₹10,944
= ₹41,344

ସୁଧ ବାର୍ଷିକ 12% ହାରରେ = ₹91,200 X 12/100
= ₹10,944

ଦ୍ୱିତୀୟ ବର୍ଷ ଶେଷରେ ଦ୍ୱିତୀୟ କିସ୍ତି = ₹30,400 + ₹7,296
= ₹37,696

ସୁଧ ବାର୍ଷିକ 12% ହାରରେ = ₹60,800 X 12/100
= ₹7,296

ତୃତୀୟ ବର୍ଷ ଶେଷରେ ତୃତୀୟ କିସ୍ତି = ₹30,400 + ₹3,648
= ₹34,048

ସୁଧ ବାର୍ଷିକ 12% ହାରରେ = ₹30,400 X 12/100
= ₹3,648

**ପାଠ୍ୟଗତ ପ୍ରଶ୍ନ 20.4**

I. ଅବସରପ୍ରାପ୍ତ ଭାଗୀଦାରଙ୍କ ବିଭିନ୍ନ ଦାବୀର ତାଲିକା କର:

1.................... 2........................ 3................... 4....................

II. ଅବସରପ୍ରାପ୍ତ ଭାଗୀଦାରଙ୍କ ମୋଟ ଦାବୀର ଫଇସଲା କରିବାର ବିଭିନ୍ନ ପଦ୍ଧତି ଉଲ୍ଲେଖ କର:

1.................... 2........................

III. ମୁନୀଶଙ୍କୁ ଦେୟ ମୋଟ ରାଶି ବାହାର କର ଯେକି ଭାଗୀଦାର ରୂପରେ ଅବସର ଗ୍ରହଣ କଲେ:

1. ମୁନୀଶଙ୍କ ପୁଞ୍ଜି ହିସାବରେ ଦାତା ବଳକା ₹20,000
2. ମୁନୀଶଙ୍କ ଭାଗର ସୁନାମ ₹7,000
3. ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇଥିବା ସାଧାରଣ ସଞ୍ଚିତିର ବଳକା ₹10,000
4. ପରିସମ୍ପତ୍ତି/ଦାୟଗୁଡ଼ିକର ପୁନର୍ମୂଲ୍ୟାୟନରେ ଲାଭ ₹3,000
5. ଉଠାଣ ଉପରେ ସୁଧ ₹500
6. ଫାର୍ମର ଲାଭରେ ମୁନୀଶଙ୍କ ଭାଗ 1/2

## 20.5 ଅବସର ପରେ ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବର ସମାଯୋଜନ

ଏକ ଭାଗୀଦାରଙ୍କ ଅବସର ପରେ ଅବଶିଷ୍ଟ ଭାଗୀଦାରମାନେ ସେମାନଙ୍କ ପୁଞ୍ଜିର ସମାଯୋଜନ କରିବାକୁ ନିଷ୍ପତ୍ତି ନେଇ ପାରନ୍ତି । ଅନେକ ସମୟରେ ଭାଗୀଦାରମାନେ ପୁନର୍ଗଠିତ ଫାର୍ମର ମୋଟ ପୁଞ୍ଜିର ପରିମାଣ ସ୍ଥିର କରନ୍ତି ଏବଂ ସେମାନଙ୍କର ନିଜ ନିଜର ପୁଞ୍ଜିକୁ ନୂତନ ଲାଭ ଆବଣ୍ଟନ ଅନୁପାତରେ ସମାନୁପାତିକ ଭାବେ ରଖିବାକୁ ନିଷ୍ପତ୍ତି ନେଇଥାଆନ୍ତି । ଫାର୍ମର ମୋଟ ପୁଞ୍ଜି ଅବସର ସମୟରେ ଥିବା ସେମାନଙ୍କର ମୋଟ ପୁଞ୍ଜି ଅପେକ୍ଷା ଅଧିକ ବା କମ୍ ହୋଇପାରେ । ଭାଗୀଦାରଙ୍କ ନୂତନ ପୁଞ୍ଜିକୁ ସଂପୃକ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଦାତା ବଳକା ସହିତ ତୁଳନା କରାଯାଏ । ଯଦି ପୁଞ୍ଜି ହିସାବରେ ଅଧିବଳକା (surplus) ଥାଏ, ତେବେ ଏହାକୁ ସମ୍ପୃକ୍ତ ଭାଗୀଦାରଙ୍କ ଦ୍ୱାରା ଉଠାଇ ନିଆଯାଏ । ଯେଉଁ କ୍ଷେତ୍ରରେ ପୁଞ୍ଜି ହିସାବର ବଳକା ହିସାବ (ଗଣନା) କରାଯାଇଥିବା ରାଶିଠାରୁ କମ୍ ହୋଇଥାଏ, ସେ କ୍ଷେତ୍ରରେ ସଂପୃକ୍ତ ଭାଗୀଦାରଙ୍କ ଦ୍ୱାରା ଅର୍ଥ ଅଣାଯାଏ ।

**ଉଦାହରଣ 8**

ରୂପା, ସୁନ୍ଦର ଏବଂ ଶାଲୁ 5:3:2 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ରୂପା ଅବସର ଗ୍ରହଣ କଲେ, ଯେତେବେଳେ କି ଅବସର ଜନିତ ସମସ୍ତ ସମାଯୋଜନ କରାଯିବା ପରେ ସେମାନଙ୍କର ପୁଞ୍ଜି ଯଥାକ୍ରମେ ₹46,000, ₹42,000 ଓ ₹38,000 ଥିଲା । ସୁନ୍ଦର ଓ ଶାଲୁ ନିଷ୍ପତ୍ତି ନେଲେ ଯେ ଫାର୍ମର ମୋଟ ପୁଞ୍ଜି ₹84,000 ହେବ ଯାହା 7:5 ଅନୁପାତରେ ରହିବ । ପ୍ରତ୍ୟେକ ଭାଗୀଦାରଙ୍କୁ ପୈଠ କରାଯିବାକୁ ଥିବା କିମ୍ବା ତାଙ୍କ ଦ୍ୱାରା ଅଣାଯିବାକୁ ଥିବା ନଗଦ ଅର୍ଥ ହିସାବ (ଗଣନା) କର ଏବଂ ଆବଶ୍ୟକୀୟ ଜାବେଦା ପ୍ରବିଷ୍ଟିମାନ କର ।

**ସମାଧାନ:**

ନୂତନ ଫାର୍ମର ମୋଟ ପୁଞ୍ଜି = ₹84,000

ନୂତନ ପୁଞ୍ଜିରେ ସୁନ୍ଦରର ଭାଗ = ₹84,000 X 7/12
= ₹49,000

ନୂତନ ପୁଞ୍ଜିରେ ଶାଲୁର ଭାଗ = ₹84,000 X 5/12
= ₹35,000

ଫାର୍ମର ନୂତନ ପୁଞ୍ଜିରେ ସୁନ୍ଦରର ଭାଗକୁ ତାଙ୍କ ପୁଞ୍ଜିରେ ବିଦ୍ୟମାନ ଦାତା ବଳକା ସହିତ ତୁଳନା କଲେ ଏହା ଲକ୍ଷ୍ୟ କରାଯାଇପାରେ ଯେ ତାଙ୍କୁ ₹7,000 (ନିଅଣ୍ଟିଆ ରାଶି, ଅର୍ଥାତ୍ ₹49,000 – ₹42,000) ଅର୍ଥ ଆକାରରେ ଆଣିବାକୁ ହେବ ।

ସେହିପରି ଫାର୍ମର ନୂତନ ପୁଞ୍ଜିରେ ଶାଲୁଙ୍କ ଭାଗ ₹35,000 ଅଟେ, ଯେତେବେଳେ କି ତାଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଦାତା ବଳକା ₹38,000 ଅଟେ । ତେଣୁ ତାଙ୍କୁ ଫାର୍ମରୁ ₹3,000 (ଅଧିବଳକା ରାଶି, ଅର୍ଥାତ୍ ₹38,000 – ₹35,000) ଉଠାଣ କରିବାକୁ ଅନୁମତି ଦିଆଯାଏ, ଯଦ୍ୱାରା ତାଙ୍କର ଅବଶିଷ୍ଟ ପୁଞ୍ଜି ନୂତନ ଲାଭ ଆବଣ୍ଟନ ଅନୁପାତର ସମାନୁପାତିକ ହୋଇପାରିବ ।

**ଜାବେଦା**

| ତାରିଖ | ବିବରଣ | ଖ:ପୃ: | ଦାୟୀ ପରିମାଣ (₹) | ଦାତା ପରିମାଣ (₹) |
|---|---|---|---|---|
| | ବ୍ୟାଙ୍କ୍ ହିସାବ ଦାୟୀ<br>ଦାତା ସୁନ୍ଦରଙ୍କ ପୁଞ୍ଜି ହିସାବ<br>(ନିଅଣ୍ଟିଆ ରାଶି ଭାଗୀଦାରଙ୍କ ଦ୍ୱାରା ଅଣାହେଲା) | | 7,000 | 7,000 |
| | ଶାଲୁଙ୍କ ପୁଞ୍ଜି ହିସାବ ଦାୟୀ<br>ଦାତା ବ୍ୟାଙ୍କ୍ ହିସାବ<br>(ଅଧିବଳକା ରାଶି ଭାଗୀଦାରଙ୍କ ଦ୍ୱାରା ଉଠାଣ ହେଲା) | | 3,000 | 3,000 |

**ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜିର ସେମାନଙ୍କର ଲାଭ ଆବଣ୍ଟନ ଅନୁପାତରେ ସମାଯୋଜନ, ଯେତେବେଳେ ନୂତନ ଫାର୍ମର ମୋଟ ପୁଞ୍ଜି ପୂର୍ବ-ନିର୍ଦ୍ଧାରିତ ହୋଇ ନ ଥାଏ**

ଏହି କ୍ଷେତ୍ରରେ ଅବଶିଷ୍ଟ ଭାଗୀଦାରଙ୍କର ସମାଯୋଜିତ ପୁଞ୍ଜିର ମୋଟ ରାଶିକୁ ସେମାନଙ୍କର ସହମତ ଅନୁପାତରେ ପୁନଃ ବ୍ୟବସ୍ଥିତ କରାଯାଏ, ଯେଉଁଥିରେ ସେମାନେ ପୁନର୍ଗଠିତ ଫାର୍ମର ଲାଭ ଆବଣ୍ଟନ କରିବେ । ଏଥିପାଇଁ ନିମ୍ନ ସୋପାନଗୁଡ଼ିକ ଗୃହୀତ ହୋଇପାରେ ।

(i) ଅବଶିଷ୍ଟ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଥିବା ଦାତା ବଳକାଗୁଡ଼ିକୁ ଯୋଗ କର ।

(ii) ପ୍ରାପ୍ତ ମୋଟ (ଯୋଗଫଳ) ହିଁ ଫାର୍ମର ମୋଟ ପୁଞ୍ଜି ହେବ ।

(iii) ଏହି ମୋଟ ପୁଞ୍ଜିକୁ ନୂତନ ଲାଭ ଆବଣ୍ଟନ ଅନୁପାତରେ ବାଣ୍ଟି ଦିଆଯାଏ ।

**ଉଦାହରଣ 9**

ସୁମିତ, ଅମିତ ଓ ନେହା 4:3:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଯେତେବେଳେ ଅମିତ ଅବସର ଗ୍ରହଣ କଲା ସେତେବେଳେ ସେମାନଙ୍କର ସମାଯୋଜିତ ପୁଞ୍ଜି ଯଥାକ୍ରମେ ₹76,000, ₹45,000 ଓ ₹34,000 ଥିଲା । ସୁମିତ ଓ ନେହା ସ୍ଥିର କଲେ ଯେ ସେମାନଙ୍କର ଫାର୍ମର ମୋଟ ପୁଞ୍ଜି 3:2 ଅନୁପାତରେ ରହିବ । ଏଥିପାଇଁ ଆବଶ୍ୟକୀୟ ସମାଯୋଜନ କେବଳ ଅର୍ଥରେ କରାଯିବ । ପ୍ରତ୍ୟେକ ଭାଗୀଦାରଙ୍କୁ କେତେ ଅର୍ଥ ପୈଠ କରାଯିବ ବା ସେ କେତେ ଆଣିବେ ହିସାବ କର ।

**ସମାଧାନ:**

ଅବଶିଷ୍ଟ ଭାଗୀଦାରଙ୍କ ସମାଯୋଜିତ ପୁଞ୍ଜିର ମୋଟ:

| | | |
|---|---|---|
| ସୁମିତ | = | ₹76,000 |
| ନେହା | = | ₹34,000 |
| ମୋଟ | = | ₹1,10,000 |

ଫାର୍ମର ମୋଟ ପୁଞ୍ଜିକୁ ନୂଆ ଅନୁପାତ 3:2 ରେ ବିଭାଜନ :

ସୁମିତ୍‌ର ନୂତନ ପୁଞ୍ଜି = ₹1,10,000 × 3/5 = ₹66,000

ନେହାର ନୂତନ ପୁଞ୍ଜି = ₹1,10,000 × 2/5 = ₹44,000

ଫାର୍ମର ନୂତନ ପୁଞ୍ଜିରେ ସୁମିତର ଭାଗ ₹66,000 ଯେତେବଳେ କି ତା'ର ପୁଞ୍ଜି ହିସାବରେ ବିଦ୍ୟମାନ ଦାତା ବଳକା ₹76,000 ଅଟେ । ତେଣୁ ସେ ଫାର୍ମରୁ ₹10,000 (₹76,000 – ₹66,000) ଉଠାଣ କରିବ ଯେପରିକି ତା'ର ପୁଞ୍ଜି ତା'ର ନୂଆ ଲାଭ ଆବଣ୍ଟନ ଅନୁପାତର ସମାନୁପାତିକ ହେବ ।

ସେହିପରି ଫାର୍ମର ନୂତନ ପୁଞ୍ଜିରେ ନେହାର ଭାଗ ₹44,000 ଯେତେବେଳେ କି ତା'ର ପୁଞ୍ଜି ହିସାବରେ ବିଦ୍ୟମାନ ଦାତା ବଳକା ₹34,000 ଅଟେ । ତେଣୁ ତାକୁ ତା'ର ପୁଞ୍ଜି ହିସାବର ନିଅଣ୍ଟକୁ ଭରଣା କରିବା ପାଇଁ ₹10,000 (₹44,000 – ₹34,000)ର ନଗଦ ଅର୍ଥ ଆଣିବାକୁ ହେବ ।

**ଉଦାହରଣ 10**

ରୋହିତ, ନିଶା ଓ ସୁନୀଲ ଏକ ଫାର୍ମର ଭାଗୀଦାର ଅଟନ୍ତି ଯେଉଁମାନେ କି ସେମାନଙ୍କର ପୁଞ୍ଜି ଅନୁପାତରେ ଲାଭ ଆବଣ୍ଟନ କରନ୍ତି । 31 ମାର୍ଚ୍ଚ, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ଉଧାର ଦାତା | | 25,000 | ଯନ୍ତ୍ରପାତି | | 40,000 |
| ଦେୟ ହୁଣ୍ଡି | | 13,000 | କୋଠା | | 90,000 |
| ସାଧାରଣ ସଞ୍ଚିତି | | 22,000 | ଉଧାର ଗ୍ରହୀତା | 30,000 | |
| ପୁଞ୍ଜି: | | | ବିଯୁକ୍ତ:ଅନାଦାୟୀ | | |
| ରୋହିତ | 60,000 | | ଋଣ ପାଇଁ ପ୍ରାବଧାନ | 1,000 | 29,000 |
| ନିଶା | 40,000 | | ମହଜୁଦ ମାଲ୍ | | 23,000 |
| ସୁନୀଲ୍ | 40,000 | 1,40,000 | ବ୍ୟାଙ୍କରେ ଅର୍ଥ | | 18,000 |
| | | 2,00,000 | | | 2,00,000 |

ଉଦ୍‌ବୃତ୍ତ ପତ୍ରର ତାରିଖରେ ନିଶା ଫାର୍ମରୁ ଅବସର ଗ୍ରହଣ କଲେ ଏବଂ ନିମ୍ନ ସମାଯୋଜନଗୁଡ଼ିକ କରାଗଲା:

(i) କୋଠାର ମୂଲ୍ୟରେ 20% ବୃଦ୍ଧି ପାଇବ ।

(ii) ଅନାଦାୟୀ ଋଣ ପାଇଁ ପ୍ରାବଧାନ ଉଧାରଗ୍ରହୀତାଙ୍କ ଉପରେ 5% ପର୍ଯ୍ୟନ୍ତ ବୃଦ୍ଧି କରାଯିବ ।

(iii) ଯନ୍ତ୍ରପାତିର ମୂଲ୍ୟହ୍ରାସ 10% ହେବ ।

(iv) ଫାର୍ମର ସୁନାମ ₹56,000ରେ ମୂଲ୍ୟାୟନ ହେଲା ଏବଂ ଅବସରପ୍ରାପ୍ତ ଭାଗୀଦାରଙ୍କ ଭାଗ ସମାଯୋଜିତ କରାଯିବ ।

(v) ନୂତନ ଫାର୍ମର ପୁଞ୍ଜି ₹1,20,000ରେ ସ୍ଥିର ହେଲା ।

ପୁନର୍ମୂଲ୍ୟାୟନ ହିସାବ, ଭାଗୀଦାରମାନଙ୍କ ପୁଞ୍ଜି ହିସାବ ଏବଂ ନିଶାର ଅବସର ପରେ ନୂତନ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

### ପୁନର୍ମୂଲ୍ୟାୟନ ହିସାବ

ଦାୟୀ — ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ଅନାଦାୟୀ ଋଣ ପାଇଁ ପ୍ରାବଧାନ ହିସାବ | | 500 | କୋଠା ହିସାବ | 18,000 |
| ଯନ୍ତ୍ରପାତି ହିସାବ | | 4,000 | | |
| ପୁଞ୍ଜି ହିସାବକୁ ଲାଭର ସ୍ଥାନାନ୍ତରଣ (3:2:2) | | | | |
| ରୋହିତ | 5,786 | | | |
| ନିଶା | 3,857 | | | |
| ସୁନୀଲ | 3,857 | 13,500 | | |
| | | 18,000 | | 18,000 |

**ପୁଞ୍ଜି ହିସାବ**

ଦାୟୀ ଦାତା

| ବିବରଣ | ରୋହିତ (₹) | ନିଶା (₹) | ସୁନୀଲ (₹) | ବିବରଣ | ରୋହିତ (₹) | ନିଶା (₹) | ସୁନୀଲ (₹) |
|---|---|---|---|---|---|---|---|
| ସୁନୀଲ୍‌ର ପୁଞ୍ଜି | 9,600 | – | 6,400 | ବଳକା ନି/ଅ | 60,000 | 40,000 | 40,000 |
| ବ୍ୟାଙ୍କ୍ | – | 66,143 | – | ସାଧାରଣ ସଞ୍ଚିତି | 9,428 | 6,286 | 6,286 |
| ବଳକା ନି/ନି | 72,000 | – | 48,000 | ପୁନର୍ମୂଲ୍ୟାୟନ (ଲାଭ) | 5,786 | 3,857 | 3,857 |
| | | | | ରୋହିତର ପୁଞ୍ଜି | – | 9,600 | – |
| | | | | ସୁନୀଲ୍‌ରପୁଞ୍ଜି | – | 6,400 | – |
| | | | | ବ୍ୟାଙ୍କ୍ | 6,386 | – | 4,257 |
| | 81,600 | 66,143 | 54,400 | | 81,600 | 66,143 | 54,400 |

**31 ମାର୍ଚ୍ଚ 2006ର ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ଉଧାରଦାତା | | 25,000 | କୋଠା | | 1,08,000 |
| ବ୍ୟାଙ୍କ ଅଧିଉଠାଣ | | 37,500 | ଯନ୍ତ୍ରପାତି | | 36,000 |
| ଦେୟ ହୁଣ୍ଡି | | 13,000 | ଉଧାରଗ୍ରହୀତା | 30,000 | |
| ପୁଞ୍ଜି: | | | ବିଯୁକ୍ତ: ଅନାଦାୟୀ | | |
| ରୋହିତ | 72,000 | | ଋଣ ଉପରେ ପ୍ରାବଧାନ | 1,500 | 28,500 |
| ସୁନୀଲ | 48,000 | 1,20,000 | ମହଜୁଦ ମାଲ୍ | | 23,000 |
| | | 1,95,500 | | | 1,95,500 |

**କାର୍ଯ୍ୟକାରୀ ଟିପ୍ପଣୀ:**

(i) (କ) ଲାଭ ଆବଣ୍ଟନ ଅନୁପାତ = 60,000 : 40,000 : 40,000 = 3:2:2

(ଖ) ଅଧିଲାଭ ଅନୁପାତ: ରୋହିତ = 3/5 – 3/7 = 21/35 – 15/35 = 6/35

ସୁନୀଲ = 2/5 – 2/7 = 14/35 – 10/35 = 4/35

= 6/35 : 4/35

= 6 : 4 = 3 : 2

(ଗ) ସୁନାମରେ ନିଶାର ଭାଗ = ₹56,000 × 2/7 = ₹16,000

ସୁନାମର ଏହି ଭାଗକୁ ବିଦ୍ୟମାନ ଭାଗୀଦାରଙ୍କ ଦ୍ୱାରା ଅଧିଲାଭ ଅନୁପାତରେ ବହନ, ଅର୍ଥାତ୍





ରୋହିତ = ₹16,000 × 3/5 = ₹9,600

ସୁନୀଲ୍ = ₹16,000 × 2/5 = ₹6,400

ଜାବେଦା ପ୍ରବିଷ୍ଟ ହେବ:

ରୋହିତର ପୁଞ୍ଜି ହିସାବ ଦାୟୀ 9,600

ସୁନୀଲ୍ର ପୁଞ୍ଜି ହିସାବ ଦାୟୀ 6,400

ଦାତା ନିଶାର ପୁଞ୍ଜି ହିସାବ 16,000

(ଅବସର ପ୍ରାପ୍ତ ଭାଗୀଦାରର ସୁନାମର ଭାଗକୁ ଅଧିଲାଭ ଅନୁପାତରେ ବଣ୍ଟାଗଲା)

**ବ୍ୟାଙ୍କ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବଳକା ନି/ଅ | 18,000 | ନିଶାର ପୁଞ୍ଜି ହିସାବ | 66,143 |
| ରୋହିତର ପୁଞ୍ଜି ହିସାବ | 6,386 | | |
| ସୁନୀଲ୍ର ପୁଞ୍ଜି ହିସାବ | 4,257 | | |
| ବଳକା ନି/ନି (ବ୍ୟାଙ୍କ ଅଧିଉଠାଣ) | 37,500 | | |
| | 66,143 | | 66,143 |

(ii) ଅବସରପ୍ରାପ୍ତ ଭାଗୀଦାରଙ୍କୁ ପୈଠ କରିବା ପାଇଁ ବ୍ୟାଙ୍କ୍ ଅଧିଉଠାଣ କରାଯାଇଛି ।

(iii) ଫାର୍ମର ନୂତନ ପୁଞ୍ଜି ₹1,20,000 ରେ ସ୍ଥିର ହୋଇଛି

| | ରୋହିତ (₹) | ସୁନୀଲ୍ (₹) |
|---|---|---|
| ନୂତନ ପୁଞ୍ଜି (₹1,20,000କୁ 3:2 ଅନୁପାତରେ) | 72000 | 48,000 |
| ଭାଗୀଦାରଙ୍କ ବିଦ୍ୟମାନ ପୁଞ୍ଜି (ସମାଯୋଜନ ପରେ) | <u>65,614</u> | <u>43,743</u> |
| ନଗଦ ଅର୍ଥ ଯାହା ଅବଶିଷ୍ଟ ଭାଗୀଦାରଙ୍କ ଦ୍ୱାରା ଅଣା ହେଲା | 6,386 | 4,257 |

**ଉଦାହରଣ 11**

ଚୌହାନ, ତ୍ରିପାଠୀ ଏବଂ ଗୁପ୍ତା ଏକ ଫାର୍ମରେ ଯଥାକ୍ରମେ 1/2, 1/6 ଏବଂ 1/3 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ମାର୍ଚ୍ଚ 31, 2006ରେ ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ବିବିଧ ଉଧାରଦାତା | | 36,000 | ପଟ୍ଟାମୁକ୍ତ ପରିସର(Freehold premises) | | 80,000 |
| ଦେୟ ହୁଣ୍ଡି | | 24,000 | | | |
| ସାଧାରଣ ସଞ୍ଚିତି | | 24,000 | ଯନ୍ତ୍ରପାତି | | 60,000 |
| ପୁଞ୍ଜି: | | | ଆସବାବପତ୍ର | | 24,000 |
| ଚୌହାନ | 60,000 | | ଉଧାର ଗ୍ରହୀତା | 40,000 | |
| ତ୍ରିପାଠୀ | 60,000 | | ବିଯୁକ୍ତ:ଅନାଦାୟୀ | | |
| ଗୁପ୍ତା | 56,000 | 1,76,000 | ଋଣ ପାଇଁ ପ୍ରାବଧାନ | 2,000 | 38,000 |
| | | | ମହଜୁଦ ମାଲ | | 44,000 |
| | | | ଅର୍ଥ | | 14,000 |
| | | 2,60,000 | | | 2,60,000 |

ଗୁପ୍ତା ଫାର୍ମରୁ ଅବସର ନେଲେ ଏବଂ ଭାଗୀଦାରମାନେ ନିମ୍ନଲିଖିତ ପୁନର୍ମୂଲ୍ୟାୟନ ନିମନ୍ତେ ସହମତ ହେଲେ:

(କ) ପଟ୍ଟାମୁକ୍ତ ପରିସର ଏବଂ ମହଜୁଦ ମାଲର ମୂଲ୍ୟରେ ଯଥାକ୍ରମେ 20% ଓ 15% ବୃଦ୍ଧି କରାଯିବ ।

(ଖ) ଯନ୍ତ୍ରପାତି ଓ ଆସବାବପତ୍ର ଉପରେ ଯଥାକ୍ରମେ 10% ଓ 7% ମୂଲ୍ୟହ୍ରାସ କରାଯିବ ।

(ଗ) ଅନାଦାୟୀ ଋଣ ପାଇଁ ଉଦ୍ଦିଷ୍ଟ ସଞ୍ଚିତିକୁ ₹3,000 ପର୍ଯ୍ୟନ୍ତ ବୃଦ୍ଧି କରାଯିବ

(ଘ) ଗୁପ୍ତାଙ୍କ ଅବସର ପରିପ୍ରେକ୍ଷୀରେ, ସୁନାମ ₹42,000ରେ ମୂଲ୍ୟାୟନ କରାଗଲା ।

(ଙ) ଅବଶିଷ୍ଟ ଭାଗୀଦାରମାନେ, ଗୁପ୍ତାଙ୍କ ଅବସର ପରେ, ସେମାନଙ୍କର ପୁଞ୍ଜିକୁ ସେମାନଙ୍କର ନୂତନ ଲାଭ ଆବଣ୍ଟନ ଅନୁପାତରେ ସମାଯୋଜିତ କରିବାକୁ ନିଷ୍ପତ୍ତି ନେଲେ । ସେମାନଙ୍କ ପୁଞ୍ଜି ହିସାବରେ ଯଦି କୌଣସି ଅଧିବଳକା/ନିଅଣ୍ଟ ଥାଏ, ତେବେ ତାହା ନଗଦ ଅର୍ଥ ଜରିଆରେ ସମାଯୋଜିତ କରାଯିବ ।

ଆବଶ୍ୟକୀୟ ଖତିଆନ ହିସାବ ଏବଂ ପୁନର୍ଗଠିତ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

**ସମାଧାନ:**

**ପୁନର୍ମୂଲ୍ୟାୟନ ହିସାବ**

ଦାୟୀ | ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ଅନାଦାୟୀ ଋଣ ପାଇଁ ପ୍ରାବଧାନ | | 1,000 | ପଟ୍ଟାମୁକ୍ତ ପରିସର | 16,000 |
| ଯନ୍ତ୍ରପାତି ହିସାବ | | 6,000 | ମହଜୁଦ ମାଲ | 6,600 |
| ଆସବାବ ପତ୍ର | | 1,680 | | |
| ପୁଞ୍ଜି ହିସାବକୁ ଲାଭର ସ୍ଥାନାନ୍ତରଣ | | | | |
| ଚୌହାନ | 6,960 | | | |
| ତ୍ରିପାଠୀ | 2,320 | | | |
| ଗୁପ୍ତା | 4,640 | 13,920 | | |
| | | 22,600 | | 22,600 |

### ପୁଞ୍ଜି ହିସାବ

ଦାୟୀ — ଦାତା

| ବିବରଣ | ଚୌହାନ (₹) | ତ୍ରିପାଠୀ (₹) | ଗୁପ୍ତା (₹) | ବିବରଣ | ଚୌହାନ (₹) | ତ୍ରିପାଠୀ (₹) | ଗୁପ୍ତା (₹) |
|---|---|---|---|---|---|---|---|
| ଗୁପ୍ତାର ପୁଞ୍ଜି | 10,500 | 3,500 | — | ବଳକା ନି/ଅ | 60,000 | 60,000 | 56,000 |
| ଗୁପ୍ତାର ଋଣ | — | — | 82,640 | ସାଧାରଣ ସଞ୍ଚିତି | 12,000 | 4,000 | 8,000 |
| ଅର୍ଥ | — | 30,000 | — | ପୁନର୍ମୂଲ୍ୟାୟନ (ଲାଭ) | 6,960 | 2,320 | 4,640 |
| ବଳକା ନି/ନି | 98,460 | 32,820 | — | ଚୌହାନରପୁଞ୍ଜି | — | — | 10,500 |
| | | | | ତ୍ରିପାଠୀରପୁଞ୍ଜି | — | — | 3,500 |
| | | | | ବ୍ୟାଙ୍କ୍ | 30,000 | — | — |
| | 1,08,960 | 66,320 | 82,640 | | 1,08,960 | 66,320 | 82,640 |

### ମାର୍ଚ୍ଚ 31, 2006ରେ ଉଦ୍‌ବୃତ୍ତ ପତ୍ର

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ଉଧାରଦାତା | | 36,000 | ପଟ୍ଟାମୁକ୍ତ ପରିସର | | 96,000 |
| ଦେୟ ହୁଣ୍ଡି | | 24,000 | ଯନ୍ତ୍ରପାତି | | 54,000 |
| ଗୁପ୍ତାର ଋଣ | | 82,640 | ଆସବାବ ପତ୍ର | | 22,320 |
| ପୁଞ୍ଜି: | | | ଉଧାର ଗ୍ରହୀତା | 40,000 | |
| ଚୌହାନ | 98,460 | | ବିଯୁକ୍ତ: ଅନାଦାୟୀ | | |
| ତ୍ରିପାଠୀ | 32,820 | 1,31,280 | ଋଣ ପାଇଁ ପ୍ରାବଧାନ | 3,000 | 37,000 |
| | | | ମହଜୁଦ ମାଲ୍ | | 50,600 |
| | | | ଅର୍ଥ | | 14,000 |
| | | 2,73,920 | | | 2,73,920 |

**କାର୍ଯ୍ୟକାରୀ ଟିପ୍ପଣୀ:**

(କ) ଚୁକ୍ତିର ଅନୁପସ୍ଥିତିରେ ଅବସରପ୍ରାପ୍ତ ଭାଗୀଦାରଙ୍କ ପୁଞ୍ଜି ହିସାବର ବଳକାକୁ ତାଙ୍କ ଋଣ ହିସାବକୁ ସ୍ଥାନାନ୍ତର କରି ଦିଆଗଲା

(ଖ) ଚୁକ୍ତିର ଅନୁପସ୍ଥିତିରେ ଅବଶିଷ୍ଟ ଭାଗୀଦାରଙ୍କର ବିଦ୍ୟମାନ ଅନୁପାତ, ଅର୍ଥାତ୍ 3:1, ହିଁ ସେମାନଙ୍କର ଅଧିଲାଭ ଅନୁପାତ ହେବ ।

(ଗ) ଅବଶିଷ୍ଟ ଭାଗୀଦାରଙ୍କ ଦ୍ୱାରା ଅଣାଯାଇଥିବା (କିମ୍ବା ତାଙ୍କୁ ପୈଠ କରାଯାଇଥିବା) ଅର୍ଥର ହିସାବ (ଗଣନା):

| | | ଚୌହାନ (₹) | ତ୍ରିପାଠୀ (₹) |
|---|---|---|---|
| 1. | ଚୌହାନ ଓ ତ୍ରିପାଠୀଙ୍କ ମୋଟ ସମାଯୋଜିତ ପୁଞ୍ଜି (₹68,460+₹62,820=₹1,31,280)କୁ 3:1ରେ ରଖାଯିବ । | 98,460 | 32,820 |
| 2. | ସମାଯୋଜିତ ବିଦ୍ୟମାନ ପୁଞ୍ଜି | 68,460 | 62,820 |
| 3. | ଅଧିକ କିମ୍ବା ନିଅଣ୍ଟ | 30,000 (ଅଧିକ) | 30,000 (ନିଅଣ୍ଟ) |

## ପାଠ୍ୟଗତ ପ୍ରଶ୍ନ 20.5

I. ସୁରେନ୍ଦ୍ର, ମହେନ୍ଦ୍ର ଓ ତରୁଣ ଏକ ଫାର୍ମରେ ଭାଗୀଦାର ଅଟନ୍ତି । ସୁରେନ୍ଦ୍ରଙ୍କ ଅବସର ପରେ ମହେନ୍ଦ୍ର ଓ ତରୁଣଙ୍କ ମଧ୍ୟରେ ଲାଭ ଆବଣ୍ଟନ ଅନୁପାତ 5:3 ଅଟେ ।

ସେମାନେ ଫାର୍ମର ପୁଞ୍ଜିକୁ ₹80,000ରେ ସ୍ଥିର ରଖିବାକୁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି । ମହେନ୍ଦ୍ର ଓ ତରୁଣଙ୍କର ବ୍ୟକ୍ତିଗତ ପୁଞ୍ଜିର ହିସାବ କର ।

ମହେନ୍ଦ୍ରଙ୍କ ପୁଞ୍ଜି ₹..............................

ତରୁଣଙ୍କ ପୁଞ୍ଜି ₹..............................

II. ସୋହନ, ଅମିଶା ଏବଂ ନୀନା 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଯେତେବେଳେ ସୋହନ ଅବସର ନେଲା, ସେତେବେଳେ ସେମାନଙ୍କର ସମାଯୋଜିତ ପୁଞ୍ଜି ଯଥାକ୍ରମେ ₹90,000, ₹60,000 ଓ ₹70,000 ଥିଲା । ଅମିଶା ଓ ନୀନା ଫାର୍ମରେ ସେମାନଙ୍କର ମୋଟ ପୁଞ୍ଜିକୁ 5:3 ଅନୁପାତରେ ରଖିବାକୁ ନିଷ୍ପତ୍ତି ନେଲେ । ପ୍ରତ୍ୟେକ ଭାଗୀଦାରଙ୍କ ପୁଞ୍ଜି ଏବଂ ଫାର୍ମର ମୋଟ ପୁଞ୍ଜି ବାହାର କର ।

ଅମିଶାର ପୁଞ୍ଜି ₹..............................

ନୀନାର ପୁଞ୍ଜି ₹..............................

## 20.6 ଭାଗୀଦାରଙ୍କ ମୃତ୍ୟୁ

କୌଣସି ଭାଗୀଦାରଙ୍କ ମୃତ୍ୟୁରେ ସୁନାମ, ପରିସମ୍ପତ୍ତିର ପୁନର୍ମୂଲ୍ୟାୟନ ଏବଂ ଦାୟର ପୁନର୍ନିର୍ଦ୍ଧାରଣ, ଗଚ୍ଛିତ ସଞ୍ଚିତି ଏବଂ ଅଣ-ଆବଣ୍ଟିତ ଲାଭ ସମ୍ବନ୍ଧିତ ହିସାବରକ୍ଷଣ ଉପଚାର (ଲେଖାଯୋଖା) ସେହି ଏକା ପ୍ରକାର ହୋଇଥାଏ ଯେପରି ଏକ ଭାଗୀଦାରଙ୍କ ଅବସର ସମୟରେ ହୋଇଥାଏ । ଯେତେବେଳେ ଜଣେ ଭାଗୀଦାରଙ୍କ ମୃତ୍ୟୁ ଘଟେ, ସେତେବେଳେ ତାଙ୍କର ପ୍ରାପ୍ୟ ରାଶିକୁ ତାଙ୍କର ଆଇନଗତ ପ୍ରତିନିଧି (ଉତ୍ତରାଧିକାରୀ)ଙ୍କୁ ପୈଠ କରାଯାଏ । ଉତ୍ତରାଧିକାରୀ ନିମ୍ନଲିଖିତଗୁଡ଼ିକ ପାଇବାକୁ ହକ୍‌ଦାର ଅଟନ୍ତି:

(କ) ମୃତ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଦାତା ବଳକା ରାଶି;

(ଖ) ପୁଞ୍ଜି ଉପରେ ସୁଧ, ଯଦି ଭାଗଦାରୀ ଦଲିଲରେ ବ୍ୟବସ୍ଥା ଥାଏ, ମୃତ୍ୟୁର ତାରିଖ ପର୍ଯ୍ୟନ୍ତ;

(ଗ) ଫାର୍ମର ସୁନାମରେ ଭାଗ;

(ଘ) ଅଣ-ଆବଣ୍ଟିତ ଲାଭ କିମ୍ବା ସଞ୍ଚିତିରେ ଭାଗ;

(ଙ) ପରିସମ୍ପତ୍ତି ଓ ଦାୟର ପୁନର୍ମୂଲ୍ୟାୟନ ଜନିତ ଲାଭରେ ଭାଗ;

(ଚ) ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭରେ ଭାଗ;

(ଛ) ଯୁଗ୍ମ ଜୀବନ ବୀମା ପଲିସି (Joint Life Insurance Policy) ରେ ଭାଗ ।

ମୃତ ଭାଗୀଦାରଙ୍କ ଉତ୍ତରାଧିକାରୀଙ୍କ ହିସାବରେ ନିମ୍ନ ରାଶିଗୁଡ଼ିକ ଦାୟୀ କରାଯାଏ:

(i) ଉଠାଣ;

(ii) ଉଠାଣ ଉପରେ ସୁଧ;

(iii) ପରିସମ୍ପତ୍ତି ଓ ଦାୟର ପୁନର୍ମୂଲ୍ୟାୟନ ଜନିତ କ୍ଷତିରେ ଭାଗ;

(iv) ତାଙ୍କ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ହୋଇଥିବା କ୍ଷତିରେ ଭାଗ ।

ଉପରୋକ୍ତ ସମାଯୋଜନଗୁଡ଼ିକ ମୃତ ଭାଗୀଦାରଙ୍କ ପୁଞ୍ଜି ହିସାବରେ କରାଯାଏ ଏବଂ ତା'ପରେ ପୁଞ୍ଜି ହିସାବରେ ଥିବା ବଳକାକୁ ତାଙ୍କର କାର୍ଯ୍ୟ-ନିର୍ବାହକ (executor)ଙ୍କ ନାମରେ ଏକ ହିସାବ ଖୋଲି ତା' ମଧ୍ୟକୁ ସ୍ଥାନାନ୍ତର କରି ଦିଆଯାଏ ।

ମୃତ ଭାଗୀଦାରଙ୍କ (ପ୍ରାପ୍ୟ) ରାଶିର ପୈଠ ଚୁକ୍ତି ଉପରେ ନିର୍ଭର କରେ । ଚୁକ୍ତିର ଅନୁପସ୍ଥିତିରେ, ମୃତ ଭାଗୀଦାରଙ୍କ ଆଇନଗତ ଉତ୍ତରାଧିକାରୀ ଦେୟ ରାଶି ଉପରେ ମୃତ୍ୟୁର ତାରିଖଠାରୁ ଅନ୍ତିମ ପୈଠର ତାରିଖ ପର୍ଯ୍ୟନ୍ତ ବାର୍ଷିକ 6% ହାରରେ ସୁଧ ପାଇବାକୁ ହକ୍‌ଦାର ହେବେ ।

**ଭାଗଦାରୀଙ୍କ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭର ହିସାବ**

ଯଦି ବର୍ଷ ମଧ୍ୟରେ ମୃତ୍ୟୁ ଘଟେ, ମୃତ ଭାଗୀଦାରଙ୍କ ଉତ୍ତରାଧିକାରୀ, ତାଙ୍କର ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଅର୍ଜିତ ଲାଭରେ ତାଙ୍କ ଭାଗ ପାଇବାକୁ ହକ୍‌ଦାର ଅଟନ୍ତି । ଏହି ଲାଭର ନିର୍ଦ୍ଧାରଣ ନିମ୍ନ ମଧ୍ୟରୁ କୌଣସି ଗୋଟିଏ ପଦ୍ଧତି ଦ୍ୱାରା କରାଯାଏ:

(i) ସମୟର ଆଧାର (Time Basis)

(ii) ଆବର୍ତ୍ତ କିମ୍ବା ବିକ୍ରୟର ଆଧାର (Turnover or Sales Basis)

(i) **ସମୟ ଆଧାର**

ଏହି କ୍ଷେତ୍ରରେ ଏହା ସ୍ୱୀକାର କରାଯାଏ ଯେ ବର୍ଷ ତମାମ ଲାଭ ସମାନ ଭାବରେ ଅର୍ଜିତ ହୋଇଛି । ଉଦାହରଣ ସ୍ୱରୂପ:

ପୂର୍ବ ବର୍ଷର ମୋଟ ଲାଭ ₹1,25,000 ଅଟେ ଏବଂ ପୂର୍ବ ବର୍ଷ ସମାପ୍ତିର ତିନି ମାସ ପରେ ଭାଗୀଦାରଙ୍କ ମୃତ୍ୟୁ ହୋଇଛି । ତେବେ ତିନି ମାସର ଲାଭ ହେବ ₹31,250 (ଅର୍ଥାତ୍ 1,25,000X3/12) । ଯଦି ମୃତ ଭାଗୀଦାରଙ୍କ ଲାଭରେ 2/10 ଭାଗ, ତେବେ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ହୋଇଥିବା ଲାଭରେ ତାଙ୍କ ଭାଗ ହେବ ₹6,250, ଅର୍ଥାତ୍ ₹31,250 × 2/10 ।

(ii) **ଆବର୍ତ୍ତ ବା ବିକ୍ରୟ ଆଧାର**

ଏହି ପଦ୍ଧତିରେ ଆମେ ଗତ ବର୍ଷର ମୋଟ ବିକ୍ରୟ ଓ ଲାଭକୁ ବିବେଚନା ଭୁକ୍ତ କରିଥାଉ । ତତ୍ପରେ ଗତ ବର୍ଷର ବିକ୍ରୟର ଆଧାରରେ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭର ଆକଳନ କରାଯାଏ । ଲାଭ ସମାନ ଭାବରେ ସମାନ ହାରରେ ଅର୍ଜିତ ହୋଇଛି ବୋଲି ସ୍ୱୀକାର କରାଯାଏ ।

**ଉଦାହରଣ 12**

ଅରୁଣ, ତରୁଣ ଓ ନେହା 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ନେହା 31 ମଇ, 2006ରେ ମୃତ୍ୟୁ ବରଣ କଲେ । 2005–2006 ବର୍ଷ ପାଇଁ ମୋଟ ବିକ୍ରୟର ପରିମାଣ ଥିଲା ₹4,00,000 ଏବଂ ବିକ୍ରୟ ଉପରେ ଲାଭର ପରିମାଣ ଥିଲା ₹60,000 । ପ୍ରତିବର୍ଷ 31 ମାର୍ଚ୍ଚରେ ହିସାବ ବନ୍ଦ କରାଯାଏ । 1 ଅପ୍ରେଲ 2006 ରୁ 31 ମଇ 2006 ପର୍ଯ୍ୟନ୍ତ ବିକ୍ରୟର ପରିମାଣ ₹1,00,000 ଅଟେ ।

ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭରେ ମୃତ ଭାଗୀଦାରଙ୍କ ଭାଗ ନିର୍ଣ୍ଣୟ କର ।

**ସମାଧାନ:**

ବିକ୍ରୟର ଆଧାରରେ 1 ଅପ୍ରେଲ 2006 ରୁ 31 ମଇ 2006 ପର୍ଯ୍ୟନ୍ତ ଲାଭ:

ଯଦି ବିକ୍ରୟର ପରିମାଣ ₹4,00,000, ଲାଭ = ₹60,000

ଯଦି ବିକ୍ରୟର ପରିମାଣ ₹1,00,000, ଲାଭ = 60,000/4,00,000X1,00,000

= ₹15,000

ନେହାର ଭାଗ = 15,000 X 1/6 = ₹2,500

ବିକଳ୍ପ ସ୍ୱରୂପ, ଲାଭ ନିମ୍ନ ପ୍ରକାରେ ନିର୍ଣ୍ଣୟ କରାଯାଇପାରେ

ଲାଭର ହାର = $\frac{60,000}{4,00,000}$ X 100 = 15%

ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ବିକ୍ରୟ = ₹1,00,000

ଲାଭ = 1,00,000 X $\frac{15}{100}$ =₹15,000

ନେହାର ଭାଗ = 15,000 X 1/6 = ₹2,500

**ଉଦାହରଣ 13**

ନୂତନ, ସୁମିତ ଓ ଶିବ ଏକ ଫାର୍ମର ଭାଗୀଦାର ଅଟନ୍ତି । ସେମାନେ 5:3:2 ଅନୁପାତରେ ଲାଭ ଆବଣ୍ଟନ କରନ୍ତି । 31 ଡିସେମ୍ବର 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ଉଧାରଦାତା | | 52,000 | କୋଠା | 60,000 |
| ସଞ୍ଚିତ ପାଣ୍ଠି | | 15,000 | ସଂଯନ୍ତ୍ର (Plant) | 50,000 |
| ପୁଞ୍ଜି: | | | ମହଜୁଦ ମାଲ୍ | 27,000 |
| ନୂତନ | 60,000 | | ଉଧାର ଗ୍ରହୀତା | 25,000 |
| ସୁମିତ | 45,000 | | ଅର୍ଥ | 10,000 |
| ଶିବ | 30,000 | 1,35,000 | ବ୍ୟାଙ୍କ୍ | 30,000 |
| | | 2,02,000 | | 2,02,000 |

1 ଜୁଲାଇ 2007ରେ ନୂତନର ମୃତ୍ୟୁ ହେଲା । ତାଙ୍କର କାର୍ଯ୍ୟ-ନିର୍ବାହୀ (executors) ଏବଂ ଅବଶିଷ୍ଟ ଭାଗୀଦାରଙ୍କ ମଧ୍ୟରେ ନିମ୍ନ ସହମତି ହେଲା:

(i) ସୁନାମର ମୂଲ୍ୟାୟନ ଗତ ଚାରି ବର୍ଷର ହାରାହାରି ଲାଭର 2 ½ ବର୍ଷର କ୍ରୟ ସହ ସମାନ ହେବ । ଗତ ଚାରି ବର୍ଷର ଲାଭ ଥିଲା : 2003 ₹25,000; 2004 ₹20,000; 2005 ₹40,000 ଏବଂ 2006 ₹35,000 ।

(ii) କୋଠାର ମୂଲ୍ୟାୟନ ₹70,000ରେ, ସଂଯନ୍ତ୍ରର ମୂଲ୍ୟାୟନ ₹46,000ରେ ଓ ମହଜୁଦ ମାଲ୍‌ର ମୂଲ୍ୟାୟନ ₹32,000ରେ ହେଲା ।

(iii) 2007 ବର୍ଷରେ ଲାଭ ପୂର୍ବ ବର୍ଷର ହାରରେ ହୋଇଛି ବୋଲି ଧରାଯିବ ।

(iv) ପୁଞ୍ଜି ଉପରେ ବାର୍ଷିକ 9% ହାରରେ ସୁଧର ବ୍ୟବସ୍ଥା ଅଛି ।

(v) 1 ଜୁଲାଇ 2007ରେ ତାଙ୍କର ଉଠାଣ ହିସାବରେ ₹20,000ର ବଳକା ଦର୍ଶାଯାଇଥିଲା ।

(vi) ତାଙ୍କର କାର୍ଯ୍ୟନିର୍ବାହୀଙ୍କୁ ତୁରନ୍ତ ₹25,950 ପୈଠ କରାଯିବ ଏବଂ ଅବଶିଷ୍ଟ ତାଙ୍କର କାର୍ଯ୍ୟନିର୍ବାହୀଙ୍କ ଋଣ ହିସାବକୁ ସ୍ଥାନାନ୍ତର କରାଯିବ ।

ନୂତନଙ୍କ ପୁଞ୍ଜି ହିସାବ ଓ ନୂତନଙ୍କ କାର୍ଯ୍ୟ ନିର୍ବାହୀଙ୍କ ହିସାବ 1 ଜୁଲାଇ 2007ରେ ପ୍ରସ୍ତୁତ କର ।

**ସମାଧାନ:**

(i) ସୁନାମର ମୂଲ୍ୟାୟନ:

ମୋଟ ଲାଭ = ₹25,000 + ₹20,000 + ₹40,000 + ₹35,000

= ₹1,20,000

ହାରାହାରି ଲାଭ = 1,20,000/4 = ₹30,000

ଅତଃ, 2½ ବର୍ଷର କ୍ରୟରେ ସୁନାମ = ₹30,000 × 2½ = ₹75,000

ସୁନାମରେ ନୂତନର ଭାଗ = ₹75,000 × 5/10 = ₹37,500

ଏହା ସୁମିତ ଓ ଶିବର ପୁଞ୍ଜି ହିସାବରେ 3:2 ଅଧିଲାଭ ଅନୁପାତରେ, ଅର୍ଥାତ୍ କ୍ରମାନ୍ୱୟରେ ₹22,500 ଏବଂ ₹15,000 ହିସାବରେ ସମାଯୋଜିତ ହେବ ।

(ii) ନୂତନଙ୍କୁ ଦେୟ ଲାଭର ଭାଗ (ମୃତ୍ୟୁର ତାରିଖ ପର୍ଯ୍ୟନ୍ତ)

= ₹35,000 X 6/12 X 5/10

= ₹8,750

(iii) ସଞ୍ଚିତି ପାଣ୍ଠିରେ ନୂତନର ଭାଗ = ₹15,000 X 5/10

= ₹7,500

(iv) ନୂତନଙ୍କ ପୁଞ୍ଜି ଉପରେ ସୁଧ = ₹60,000 X 9/100 X 6/12

= ₹2,700

### ପୁନର୍ମୂଲ୍ୟାୟନ ହିସାବ

ଦାୟୀ ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ସଂଯନ୍ତ୍ର | | 4,000 | କୋଠା | 10,000 |
| ଲାଭର ସ୍ଥାନାନ୍ତରଣ: | | | ମହଜୁଦ ମାଲ | 5,000 |
| ନୂତନର ପୁଞ୍ଜି | 5,500 | | | |
| ସୁମିତର ପୁଞ୍ଜି | 3,300 | | | |
| ଶିବର ପୁଞ୍ଜି | 2,200 | 11,000 | | |
| | | 15,000 | | 15,000 |

### ନତନଙ୍କ ପୁଞ୍ଜି ହିସାବ

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ଉଠାଣ | 20,000 | ବଳକା ନି/ଅ | 60,000 |
| ନୂତନଙ୍କ କାର୍ଯ୍ୟନିର୍ବାହୀଙ୍କ ହିସାବ | 1,01,950 | ସଞ୍ଚିତି ପାଣ୍ଠି | 7,500 |
| | | ସୁମିତଙ୍କୁ ପୁଞ୍ଜି (ସୁନାମ) | 22,500 |
| | | ଶିବଙ୍କୁ ପୁଞ୍ଜି (ସୁନାମ) | 15,000 |
| | | ଲାଭ ଓ କ୍ଷତି (ସଂଶୟ) | 8,750 |
| | | ପୁନର୍ମୂଲ୍ୟାୟନ ହିସାବ | 5,500 |
| | | ପୁଞ୍ଜି ଉପରେ ସୁଧ | 2,700 |
| | 1,21,950 | | 1,21,950 |

### ନୂତନଙ୍କ କାର୍ଯ୍ୟନିର୍ବାହୀଙ୍କ ହିସାବ

ଦାୟୀ | ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବ୍ୟାଙ୍କ୍ | 25,950 | ନୂତନଙ୍କ ପୁଞ୍ଜି | 1,01,950 |
| ନୂତନଙ୍କ କାର୍ଯ୍ୟନିର୍ବାହୀଙ୍କ ଋଣ (ସ୍ଥାନାନ୍ତରଣ) | 76,000 | | |
| | 1,01,950 | | 1,01,950 |

## ପାଠ୍ୟଗତ ପ୍ରଶ୍ନ 20.6

I. ଉପଯୁକ୍ତ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର:

(କ) ଉତ୍ତରାଧିକାରୀ ................ଙ୍କ ସମସ୍ତ ଅଧିକାର ପାଇବାକୁ ହକ୍‌ଦାର ଅଟନ୍ତି ।

(ଖ) ମୃତ ଭାଗୀଦାରଙ୍କ ଭାଗର ସୁନାମ ତାଙ୍କ ପୁଞ୍ଜି ହିସାବରେ ............ କରାଯାଏ ।

(ଗ) ଭାଗୀଦାରଙ୍କ ମୃତ୍ୟୁ କ୍ଷେତ୍ରରେ ଲାଭର ଆକଳନ ........... ଓ ........... ଆଧାରରେ କରାଯାଇପାରେ ।

(ଘ) ମୃତ ଭାଗୀଦାରଙ୍କ ପୁଞ୍ଜି ହିସାବର ବଳକା ତାଙ୍କର ............... ହିସାବକୁ ସ୍ଥାନାନ୍ତରିତ କରାଯାଏ ।

(ଙ) ମୃତ ଭାଗୀଦାରଙ୍କଠାରୁ ପ୍ରାପ୍ୟ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଉଠାଣ ଉପରେ ସୁଧକୁ ତାଙ୍କର ପୁଞ୍ଜି ହିସାବରେ ............. କରାଯାଏ ।

---

## ତୁମେ ଯାହା ଶିଖିଲ

I. **ଅବସର**

1. କେତେକ କାରଣ ଯଥା ବୃଦ୍ଧାବସ୍ଥା, ଖରାପ ସ୍ୱାସ୍ଥ୍ୟ, କଳଙ୍କିତ ସମ୍ପର୍କ ଇତ୍ୟାଦି ଯୋଗୁ ଜଣେ ବିଦ୍ୟମାନ ଭାଗୀଦାର ଭାଗଦାରୀରୁ ଅବସର ଗ୍ରହଣ ନିମନ୍ତେ ନିଷ୍ପତ୍ତି ନେଇ ପାରନ୍ତି । ଅବସର ହେତୁ ବିଦ୍ୟମାନ ଭାଗଦାରୀର ଅବସାନ ଘଟେ ଏବଂ ଅବଶିଷ୍ଟ ଭାଗୀଦାରମାନେ ଏକ ନୂତନ ରାଜିନାମା କରନ୍ତି ତଥା ନୂତନ ନିୟମ ଓ ସର୍ତ୍ତାବଳୀ ସହିତ ଭାଗଦାରୀ ଫାର୍ମର ପୁନର୍ଗଠନ ହୁଏ ।

2. ଅବସର ସମୟରେ ନିମ୍ନ ହିସାବରକ୍ଷଣ ପ୍ରସଙ୍ଗଗୁଡ଼ିକର ଉତ୍ପନ୍ନ ହୋଇଥାଏ:

(କ) ନୂତନ ଲାଭ ଆବଣ୍ଟନ ଅନୁପାତ ଓ ଅଧିଲାଭ ଅନୁପାତ,

(ଖ) ସୁନାମ,

(ଗ) ପରିସମ୍ପତ୍ତି ଓ ଦାୟର ମୂଲ୍ୟରେ ପରିବର୍ତ୍ତନ ଜନିତ ସମାଯୋଜନ,

(ଘ) ସଞ୍ଚିତି ଓ ଗଚ୍ଛିତ ଲାଭର ଉପଚାର,

(ଙ) ଅବସର ପ୍ରାପ୍ତ ଭାଗୀଦାରଙ୍କ ପ୍ରାପ୍ୟର ବନ୍ଦୋବସ୍ତ,

(ଚ) ଅବଶିଷ୍ଟ ଭାଗୀଦାରଙ୍କ ନୂତନ ପୁଞ୍ଜି ।

## II. ମୃତ୍ୟୁ

1. ଯେତେବେଳେ ଭାଗୀଦାରଙ୍କ ମୃତ୍ୟୁ ଘଟେ, ସେତେବେଳେ ତାଙ୍କର ପ୍ରାପ୍ୟ ରାଶିକୁ ତାଙ୍କର ଆଇନ୍‌ଗତ ପ୍ରତିନିଧି (ଉତ୍ତରାଧିକାରୀ)ଙ୍କୁ ପୈଠ କରାଯାଏ ।

2. ମୃତ ଭାଗୀଦାରଙ୍କ ଉତ୍ତରାଧିକାରୀ ନିମ୍ନ ଲିଖିତଗୁଡ଼ିକର ଅଧିକାରୀ ଅଟନ୍ତି:

    (କ) ମୃତ ଭାଗୀଦାରଙ୍କ ପୁଞ୍ଜି ହିସାବରେ ବିଦ୍ୟମାନ ଦାତା ବଳକା ରାଶି;

    (ଖ) ପୁଞ୍ଜି ଉପରେ ସୁଧ, ଯଦି ଭାଗଦାରୀ ଦଲିଲରେ ବ୍ୟବସ୍ଥା ଥାଏ, ମୃତ୍ୟୁର ତାରିଖ ପର୍ଯ୍ୟନ୍ତ;

    (ଗ) ଫାର୍ମର ସୁନାମରେ ଭାଗ;

    (ଘ) ଅଣ-ଆବଣ୍ଟିତ ଲାଭ କିମ୍ବା ସଞ୍ଚିତିରେ ଭାଗ;

    (ଙ) ପରିସମ୍ପତ୍ତି ଓ ଦାୟର ପୁନର୍ମୂଲ୍ୟାୟନ ଜନିତ ଲାଭରେ ଭାଗ;

    (ଚ) ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭରେ ଭାଗ;

    (ଛ) ଯୁଗ୍ମ ଜୀବନ ବୀମା ପଲିସିରେ ଭାଗ ।

ମୃତ ଭାଗୀଦାରଙ୍କ ଉତ୍ତରାଧିକାରୀଙ୍କ ହିସାବରେ ନିମ୍ନ ରାଶିଗୁଡ଼ିକ ଦାୟୀ କରାଯାଏ:

    (i) ଉଠାଣ;

    (ii) ଉଠାଣ ଉପରେ ସୁଧ;

    (iii) ପରିସମ୍ପତ୍ତି ଓ ଦାୟର ପୁନର୍ମୂଲ୍ୟାୟନ ଜନିତ କ୍ଷତିରେ ଭାଗ;

    (iv) ତାଙ୍କ ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ହୋଇଥିବା କ୍ଷତିରେ ଭାଗ ।

3. ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭର ହିସାବ କରିବା ପାଇଁ ଦୁଇଟି ପଦ୍ଧତି ଅଛି:

    (i) ସମୟର ଆଧାର

    (ii) ବିକ୍ରୟର ଆଧାର

### ପାଠ୍ୟାନ୍ତ ପ୍ରଶ୍ନ

1. ଭାଗୀଦାରଙ୍କ ଅବସରର ଅର୍ଥ କ'ଣ ?

2. ଅଧିଲାଭ ଅନୁପାତ ବୁଝାଅ ।

3. ଭାଗୀଦାରଙ୍କ ଅବସର ସମୟରେ ସୁନାମର ହିସାବରକ୍ଷଣ ଉପଚାର ବୁଝାଅ ।

4. ଯେତେବେଳେ ଭାଗୀଦାରଙ୍କ ମୃତ୍ୟୁ ଘଟେ, ସେତେବେଳେ କ'ଣ ସମସ୍ୟା ଉତ୍ପନ୍ନ ହୁଏ ? ଏକ ହିସାବରକ୍ଷକ ଭାବେ ତୁମେ ସେଗୁଡ଼ିକର ଲେଖାଯୋଖା କିପରି କରିବ ?

5. ସୀମା, ମୋହିତ ଓ ମୀନାକ୍ଷୀ ଏକ ଫାର୍ମର ଭାଗୀଦାର ଥିଲେ । ସେମାନେ 7:6:7 ଅନୁପାତରେ ଲାଭ ଆବଣ୍ଟନ କରୁଥିଲେ । ମୋହିତ ଅବସର ଗ୍ରହଣ କଲେ ଏବଂ ତାଙ୍କର

ଭାଗକୁ ସୀମା ଓ ମୀନାକ୍ଷୀଙ୍କ ମଧ୍ୟରେ ସମାନ ଭାଗରେ ବାଣ୍ଟି ଦିଆଗଲା । ସୀମା ଓ ମୀନାକ୍ଷୀଙ୍କର ନୂତନ ଲାଭ ଆବଣ୍ଟନ ଅନୁପାତ ହିସାବ କର ।

6. ଆଶୁ, ଅସ୍ମିତା ଓ ମିତୁ 4:3:2 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଆଶୁ ଅବସର ଗ୍ରହଣ କଲେ । ଅସ୍ମିତା ଓ ମିତୁ ଭବିଷ୍ୟତରେ 5:3 ଅନୁପାତରେ ଲାଭ ଆବଣ୍ଟନ କରିବେ – ଏହି ସ୍ୱୀକାର୍ଯ୍ୟ ପୂର୍ବକ ଅଧିଲାଭ ଅନୁପାତ ନିର୍ଣ୍ଣୟ କର ।

7. ଅନୁ, ବୀଣା ଓ ଚନ୍ଦ୍ର ଏକ ଫାର୍ମରେ ଭାଗୀଦାର ଅଟନ୍ତି । ସେମାନେ 3:2:1 ଅନୁପାତରେ ଲାଭ ଆବଣ୍ଟନ କରନ୍ତି । ମାର୍ଚ୍ଚ 31, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ବିବିଧ ଉଧାରଦାତା | | 3,200 | ହସ୍ତସ୍ଥ ଅର୍ଥ | 1,200 |
| ସାଧାରଣ ସଞ୍ଚିତି | | 12,000 | ବ୍ୟାଙ୍କରେ ଅର୍ଥ | 2,000 |
| ପୁଞ୍ଜି: | | | ଉଧାର ଗ୍ରହୀତା | 18,000 |
| ଅନୁ | 20,000 | | ମହଜୁଦ ମାଲ | 14,000 |
| ବୀଣା | 20,000 | | ଯନ୍ତ୍ରପାତି | 12,000 |
| ଚନ୍ଦ୍ର | 20,000 | 60,000 | କୋଠା | 28,000 |
| | | 75,200 | | 75,200 |

ଉଦ୍‌ବୃତ୍ତ ପତ୍ରର ତାରିଖରେ ଚନ୍ଦ୍ର ଫାର୍ମରୁ ଅବସର ଗ୍ରହଣ କଲେ । ପରିସମ୍ପତ୍ତିର ମୂଲ୍ୟରେ ନିମ୍ନ ସମାୟୋଜନ ନିମନ୍ତେ ସହମତି ପ୍ରକାଶ ପାଇଲା:

(କ) ସନ୍ଦିଗ୍ଧ ଋଣ ପାଇଁ ବିବିଧ ଉଧାର ଗ୍ରହୀତାଙ୍କ ଉପରେ 5% ର ସଞ୍ଚିତିର ବ୍ୟବସ୍ଥା କରାଯିବ ।

(ଖ) କୋଠାର ପୁନର୍ମୂଲ୍ୟାୟନ ₹30,200ରେ କରାଯିବ ।

(ଗ) ମହଜୁଦ ମାଲ୍ ଉପରେ 5% ଓ ଯନ୍ତ୍ରପାତି ଉପରେ 10% ମୂଲ୍ୟହ୍ରାସ କରାଯିବ ।

ପୁନର୍ମୂଲ୍ୟାୟନ ହିସାବ, ଭାଗୀଦାରଙ୍କ ପୁଞ୍ଜି ହିସାବ ଓ ଅନୁ ଓ ବୀଣାଙ୍କର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

8. ଅଶୋକ, ବାବୁ ଓ ଚିନୁ ଯଥାକ୍ରମେ 3:2:1 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ମାର୍ଚ୍ଚ 31, 2006ରେ ଫାର୍ମର ଉଦ୍‌ବୃତ୍ତ ପତ୍ର ନିମ୍ନମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ବିବିଧ ଉଧାରଦାତା | | 38,000 | ଯନ୍ତ୍ରପାତି ଓ କଳକବ୍ଜା | | 70,000 |
| ଦେୟ ହୁଣ୍ଡି | | 10,000 | କୋଠା | | 90,000 |
| ସାଧାରଣ ସଞ୍ଚିତି | | 24,000 | ମୋଟର କାର୍ | | 16,000 |
| ପୁଞ୍ଜି: | | | ଉଧାର ଗ୍ରହୀତା | 32,000 | |
| ଅଶୋକ | 80,000 | | ବିଯୁକ୍ତ: ଅନାଦାୟୀ | | |
| ବାବୁ | 60,000 | | ରଣ ପାଇଁ ପ୍ରାବଧାନ | 1,000 | 31,000 |
| ଚିନୁ | 50,000 | 1,90,000 | ମହଜୁଦ ମାଲ | | 50,000 |
| | | | ଅର୍ଥ | | 5,000 |
| | | 2,62,000 | | | 2,62,000 |

ବାବୁ ସେହି ତାରିଖରେ ଅବସର ନେଲେ ଓ ନିମ୍ନ ସମାଯୋଜନଗୁଡ଼ିକ ହେଲା:

(କ) ଫାର୍ମର ସୁନାମ ₹36,000ରେ ମୂଲ୍ୟାୟନ କରାଯିବ ।

(ଖ) ଯନ୍ତ୍ରପାତି ଓ କଳକବ୍ଜା ଉପରେ 10% ଓ ମୋଟର କାର୍ ଉପରେ 15% ମୂଲ୍ୟହ୍ରାସ କରାଯିବ ।

(ଗ) ମହଜୁଦ ମାଲ୍‌ର ମୂଲ୍ୟରେ 20% ଓ କୋଠାର ମୂଲ୍ୟରେ 10% ବୃଦ୍ଧି କରାଯିବ ।

(ଘ) ସନ୍ଦିଗ୍ଧ ରଣ ପାଇଁ ପ୍ରାବଧାନରେ ₹3,900 ବୃଦ୍ଧି କରାଯିବ ।

ପୁନର୍ମୂଲ୍ୟାୟନ ହିସାବ ଏବଂ ବାବୁଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ।

୨. ଧ୍ରୁବ, ରାଜା ଓ ଲୀଳା ଯଥାକ୍ରମେ 3:2:1 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ମାର୍ଚ୍ଚ 31, 2006ରେ ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ବିବିଧ ଉଧାରଦାତା | | 31,200 | ଯନ୍ତ୍ରପାତି ଓ କଳକବ୍ଜା | | 37,600 |
| ଧ୍ରୁବର ରଣ | | 10,000 | କୋଠା | | 24,000 |
| ପୁଞ୍ଜି: | | | ଉଧାର ଗ୍ରହୀତା | 24,800 | |
| ଧ୍ରୁବ | 51,840 | | ବିଯୁକ୍ତ: ଅନାଦାୟୀ | | |
| ରାଜା | 27,360 | | ରଣ ପାଇଁ ପ୍ରାବଧାନ | 2,400 | 22,400 |
| ଲୀଳା | 14,240 | 93,440 | ମହଜୁଦ ମାଲ | | 18,400 |
| | | | ଅର୍ଥ | | 32,240 |
| | | 1,34,640 | | | 1,34,640 |

ଧ୍ରୁବ ମାର୍ଚ୍ଚ 31, 2006ରେ ଅବସର ନେଲେ ଏବଂ ରାଜା ଓ ଲୀଳା 2:1 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ ପୂର୍ବକ ଭାଗଦାରୀ ବଜାୟ ରଖିଲେ । ଧ୍ରୁବଙ୍କୁ 1.4.2006 ଦିନ ₹20,000 ପୈଠ ହେଲା ଏବଂ ତାଙ୍କର ଅବଶିଷ୍ଟ ପ୍ରାପ୍ୟକୁ ଫାର୍ମକୁ ତାଙ୍କର ଋଣ ହିସାବରେ ରଖିବା ପାଇଁ ସହମତି ହେଲା ।

ଧ୍ରୁବଙ୍କ ଅବସର ଉଦ୍ଦେଶ୍ୟରେ ନିମ୍ନଗୁଡ଼ିକର ସହମତି ହେଲା:

(କ) କୋଠା ₹48,000ରେ ଏବଂ ଯନ୍ତ୍ରପାତି ଓ କଳକବ୍ଜା ₹31,600ରେ ପୁନର୍ମୂଲ୍ୟାୟନ ହେଲା ।

(ଖ) ଅନାଦାୟୀ ଋଣ ପାଇଁ ପ୍ରାବଧାନରେ ₹୫00 ବୃଦ୍ଧି କରାଯିବ ।

(ଗ) ଉଧାରଦାତାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ₹1,000ର ଏକ ପ୍ରାବଧାନର ଏବେ ଆଉ ଆବଶ୍ୟକତା ନାହିଁ ।

(ଘ) ମହଜୁଦ ମାଲ୍‌ରେ ଅନ୍ତର୍ଭୁକ୍ତ କ୍ଷତିଗ୍ରସ୍ତ ସାମଗ୍ରୀ ବାବଦରେ ସେଥିରୁ ₹2,400 ଅବଲିଖନ କରାଯିବ ।

(ଙ) ବକେୟା ଆଇନ୍‌ଗତ ଖର୍ଚ୍ଚ ବାବଦରେ ₹୫,480ର ଏକ ପ୍ରାବଧାନ ରଖାଯିବ ।

(ଚ) ଫାର୍ମର ସୁନାମର ମୂଲ୍ୟାୟନ ₹2୫,800ରେ ହେବ ।

ପୁନର୍ମୂଲ୍ୟାୟନ ହିସାବ, ଭାଗୀଦାରମାନଙ୍କ ପୁଞ୍ଜି ହିସାବ ଓ ପୁନର୍ଗଠିତ ଫାର୍ମର ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

10. ସନ୍ନୀ, ହନି ଓ ରୂପେଶ ଏକ ଫାର୍ମର ଭାଗୀଦାର ଅଟନ୍ତି । ଡିସେମ୍ବର 31, 2005ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ଉଧାରଦାତା | | 20,000 | ଯନ୍ତ୍ରପାତି ଓ କଳକବ୍ଜା | 40,000 |
| ସାଧାରଣ ସଞ୍ଚିତି | | 20,000 | ଆସବାବପତ୍ର ଓ ସରଞ୍ଜାମ | 5,000 |
| ପୁଞ୍ଜି: | | | ଉଧାର ଗ୍ରହୀତା | 30,000 |
| ସନ୍ନୀ | 40,000 | | ମହଜୁଦ ମାଲ | 21,000 |
| ହନି | 30,000 | | ବିନିଯୋଗ | 24,000 |
| ରୂପେଶ | 10,000 | 80,000 | | |
| | | 1,20,000 | | 1,20,000 |

30.06.2006ରେ ହନି ମୃତ୍ୟୁ ବରଣ କଲେ । ଭାଗଦାରୀ ଦଲିଲରେ ଏହା ପ୍ରାବଧାନ କରାଯାଇଛି କି ମୃତ ଭାଗୀଦାରଙ୍କ ଉତ୍ତରାଧିକାରୀ ନିମ୍ନ ରାଶି ପାଇବାକୁ ହକ୍‌ଦାର ହେବେ:

(i) ମୃତ ଭାଗୀଦାରଙ୍କ ପୁଞ୍ଜି ହିସାବର ବଳକା

(ii) ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ପୁଞ୍ଜି ଉପରେ ବାର୍ଷିକ ୫% ହାରରେ ସୁଧ

(iii) ମୃତ୍ୟୁର ତାରିଖ ପର୍ଯ୍ୟନ୍ତ ଲାଭରେ ତାଙ୍କ ଭାଗ, ଯାହା ଗତ ତିନି ବର୍ଷର ହାରାହାରି ଲାଭର ଆଧାରରେ ନିର୍ଣ୍ଣୟ କରାଯିବ

(iv) ଗତ ଉଦ୍‌ବୃତ୍ତ ପତ୍ର ଅନୁସାରେ କୌଣସି ଅଣ-ଆବଣ୍ଟିତ ଲାଭ ଓ କ୍ଷତିରେ ତାଙ୍କର ଭାଗ

(v) ଗତ ତିନି ବର୍ଷର ଲାଭ ₹30,000, ₹40,000 ଓ ₹50,000 ଥିଲା ।

ହନିଙ୍କର ଆଇନ୍‌ଗତ ଉତ୍ତରାଧିକାରୀଙ୍କୁ ଦେୟ ରାଶିର ନିର୍ଦ୍ଧାରଣ କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 20.1**

I. (କ) ବୃଦ୍ଧାବସ୍ଥା (ଖ) ଖରାପ ସ୍ୱାସ୍ଥ୍ୟ (ଗ) ଖରାପ ସମ୍ପର୍କ

II. ବିଦ୍ୟମାନ ଅନୁପାତ + ଅଧିଲାଭ ଅନୁପାତ

III. ବିଦ୍ୟମାନ ଅନୁପାତ

IV. 2:1

**ପାଠ୍ୟଗତ ପ୍ରଶ୍ନ 20.2**

(i) ମିଥ୍ୟା, (ii) ସତ୍ୟ, (iii) ମିଥ୍ୟା (iv) ମିଥ୍ୟା

**ପାଠ୍ୟଗତ ପ୍ରଶ୍ନ 20.3**

I. (କ) ଲାଭ (ଖ) ଭାଗୀଦାରଙ୍କ ପୁଞ୍ଜି ହିସାବ, ଦାତା

(ଗ) ପୁନଃମୂଲ୍ୟାୟନ, ପରିସମ୍ପତ୍ତି

II. ପୂନଃମୂଲ୍ୟାୟନ ହିସାବ ଦାୟୀ

ଦାତା ଉଧାରଦାତାଙ୍କ ହିସାବ

(ଉଧାରଦାତାଙ୍କ ମୂଲ୍ୟରେ ବୃଦ୍ଧି)

**ପାଠ୍ୟଗତ ପ୍ରଶ୍ନ 20.4**

I. 1. ତାଙ୍କ ପୁଞ୍ଜି ହିସାବର ବଳକା;

2. ଫାର୍ମର ସୁନାମରେ ତାଙ୍କ ଭାଗ;

3. ପୁନଃମୂଲ୍ୟାୟନ ଲାଭରେ ତାଙ୍କ ଭାଗ;

4. ସାଧାରଣ ସଞ୍ଚିତି ଓ ଗଚ୍ଛିତ ଲାଭରେ ତାଙ୍କ ଭାଗ;

5. ପୁଞ୍ଜି ଉପରେ ସୁଧ କିମ୍ବା ଅନ୍ୟ କିଛି ।

II. 1. ଏକକାଳୀନ (ମୋଟାରାଶି) 2. କିସ୍ତି

III. ₹33,000

**ପାଠ୍ୟଗତ ପ୍ରଶ୍ନ 20.5**

I. ମହେନ୍ଦ୍ରଙ୍କ ପୁଞ୍ଜି ₹50,000, ତରୁଣଙ୍କ ପୁଞ୍ଜି ₹30,000

II. ଅମିଶାର ପୁଞ୍ଜି ₹1,37,500, ନୀନାର ପୁଞ୍ଜି ₹82,500,

ମୋଟ ପୁଞ୍ଜି ₹2,20,000

**ପାଠ୍ୟଗତ ପ୍ରଶ୍ନ 20.6**

I. (କ) ମୃତ ଭାଗୀଦାର, (ଖ) ଦାତା, (ଗ) ସମୟ, ବିକ୍ରୟ,

(ଘ) କାର୍ଯ୍ୟନିର୍ବାହୀ (ଉତ୍ତରାଧିକାରୀ)ଙ୍କ (ଙ) ଦାୟୀ

**ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର**

5. ନୂତନ ଅନୁପାତ 1:1

6. ଅଧିଲାଭ ଅନୁପାତ 21:11

7. ପୁନଃମୂଲ୍ୟାୟନ ଜନିତ କ୍ଷତି ₹600

ଉଦ୍‌ବୃତ୍ତ ପତ୍ରର ମୋଟ ₹74,600

8. ପୁନଃମୂଲ୍ୟାୟନ ଜନିତ ଲାଭ ₹5,700

ବାବୁଙ୍କୁ ପୁଞ୍ଜି ହିସାବର ବଳକା ₹81,900

9. ପୁନଃମୂଲ୍ୟାୟନ ଜନିତ ଲାଭ ₹7,320

ଉଦ୍‌ବୃତ୍ତ ପତ୍ରର ମୋଟ ₹1,22,680

10. ହନିର ଆଇନ୍‌ଗତ ଉତ୍ତରାଧିକାରୀଙ୍କୁ ଦେୟ ରାଶି ₹44,534

**ତୁମେ ଜାଣ କି ?**



**"ଜଣେ ବ୍ୟକ୍ତି ସୁଇମିଙ୍ଗ ପୁଲ୍‌ରୁ ଏଚ୍.ଆଇ.ଭି. ସଂକ୍ରମିତ ହେବକି ?"**

ଜଣେ ସୁଇମିଙ୍ଗ ପୁଲ୍‌ରୁ ଏଚ୍.ଆଇ.ଭି. ସଂକ୍ରମିତ ହେବ ନାହିଁ । ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ କ୍ଲୋରିନ୍, ଯାହା ସୁଇମିଙ୍ଗ୍ ପୁଲ୍‌ରେ ପାଣିର ଉପଚାର ନିମନ୍ତେ ବହୁଳ ବ୍ୟବହୃତ ହୁଏ, ତାହା ଏଚ୍.ଆଇ.ଭି.କୁ ନଷ୍ଟ କରିବାରେ ଏକ ଅତ୍ୟଧିକ ଫଳପ୍ରଦ ଉପାୟ ଅଟେ ।

ସାଧାରଣ ଭାବେ ଘରେ ବ୍ୟବହୃତ କୌଣସି ବ୍ଲିଚିଂ ମିଶ୍ରିତ ଜଳ ମଧ୍ୟ ଏକ ଫଳପ୍ରଦ ଜୀବାଣୁନାଶକ ଅଟେ । ଉଦାହରଣ ସ୍ୱରୂପ, ଏକ ଭାଗ ବ୍ଲିଚିଂ ପାଉଡର/ଲିକ୍ୱିଡକୁ ନଅ ଭାଗ ପାଣି କିମ୍ବା ହାଇଡ୍ରୋଜନ ପେରକ୍ସାଇଡ଼ ସହିତ କରାଯାଇଥିବା ମିଶ୍ରଣ ଫଳପ୍ରଦ ହୋଇପାରିବ । ତେବେ, ନିମ୍ନ ସ୍ତରର ଅଣ-ସଂକ୍ରାମକ ଦ୍ରବ୍ୟ (disifectats) ଯଥା ଡେଟଲ ଓ ଲାଇସଲ ଏଚ୍.ଆଇ.ଭି.କୁ ମାରିପାରେ ନାହିଁ ।



# 21

# ଭାଗଦାରୀ ସଂସ୍ଥାର ଅବସାନ

# (Dissolution of a Partnership Firm)

ରାକେଶ ଓ ମୁକେଶ ଅତି ଉତ୍ତମ ବନ୍ଧୁ ଥିଲେ । ସେମାନେ ଏକ ବ୍ୟବସାୟ ଚଳାଉ ଥିଲେ ଯାହାକି ଏକ ଭାଗଦାରୀ ସଂସ୍ଥା ଥିଲା । ସେମାନେ ବହୁତ ସଫଳ ଥିଲେ । ଲୋକେ ସେମାନଙ୍କର ସମ୍ପର୍କକୁ ନେଇ ଇର୍ଷା କରୁଥିଲେ । କିନ୍ତୁ ଦିନେ ଲୋକେ ଜାଣିବାକୁ ପାଇଲେ ଯେ ସେମାନେ ବ୍ୟବସାୟ ବନ୍ଦ କରି ଦେଇଛନ୍ତି । ଏକ ତୁଚ୍ଛ କଥାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ କିଛି ବିବାଦ ମୁଣ୍ଡ ଟେକି ଥିଲା । ଭାଗୀଦାରମାନଙ୍କ ମଧ୍ୟରେ ବିବାଦ କିମ୍ବା ଗତ କିଛି ବର୍ଷ ଧରି ବ୍ୟବସାୟରେ କ୍ଷତି ଲାଗି ରହିବା କିମ୍ବା ଅଦାଲତଙ୍କ ଆଦେଶର କାରଣରୁ କିମ୍ବା ସେହିପରି ଅନ୍ୟ କିଛି କାରଣ ଯୋଗୁ ସଂସ୍ଥା (ଫାର୍ମ) ବନ୍ଦ କରି ଦିଆଯାଇପାରେ । ଆମେ ଏହାକୁ କହି ପାରିବା ଯେ ଭାଗଦାରୀ ସଂସ୍ଥାର ଅବସାନ (ସମାପନ) ଘଟିଲା । ଏହି ପାଠରେ ତୁମେ ଭାଗଦାରୀ ସଂସ୍ଥାର ଅବସାନ କ୍ଷେତ୍ରରେ ହିସାବରକ୍ଷଣ ଉପଚାର ସମ୍ବନ୍ଧରେ ଶିଖିବ ।

## ଉଦ୍ଦେଶ୍ୟ

ଏହି ପାଠ ପଢ଼ିବା ପରେ, ତୁମେ;

- ଭାଗଦାରୀ ସଂସ୍ଥାର ଅବସାନର ଅର୍ଥ ଉଲ୍ଲେଖ କରିପାରିବ;
- ଭାଗଦାରୀର ଅବସାନ ଓ ଭାଗଦାରୀ ସଂସ୍ଥାର ଅବସାନ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ପାରିବ;
- ଅସୁଲି ହିସାବ, ପରିସମ୍ପତ୍ତିର ବିକ୍ରୟ ଓ ଦାୟଗୁଡ଼ିକର ପୈଠକୁ ବର୍ଣ୍ଣନା କରିପାରିବ;
- ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତି ଓ ଦାୟଗୁଡ଼ିକର ଉପଚାର (ଅଭିଲେଖନ) ପଦ୍ଧତିକୁ ବୁଝାଇପାରିବ;
- ଭାଗୀଦାରମାନଙ୍କ ପୁଞ୍ଜି ହିସାବ ଏବଂ ବ୍ୟାଙ୍କ୍ ଓ / ବା ଅର୍ଥ ହିସାବ ପ୍ରସ୍ତୁତ କରିପାରିବ ।

## 21.1 ଭାଗଦାରୀର ଅବସାନ ଏବଂ ଭାଗଦାରୀ ସଂସ୍ଥାର ଅବସାନ (Dissolution of Partnership and Dissolution of Partnership Firm)

ଅବସାନ ଶବ୍ଦର ଅର୍ଥ ହେଲା ଅନ୍ତ ବା ସମାପ୍ତ ହେବା । ସଂସ୍ଥାର ଅବସାନ ଏହା ସୂଚିତ କରେ ଯେ ସମସ୍ତ ଭାଗୀଦାରଙ୍କ ମଧ୍ୟରେ ଥିବା ଭାଗଦାରୀ ସମ୍ପର୍କର ପୂର୍ଣ୍ଣ ଭଙ୍ଗ (ଅନ୍ତ) ହୋଇଛି । ଭାଗଦାରୀର ଅବସାନ (ଭାଗୀଦାରଙ୍କ ଅବସର, ମୃତ୍ୟୁ କିମ୍ବା ଦେବାଳିଆ ହେବା କାରଣରୁ) କେବଳ ଭାଗୀଦାରଙ୍କ ସମ୍ପର୍କରେ ପରିବର୍ତ୍ତନ ସହ ସଂଶ୍ଳିଷ୍ଟ ହୋଇଥାଏ କିନ୍ତୁ ଏହା ଦ୍ୱାରା ସଂସ୍ଥାର ଅନ୍ତ ଘଟି ନ ଥାଏ; ଭାଗଦାରୀରେ ନିଶ୍ଚିତ ଭାବେ ଅନ୍ତ ଘଟେ କିନ୍ତୁ ସଂସ୍ଥା ପୁନର୍ଗଠିତ ରୂପରେ ସେହି ଏକା ନାମରେ ପୂର୍ବପରି ଚାଲୁ ରହିପାରେ । ତେଣୁ ଭାଗଦାରୀର ଅବସାନ ଦ୍ୱାରା ସଂସ୍ଥାର ଅବସାନ ହୋଇପାରେ କିମ୍ବା ହୋଇ ନ ପାରେ ମଧ୍ୟ; କିନ୍ତୁ ସଂସ୍ଥାର ଅବସାନ ଦ୍ୱାରା ଭାଗଦାରୀର ଅବସାନ ଅବଶ୍ୟ ହୋଇଥାଏ । ସଂସ୍ଥାର ଅବସାନ ହେଲେ ସଂସ୍ଥାର ବ୍ୟବସାୟ ବନ୍ଦ ହୋଇଯାଏ; କାରଣ ପରିସମ୍ପତ୍ତିଗୁଡ଼ିକର ବିକ୍ରୟ, ଦାୟଗୁଡ଼ିକର ପୈଠ ଏବଂ ଭାଗୀଦାରମାନଙ୍କର ଦାବୀଗୁଡ଼ିକର ଫଇସଲା କରିବା ପୂର୍ବକ ସଂସ୍ଥାର ସମସ୍ତ କାର୍ଯ୍ୟ/ଅସ୍ତିତ୍ୱକୁ ଶୂନ୍ୟ କରି ଦିଆଯାଏ । ଏକ ଫାର୍ମର ସମସ୍ତ

## ଭାଗଦାରୀ ସଂସ୍ଥାର ଅବସାନ

ଭାଗୀଦାରଙ୍କ ମଧ୍ୟରେ ଥିବା ଭାଗଦାରୀ ସମ୍ପର୍କର ଅବସାନକୁ ସଂସ୍ଥାର ଅବସାନ କୁହାଯାଏ ।

(i) **ଚୁକ୍ତିଦ୍ୱାରା ଅବସାନ :** ଏକ ସଂସ୍ଥାର ଅବସାନ ନିମ୍ନ ସ୍ଥିତିରେ ହୁଏ –

- ଯେତେବେଳେ ସବୁ ଭାଗୀଦାର ସହମତି (ମତ) ପ୍ରଦାନ କରନ୍ତି, କିମ୍ବା
- ଭାଗଦାରୀ ଚୁକ୍ତିର ସର୍ତ୍ତାବଳୀ ଅନୁସାରେ

(ii) **ବାଧ୍ୟତାମୂଳକ ଅବସାନ :** ନିମ୍ନ କ୍ଷେତ୍ରଗୁଡ଼ିକରେ ଏକ ସଂସ୍ଥାର ବାଧ୍ୟତାମୂଳକ ଅବସାନ ହୋଇଥାଏ ।

- ଯେତେବେଳେ ସମସ୍ତ ଭାଗୀଦାର କିମ୍ବା କେବଳ ଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତ ଭାଗୀଦାର ଦେବାଳିଆ ହୋଇ ଯାଇଥାଆନ୍ତି କିମ୍ବା ରୁଗ୍ଣ ମାନସିକତା ସମ୍ପନ୍ନ ହୋଇଯାଇଥାଆନ୍ତି ।
- ଯେତେବେଳେ ବ୍ୟବସାୟ ବେଆଇନ୍ ହୋଇଯାଏ ।
- ଯେତେବେଳେ ଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତ ଭାଗୀଦାର ସଂସ୍ଥାରୁ ଅବସର ନେବା ନିମନ୍ତେ ନିଷ୍ପତ୍ତି କରନ୍ତି ।
- ଏକ ସଂସ୍ଥାର ବାଧ୍ୟତାମୂଳକ ଭାବେ ମଧ୍ୟ ଅବସାନ ହୋଇଯାଏ ଯଦି ଭାଗଦାରୀ ଦଲିଲରେ ନିମ୍ନ ଘଟଣାବଳୀର ଘଟିବା ସମ୍ବନ୍ଧରେ କୌଣସି ପ୍ରାବଧାନ ଅନ୍ତର୍ଭୁକ୍ତ ଥାଏ

  (କ) ଯେଉଁ ଅବଧି ପାଇଁ ସଂସ୍ଥାର ଗଠନ ହୋଇଥିଲା ସେହି ଅବଧିର ଅତିକ୍ରାନ୍ତ ହୋଇଯିବା ଦ୍ୱାରା ।

  (ଖ) ସେହି ବିଶେଷ କାର୍ଯ୍ୟକ୍ରମ ବା ପରିଯୋଜନାର ସମାପ୍ତିରେ ଯେଉଁଥିପାଇଁ ସଂସ୍ଥା ଗଠିତ ହୋଇଥିଲା ।

(iii) **ବିଜ୍ଞପ୍ତି/ନୋଟିସ୍ ଦ୍ୱାରା ଅବସାନ :** ଏକ ଇଚ୍ଛାଧୀନ ଭାଗଦାରୀ କ୍ଷେତ୍ରରେ, ଯଦି କୌଣସି ଭାଗୀଦାର ଅନ୍ୟ ଭାଗୀଦାରମାନଙ୍କୁ ଲିଖିତ ନୋଟିସ୍ ଦିଅନ୍ତି, ତେବେ ସଂସ୍ଥାର ଅବସାନ ଘଟିପାରେ ।

(iv) **ଅଦାଲତ (Court) ଦ୍ୱାରା ଅବସାନ:** ଏକ ଅଦାଲତ ନିମ୍ନ ଲିଖିତ ସ୍ଥିତିରେ ଭାଗଦାରୀ ସଂସ୍ଥାର ଅବସାନ ନିମନ୍ତେ ଆଦେଶ ଦେଇ ପାରନ୍ତି –

(କ) ଯେତେବେଳେ ଜଣେ ଭାଗୀଦାର ରୁଗ୍ଣ ମାନସିକତା ସମ୍ପନ୍ନ ହୋଇଯାଆନ୍ତି;

(ଖ) ଯେତେବେଳେ ଜଣେ ଭାଗୀଦାର ଏକ ଭାଗୀଦାର ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ସ୍ଥାୟୀ ଭାବରେ ଅସମର୍ଥ ହୋଇଯାଆନ୍ତି;

(ଗ) ଯେତେବେଳେ ଜଣେ ଭାଗୀଦାର ସଂସ୍ଥାର ପରିଚାଳନା ସମ୍ବନ୍ଧିତ ଚୁକ୍ତିର ଜାଣିଶୁଣି ଏବଂ ଲଗାତର ଉଲ୍ଲଙ୍ଘନ କରନ୍ତି;

(ଘ) ଯେତେବେଳେ ଜଣେ ଭାଗୀଦାରଙ୍କର ଆଚରଣ ସଂସ୍ଥାର ବ୍ୟବସାୟ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ସମ୍ଭାବନା ଦୃଢ଼ ହୁଏ;

(ଙ) ଯେତେବେଳେ ଜଣେ ଭାଗୀଦାର ସଂସ୍ଥାରେ ଥିବା ତାଙ୍କର ସ୍ୱାର୍ଥକୁ କୌଣସି ତୃତୀୟ ପକ୍ଷକୁ ହସ୍ତାନ୍ତର କରିଦିଅନ୍ତି;

(ଚ) ଯେତେବେଳେ ଅଦାଲତ ସଂସ୍ଥାର ଅବସାନକୁ ଠିକ୍ ଓ ନ୍ୟାୟସଙ୍ଗତ ମନେ କରନ୍ତି ।

**ଭାଗଦାରୀର ଅବସାନ ଓ ଭାଗଦାରୀ ସଂସ୍ଥାର ଅବସାନ ମଧ୍ୟରେ ପାର୍ଥକ୍ୟ**

ତୁମେ ପୂର୍ବରୁ ପଢ଼ି ସାରିଛ ଯେ ଭାଗୀଦାରଙ୍କ ପ୍ରବେଶ, ଅବସର ଓ ମୃତ୍ୟୁରେ ବିଦ୍ୟମାନ ଭାଗଦାରୀର ଅବସାନ ଘଟେ, କିନ୍ତୁ ସଂସ୍ଥାର ବ୍ୟବସାୟ ନୂତନ ଚୁକ୍ତି ଅଧୀନରେ ଚାଲୁ ରହେ । ଯେତେବେଳେ ସଂସ୍ଥା ଉଲ୍ଲେଖ କରାଯାଇଥିବା କୌଣସି ପରିସ୍ଥିତିରେ ଏହାର ବ୍ୟାବସାୟିକ କାର୍ଯ୍ୟକଳାପକୁ ବନ୍ଦ କରିଦେବାର ନିଷ୍ପତ୍ତି ନିଏ, ତେବେ ଏହାର ଅବସାନ ଘଟେ । ଭାଗଦାରୀ ସଂସ୍ଥାର ଅବସାନ ଭାଗଦାରୀର ଅବସାନଠାରୁ ଅଲଗା ।

ଭାଗଦାରୀ ସଂସ୍ଥାର ଅବସାନର ଅର୍ଥ ସଂସ୍ଥା ଏହାର ବ୍ୟବସାୟ ବନ୍ଦ କରିଦେବା ଏବଂ ଏହାର ଅନ୍ତ ଘଟିବାକୁ ବୁଝାଏ । ଯେତେବେଳେ କି ଭାଗଦାରୀର ଅବସାନର ଅର୍ଥ ପୁରୁଣା ଭାଗଦାରୀ ଚୁକ୍ତିର ରଦ୍ଦ କରିବା ଏବଂ ଭାଗୀଦାରର ପ୍ରବେଶ, ଅବସର ଓ ମୃତ୍ୟୁ କାରଣରୁ ସଂସ୍ଥାର ପୁନର୍ଗଠନ କରିବାକୁ ବୁଝାଏ । ଭାଗଦାରୀର ଅବସାନ କ୍ଷେତ୍ରରେ ଅବଶିଷ୍ଟ ଭାଗୀଦାରମାନେ ଏକ ନୂତନ ଚୁକ୍ତି ଅଧୀନରେ ବ୍ୟବସାୟ ଚଲାଇ ରଖିବା ନିମନ୍ତେ ସହମତି ପକାଶ କରିପାରନ୍ତି ।

**ପାଠ୍ୟଗତ ପ୍ରଶ୍ନ 21.1**

ଉପଯୁକ୍ତ ଶବ୍ଦ/ଶବ୍ଦାବଳୀ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର:

1. ଏକ ଭାଗଦାରୀ ସଂସ୍ଥାର ଅନ୍ତ ଘଟେ ଯେତେବେଳେ ଏହାର କାର୍ଯ୍ୟ ........... ହୁଏ ।
2. ଯେତେବେଳେ ଏକ ସଂସ୍ଥା ଏହାର ବ୍ୟବସାୟ ବନ୍ଦ କରିବାକୁ ନିଷ୍ପତ୍ତି ନିଏ, ଏହାର .................. ହେଲା ବୋଲି କୁହାଯାଏ ।
3. ଏକ ..............ର ଅବସାନ ................ର ଅବସାନଠାରୁ ଅଲଗା ଅଟେ ।
4. ଯେତେବେଳେ ସମସ୍ତ ଭାଗୀଦାର କିମ୍ବା ଜଣକୁ ଛାଡ଼ି ଅନ୍ୟ ସମସ୍ତ ଭାଗୀଦାର ମୃତ୍ୟୁ ବରଣ କରନ୍ତି, ସେତେବେଳେ ସଂସ୍ଥାର ବାଧ୍ୟତାମୂଳକ ............ ହୋଇଥାଏ ।
5. ଯେତେବେଳେ ଜଣେ ଭାଗୀଦାର ରୁଗ୍ଣ ମାନସିକତା ସମ୍ପନ୍ନ ହୋଇ ଯାଆନ୍ତି, ସେତେବେଳେ .............ଙ୍କ ଦ୍ୱାରା ସଂସ୍ଥାର ଅବସାନ ହୁଏ ।
6. ଯେତେବେଳେ ସମସ୍ତ ଭାଗୀଦାର ସେମାନଙ୍କର ସହମତି (ମତ) ପ୍ରଦାନ କରନ୍ତି ସେତେବେଳେ .............. ଦ୍ୱାରା ସଂସ୍ଥାର ଅବସାନ ହୁଏ ।

## 21.2 ପରିସମ୍ପତ୍ତି ଓ ଦାୟଗୁଡ଼ିକର ଉପଚାର (Treatment of Assets and Liabilities)

**ପରିସମ୍ପତ୍ତି ଓ ଦାୟଗୁଡ଼ିକର ଉପଚାର**

ଯେତେବେଳେ ଭାଗୀଦାରମାନେ ସଂସ୍ଥାର ବ୍ୟବସାୟ ବନ୍ଦ କରିଦେବାର ନିଷ୍ପତ୍ତି ନିଅନ୍ତି, ସେତେବେଳେ ଏହାର ହିସାବଗୁଡ଼ିକର ଚୁକ୍ତା କରିଦେବା ଆବଶ୍ୟକ ହୋଇଥାଏ । ଏହି ଉଦ୍ଦେଶ୍ୟରେ ଏହା ନିଜ ବିରୁଦ୍ଧରେ ଥିବା ସମସ୍ତ ଦାବୀଗୁଡ଼ିକର ପୂରଣ ପାଇଁ ନିଜର ସମସ୍ତ ପରିସମ୍ପତ୍ତି (ଅର୍ଥ ଓ ବ୍ୟାଙ୍କ୍ ବଳକାକୁ ଛାଡ଼ି)କୁ ବିକ୍ରୀ କରିଦିଏ । ଏଥିପାଇଁ ଏକ ଅଲଗା ହିସାବ ଖୋଲାଯାଏ ଯାହାକୁ 'ଅସୁଲି ହିସାବ' (Realisation Account) କୁହାଯାଏ । ଅସୁଲି ହିସାବ ହେଉଛି ଏକ ହିସାବ ଯେଉଁଥିରେ ହସ୍ତସ୍ଥ ଅର୍ଥ ଓ ବ୍ୟାଙ୍କ୍ ବଳକାକୁ ବାଦ୍ ଦେଇ ଅନ୍ୟ ସମସ୍ତ ପରିସମ୍ପତ୍ତିକୁ ସେଗୁଡ଼ିକର ବହି ମୂଲ୍ୟରେ ସ୍ଥାନାନ୍ତରିତ କରି ଦିଆଯାଏ ଏବଂ ସମସ୍ତ ବାହ୍ୟ ଦାୟଗୁଡ଼ିକୁ ସେଗୁଡ଼ିକର ବହି ମୂଲ୍ୟରେ ସ୍ଥାନାନ୍ତରିତ କରି ଦିଆଯାଏ ।

ଏହା ମଧ୍ୟ ପରିସମ୍ପତ୍ତିର ବିକ୍ରୀରୁ କେତେ ଟଙ୍କା ଅସୁଲ ହେଲା ଏବଂ କେଉଁ ଦାୟ କେତେ ଟଙ୍କାରେ ଚୁକ୍ତା (ଫଇସଲା) ହେଲା ତାହା ଦର୍ଶାଏ ।

ପରିସମ୍ପତ୍ତିର ବିକ୍ରୀ ଏବଂ ଦାୟର ଚୁକ୍ତାକୁ ଲିପିବଦ୍ଧ କରିବା ନିମନ୍ତେ ନିମ୍ନ ଜାବେଦା ପ୍ରବିଷ୍ଟମାନ କରାଯାଏ:

1. **ପରିସମ୍ପତ୍ତିର ସ୍ଥାନାନ୍ତରଣ ପାଇଁ**

   ପରିସମ୍ପତ୍ତି ହିସାବକୁ ଏହାର ବହି ମୂଲ୍ୟରେ ଅସୁଲି ହିସାବକୁ ସ୍ଥାନାନ୍ତରିତ କରି ବନ୍ଦ କରିଦିଆଯାଏ:

   ଅସୁଲି ହିସାବ ଦାୟୀ<br>
   ଦାତା ପରିସମ୍ପତ୍ତି ହିସାବ (ବ୍ୟକ୍ତିଗତ ଭାବରେ)<br>
   (ପରିସମ୍ପତ୍ତିର ସ୍ଥାନାନ୍ତରଣ)

   ଏହା ଧ୍ୟାନରେ ରଖିବା ଉଚିତ ଯେ ଉଦ୍‌ବୃତ୍ତ ପତ୍ରର ପରିସମ୍ପତ୍ତି ପାର୍ଶ୍ୱରେ ଥିବା ନିମ୍ନ ଆଇଟମ୍‌ଗୁଡ଼ିକୁ ଅସୁଲି ହିସାବକୁ ସ୍ଥାନାନ୍ତରିତ କରାଯାଏ ନାହିଁ;

   (କ) (i) ଅଣ-ଆବଣ୍ଟିତ କ୍ଷତି (ଅର୍ଥାତ୍ ଲାଭ ଓ କ୍ଷତି ହିସାବର ଦାୟୀ ବଳକା)

   (ii) କାଳ୍ପନିକ (Fictitious) ପରିସମ୍ପତ୍ତି କିମ୍ବା ବିଳମ୍ବିତ ଅଣ-ପୁଞ୍ଜିଗତ ବ୍ୟୟ ଯଥା ପ୍ରାଥମିକ ବ୍ୟୟ (Preliminary expenses)

   ଉପରୋକ୍ତ ସମସ୍ତ ଆଇଟମ୍‌କୁ ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ସେମାନଙ୍କର ଲାଭ ଆବଣ୍ଟନ ଅନୁପାତରେ ସ୍ଥାନାନ୍ତରିତ କରି ବନ୍ଦ କରାଯାଏ । ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

   ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)<br>
   ଦାତା ଲାଭ ଓ କ୍ଷତି ହିସାବ<br>
   ଦାତା କାଳ୍ପନିକ ପରିସମ୍ପତ୍ତି ହିସାବ<br>
   (କ୍ଷତି ଓ କାଳ୍ପନିକ ପରିସମ୍ପତ୍ତିର ସ୍ଥାନାନ୍ତରଣ)

ଟିପ୍ପଣୀ

(ଖ) ହସ୍ତସ୍ଥ ଅର୍ଥ ଏବଂ ବ୍ୟାଙ୍କ୍‌ରେ ଥିବା ଅର୍ଥ ଅର୍ଥ/ବ୍ୟାଙ୍କ୍ ହିସାବର ପ୍ରାରମ୍ଭିକ ବଳକା ହେବ

(ଗ) ପରିସମ୍ପତ୍ତି ବିରୁଦ୍ଧରେ ଥିବା ପ୍ରାବଧାନ ଓ ସଞ୍ଚିତିକୁ ଅସୁଲି ହିସାବରେ ଦାତା କରି ବନ୍ଦ କରାଯିବ ।

ଜାବେଦା ପ୍ରବିଷ୍ଟି ହେବ:

ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନ ହିସାବ ଦାୟୀ
ମୂଲ୍ୟହ୍ରାସ ପାଇଁ ପ୍ରାବଧାନ ହିସାବ ଦାୟୀ
ଅନ୍ୟ କୌଣସି ପ୍ରାବଧାନ ହିସାବ ଦାୟୀ
ଦାତା ଅସୁଲି ହିସାବ
(ପରିସମ୍ପତ୍ତି ଉପରେ ଥିବା ପ୍ରାବଧାନର ସ୍ଥାନାନ୍ତରଣ)

**2. ଦାୟର ସ୍ଥାନାନ୍ତରଣ ପାଇଁ:**

ବିଭିନ୍ନ ବାହ୍ୟ ଦାୟର ହିସାବଗୁଡ଼ିକୁ ଅସୁଲି ହିସାବକୁ ସ୍ଥାନାନ୍ତର କରି ସେଗୁଡ଼ିକୁ ବନ୍ଦ କରି ଦିଆଯାଏ । ସଂସ୍ଥାକୁ ଯଦି କୌଣସି ଭାଗୀଦାରଙ୍କ ପତ୍ନୀ ଋଣ ଦେଇଥାଆନ୍ତି ତେବେ ଏହାକୁ ବାହ୍ୟ ଦାୟ ବୋଲି ଧରାଯାଏ ଏବଂ ଅସୁଲି ହିସାବର ଦାତା ପାର୍ଶ୍ୱକୁ ସ୍ଥାନାନ୍ତର କରି ଦିଆଯାଏ । ଏଥିପାଇଁ ଜାବେଦା ପ୍ରବିଷ୍ଟି ନିମ୍ନମତେ ହେବ:

ବାହ୍ୟ ଦାୟ ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)
ଦାତା ଅସୁଲି ହିସାବ
(ବାହ୍ୟ ଦାୟର ସ୍ଥାନାନ୍ତରଣ)

ଭାଗୀଦାରଙ୍କ ପୁଞ୍ଜି ଓ ଋଣ ହିସାବଗୁଡ଼ିକର ଅଲଗା ଉପଚାର(ଫଇସଲା) କରାଯାଏ ଏବଂ ତେଣୁ ସେଗୁଡ଼ିକୁ ଅସୁଲି ହିସାବକୁ ସ୍ଥାନାନ୍ତର କରାଯାଏ ନାହିଁ ।

**3. ଗଚ୍ଛିତ ସଞ୍ଚିତି ଓ ଲାଭ/କ୍ଷତିର ଉପଚାର (Treatment of accumulated reserves and profit/loss)**

ଅବସାନ ତାରିଖରେ ଯଦି କୌଣସି ଗଚ୍ଛିତ ସଞ୍ଚିତିର ବଳକା (ଯଥା ସାଧାରଣ ସଞ୍ଚିତି), ଲାଭ ଓ କ୍ଷତି ହିସାବ (ଦାତା), ସଞ୍ଚିତି ପାଣ୍ଠି ଏବଂ ଅନ୍ୟାନ୍ୟ ସଞ୍ଚିତି ଥାଏ, ତେବେ ସେଗୁଡ଼ିକୁ ଭାଗୀଦାରଙ୍କ ପୁଞ୍ଜି ହିସାବରେ ଲାଭ ଆବଣ୍ଟନ ଅନୁପାତରେ ଦାତା କରାଯିବ । ଏଥିପାଇଁ ନିମ୍ନ ଜାବେଦା ପ୍ରବିଷ୍ଟି କରାଯିବ:

ଲାଭ ଓ କ୍ଷତି ହିସାବ ଦାୟୀ
ସାଧାରଣ ସଞ୍ଚିତି ହିସାବ ଦାୟୀ
ଅନ୍ୟ କୌଣସି ପାଣ୍ଠି ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ (ବ୍ୟକ୍ତିଗତ ଭାବରେ)
(ଲାଭ ଓ ସଞ୍ଚିତିର ସ୍ଥାନାନ୍ତରଣ)

**4. ପରିସମ୍ପତ୍ତିର ବିକ୍ରୀ ପାଇଁ (ନଗଦ ଅର୍ଥରେ)**

ବ୍ୟାଙ୍କ/ଅର୍ଥ ହିସାବ ଦାୟୀ (ଲବ୍ଧ/ଅସୁଲି ମୂଲ୍ୟ)
ଦାତା ଅସୁଲି ହିସାବ
(ପରିସମ୍ପତ୍ତିର ବିକ୍ରୟ)

**5. ଭାଗୀଦାରଙ୍କ ଦ୍ୱାରା ପରିସମ୍ପତ୍ତି ନିଆଯିବା ପାଇଁ**

| | |
|---|---|
| ଭାଗୀଦାରଙ୍କ ପୁଞ୍ଜି ହିସାବ | ଦାୟୀ |
| ଦାତା ଅସୁଲି ହିସାବ | (ସହମତ ମୂଲ୍ୟ) |
| (ଭାଗୀଦାରଙ୍କ ଦ୍ୱାରା ପରିସମ୍ପତ୍ତି ନିଆଯିବା ପାଇଁ) | |

**6. ଭାଗୀଦାରଙ୍କୁ ପ୍ରଦତ୍ତ ଋଣର ଫଇସଲା ପାଇଁ**

| | |
|---|---|
| ବ୍ୟାଙ୍କ/ଅର୍ଥ/ଭାଗୀଦାରଙ୍କ ପୁଞ୍ଜି ହିସାବ | ଦାୟୀ |
| ଦାତା ଭାଗୀଦାରଙ୍କୁ ଋଣ ହିସାବ | |
| (ଭାଗୀଦାରଙ୍କୁ ଋଣର ଫଇସଲା) | |

**7. ଭାଗୀଦାରଙ୍କ ଦ୍ୱାରା ପ୍ରଦତ୍ତ ଋଣର ଫଇସଲା ପାଇଁ**

| | |
|---|---|
| ଭାଗୀଦାରଙ୍କ ଋଣ ହିସାବ | ଦାୟୀ |
| ଦାତା ବ୍ୟାଙ୍କ/ଅର୍ଥ/ଭାଗୀଦାରଙ୍କ ପୁଞ୍ଜି ହିସାବ | |
| (ଭାଗୀଦାରଙ୍କ ଦ୍ୱାରା ପ୍ରଦତ୍ତ ଋଣର ଫଇସଲା) | |

**୫. ନଗଦ ଅର୍ଥରେ ଦାୟର ପୈଠ**

| | |
|---|---|
| ଅସୁଲି ହିସାବ | ଦାୟୀ |
| ଦାତା ଅର୍ଥ ହିସାବ | |
| (ଦାୟର ପୈଠ) | |

**9. ଭାଗୀଦାର(ଙ୍କ) ଦ୍ୱାରା ଦାୟର ପୈଠ**

| | |
|---|---|
| ଅସୁଲି ହିସାବ | ଦାୟୀ |
| ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ | |
| (ଭାଗୀଦାରଙ୍କ ଦ୍ୱାରା ଦାୟ ନିଆଯିବା ପାଇଁ) | |

**ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତି ଏବଂ ଦାୟଗୁଡ଼ିକର ଉପଚାର (Treatment of unrecorded assets and liabilities)**

ସମୟ ସମୟରେ ଏପରି କେତେକ ପରିସମ୍ପତ୍ତି ଥାଇପାରେ ଯାହାର ପୂର୍ବ ବର୍ଷମାନଙ୍କରେ ସମ୍ପୂର୍ଣ୍ଣ ଭାବେ ଅବଲିଖନ ହୋଇ ସାରିଛି ଏବଂ ତେଣୁ ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇନାହିଁ; ମାତ୍ର ବସ୍ତୁତଃ ସେଗୁଡ଼ିକ ଏବେ ବି ପ୍ରଚାଳନ (କାର୍ଯ୍ୟକାରୀ) ଉଦ୍ଦେଶ୍ୟରେ ବିଦ୍ୟମାନ ଅଛି । ଉଦାହରଣ ସ୍ୱରୂପ, ଏକ ପୁରୁଣା କମ୍ପ୍ୟୁଟର ଅଛି ଯାହା ଏବେ ବି କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି ଯଦିଓ ତା'ର ବହି ମୂଲ୍ୟ ଶୂନ୍ୟ ହୋଇସାରିଛି । ସେହିପରି କିଛି ଦାୟ ଥାଇପାରେ ଯାହା ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇ ନଥାଏ; ମାତ୍ର ପ୍ରକୃତରେ ସେଗୁଡ଼ିକ ଏବେ ବି ବିଦ୍ୟମାନ ଅଛି । ଉଦାହରଣ ସ୍ୱରୂପ, ବ୍ୟାଙ୍କ୍‌ରେ ଭଙ୍ଗାଯାଇଥିବା ଏକ ହୁଣ୍ଡି ସଂସ୍ଥାର ଅବସାନ ସମୟରେ ଅସମ୍ମାନିତ ହେଲା ଏବଂ ସେଥିପାଇଁ ସଂସ୍ଥାଦ୍ୱାରା ଏହାକୁ ପୈଠ ଉଦ୍ଦେଶ୍ୟରେ ନିଆଗଲା ।

ଏହା ମନେ ରଖିବାକୁ ହେବ ଯେ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତିକୁ କେବେ ବି ଅସୁଲି ହିସାବର ଦାୟୀ ପାର୍ଶ୍ୱକୁ ସ୍ଥାନାନ୍ତର କରାଯିବ ନାହିଁ । କିନ୍ତୁ ଏହାର ବିକ୍ରୟରୁ ଲବ୍ଧ ରାଶି ଏକ ଅଧିଲାଭ ପ୍ରକୃତିର ହୋଇଥିବାରୁ ଏହାକୁ କେବଳ ନିୟମାନୁସାରେ ଅସୁଲି ହିସାବରେ ଦାତା କରାଯିବ । ସେହିପରି ଏକ ଅଣ-ରେକର୍ଡଭୁକ୍ତ ଦାୟକୁ ଅସୁଲି ହିସାବକୁ ସ୍ଥାନାନ୍ତର କରିବାର ଆବଶ୍ୟକତା ନାହିଁ । ଏହାର କାରଣ

ହେଲା ଏଭଳି ଦାୟର ପୈଠ ଏକ କ୍ଷତି ଅଟେ ଏବଂ ଅସୁଲି ହିସାବକୁ କେବଳ ପ୍ରକୃତ ପୈଠ ରାଶି ଦ୍ୱାରା ଦାୟୀ କରାଯାଏ । ଏହି ସ୍ଥିତିଗୁଡ଼ିକରେ ନିମ୍ନ ଜାବେଦା ପ୍ରବିଷ୍ଟିମାନ କରାଯାଏ:

(କ) ଯେତେବେଳେ ଏକ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତିର ବିକ୍ରୟରୁ କିଛି ରାଶି ଲବ୍ଧ (ଅସୁଲ) ହୁଏ:

ଅର୍ଥ/ବ୍ୟାଙ୍କ ହିସାବ ଦାୟୀ
ଦାତା ଅସୁଲି ହିସାବ
(ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତିର ବିକ୍ରୟ)

(ଖ) ଯେତେବେଳେ ଏକ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତିକୁ ଏକ ଭାଗୀଦାର ସହମତ ମୂଲ୍ୟରେ ନେଇଯାଆନ୍ତି:

ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ
ଦାତା ଅସୁଲି ହିସାବ
(ଅଣରେକର୍ଡଭୁକ୍ତ ପରିସମ୍ପତ୍ତି ଭାଗୀଦାରଙ୍କ ଦ୍ୱାରା ନିଆଗଲା)

(ଗ) ଯେତେବେଳେ ଅଣ-ରେକର୍ଡଭୁକ୍ତ ଦାୟ ସଂସ୍ଥାଦ୍ୱାରା ଫଇସଲା ହୁଏ:

ଅସୁଲି ହିସାବ ଦାୟୀ
ଦାତା ବ୍ୟାଙ୍କ/ଅର୍ଥ ହିସାବ
(ଅଣରେକର୍ଡଭୁକ୍ତ ଦାୟର ପୈଠ)

(ଘ) ଯେତେବେଳେ ଅଣ-ରେକର୍ଡଭୁକ୍ତ ଦାୟ ସଂସ୍ଥା ତରଫରୁ ଭାଗୀଦାରଙ୍କ ଦ୍ୱାରା ଫଇସଲା (ପୈଠ) କରାଯାଏ:

ଅସୁଲି ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ
(ଅଣରେକର୍ଡଭୁକ୍ତ ଦାୟ ଭାଗୀଦାରଙ୍କ ଦ୍ୱାରା ପୈଠ ହେଲା)

**ଅସୁଲି ବ୍ୟୟର ପୈଠ (Payment of Realisation Expenses)**

(କ) ଯେତେବେଳେ ସଂସ୍ଥାଦ୍ୱାରା ଅସୁଲି ବ୍ୟୟର ପୈଠ କରାଯାଏ (ଅର୍ଥାତ୍ ବହନ କରାଯାଏ) । ନିମ୍ନ ଜାବେଦା ପ୍ରବିଷ୍ଟି ଲେଖାଯିବ:

ଅସୁଲି ହିସାବ ଦାୟୀ
ଦାତା ବ୍ୟାଙ୍କ/ଅର୍ଥ ହିସାବ
(ଅସୁଲି ବ୍ୟୟର ପୈଠ)

(ଖ) ଯେତେବେଳେ ଅସୁଲି ବ୍ୟୟର ପୈଠ ସଂସ୍ଥା ତରଫରୁ ଭାଗୀଦାରଙ୍କ ଦ୍ୱାରା କରାଯାଏ (ଅର୍ଥାତ୍ ଅସୁଲି ବ୍ୟୟ ଭାଗୀଦାରଙ୍କ ଦ୍ୱାରା ପୈଠ କରାଯାଏ, କିନ୍ତୁ ସଂସ୍ଥା ଦ୍ୱାରା ବହନ କରାଯାଏ) । ନିମ୍ନ ଜାବେଦା ପ୍ରବିଷ୍ଟି ହେବ:

ଅସୁଲି ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ
(ଭାଗୀଦାରଙ୍କ ଦ୍ୱାରା ସଂସ୍ଥା ତରଫରୁ ଅସୁଲି ବ୍ୟୟର ପୈଠ)

(ଗ) ଭାଗୀଦାରଙ୍କ ଦ୍ୱାରା ଅସୁଲି ବ୍ୟୟର ପୈଠ ଏବଂ ଭାଗୀଦାରଙ୍କ ଦ୍ୱାରା ବହନ:

ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ
ଦାତା ଅର୍ଥ/ବ୍ୟାଙ୍କ ହିସାବ
(ଭାଗୀଦାରଙ୍କ ଦ୍ୱାରା ଅସୁଲି ବ୍ୟୟର ପୈଠ ଓ ବହନ)

**ଅସୁଲି ହିସାବର ବନ୍ଦ କରିବା (Closing of Realisation Account)**

ଅସୁଲି ହିସାବର ବଳକା (ସଂସ୍ଥାର) ଅବସାନ ଜନିତ ଲାଭ କିମ୍ବା କ୍ଷତି ଦର୍ଶାଇବ। ଯଦି ଦାୟ ପାର୍ଶ୍ୱର ମୋଟ ଦାୟୀ ପାର୍ଶ୍ୱର ମୋଟ ଅପେକ୍ଷା ଅଧିକ ହୁଏ, ତେବେ ଲାଭ ହୁଏ ଏବଂ ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଅସୁଲି ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ (ବ୍ୟକ୍ତିଗତ ଭାବରେ)
(ଅସୁଲି ଜନିତ ଲାଭର ପୁଞ୍ଜି ହିସାବକୁ ସ୍ଥାନାନ୍ତରଣ)

ଯଦି ଦାୟୀ ପାର୍ଶ୍ୱ ଦାତା ପାର୍ଶ୍ୱ ଅପେକ୍ଷା ଅଧିକ ହୁଏ, ତେବେ ଅବସାନ ଜନିତ କ୍ଷତି ହୁଏ ଏବଂ ନିମ୍ନ ଜାବେଦା ପ୍ରବିଷ୍ଟ କରାଯାଏ:

ଭାଗୀଦାରଙ୍କ ପୁଞ୍ଜି/ଚଳନ୍ତି ହିସାବ ଦାୟୀ (ବ୍ୟକ୍ତିଗତ ଭାବରେ)
ଦାତା ଅସୁଲି ହିସାବ
(ଅସୁଲି ଜନିତ କ୍ଷତିର ପୁଞ୍ଜି ହିସାବକୁ ସ୍ଥାନାନ୍ତରଣ)

**ଅସୁଲି ହିସାବର ଛାଞ୍ଚ (Format of Realisation Account)**

**ଅସୁଲି ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| **ସମସ୍ତ ପରିସମ୍ପତ୍ତି ହିସାବ(ବହିମୂଲ୍ୟ)** (ଅର୍ଥ/ବ୍ୟାଙ୍କ ବ୍ୟତୀତ) | | **ସମସ୍ତ ବାହ୍ୟ ଦାୟ ହିସାବ(ବହିମୂଲ୍ୟ)** | |
| **ଅର୍ଥ/ବ୍ୟାଙ୍କ ହିସାବ** (ବାହ୍ୟ ଦାୟର ପୈଠ) | | **ଅର୍ଥ/ବ୍ୟାଙ୍କ ହିସାବ** (ବିଭିନ୍ନ ପରିସମ୍ପତ୍ତି ବିକ୍ରୟରୁ ଅସୁଲ/ଲବ୍ଧ ରାଶି) | |
| **ଭାଗୀଦାରଙ୍କ ପୁଞ୍ଜି ହିସାବ** (ଯଦି ଭାଗୀଦାରଙ୍କ ଦ୍ୱାରା କିଛି ଦାୟ ପୈଠ ହୁଏ) | | **ଭାଗୀଦାରଙ୍କ ପୁଞ୍ଜି ହିସାବ** (ଯଦି କୌଣସି ପରିସମ୍ପତ୍ତି ନିଆଯାଏ) | |
| **ଅର୍ଥ/ବ୍ୟାଙ୍କ୍ ହିସାବ** (ଅସୁଲି ଜନିତ ବ୍ୟୟ) | | **ଭାଗୀଦାରଙ୍କ ପୁଞ୍ଜି ହିସାବ** (ଅସୁଲି ଜନିତ କ୍ଷତିର ସ୍ଥାନାନ୍ତରଣ ପାଇଁ) | |
| **ଭାଗୀଦାରଙ୍କ ପୁଞ୍ଜି ହିସାବ** (ଭାଗୀଦାରଙ୍କ ଦ୍ୱାରା ଅସୁଲି ଜନିତ ବ୍ୟୟର ପୈଠ) | | | |
| **ଭାଗୀଦାରଙ୍କ ପୁଞ୍ଜି ହିସାବ** (ଅସୁଲି ଜନିତ ଲାଭର ସ୍ଥାନାନ୍ତରଣ ପାଇଁ) | | | |



ଟିପ୍ପଣୀ

### ପାଠ୍ୟଗତ ପ୍ରଶ୍ନ 21.2

ନିମ୍ନରେ କେତେକ ଉକ୍ତି ଦିଆଯାଇଛି । ତନ୍ମଧ୍ୟରୁ କେତେକ ଉକ୍ତି ସତ୍ୟ ଏବଂ କେତେକ ମିଥ୍ୟା ଅଟେ । ସତ୍ୟ ଉକ୍ତି ସିଧାରେ 'ସତ୍ୟ' ଏବଂ ମିଥ୍ୟା ଉକ୍ତି ସିଧାରେ 'ମିଥ୍ୟା' ଲେଖ ।

(i) ଅବସାନ ସମୟରେ ଅର୍ଥ ଓ ବ୍ୟାଙ୍କ୍ ସମେତ ସମସ୍ତ ହିସାବକୁ ଅସୁଲି ହିସାବକୁ ସ୍ଥାନାନ୍ତର କରାଯାଏ ।

(ii) ସଂସ୍ଥାର ଅବସାନରେ ସଂସ୍ଥାର ବ୍ୟାବସାୟିକ କାର୍ଯ୍ୟ ବନ୍ଦ ହୋଇଯାଏ ।

(iii) ଅସୁଲି ହିସାବର ପ୍ରସ୍ତୁତି ପରେ ଅସୁଲି ହିସାବର ଲାଭ କିମ୍ବା କ୍ଷତିକୁ ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ସ୍ଥାନାନ୍ତର କରାଯାଏ ।

(iv) ଏକ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତିର ବିକ୍ରୟରୁ ପ୍ରାପ୍ତ ରାଶିକୁ ଅସୁଲି ହିସାବରେ ଲେଖାଯାଏ ।

(v) ସାଧାରଣ ସଞ୍ଚିତିର ବଳକା ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ସ୍ଥାନାନ୍ତରିତ ହୁଏ ।

(vi) ଭାଗୀଦାରଙ୍କଦ୍ୱାରା ସଂସ୍ଥା ତରଫରୁ ପୈଠ କରାଯାଇଥିବା ଅସୁଲି ବ୍ୟୟକୁ ଅସୁଲି ହିସାବ ଏବଂ ଭାଗୀଦାରଙ୍କ ପୁଞ୍ଜି ହିସାବରେ ଲିପିବଦ୍ଧ କରାଯାଏ ।

---

## 21.3 ଭାଗୀଦାରଙ୍କ ପୁଞ୍ଜି ହିସାବ ଏବଂ ଅର୍ଥ/ବ୍ୟାଙ୍କ ହିସାବ

ଭାଗୀଦାରମାନଙ୍କ ପୁଞ୍ଜି ହିସାବ ସମ୍ବନ୍ଧିତ ସମସ୍ତ ସମାୟୋଜନ ଏବଂ ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ଅସୁଲି ଜନିତ ଲାଭ ବା କ୍ଷତିର ସ୍ଥାନାନ୍ତରଣ ପରେ ପୁଞ୍ଜି ହିସାବଗୁଡ଼ିକ ନିମ୍ନ ପ୍ରଣାଳୀରେ ବନ୍ଦ କରାଯାଏ:

(କ) ଯଦି ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ ବଳକା ଦର୍ଶାଏ, ତେବେ ଭାଗୀଦାରଙ୍କୁ ଆବଶ୍ୟକ ପରିମାଣର ଟଙ୍କା ଆଣିବାକୁ ପଡ଼େ । ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ବ୍ୟାଙ୍କ/ଅର୍ଥ ହିସାବ ଦାୟୀ
ଦାତା ଭାଗୀଦାରଙ୍କ ପୁଞ୍ଜି ହିସାବ
(ଭାଗୀଦାରଙ୍କ ଦ୍ୱାରା ଅର୍ଥ ଅଣାହେଲା)

(ଖ) ଯଦି ଭାଗୀଦାରଙ୍କ ପୁଞ୍ଜି ହିସାବ ଦାତା ବଳକା ଦର୍ଶାଏ, ତାଙ୍କୁ ଆବଶ୍ୟକୀୟ ପରିମାଣର ମୁଦ୍ରା ପୈଠ କରିଦିଆଯାଏ । ନିମ୍ନ ଜାବେଦା ପ୍ରବିଷ୍ଟି କରାଯାଏ:

ଭାଗୀଦାରଙ୍କ ପୁଞ୍ଜି ହିସାବ ଦାୟୀ
ଦାତା ବ୍ୟାଙ୍କ/ଅର୍ଥ ହିସାବ
(ଭାଗୀଦାରଙ୍କୁ ଅର୍ଥ ପୈଠ ହେଲା)

### ଅର୍ଥ / ବ୍ୟାଙ୍କ ହିସାବର ପ୍ରସ୍ତୁତି

ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବନ୍ଦ କରିସାରିବା ପରେ ବ୍ୟାଙ୍କ୍ ହିସାବ ପ୍ରସ୍ତୁତ କରାଯାଏ ଏବଂ ଏଥିରେ ସଂସ୍ଥାର ଅବସାନରେ ଭାଗୀଦାରଙ୍କ ଦ୍ୱାରା ଆନୀତ ଅର୍ଥ ସହିତ ବ୍ୟାଙ୍କ/ଅର୍ଥ ସମ୍ବନ୍ଧିତ ସମସ୍ତ ପ୍ରବିଷ୍ଟିକୁ ଖତିଆନୀ କରାଯାଏ । ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବ୍ୟାଙ୍କ୍ ହିସାବରୁ ପୈଠ କରିବା ପୂର୍ବକ ବନ୍ଦ

କରି ଦିଆଯାଏ ଏବଂ ତଦ୍ୱାରା ପୈଠରେ ଆଦାନ/ପ୍ରଦାନ ପୂର୍ବକ ବ୍ୟାଙ୍କ୍ ହିସାବ ସ୍ୱତଃ ବନ୍ଦ ହୋଇଯାଏ । ଏହି ଉପାୟରେ ସମସ୍ତ ହିସାବକୁ ବନ୍ଦ କରି ଦିଆଯାଏ । ଯଦି ଅର୍ଥ/ବ୍ୟାଙ୍କ ହିସାବ କୌଣସି ବଳକା ନ ଦର୍ଶାଏ, ତେବେ ଏହା ସୂଚିତ ହୁଏ ଯେ ସମାପିତ ସଂସ୍ଥା (dissolved firm)ର ସମସ୍ତ ହିସାବ ଯଥାରୀତି ବନ୍ଦ ହୋଇଯାଇଛି ।

**ଉଦାହରଣ 1**

ଅରୁଣ ଓ ସୀମା ଏକ ସଂସ୍ଥାରେ ସମାନ ଭାଗୀଦାର ଅଟନ୍ତି । ସେମାନେ 31 ମାର୍ଚ୍ଚ 2006ରେ ଭାଗଦାରୀର ଅବସାନ ନିମନ୍ତେ ନିଷ୍ପତ୍ତି ନେଲେ ଯେଉଁଦିନ ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା ।

**ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ବିବିଧ ଉଧାରଦାତା | | 54,000 | ବ୍ୟାଙ୍କରେ ଅର୍ଥ | 22,000 |
| ସଞ୍ଚିତି ପାଣ୍ଠି | | 20,000 | ବିବିଧ ଉଧାର ଗ୍ରହୀତା | 24,000 |
| ଋଣ | | 80,000 | ମହଜୁଦ ମାଲ (ଷ୍ଟକ୍) | 84,000 |
| ପୁଞ୍ଜି: | | | ଆସବାବ ପତ୍ର | 50,000 |
| ଅରୁଣ | 1,20,000 | | ସଂଯନ୍ତ୍ର | 94,000 |
| ସୀମା | 1,20,000 | 2,40,000 | ପଟ୍ଟାଦାରୀ ଭୂମି(ଜମି) (Leasehold land) | 1,20,000 |
| | | 3,94,000 | | 3,94,000 |

ପରିସମ୍ପତ୍ତିଗୁଡ଼ିକରୁ ନିମ୍ନ ମତେ ଅସୁଲି ହେଲା:

| | (₹) |
|---|---|
| ପଟ୍ଟାଧାରୀ ଜମି | 1,44,000 |
| ଆସବାବ ପତ୍ର | 45,000 |
| ମହଜୁଦ ମାଲ | 81,000 |
| ସଂଯନ୍ତ୍ର | 96,000 |
| ବିବିଧ ଉଧାର ଗ୍ରହୀତା | 21,000 |

ବିବିଧ ଉଧାର ଦାତାଙ୍କୁ ₹51,000 ପୈଠ କରି ପୂର୍ଣ୍ଣ ଚୁକ୍ତା ହେଲା । ଅସୁଲି ବ୍ୟୟ ₹6,000 ହେଲା ।

ସଂସ୍ଥାର ବହିଗୁଡ଼ିକୁ ବନ୍ଦ କରିବା ପାଇଁ ଅସୁଲି ହିସାବ, ବ୍ୟାଙ୍କ ହିସାବ ଏବଂ ଭାଗୀଦାରମାନଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ।

ଟିପ୍ପଣୀ

**ସମାଧାନ:**

## ଅରୁଣ ଓ ସୀମାଙ୍କ ବହି

### ଅସୁଲି ହିସାବ

ଦାୟୀ | ଦାତା

| ବିବରଣ | | ପରିମାଣ (₹) | ବିବରଣ | | ପରିମାଣ (₹) |
|---|---|---|---|---|---|
| ପରିସମ୍ପତ୍ତିର ହସ୍ତାନ୍ତରଣ: | | | ବିବିଧ ଉଧାର ଦାତା | | 54,000 |
| ବିବିଧ ଉଧାରଗ୍ରୀତା | 24,000 | | ଋଣ | | 80,000 |
| ସଂଯନ୍ତ୍ର | 94,000 | | ବ୍ୟାଙ୍କ: | | |
| ମହଜୁଦ ମାଲ | 84,000 | | ବିବିଧ ଉଧାରଗ୍ରହୀତା | 21,000 | |
| ପଟ୍ଟାଧାରୀ ଜମି | 1,20,000 | | ସଂଯନ୍ତ୍ର | 96,000 | |
| ଆସବାବପତ୍ର | 50,000 | 3,72,000 | ମହଜୁଦ ମାଲ | 81,000 | |
| ବ୍ୟାଙ୍କ: | | | ପଟ୍ଟାଧାରୀ ଜମି | 1,44,000 | |
| ଉଧାର ଦାତା | 51,000 | | ଆସବାବପତ୍ର | 45,000 | 3,87,000 |
| ଋଣ | 80,000 | | | | |
| ଅସୁଲି ବ୍ୟୟ | 6,000 | 1,37,000 | | | |
| ଲାଭର ସ୍ଥାନାନ୍ତରଣ: | | | | | |
| ଅରୁଣର ପୁଞ୍ଜି | 6,000 | | | | |
| ସୀମାର ପୁଞ୍ଜି | 6,000 | 12,000 | | | |
| | | 5,21,000 | | | 5,21,000 |

### ପୁଞ୍ଜି ହିସାବ

ଦାୟୀ | ଦାତା

| ବିବରଣ | ଅରୁଣ (₹) | ସୀମା (₹) | ବିବରଣ | ଅରୁଣ (₹) | ସୀମା (₹) |
|---|---|---|---|---|---|
| ବ୍ୟାଙ୍କ୍ | 1,36,000 | 1,36,000 | ବଳକା ନି/ଅ | 1,20,000 | 1,20,000 |
| | | | ସଞ୍ଚିତି ପାଣ୍ଠି | 10,000 | 10,000 |
| | | | ଅସୁଲି ହିସାବ(ଲାଭ) | 6,000 | 6,000 |
| | 1,36,000 | 1,36,000 | | 1,36,000 | 1,36,000 |

**ବ୍ୟାଙ୍କ୍ ହିସାବ**

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବଳକା ନି/ଅ | 22,000 | ଅସୁଲି ହିସାବ | 1,37,000 |
| ଅସୁଲି ହିସାବ | 3,87,000 | ଅରୁଣର ପୁଞ୍ଜି | 1,36,000 |
| | | ସୀମାର ପୁଞ୍ଜି | 1,36,000 |
| | 4,09,000 | | 4,09,000 |

**ଉଦାହରଣ 2**

ସୋନିୟା ଏବଂ ମୟଙ୍କ ଭାଗୀଦାର ଅଟନ୍ତି ଯେଉଁମାନେ 3:2ରେ ଲାଭ ଆବଣ୍ଟନ କରନ୍ତି । ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର ନିମ୍ନରେ ଅଛି:

**ଡିସେମ୍ବର 31,2006ରେ ଉଦ୍‌ବୃତ୍ତ ପତ୍ର**

ଦାୟୀ ଦାତା

| ଦାୟ | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|
| ଉଧାର ଦାତା | 28,000 | ହସ୍ତସ୍ଥ ଅର୍ଥ | | 10,500 |
| ଦେୟ ହୁଣ୍ଡି | 20,000 | ବ୍ୟାଙ୍କରେ ଅର୍ଥ | | 30,000 |
| ଲାଭ ଓ କ୍ଷତି ହିସାବ | 13,500 | ମହଜୁଦ ମାଲ | | 7,500 |
| ସୋନିୟାର ପୁଞ୍ଜି | 32,500 | ବିବିଧ ଉଧାରଗ୍ରହୀତା | 21,500 | |
| ମୟଙ୍କର ପୁଞ୍ଜି | 11,500 | ବିୟୁକ୍ତ: ଅନାଦାୟୀ | | |
| | | ଋଣ ପାଇଁ ପ୍ରାବଧାନ | 500 | 21,000 |
| | | ଭୂମି ଓ କୋଠା | | 36,500 |
| | 1,05,500 | | | 1,05,500 |

ଡିସେମ୍ବର 31, 2006ରେ ସଂସ୍ଥାର ଅବସାନ ଘଟିଲା । ନିମ୍ନ ସୂଚନା ସହିତ ସଂସ୍ଥାର ବହିଗୁଡ଼ିକ ବନ୍ଦ କର:

(i) ଉଧାର ଗ୍ରହୀତାଙ୍କଠାରୁ 5% ରିହାତିରେ ଅସୁଲି ହେଲା ।

(ii) ମହଜୁଦ ମାଲରୁ ₹7,000 ଅସୁଲ ହେଲା ।

(iii) କୋଠାରୁ ₹42,000 ଅସୁଲ ହେଲା ।

(iv) ଅସୁଲି ବ୍ୟୟର ପରିମାଣ ₹1,500 ହେଲା ।

(v) ଉଧାରଦାତା ଓ ଦେୟ ହୁଣ୍ଡିକୁ ପୂର୍ଣ୍ଣ ପୈଠ କରାଗଲା ।

ଆବଶ୍ୟକୀୟ ଖତିଆନ ହିସାବ ପ୍ରସ୍ତୁତ କର ।

**ସମାଧାନ :**

## ସୋନିୟା ଓ ମୟଙ୍କର ବହି

### ଅସୁଲି ହିସାବ

ଦାୟୀ | ଦାତା

| ବିବରଣ | | ପରିମାଣ (₹) | ବିବରଣ | | ପରିମାଣ (₹) |
|---|---|---|---|---|---|
| ପରିସମ୍ପତ୍ତିର ହସ୍ତାନ୍ତରଣ: | | | ଅନାଦାୟୀ ଋଣ ପାଇଁ ପ୍ରାବଧାନ | | 500 |
| ମହଜୁଦ ମାଲ | 7,500 | | ଉଧାର ଦାତା | | 28,000 |
| ବିବିଧ ଉଧାର ଗ୍ରହୀତା | 21,500 | | ଦେୟ ହୁଣ୍ଡି | | 20,000 |
| ଭୂମି ଓ କୋଠା | 36,500 | 65,500 | ବ୍ୟାଙ୍କ୍: | | |
| ବ୍ୟାଙ୍କ୍: | | | ଉଧାରଗ୍ରହୀତା | 20,425 | |
| ଉଧାରଦାତା | 28,000 | | ମହଜୁଦ ମାଲ | 7,000 | |
| ଦେୟ ହୁଣ୍ଡି | 20,000 | | ଭୂମି ଓ କୋଠା | 42,000 | 69,425 |
| ଅସୁଲି ବ୍ୟୟ | 1,500 | 49,500 | | | |
| ଲାଭର ହସ୍ତାନ୍ତରଣ(3:2): | | | | | |
| ସୋନିୟାର ପୁଞ୍ଜି | 1,755 | | | | |
| ମୟଙ୍କର ପୁଞ୍ଜି | 1,170 | 2,925 | | | |
| | | 1,17,925 | | | 1,17,925 |

### ପୁଞ୍ଜି ହିସାବ

ଦାୟୀ | ଦାତା

| ବିବରଣ | ସୋନିୟା (₹) | ମୟଙ୍କ (₹) | ବିବରଣ | ସୋନିୟା (₹) | ମୟଙ୍କ (₹) |
|---|---|---|---|---|---|
| ବ୍ୟାଙ୍କ୍ | 42,355 | 18,070 | ବଳକା ନି/ଅ | 32,500 | 11,500 |
| | | | ଲାଭ ଓ କ୍ଷତି ହିସାବ | 8,100 | 5,400 |
| | | | ଅସୁଲି ହିସାବ(ଲାଭ) | 1,755 | 1,170 |
| | 42,355 | 18,070 | | 42,355 | 18,070 |

ଟିପ୍ପଣୀ

**ଅର୍ଥ ଓ ବ୍ୟାଙ୍କ ହିସାବ**

ଦାୟୀ                                                                                                    ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବଳକା ନି/ଅ | 40,500 | ଅସୁଲି ହିସାବ | 49,500 |
| ଅସୁଲି ହିସାବ | 69,425 | ସୋନିୟାର ପୁଞ୍ଜି | 42,355 |
| | | ମୟଙ୍କର ପୁଞ୍ଜି | 18,070 |
| | 1,09,925 | | 1,09,925 |

**ଉଦାହରଣ 3**

ତନୁ, ମନୁ ଓ ଚେତନ ଭାଗଦାରୀରେ ଅଛନ୍ତି ଯେଉଁମାନେ କି ଯଥାକ୍ରମେ 1/2, 1/3, 1/6ରେ ସମାନୁପାତରେ ଲାଭ ଆବଣ୍ଟନ କରୁଛନ୍ତି । ସେମାନେ ଡିସେମ୍ବର 31, 2006ରେ ସଂସ୍ଥାର ଅବସାନ ଘଟାଇଲେ ଯେଉଁଦିନ ସଂସ୍ଥାର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31,2006ରେ ଉଦ୍‌ବୃତ୍ତ ପତ୍ର**

ଦାୟୀ                                                                                                    ଦାତା

| ବିବରଣ | | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|---|
| ବିବିଧ ଉଧାରଦାତା | | 30,000 | ବ୍ୟାଙ୍କ | 37,500 |
| ଦେୟ ହୁଣ୍ଡି | | 25,000 | ବିବିଧ ଉଧାର ଗ୍ରହୀତା | 58,000 |
| ମନୁର ଋଣ | | 40,000 | ମହଜୁଦ ମାଲ | 39,500 |
| ପୁଞ୍ଜି: | | | ବିନିଯୋଗ | 42,000 |
| ତନୁ | 90,000 | | ଯନ୍ତ୍ରପାତି | 48,000 |
| ମନୁ | 75,000 | | ପଟ୍ଟାମୁକ୍ତ ସମ୍ପତ୍ତି | 90,000 |
| ଚେତନ | 55,000 | 2,20,000 | (Freehold property) | |
| | | 3,15,000 | | 3,15,000 |

ମନୁ ଯନ୍ତ୍ରପାତିକୁ ₹45,000ରେ ନେଲା । ତନୁ ବିନିଯୋଗକୁ ₹40,000ରେ ଓ ଚେତନ ପଟ୍ଟାମୁକ୍ତ ସମ୍ପତ୍ତିକୁ ₹95,000ରେ ନେଲେ । ଅବଶିଷ୍ଟ ପରିସମ୍ପତ୍ତି ନିମ୍ନ ମତେ ଅସୁଲ ହେଲା: ବିବିଧ ଉଧାର ଗ୍ରହୀତା ₹56,500 ଏବଂ ମହଜୁଦ ମାଲ ₹36,500 । ବିବିଧ ଉଧାର ଦାତାଙ୍କୁ 5% ରିହାତିରେ ଚୁକ୍ତା ହେଲା । ଚେତନ ଦେୟ ହୁଣ୍ଡିକୁ ₹23,000ରେ ନେଲେ । ₹3,000ର ଦାୟ, ଯାହା ବହିରେ ଦର୍ଶାଯାଇ ନଥିଲା, ମଧ୍ୟ ପୈଠ କରାଯିବ । ଏକ କାର୍ଯ୍ୟାଳୟର କମ୍ପ୍ୟୁଟର, ଯାହା ହିସାବ ବହିରେ ଦର୍ଶାଯାଇ ନଥିଲା, ସେଥିରୁ ₹୨,000 ଅସୁଲ ହେଲା ।

ଅସଲି ବ୍ୟୟର ପରିମାଣ ₹3,000 ହେଲା ।

ଅସୁଲି ହିସାବ, ଭାଗୀଦାରଙ୍କ ପୁଞ୍ଜି ହିସାବ, ବ୍ୟାଙ୍କ ହିସାବ ପ୍ରସ୍ତୁତ କର ।

**ସମାଧାନ:**

**ତନୁ, ମନୁ ଓ ଚେତନଙ୍କ ବହି**

**ଅସୁଲି ହିସାବ**

ଦାୟୀ ... ଦାତା

| ବିବରଣ | | ପରିମାଣ (₹) | ବିବରଣ | | ପରିମାଣ (₹) |
|---|---|---|---|---|---|
| ପରିସମ୍ପତ୍ତିର ହସ୍ତାନ୍ତର: | | | ବିବିଧ ଉଧାରଦାତା | 30,000 | |
| ବିବିଧ ଉଧାର ଗ୍ରହୀତା | 58,000 | | ଦେୟ ହୁଣ୍ଡି | 25,000 | 55,000 |
| ମହଜୁଦ ମାଲ | 39,500 | | ତନୁର ପୁଞ୍ଜି(ବିନିଯୋଗ) | | 20,000 |
| ଯନ୍ତ୍ରପାତି | 48,000 | | ମନୁର ପୁଞ୍ଜି (ଯନ୍ତ୍ରପାତି) | | 45,000 |
| ବିନିଯୋଗ | 42,000 | | ଚେତନର ପୁଞ୍ଜି(ପଟ୍ଟାମୁକ୍ତ ସମ୍ପତ୍ତି) | | 95,000 |
| ପଟ୍ଟାମୁକ୍ତ ସମ୍ପତ୍ତି | 90,000 | 2,77,500 | ବ୍ୟାଙ୍କ: | | |
| ଚେତନର ପୁଞ୍ଜି(ଦେୟ ହୁଣ୍ଡି) | | 23,000 | ବିବିଧ ଉଧାରଗ୍ରହୀତା | 56,500 | |
| ବ୍ୟାଙ୍କ: | | | ମହଜୁଦ ମାଲ | 36,500 | |
| ବିବିଧ ଉଧାରଦାତା | 28,500 | | କମ୍ପ୍ୟୁଟର | 9,000 | 1,02,000 |
| ଦାୟ(ଅଣ-ରେକର୍ଡଭୁକ୍ତ) | 3,000 | | | | |
| ଅସୁଲି ବ୍ୟୟ | 3,000 | 34,500 | | | |
| ଲାଭର ସ୍ଥାନାନ୍ତରଣ: | | | | | |
| ତନୁର ପୁଞ୍ଜି | 1,000 | | | | |
| ମନୁର ପୁଞ୍ଜି | 667 | | | | |
| ଚେତନର ପୁଞ୍ଜି | 333 | 2,000 | | | |
| | | 3,37,000 | | | 3,37,000 |

## ପୁଞ୍ଜି ହିସାବ

ଦାୟୀ ଦାତା

| ବିବରଣ | ତନୁ (₹) | ମନୁ (₹) | ଚେତନ (₹) | ବିବରଣ | ତନୁ (₹) | ମନୁ (₹) | ଚେତନ (₹) |
|---|---|---|---|---|---|---|---|
| ଅସୁଲି ହିସାବ (ପରିସମ୍ପତ୍ତି) | 40,000 | 45,000 | 95,000 | ବଳକା ନି/ଅ | 90,000 | 75,000 | 55,000 |
| | | | | ଅସୁଲି ହିସାବ(ଦାୟ) | — | — | 23,000 |
| ବ୍ୟାଙ୍କ୍ | 51,000 | 30,667 | — | ଅସୁଲି ହିସାବ(ଲାଭ) | 1,000 | 667 | 333 |
| | | | | ବ୍ୟାଙ୍କ୍ | — | — | 16,667 |
| | 91,000 | 75,667 | 95,000 | | 91,000 | 75,667 | 95,000 |

## ବ୍ୟାଙ୍କ ହିସାବ

ଦାୟୀ ଦାତା

| ବିବରଣ | ପରିମାଣ (₹) | ବିବରଣ | ପରିମାଣ (₹) |
|---|---|---|---|
| ବଳକା ନି/ଅ | 37,500 | ଅସୁଲି | 34,500 |
| ଅସୁଲି | 1,02,000 | ମନୁର ଋଣ | 40,000 |
| ଚେତନର ପୁଞ୍ଜି | 16,667 | ତନୁର ପୁଞ୍ଜି | 51,000 |
| | | ମନୁର ପୁଞ୍ଜି | 30,667 |
| | 1,56,167 | | 1,56,167 |

### ପାଠ୍ୟଗତ ପ୍ରଶ୍ନ 21.3

I. ନିମ୍ନଲିଖିତ ମଧ୍ୟରୁ କେଉଁଗୁଡ଼ିକ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତି ବୋଲି ଧରାଯାଏ ?

(କ) ପୁରୁଣା ଆସବାବପତ୍ରର ବିକ୍ରୟ

(ଖ) ଉଦ୍‌ବୃତ୍ତ ପତ୍ରରେ ଦର୍ଶାଯାଇଥିବା ସୁନାମ

(ଗ) ପୂର୍ବବର୍ଷରେ ଅବଲିଖିତ ହୋଇଥିବା ଅନାଦାୟୀ ଋଣର ଆଦାୟ (ଅସୁଲ) ହେଲା

(ଘ) ବିନିଯୋଗର ବିକ୍ରୟ

(ଙ) ପୂର୍ବ ବର୍ଷରେ ଅବଲିଖିତ ପୁରୁଣା କମ୍ପ୍ୟୁଟରର ବିକ୍ରୟ

II. ନିମ୍ନଲିଖିତ ମଧ୍ୟରୁ କେଉଁଗୁଡ଼ିକ ଅଣ-ରେକର୍ଡଭୁକ୍ତ ଦାୟ ବୋଲି ଧରାଯାଏ ?

(i) ବ୍ୟାଙ୍କ୍‌ରେ ଭଙ୍ଗା ଯାଇଥିବା ହୁଣ୍ଡି (bill)ର ଅସମ୍ମାନିତ ହେଲା

(ii) ବ୍ୟାଙ୍କ୍ ଋଣର ପୈଠ

(iii) ମହଜୁଦ ପାଇଁ କ୍ରୟ କରାଯାଇଥିବା ମାଲ୍‌ର ଉଧାରଦାତା

(iv) ସଂସ୍ଥା ବିପକ୍ଷରେ ଏକ ବିବାଦର ଫଇସଲା (ଚୁକ୍ତି)

(v) ବକେୟା ବିଲ୍‌ର ପୈଠ

## ତୁମେ ଯାହା ଶିଖିଲ

- ଯେତେବେଳେ ସଂସ୍ଥା ଏହାର ବ୍ୟବସାୟ ବନ୍ଦ କରି ଦେବାକୁ ନିଷ୍ପତ୍ତି ନିଏ ଏବଂ ସଂସ୍ଥାଦ୍ୱାରା କୌଣସି ବ୍ୟାବସାୟିକ କାର୍ଯ୍ୟ କରାଯାଏ ନାହିଁ ସେତେବେଳେ ସଂସ୍ଥାର ଅବସାନ ଘଟିଲା ବୋଲି କୁହାଯାଏ ।
- ସଂସ୍ଥାର ଅବସାନ ଭାଗଦାରୀର ଅବସାନଠାରୁ ଅଲଗା । ସଂସ୍ଥାର ଅବସାନର ଅର୍ଥ ହେଉଛି ଯେ ସଂସ୍ଥା ଏହାର ବ୍ୟବସାୟକୁ ବନ୍ଦ କରିଦିଏ ଏବଂ ଏହାର ଅନ୍ତ ଘଟେ । ଯେତେବେଳେ କି ଭାଗଦାରୀର ଅବସାନର ଅର୍ଥ ହେଲା ପୁରୁଣା ଭାଗଦାରୀ ଚୁକ୍ତିର ରଦ୍ଦ ଏବଂ ଭାଗୀଦାରଙ୍କ ପ୍ରବେଶ, ଅବସର ଓ ମୃତ୍ୟୁ କାରଣରୁ ସଂସ୍ଥାର ପୁନର୍ଗଠନ କରିବା ।
- ସଂସ୍ଥାର ଅବସାନରେ ହିସାବ ବହି ବନ୍ଦ କରିଦିଆଯାଏ । ସମସ୍ତ ପରିସମ୍ପତ୍ତି ଓ ଦାୟକୁ ଏକ ହିସାବକୁ ସ୍ଥାନାନ୍ତର କରିଦିଆଯାଏ ଯାହାକୁ "ଅସୁଲି ହିସାବ" କୁହାଯାଏ । ଏହି ହିସାବରେ ପରିସମ୍ପତ୍ତିଗୁଡ଼ିକର ଅସୁଲି ଏବଂ ଦାୟଗୁଡ଼ିକର ପୈଠ ଲିପିବଦ୍ଧ କରାଯାଏ ।
- ଯେତେବେଳେ ଭାଗୀଦାରମାନେ ସଂସ୍ଥାର ବ୍ୟବସାୟ ବନ୍ଦ କରି ଦେବାକୁ ନିଷ୍ପତ୍ତି ନିଅନ୍ତି, ସେତେବେଳେ ଏହାର ସମସ୍ତ ହିସାବର ଫଇସଲା କରିବା ଆବଶ୍ୟକ ହୋଇଥାଏ । ଏହି ଉଦ୍ଦେଶ୍ୟରେ ଏହା ନିଜ ବିରୁଦ୍ଧରେ ଥିବା ସମସ୍ତ ଦାବୀଗୁଡ଼ିକର ପୂରଣ (ପୈଠ) ପାଇଁ ନିଜର ସମସ୍ତ ପରିସମ୍ପତ୍ତି (ଅର୍ଥ ଓ ବ୍ୟାଙ୍କ୍ ବଳକାକୁ ଛାଡ଼ି)କୁ ବିକ୍ରୀ କରିଦିଏ ।
- ଏକ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତିକୁ କେବେ ବି ଅସୁଲି ହିସାବକୁ ସ୍ଥାନାନ୍ତର କରାଯିବ ନାହିଁ, କାରଣ ଏହାର ବିକ୍ରୀରୁ ଅସୁଲ ହେଉଥିବା ରାଶି ଏକ ଅଧିଲାଭ ଅଟେ ଏବଂ ତଦନୁସାରେ ଏହାକୁ କେବଳ ଅସୁଲି ହିସାବରେ ଦାତା କରିଦିଆଯାଏ ।
- ଭାଗୀଦାରମାନଙ୍କ ପୁଞ୍ଜି ହିସାବ ସମ୍ବନ୍ଧିତ ସମସ୍ତ ସମାଯୋଜନ ଏବଂ ଭାଗୀଦାରମାନଙ୍କ ପୁଞ୍ଜି ହିସାବକୁ ଅସୁଲି ଜନିତ ଲାଭ ବା କ୍ଷତିର ସ୍ଥାନାନ୍ତରଣ ପରେ ପୁଞ୍ଜି ହିସାବକୁ ବନ୍ଦ କରିଦିଆଯାଏ ।
- ଭାଗୀଦାରଙ୍କ ପୁଞ୍ଜି ହିସାବକୁ ବ୍ୟାଙ୍କ ହିସାବରୁ ପୈଠ କରିବା ପୂର୍ବକ ବନ୍ଦ କରି ଦିଆଯାଏ ଏବଂ ତଦ୍ଦ୍ୱାରା ପୈଠରେ ଆଦାନ/ପ୍ରଦାନ ପୂର୍ବକ ବ୍ୟାଙ୍କ ହିସାବ ସ୍ୱତଃ ବନ୍ଦ ହୋଇଯାଏ ।

## ପାଠ୍ୟାନ୍ତ ପ୍ରଶ୍ନ

1. ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଗୋଟିଏ ବାକ୍ୟରେ ଦିଅ:

   (କ) ଭାଗଦାରୀ ସଂସ୍ଥାର ଅବସାନର ଅର୍ଥ କ'ଣ ?

   (ଖ) ଅସୁଲି ହିସାବ କାହିଁକି ପ୍ରସ୍ତୁତ କରାଯାଏ ?

   (ଗ) ଅଣ-ରେକର୍ଡଭୁକ୍ତ ଦାୟର ପୈଠ କଲାବେଳେ କେଉଁ ଜାବେଦା ପ୍ରବିଷ୍ଟି କରାଯାଏ ?

   (ଘ) ଯେତେବେଳେ ଅସୁଲି ବ୍ୟୟର ପୈଠ ଓ ବହନ ଭାଗୀଦାରଙ୍କ ଦ୍ୱାରା ହୋଇଥାଏ ସେତେବେଳେ କେଉଁ ଜାବେଦା ପ୍ରବିଷ୍ଟି କରାଯାଏ ?

2. ଭାଗଦାରୀ ସଂସ୍ଥାର ଅବସାନ ଓ ଭାଗଦାରୀର ଅବସାନ ମଧ୍ୟରେ ପ୍ରଭେଦ ଦର୍ଶାଅ ।

3. କେଉଁ ପରିସ୍ଥିତିରେ ଅଦାଲତ ଦ୍ୱାରା ଭାଗଦାରୀ ସଂସ୍ଥାର ଅବସାନ କରାଯାଇପାରେ ?

4. ସୁମିତ ଓ ଅନିଶ ସଂସ୍ଥାରେ ସମାନ ଭାଗୀଦାର ଅଟନ୍ତି । ସେମାନେ ଡିସେମ୍ବର 31, 2006ରେ ଭାଗଦାରୀର ଅବସାନ ଘଟାଇବାକୁ ନିଷ୍ପତ୍ତି ନେଲେ ଯେଉଁଦିନ ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ବିବିଧ ଉଧାରଦାତା | | 30,000 | ବ୍ୟାଙ୍କରେ ଅର୍ଥ | 7,000 |
| ସଞ୍ଚିତ ପାଣ୍ଠି | | 7,000 | ବିବିଧ ଉଧାର ଗ୍ରହୀତା | 23,000 |
| ଦେୟ ହୁଣ୍ଡି | | 30,000 | ମହଜୁଦ ମାଲ | 42,000 |
| ପୁଞ୍ଜି: | | | ଆସବାବପତ୍ର | 35,000 |
| ସୁମିତ | 70,000 | | ସଂଯନ୍ତ୍ର | 40,000 |
| ଅନିଶ | 60,000 | 1,30,000 | ପଟ୍ଟାଧାରୀ ଭୂମି | 50,000 |
| | | 1,97,000 | | 1,97,000 |

ପରିସମ୍ପତ୍ତିର ଅସୁଲି ଏହି ପ୍ରକାର ଅଟେ:

| | (₹) |
|---|---|
| ପଟ୍ଟାଧାରୀ ଭୂମି | 62,000 |
| ଆସବାବ ପତ୍ର | 30,500 |
| ମହଜୁଦ ମାଲ | 40,500 |
| ସଂଯନ୍ତ୍ର | 48,000 |
| ବିବିଧ ଉଧାର ଗ୍ରହୀତା | 22,500 |

ବିବିଧ ଉଧାରଦାତାଙ୍କୁ ₹29,500 ପୈଠ କରି ପୂର୍ଣ୍ଣ ଚୁକ୍ତା କରାଗଲା । ଦେୟ ହୁଣ୍ଡିକୁ 5% କମ୍ ପୈଠ କରାଗଲା । ଅସୁଲି ଜନିତ ବ୍ୟୟର ପରିମାଣ ₹2,500 ହେଲା ।

ସଂସ୍ଥାର ବହି ବନ୍ଦ କରିବା ପାଇଁ ଅସୁଲି ହିସାବ, ବ୍ୟାଙ୍କ୍ ହିସାବ ଏବଂ ଭାଗୀଦାରମାନଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ।

5. ଆଶୁ ଓ ହିମାନୀ 3:2 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ଡିସେମ୍ବର 31, 2006ରେ ସଂସ୍ଥାର ଅବସାନ କରିବାକୁ ନିଷ୍ପତ୍ତି ନେଲେ । ଉପରୋକ୍ତ ତାରିଖରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ପୁଞ୍ଜି: | | | କୋଠା | 90,000 |
| ଆଶୁ | 1,00,000 | | ଯନ୍ତ୍ରପାତି | 60,000 |
| ହିମାନୀ | 92,000 | 1,92,000 | ଆସବାବପତ୍ର | 10,000 |
| ଉଧାର ଦାତା | | 88,000 | ମହଜୁଦ ମାଲ | 24,000 |
| ବ୍ୟାଙ୍କ ଅଧିଉଠାଣ | | 20,000 | ବିନିଯୋଗ | 50,000 |
| | | | ଉଧାର ଗ୍ରହୀତା | 48,000 |
| | | | ହସ୍ତସ୍ଥ ଅର୍ଥ | 18,000 |
| | | 3,00,000 | | 3,00,000 |

ଆଶୁ କୋଠାକୁ ₹94,000ରେ ନେବେ ଏବଂ ହିମାନୀ ଯନ୍ତ୍ରପାତି ଓ ଆସବାବପତ୍ରକୁ ₹70,000ରେ ନେବେ । ଆଶୁ ଉଧାରଦାତାଙ୍କୁ ପୈଠ କରିବାକୁ ରାଜି ହେଲେ ଏବଂ ହିମାନୀ ବ୍ୟାଙ୍କ୍ ଅଧିଉଠାଣକୁ ଦେବା ପାଇଁ ରାଜି ହେଲେ । ମହଜୁଦ ମାଲ ଓ ବିନିଯୋଗକୁ ଉଭୟ ଭାଗୀଦାର ସେମାନଙ୍କ ଲାଭ ଆବଣ୍ଟନ ଅନୁପାତରେ ନେଲେ ।

ଉଧାର ଗ୍ରହୀତାଙ୍କଠାରୁ ₹46,000 ଅସୁଲ ହେଲା । ଅସୁଲି ଜନିତ ବ୍ୟୟର ପରିମାଣ ₹3,000 ହେଲା ।

ଆବଶ୍ୟକୀୟ ଖତିଆନ୍ ହିସାବଗୁଡ଼ିକ ପ୍ରସ୍ତୁତ କର ।

6. ତରୁଣ, ନୀରୁ ଓ ବିକାଶ 3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିଲେ । ଡିସେମ୍ବର 31, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

**ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ପୁଞ୍ଜି: | | | ସଂଯନ୍ତ୍ର | 80,000 |
| ତରୁଣ | 90,000 | | ଉଧାର ଗ୍ରହୀତା | 70,000 |
| ନୀରୁ | 1,00,000 | | ଆସବାବପତ୍ର | 22,000 |
| ବିକାଶ | 80,000 | 2,70,000 | ମହଜୁଦ ମାଲ | 70,000 |
| ଉଧାର ଦାତା | | 60,000 | ବିନିଯୋଗ | 60,000 |
| ଦେୟ ହୁଣ୍ଡି | | 30,000 | ପ୍ରାପ୍ୟ ହୁଣ୍ଡି | 46,000 |
| ସଞ୍ଚିତି | | 20,000 | ହାତରେ ଅର୍ଥ | 32,000 |
| | | 3,80,000 | | 3,80,000 |

ଏହି ତାରିଖରେ ସଂସ୍ଥାର ଅବସାନ ଘଟିଲା । ପରିସମ୍ପତ୍ତିଗୁଡ଼ିକରୁ ଅସୁଲି ନିମ୍ନ ମତେ ହେଲା । ସଂଯନ୍ତ୍ର ₹85,000, ଉଧାର ଗ୍ରହୀତା ₹69,000, ଆସବାବ ପତ୍ର ₹20,000, ମହଜୁଦ ମାଲ୍ ବହି ମୂଲ୍ୟର 95%, ବିନିଯୋଗ ₹86,000 ଏବଂ ପ୍ରାପ୍ୟ ହୁଣ୍ଡି ₹31,000 । ଏକ କାର୍ଯ୍ୟାଳୟ ଇଲେକ୍ଟ୍ରୋନିକ ଟାଇପ୍ ମେସିନ୍, ଯାହା ହିସାବ ବହିରେ ଦର୍ଶାଯାଇ ନଥିଲା, ସେଥିରୁ ₹9,000 ଅସୁଲ ହେଲା । ଅସୁଲି ଜନିତ ବ୍ୟୟର ପରିମାଣ ₹4,500 ହେଲା । ବିକାଶ ଉଧାରଦାତାଙ୍କୁ ବହିମୂଲ୍ୟରେ ନେଲେ ।

ଅସୁଲି ହିସାବ, ପୁଞ୍ଜି ହିସାବ ଏବଂ ଅର୍ଥ ହିସାବ ପ୍ରସ୍ତୁତ କର ।

7. ଡିସେମ୍ବର 31, 2006ରେ ଅନୁ ଓ ହେମାଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ପ୍ରକାର ଥିଲା:

**ଡିସେମ୍ବର 31, 2006ରେ ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ବିବିଧ ଉଧାରଦାତା | | 42,000 | ବ୍ୟାଙ୍କ୍‌ରେ ଅର୍ଥ | 13,000 |
| ଦେୟ ହୁଣ୍ଡି | | 26,000 | ବିବିଧ ଉଧାର ଗ୍ରହୀତା | 50,000 |
| ହେମାର ଋଣ | | 20,000 | ମହଜୁଦ ମାଲ | 40,000 |
| ସଞ୍ଚିତି ପାଣ୍ଠି | | 6,000 | ପ୍ରାପ୍ୟ ହୁଣ୍ଡି | 28,000 |
| ଅନାଦାୟୀ ଋଣପାଇଁ ପ୍ରାବଧାନ | | 2,000 | ଯନ୍ତ୍ରପାତି | 60,000 |
| ପୁଞ୍ଜି: | | | ବିନିଯୋଗ | 30,000 |
| ଅନୁ | 90,000 | | ସ୍ଥାପିତ (Fixtures) | 27,000 |
| ହେମା | 62,000 | 1,52,000 | | |
| | | 2,48,000 | | 2,48,000 |

ଡିସେମ୍ବର 31, 2006ରେ ସଂସ୍ଥାର ଅବସାନ ଘଟିଲା ଏବଂ ପରିସମ୍ପତ୍ତିର ଅସୁଲି ଓ ଦାୟର ଫଇସଲା ନିମ୍ନ ମତେ ହେଲା:

(କ) ପରିସମ୍ପତ୍ତିର ଅସୁଲି ନିମ୍ନ ମତେ ଥିଲା:

| | (₹) |
|---|---|
| ବିବିଧ ଉଦାର ଗ୍ରହୀତା | 48,000 |
| ମହଜୁଦ ମାଲ | 38,000 |
| ପ୍ରାପ୍ୟ ହୁଣ୍ଡି | 27,000 |
| ଯନ୍ତ୍ରପାତି | 62,000 |

(ଖ) ହେମା ବିନିଯୋଗକୁ ₹36,000ର ସହମତ ମୂଲ୍ୟରେ ନେଲା ଏବଂ ଉଧାରଦାତାଙ୍କୁ ପୈଠ ନିମନ୍ତେ ରାଜି ହେଲା । ଦେୟ ହୁଣ୍ଡି 3% କମ୍‌ରେ ପୈଠ ହେଲା

(ଗ) ସ୍ଥାପିତର କୌଣସି ମୂଲ୍ୟ ପ୍ରାପ୍ତ ହେଲାନାହିଁ ।

(ଘ) ଅସୁଲି ପାଇଁ ₹2,200 ବ୍ୟୟ କରାଗଲା ।

ସଂସ୍ଥାର ଅବସାନରେ ଅବଶ୍ୟକୀୟ ଜାବେଦା ପ୍ରବିଷ୍ଟି କର ଏବଂ ଅସୁଲି ହିସାବ, ବ୍ୟାଙ୍କ୍ ହିସାବ ଓ ଭାଗୀଦାରମାନଙ୍କ ପୁଞ୍ଜି ହିସାବ ପ୍ରସ୍ତୁତ କର ।

8. ରୋହିତ ଓ ଟୀନା ଏକ ସଂସ୍ଥାରେ ଭାଗୀଦାର ଥିଲେ ଏବଂ 3:2 ରେ ଲାଭ ବାଣ୍ଟୁଥିଲେ । ସେମାନେ ମାର୍ଚ୍ଚ 31, 2007ରେ ସେମାନଙ୍କର ସଂସ୍ଥାର ଅବସାନ ନିମନ୍ତେ ନିଷ୍ପତ୍ତି ନେଲେ ଯେଉଁଦିନ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ପ୍ରକାର ଥିଲା:

**ମାର୍ଚ୍ଚ 31, 2007ର ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ପୁଞ୍ଜି: | | | ଯନ୍ତ୍ରପାତି | 80,000 |
| ରୋହିତ | 80,000 | | ବିନିଯୋଗ | 60,000 |
| ଟୀନା | 90,000 | 1,70,000 | ମହଜୁଦ ମାଲ | 22,000 |
| ବିବିଧ ଉଧାର ଦାତା | | 70,000 | ବିବିଧ ଉଧାର ଗ୍ରହୀତା | 80,000 |
| ସଞ୍ଚିତି | | 10,000 | ବ୍ୟାଙ୍କରେ ଅର୍ଥ | 8,000 |
| | | 2,50,000 | | 2,50,000 |

ପରିସମ୍ପତ୍ତି ଓ ଦାୟ ନିମ୍ନ ମତେ ଫଇସଲା ହେଲା:

(କ) ଉଧାରଦାତାଙ୍କୁ ଯନ୍ତ୍ରପାତି ସେମାନଙ୍କ ହିସାବର ପୂର୍ଣ୍ଣ ଚୁକ୍ତା ପାଇଁ ଦିଆଗଲା ଏବଂ ରୋହିତ ମହଜୁଦ ମାଲ୍‌କୁ ₹19,000ରେ ନେଲେ ।

(ଖ) ଟୀନା ବିନିଯୋଗକୁ ବହି ମୂଲ୍ୟରେ ନେଲେ । ରୋହିତ ₹50,000 ବହି ମୂଲ୍ୟର ଉଧାରଗ୍ରହୀତାଙ୍କୁ 10% କମ୍‌ରେ ନେଲେ ଏବଂ ଅବଶିଷ୍ଟ ଉଧାରଗ୍ରହୀତାଙ୍କଠାରୁ ₹28,000 ଅସୁଲ ହେଲା ।

(ଗ) ₹2,000ର ଅସୁଲି ବ୍ୟୟ ରୋହିତଙ୍କଦ୍ୱାରା ପୈଠ ହେଲା ।

ସଂସ୍ଥାର ବହି ବନ୍ଦ କରିବା ପାଇଁ ଆବଶ୍ୟକୀୟ ଖତିଆନ୍ ହିସାବ ପ୍ରସ୍ତୁତ କର ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**ପାଠ୍ୟଗତ ପ୍ରଶ୍ନ 21.1**

1. ବେଆଇନ୍ 2. ଅବସାନ 3. ସଂସ୍ଥା, ଭାଗଦାରୀ

4. ଅବସାନ 5. ଅଦାଲତ/ନ୍ୟାୟାଳୟ 6. ରାଜିନାମା/ଚୁକ୍ତି

**ପାଠ୍ୟଗତ ପ୍ରଶ୍ନ 21.2**

(i) ମିଥ୍ୟା (ii) ସତ୍ୟ (iii) ସତ୍ୟ (iv) ସତ୍ୟ (v) ସତ୍ୟ (vi) ସତ୍ୟ

**ପାଠ୍ୟଗତ ପ୍ରଶ୍ନ 21.3**

I. (ଗ) ଓ (ଙ) II. (i) ଓ (iv)

**ପ୍ରାୟୋଗିକ ପାଠ୍ୟାନ୍ତ ପ୍ରଶ୍ନର ଉତ୍ତର**

4. ଅସୁଲି ଜନିତ ଲାଭ ₹13,000 ଅର୍ଥ ହିସାବର ମୋଟ ₹2,10,500
5. ଅସୁଲି ଜନିତ ଲାଭ ₹2,000 ଅର୍ଥ ହିସାବର ମୋଟ ₹64,000
6. ଅସୁଲି ଜନିତ ଲାଭ ₹14,000 ଅର୍ଥ ହିସାବର ମୋଟ ₹3,98,500
7. ଅସୁଲି ଜନିତ କ୍ଷତି ₹23,420 ଅର୍ଥ ହିସାବର ମୋଟ ₹1,88,000
8. ଅସୁଲି ଜନିତ କ୍ଷତି ₹92,000 ଅର୍ଥ ହିସାବର ମୋଟ ₹83,800

# ଅଭ୍ୟାସ ପାଇଁ ପ୍ରଶ୍ନ

## ମଡ୍ୟୁଲ୍ - 4

1. ଭାଗଦାରୀ ଦଲିଲର ସଂଜ୍ଞା ଦିଅ ।

2. ସୁନାମର ଅର୍ଥ ଓ ମୂଲ୍ୟାୟନ ପଦ୍ଧତିଗୁଡ଼ିକ ବର୍ଣ୍ଣନା କର ।

3. ପୁନର୍ମୂଲ୍ୟାୟନ ହିସାବକୁ ବୁଝାଅ ।

4. ଭାଗଦାରୀ ସଂସ୍ଥାର ଅବସାନ ଓ ଭାଗଦାରୀର ଅବସାନ ମଧ୍ୟରେ ପ୍ରଭେଦ ଦର୍ଶାଅ ।

5. ଭାଗଦାରୀ ସଂସ୍ଥାର ଅବସାନ ସମୟରେ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତି ଓ ଦାୟଗୁଡ଼ିକର ହିସାବରକ୍ଷଣ ଉପଚାର (treatment) ବର୍ଣ୍ଣନା କର ।

6. ଅମିତ୍ ଓ ଟୀନା 3:2 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ସେମାନେ ସୁନୀଲକୁ ଲାଭରେ 1/4 ଭାଗ ପାଇଁ ଏକ ଭାଗୀଦାର ରୂପରେ ପ୍ରବେଶ କରାଇଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ହିସାବ କର ।

7. ଅରୁଣ, ତରୁଣ, ତନୟା ଏବଂ ମୋହିତ 5:3:2:1 ଅନୁପାତରେ ଲାଭ ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ତରୁଣ ସଂସ୍ଥାରୁ ଅବସର ନେଲେ ଏବଂ ଅନ୍ୟ ଭାଗୀଦାରମାନେ ତାଙ୍କ ଭାଗକୁ ସମାନ ଭାବରେ ବାଣ୍ଟି ନେଲେ । ନୂତନ ଲାଭ ଆବଣ୍ଟନ ଅନୁପାତ ବାହାର କର ।

8. ଅନୀଲ ଓ ଶିପ୍ରା ଏକ ସଂସ୍ଥାର ଭାଗୀଦାର ଅଟନ୍ତି ତଡା 5:3 ଅନୁପାତରେ ଲାଭ ଆବଣ୍ଟନ କରନ୍ତି । ଜାନୁଆରୀ 1, 2006ରେ ସଂସ୍ଥାର ସ୍ଥିତି ନିମ୍ନ ମତେ ଥିଲା:

**ଅନୀଲ ଓ ଶିପ୍ରାଙ୍କର ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ପୁଞ୍ଜି: | | | ସୁନାମ | | 30,000 |
| ଅନୀଲ | 1,80,000 | | ମହଜୁଦ ମାଲ | | 1,20,000 |
| ଶିପ୍ରା | 1,50,000 | 3,30,000 | କୋଠା | | 1,44,000 |
| ବିବିଧ ଉଧାର ଦାତା | | 40,000 | ଉଧାର ଗ୍ରହୀତା | 1,20,000 | |
| ଦେୟ ହୁଣ୍ଡି | | 20,000 | ବିଯୁକ୍ତ: ସନ୍ଦିଗ୍ଧ ଋଣ | | |
| ସାଧାରଣ ସଞ୍ଚିତି | | 25,000 | ପାଇଁ ପ୍ରାବଧାନ | 6,000 | 1,14,000 |
| | | | ଅର୍ଥ | | 7,000 |
| | | 4,15,000 | | | 4,15,000 |

ସେମାନେ ମୁଦିତକୁ ଭାଗଦାରୀରେ ନିମ୍ନ ସର୍ତ୍ତାବଳୀ ଆଧାରରେ ପ୍ରବେଶ କରାଇଲେ:

(କ) ସେ ତା'ର ପୁଞ୍ଜି ବାବଦ ₹1,20,000 ଆଣିବ ଏବଂ ସୁନାମ ପାଇଁ ପ୍ରିମିୟମ ଆକାରରେ ₹40,000 ପୈଠ କରିବ । ଅନୀଲ, ଶିପ୍ରା ଓ ମୁଦିତ୍‌ଙ୍କର ନୂଆ ଲାଭ ଆବଣ୍ଟନ ଅନୁପାତ 3:2:1 ହେବ ।

(ଖ)　କୋଠାର ମୂଲ୍ୟାୟନ ₹1,50,000ରେ ଏବଂ ମହଜୁଦ ମାଲର ମୂଲ୍ୟାୟନ ₹1,30,000ରେ ହେଲା ।

ପୁନର୍ଗଠିତ ସଂସ୍ଥାର ବହିରେ ଆବଶ୍ୟକୀୟ ଖତିଆନ ହିସାବ ଏବଂ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

9.　‘କ’, ‘ଖ’ ଓ ‘ଗ’ ଭାଗୀଦାର ଅଟନ୍ତି ତଥା ସେମାନେ ସେମାନଙ୍କର ପୁଞ୍ଜିର ଅନୁପାତରେ ଲାଭ ଆବଣ୍ଟନ କରନ୍ତି । ‘ଗ’ ଡିସେମ୍ବର 31, 2006ରେ ସଂସ୍ଥାରୁ ଅବସର ନେଲେ । ସେହି ତାରିଖରେ ସଂସ୍ଥାର ଉଦ୍‌ବୃତ୍ତ ପତ୍ର ନିମ୍ନ ପ୍ରକାର ଥିଲା:

**‘କ’, ‘ଖ’ ଓ ‘ଗ’ର ଉଦ୍‌ବୃତ୍ତ ପତ୍ର**

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | | ପରିମାଣ (₹) |
|---|---|---|---|---|---|
| ବିବିଧ ଉଧାରଦାତା | | 24,000 | ଅର୍ଥ | | 30,000 |
| ଦେୟ ହୁଣ୍ଡି | | 10,000 | ଉଧାର ଗ୍ରହୀତା | 32,000 | |
| ବକେୟା ଦରମା | | 3,000 | ବିଯୁକ୍ତ: ସନ୍ଦିଗ୍ଧ ଋଣ | | |
| ସାଧାରଣ ସଞ୍ଚିତି | | 5,000 | ପାଇଁ ପ୍ରାବଧାନ | 2,400 | 29,600 |
| ପୁଞ୍ଜି: | | | ମହଜୁଦ ମାଲ୍ | | 88,400 |
| କ | 1,80,000 | | କୋଠା | | 1,66,000 |
| ଖ | 1,44,000 | | ବିନିଯୋଗ | | 1,60,000 |
| ଗ | 1,08,000 | 4,32,000 | | | |
| | | 4,74,000 | | | 4,74,000 |

ନିମ୍ନ ସମାଯୋଜନଗୁଡ଼ିକ କରାଗଲା:

(i)　କୋଠା ଉପରେ 5% ମୂଲ୍ୟହ୍ରାସ କରାଗଲା ।

ମହଜୁଦ ମାଲର ମୂଲ୍ୟରେ 10% ବୃଦ୍ଧି କରାଗଲା ।

ବିନିଯୋଗର ମୂଲ୍ୟରେ 10% ବୃଦ୍ଧି କରାଗଲା ।

ସନ୍ଦିଗ୍ଧ ଋଣ ପାଇଁ ପ୍ରାବଧାନକୁ ₹3,000 କରାଗଲା ।

(ii)　ସଂସ୍ଥାର ସୁନାମର ମୂଲ୍ୟାୟନ ₹72,000ରେ ହେଲା ।

(iii)　‘ଗ’କୁ ତୁରନ୍ତ ₹20,000ର ନଗଦ ଅର୍ଥ ପୈଠ ହେଲା ଏବଂ ଅବଶିଷ୍ଟ ତା’ର ଋଣ ହିସାବକୁ ସ୍ଥାନାନ୍ତରିତ ହେଲା ।

(iv)　‘କ’ ଓ ‘ଖ’ର ନୂଆ ଲାଭ ଆବଣ୍ଟନ ଅନୁପାତ 5:3 ହେବ ।

‘ଗ’ର ଅବସର ପରେ ସଂସ୍ଥାର ଆବଶ୍ୟକୀୟ ଖତିଆନ୍ ହିସାବ ଓ ଉଦ୍‌ବୃତ୍ତ ପତ୍ର ପ୍ରସ୍ତୁତ କର ।

10.　ନୀତୁ, ମୀନା ଓ ନିଶା 3:2:1 ଅନୁପାତରେ ଲାଭ ଓ କ୍ଷତି ଆବଣ୍ଟନ କରୁଥିବା ଭାଗୀଦାର ଅଟନ୍ତି । ଡିସେମ୍ବର 31, 2006ରେ ସେମାନଙ୍କର ଉଦ୍‌ବୃତ୍ତ ପତ୍ର ନିମ୍ନ ମତେ ଥିଲା:

| ଦାୟ | | ପରିମାଣ (₹) | ପରିସମ୍ପତ୍ତି | ପରିମାଣ (₹) |
|---|---|---|---|---|
| ବିବିଧ ଉଧାରଦାତା | | 32,000 | ଅର୍ଥ | 12,000 |
| ପୁଞ୍ଜି: | | | ଉଧାର ଗ୍ରହୀତା | 70,400 |
| ନୀତୁ | 80,000 | | ମହଜୁଦ ମାଲ | 40,000 |
| ମୀନା | 50,000 | | ଆସବାବପତ୍ର | 18,000 |
| ନିଶା | 30,000 | 1,60,000 | କୋଠା | 50,000 |
| ସଞ୍ଚିତି ପାଣ୍ଠି | | 20,000 | ବିନିଯୋଗ | 22,000 |
| | | 2,12,000 | | 2,12,000 |

ସେହି ତାରିଖରେ ସଂସ୍ଥାର ଅବସାନ ଘଟିଲା । ନିମ୍ନ ରାଶିଗୁଡ଼ିକ ଅସୁଲ ହେଲା: କୋଠା ₹46,000, ଆସବାବ ପତ୍ର ₹16,000, ମହଜୁଦ ମାଲ ₹52,000 ଏବଂ ଉଧାରଗ୍ରହୀତା ₹68,500 । ନୀତୁ ବିନିଯୋଗକୁ ବହି ମୂଲ୍ୟରେ ନେଲେ । ଉଧାରଦାତାଙ୍କୁ 10% ରିହାତି ବିୟୋଗ କରି ପୈଠ ହେଲା । ଅସୁଲି ବ୍ୟୟ ₹1,000 ହେଲା । ଏକ ଅଣ-ରେକର୍ଡଭୁକ୍ତ ପରିସମ୍ପତ୍ତି ₹3,500ର ଥିଲା ଯାହାକୁ ମୀନା ₹2,000ରେ ନେଲା ।

ସଂସ୍ଥାର ବହି ବନ୍ଦ ରିବା ପାଇଁ ଆବଶ୍ୟକୀୟ ହିସାବମାନ ପ୍ରସ୍ତୁତ କର ।